# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୪/୨୦୨୪ (୧୮ ପୃଷ୍ଠା) | Bhubaneswar, Monday, March 4/2024 | Page 18 | ₹ 7.00 | SAMBALPUR

୫୦ଶ ଭାଗ ୧୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 101 | ମୂଲ୍ୟ ₹୭/-







# ବଢୁଛି ତାତି, ବନାଗ୍ନି ଚିନ୍ତା



**ଭୁବନେଶ୍ୱର, ୩।୩(ଅସମାପିକା ସାହୁ)**

ରାଜ୍ୟରେ ଏବେ ଦିନକୁ ଦିନ ତାପମାତ୍ରା ବଢ଼ିବାରେ ଲାଗିଛି। ଚଳିତବର୍ଷ ତାତି ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏ ପରିସ୍ଥିତିରେ ଜଙ୍ଗଲ ନିଆଁକୁ ନେଇ ଚିନ୍ତା ବଢ଼ିଛି। କାରଣ ଖରା ଯେତେ ଅଧିକ ହେବ ଜଙ୍ଗଲ ନିଆଁ ସେତେ ଅଧିକ ବ୍ୟାପିବ। ତେଣୁ ବନାଗ୍ନିକୁ ରୋକିବା ସହ ତ୍ୱରିତ ମୁକାବିଲା ପାଇଁ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରତିବର୍ଷ ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗୁଛି। ବେଳେବେଳେ ଶହଶହ ହେକ୍ଟର ଜଙ୍ଗଲ ଜଳିଯାଇ ଛାରଖାର ହୋଇଯାଉଛି। ତେଣୁ ଜଙ୍ଗଲ ନିଆଁକୁ ଆୟତ୍ତ କରିବା ବନ ବିଭାଗ ପାଇଁ ଚ୍ୟାଲେଞ୍ଜ ହୋଇଛି। ସାଧାରଣତଃ ଏହି ଜଙ୍ଗଲ ନିଆଁ ପ୍ରାକୃତିକ ଓ ମନୁଷ୍ୟକୃତ ☞ପୃଷ୍ଠା-୧୩

# ନିର୍ମାଣ ଶ୍ରମିକଙ୍କ ପେନ୍‌ସନ ୫୦୦ ଟଙ୍କା ବଢ଼ିଲା

**ଭୁବନେଶ୍ୱର,୩।୩(ଅନିଲ ଦାସ)**

- **୬୦ ବର୍ଷରୁ ଅଧିକ ବୟସର ହିତାଧିକାରୀ ପାଇବେ ୧୦୦୦ ଟଙ୍କା**
- **୮୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ମିଳିବ ୧୨୦୦ ଟଙ୍କା**
- **୨୦୨୪ ଫେବୃଆରୀରୁ ଲାଗୁହେବ**

ରାଜ୍ୟ ସରକାର ନିର୍ମାଣ ଶ୍ରମିକମାନଙ୍କ ପେନ୍‌ସନ ବୃଦ୍ଧି କରିଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ଏହି ଘୋଷଣା ଅନୁଯାୟୀ 'ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ' ଅଧୀନରେ ପଞ୍ଜୀକୃତ ହୋଇଥିବା ନିର୍ମାଣ ଶ୍ରମିକଙ୍କ ପେନ୍‌ସନ ବୃଦ୍ଧି କରାଯାଇଛି। ୬୦ ବର୍ଷ ଅତିକ୍ରମ କରିଥିବା ନିର୍ମାଣ ଶ୍ରମିକମାନେ ଏଣିକି ୫୦୦ ଟଙ୍କା ପରିବର୍ତ୍ତେ ମାସିକ ୧୦୦୦ ଟଙ୍କା ପେନ୍‌ସନ ପାଇବେ। ସେହିପରି ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକମାନେ ୭୦୦ ଟଙ୍କା ପରିବର୍ତ୍ତେ ମାସିକ ୧୨୦୦ ଟଙ୍କା ପେନ୍‌ସନ ପାଇବେ। ଏହି ନୂତନ ପେନ୍‌ସନ ବ୍ୟବସ୍ଥା ୨୦୨୪ ଫେବୃଆରୀରୁ ପିଛିଲା ଭାବେ ଲାଗୁ ହେବ। ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ** ପାପ ସମସ୍ତଙ୍କର






# ପରିବାରର ୩ ଜଣଙ୍କ ସନ୍ଦେହଜନକ ମୃତ୍ୟୁ

- **ବନ୍ଦ ଘର ଭିତରେ ପଡିଥିଲା ମା'ପୁଅଙ୍କ ମୃତଦେହ**

**ରାଜନଗର,୩।୩(ଭାସ୍କର ରାଉତରାୟ)**

କେନ୍ଦ୍ରାପଡ଼ା ଜିଲା ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ତାଳଚୁଆ ପଞ୍ଚାୟତ ରାଜେନ୍ଦ୍ରନଗର ଗାଁରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଗୋଟିଏ ପରିବାରର ୩ଜଣଙ୍କ ମୃତଦେହ ଏକ ବନ୍ଦ ଘର ଭିତରୁ ପୋଲିସ ଜବତ କରିଛି। ପରିବାରର ମୁଖ୍ୟଙ୍କ ମୃତଦେହ ଘର ଛାତରେ ଝୁଲି ରହିଥିବା ବେଳେ ବନ୍ଦ କୋଠରି ଭିତରୁ ମା'ପୁଅଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ଘରର କବାଟ ଭାଙ୍ଗି ମୃତଦେହ ଜବତ କରାଯାଇଛି। ପାରାଦୀପରେ ରହୁଥିବା ମୃତକଙ୍କ ସାନପୁଅଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରାଜେନ୍ଦ୍ରନଗର ଗାଁର ଶ୍ରୀଦାମ ମଣ୍ଡଳ(୫୩)ଙ୍କ ମୃତଦେହ ତାଙ୍କ ଘରର ଛାତ ବିମ୍‌ରୁ ତଳକୁ ଓହଳି ଥିବା ସକାଳୁ ଦେଖିବାକୁ ମିଳିଥିଲା। ଗାଁର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଟ୍ୟୁଶନ ଯିବା ପାଇଁ ତାଙ୍କ ସାଙ୍ଗକୁ ଡାକିବାକୁ ଆସିଥିବା ବେଳେ ଶ୍ରୀଦାମଙ୍କ ମୃତଦେହ ଝୁଲୁଥିବା ଦେଖି ଚିତ୍କାର କରିଥିଲେ। ଶ୍ରୀଦାମଙ୍କ ଅନ୍ୟ ଭାଇ ଓ ପରିବାର ଲୋକେ ସେଠାରେ ପହଞ୍ଚି ଏହା ଦେଖିବା ପରେ ଘରର କବାଟ ବାଡେଇଥିଲେ। ହେଲେ ଘର କବାଟ ଭିତରପଟୁ ବନ୍ଦ ଥିଲା। କେହି କବାଟ ଖୋଲି ନ ଥିଲେ। ଶ୍ରୀଦାମଙ୍କ ସ୍ତ୍ରୀ ଜୟନ୍ତୀ (୪୫) ଓ ବଡ଼ପୁଅ ପରିକ୍ଷିତ (୨୭)ଙ୍କୁ ନ ପାଇ ତାଙ୍କ ଭାଇମାନେ ଗ୍ରାମବାସୀଙ୍କୁ ଜଣାଇବା ସହ ପୋଲିସକୁ ଖବର ଦେଇଥିଲେ। ତାଳଚୁଆ ପୋଲିସ ପହଞ୍ଚି ଘରର କବାଟ ପିଟି ଥିଲେ ମଧ୍ୟ କେହି ଖୋଲି ନ ଥିଲେ। ତାଳଚୁଆ ପୋଲିସ ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବା ପରେ ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡାଙ୍କ ☞ପୃଷ୍ଠା-୧୩

# ଭାଜପା ଟିକେଟ ଫେରାଇଲେ ପଓ୍ୱନ ସିଂ

**କୋଲକାତା,୩।୩**



ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ଭାଜପା ଲୋକପ୍ରିୟ ଭୋଜପୁରୀ ଅଭିନେତା ତଥା ଗାୟକ ପଓ୍ୱନ ସିଂଙ୍କୁ ପଶ୍ଚିମବଙ୍ଗର ଆସାନସୋଲ୍ ଆସନରୁ ପ୍ରାର୍ଥୀ କରିବାର ଦିନକ ପରେ ସେ ଭୋଟ ଲଢ଼ିବା ପାଇଁ ଅସାମର୍ଥ୍ୟ ପ୍ରକାଶ କରିଛନ୍ତି। ଭାଜପା ପ୍ରଥମ ପର୍ଯ୍ୟାୟରେ ନିଶ୍ଚିତ ଜିତିବାଯୋଗ୍ୟ ୧୯୫ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲା। ହେଲେ ପଓ୍ୱନ ସିଂ ନିର୍ବାଚନ ଲଢ଼ିବାକୁ ମନା କରିଦେବା ଦଳ ପାଇଁ ଭିନ୍ନ ସଙ୍କେତ ଦେଉଛି। ସେହିପରି ଟିକେଟ ନ ପାଇବାରୁ ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ରାଜନୀତି ଛାଡ଼ିଦେବା ମଧ୍ୟ ଦଳ ପାଇଁ ଚିନ୍ତାଜନକ ହୋଇପାରେ। ଶାସକ ଦଳରେ ଅନେକ ନେତା ନିର୍ବାଚନ ଲଢ଼ିବାକୁ ଆଶାୟୀ ଥିବାବେଳେ, ଟିକେଟ ପାଇବାରେ ବିଫଳ ଅନେକ ନେତା ଆଗାମୀ ଦିନରେ ଦଳଡିଆଁ ଆରମ୍ଭ କରିବେ ବୋଲି ଜଳଜଳ ହୋଇ ଦେଖାଗଲାଣି।

ଭାଜପା ତାଙ୍କ ଉପରେ ଆସ୍ଥା ରଖି ପ୍ରାର୍ଥୀ ଘୋଷଣା କରିଥିବାରୁ ପଓ୍ୱନ ଦଳର ଶୀର୍ଷ ନେତୃତ୍ୱଙ୍କୁ ହୃଦୟଭରା ଅଭିନନ୍ଦନ ଜଣାଇଛନ୍ତି। ତେବେ ସେ ନିର୍ବାଚନ ନ ଲଢ଼ିବା ପଛର କାରଣ କ'ଣ ତାହା ଦର୍ଶାଇ ନାହାନ୍ତି। ☞ପୃଷ୍ଠା-୧୩

# ଦି'କଉଡ଼ିର 'ରତ୍ନ'

**ଭୁବନେଶ୍ୱର, ୩।୩(ସୁନିତ୍ ମିଶ୍ର)**

ନିକଟରେ କେନ୍ଦ୍ର ସରକାର ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁରଙ୍କୁ ଭାରତରତ୍ନ ଦେଇ ଜେଡିୟୁ ନେତା ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ନିଜଆଡ଼କୁ ଆଣିପାରିଛନ୍ତି। ଏଥିରୁ ବୁଝିବା କଥା ଯେ, ନୀତୀଶ ତାଙ୍କ ରାଜନୈତିକ ଚାଲ୍‌କୁ ଘୋଡ଼ାଇବା ପାଇଁ କର୍ପୂରୀଙ୍କ ଉପାଧିକୁ ଚତୁରତାର ସହିତ ବ୍ୟବହାର କରିଛନ୍ତି। ଭାଜପା ଭିତରେ ଥିବା ବୟସ୍କ ନେତାମାନଙ୍କୁ ଶାନ୍ତ କରିବା ପାଇଁ ଲାଲ୍‌କୃଷ୍ଣ ଆଡ୍‌ଭାନୀଙ୍କୁ ଭାରତରତ୍ନ ଦିଆଗଲା। ଅର୍ଥାତ୍ ଭାରତରତ୍ନ ଉପାଧିକୁ ଦିକଉଡ଼ିର କରିଦିଆଗଲାଣି। ସମଗ୍ର ଦେଶରେ ପରିସ୍ଥିତି କୁଆଡ଼େ ମୋଡ଼ ନେବ ତାହା ସ୍ପଷ୍ଟ ହୋଇପାରୁ ନାହିଁ। କେବଳ ଦିଲ୍ଲୀକୁ ଦେଖିଲେ ଏହି ସମସ୍ୟା କିଛି ଅଂଶରେ ବୁଝାପଡୁଛି। ଦିଲ୍ଲୀର ପୂର୍ବତନ ଭାଜପା ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ସାହେବ ସିଂ ବର୍ମାଙ୍କ ପୁତ୍ର ପରଭେଶ ବର୍ମା 'ଦେଶ କେ ଗର୍ଦ୍ଦାରଁକୋ ଗୋଲିମାରୋ ସାଲୋଁକୋ' ଡାକରା ଦେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୨୪ ନିର୍ବାଚନ ପାଇଁ ଭାଜପା ପକ୍ଷରୁ ଘୋଷଣା କରାଯାଇଥିବା ପ୍ରଥମ ତାଲିକାରେ ତାଙ୍କ ନାମ ବାଦ୍ ପଡ଼ିଛି। ସୁପ୍ରିମ୍‌କୋର୍ଟର ଖ୍ୟାତନାମା ଓକିଲ ପି.ଏନ୍. ଲେଖିଙ୍କ ବୋହୂ ମୀନାକ୍ଷୀ ଲେଖିଙ୍କ ସହିତ ଭାଜପାର ଟାଣୁଆ ନେତା ହର୍ଷବର୍ଦ୍ଧନ ଓ ରମେଶ ବିଧୁରୀ ମଧ୍ୟ ଟିକେଟ ପାଇନାହାନ୍ତି। କାରଣ ଭାବେ ଦର୍ଶାଯାଉଛି ଯେ ସେମାନଙ୍କ ଜିତିବା ସମ୍ଭବପର ହୋଇ ନ ଥାନ୍ତା। ଏପରିକି ମୋଦିଙ୍କ ଲୋକପ୍ରିୟତା ମଧ୍ୟ ସେହିସବୁ ନିର୍ବାଚନମଣ୍ଡଳୀରେ କାର୍ଯ୍ୟ କରିବ ନାହିଁ। ଏହା ଆହୁରି ମଧ୍ୟ ଦର୍ଶାଉଛି ଯେ ଅତିମାତ୍ରାରେ ଉଚ୍ଛୁଳିଥିବା ନେତାଙ୍କୁ ସାଥୀରେ ରଖିବା ସବୁ ଦଳ ପାଇଁ କଷ୍ଟକର ହୋଇପଡ଼ିଲାଣି।

କୌତୂହଳର ଉଦାହରଣ ହେଉଛି, ନବଗଠିତ ଛତିଶଗଡ଼ ବିଧାନସଭାର ସଦସ୍ୟ ବ୍ରିଜ୍‌ମୋହନ ଅଗ୍ରଓ୍ୱାଲ ନିକଟରେ ସେହି ☞ପୃଷ୍ଠା-୧୩





ପାଆନ୍ତୁ ₹5 ଛାଡ# ନିମ୍ନଲିଖିତ ପ୍ୟାକ୍‌ଗୁଡିକ ଉପରେ

| ବାସ୍ତବିକ ଓଜନ | ପୂର୍ବ ଏମଆରପି (₹) | ନୂଆ ଏମଆରପି (₹) |
|---|---|---|
| 150g | 25 | 20 |
| 200g | 30 | 25 |
| 250g | 35 | 30 |

*More butter than earlier formulation.
Offer available till stock lasts. Stock also available without offer. Offer stock available in select markets only.
#MRP (₹) inclusive of all taxes.

Biscuits

#ନୂଆ-ଓ ଛାତ୍ରବୃତ୍ତି





ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ନୂଆ-ଓ' ଛାତ୍ର ବୃତ୍ତି ଛାତ୍ରୀଛାତ୍ରଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିପାରିଛି। ଯେଉଁମାନେ ଅର୍ଥାଭାବରୁ ନିଜ ପସନ୍ଦର ପାଠ ପଢ଼ିବାରୁ ବଞ୍ଚିତ ହେଉଥିଲେ ସେମାନଙ୍କ ଜୀବନକୁ ଛାତ୍ରବୃତ୍ତି ଏକ ନୂଆ ଦିଶା ଦେଇଛି । ଅର୍ଥାଭାବ ଏବେ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତିବନ୍ଧକ ସାଜିବ ନାହିଁ। ସେମାନଙ୍କ ପଛରେ ରାଜ୍ୟ ସରକାର ଠିଆ ହୋଇଛନ୍ତି।

-ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ





# 'ନୂଆ-ଓ' ନୂଆ ଦିଶା

*୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ରବିବାର ବଲାଙ୍ଗୀର ଜିଲାର ଟିଟିଲାଗଡ଼, କଳାହାଣ୍ଡି ଜିଲାର ଧର୍ମଗଡ଼ ଏବଂ ବରଗଡ଼ ଜିଲା ସଦର ମହକୁମା ଜମୁଡାଠାରେ ଅନୁଷ୍ଠିତ ନୂଆ-ଓ' କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ୩ଟି ଜିଲାର ମୋଟ ୮୦ କଲେଜର ୩୭,୧୬୦ ଛାତ୍ରୀଛାତ୍ରଙ୍କ ପାଇଁ ୩୬.୮୧ କୋଟି ଟଙ୍କାର ଛାତ୍ରବୃତ୍ତି ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିବା ପାଣ୍ଡିଆନ ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ଛାତ୍ରୀଛାତ୍ରଙ୍କ ଆକାଉଣ୍ଟକୁ ଏହି ଟଙ୍କା ପଠାଯିବ ବୋଲି ସେ କହିଛନ୍ତି । ଏଥି ସହିତ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ମଞ୍ଜୁରୀ ପତ୍ର ପ୍ରଦାନ କରିଛନ୍ତି ।*

## ୫ରୁ ମ୍ୟାଜିକ୍ କାର୍ଡ ଆବେଦନ

ମ୍ୟାଜିକ୍ କାର୍ଡ ପାଇଁ ମାର୍ଚ୍ଚ ୫ ତାରିଖରେ ଅନ୍‌ଲାଇନ ରେଜିଷ୍ଟ୍ରେଶନ ପୋର୍ଟାଲ ଶୁଭାରମ୍ଭ ହେବ। ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ସମୃଦ୍ଧିର 'ପାସ୍‌ପୋର୍ଟ ଟୁ ପସ୍‌ପରିଟି' ଭାବେ ପରିଗଣିତ ହେବ। ଛାତ୍ରୀଛାତ୍ରମାନେ ସେମାନଙ୍କ ପାଠପଢ଼ା, ଶୃଙ୍ଖଳା, ଭାଗୀଦାରିତା, କ୍ରୀଡ଼ା, ବ୍ୟକ୍ତିତ୍ୱ ବିକାଶ, ପାରଦର୍ଶିତା ଓ ଅନ୍ୟାନ୍ୟ ଗଠନମୂଳକ କାର୍ଯ୍ୟ ଜରିଆରେ ଏଥିରେ ଅଧିକ ପଏଣ୍ଟ ପାଇପାରିବେ। ପଏଣ୍ଟ ଅନୁସାରେ ସିଲ୍‌ଭର, ଗୋଲ୍ଡ ଓ ପ୍ଲାଟିନମ୍ କାର୍ଡରର ସ୍ତର ବଢ଼ିବ। ସେହି ଅନୁଯାୟୀ ଛାତ୍ରୀଛାତ୍ର ଅଧିକ ସୁବିଧା ପାଇବେ। କଲେଜ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସହିତ ପ୍ରତ୍ୟେକ କାର୍ଯ୍ୟ ଏଥିରେ ଆକଳନ କରାଯିବ। ଖେଳକୁଦ, ରକ୍ତଦାନ, ବୃକ୍ଷରୋପଣ ଆଦି ପ୍ରତ୍ୟେକଟି ବିଷୟକୁ ନେଇ ପଏଣ୍ଟ ମିଳିବ। ଏହା ଜରିଆରେ ଛାତ୍ରୀଛାତ୍ରମାନେ ଭଲ କମ୍ପାନୀରେ ଚାକିରି ପାଇପାରିବେ। ପାଠପଢ଼ାର କ୍ୟାରିୟର ଏବଂ ଅନ୍ୟାନ୍ୟ ଦକ୍ଷତାକୁ ନେଇ ବିଭିନ୍ନ କମ୍ପାନୀ ପକ୍ଷରୁ ସେମାନଙ୍କୁ ଚାକିରି ନିମନ୍ତେ ମନୋନୟନ କରାଯାଇ ପାରିବ। ଏଥିସହିତ ଷ୍ଟାର୍ଟଅପ୍ ଉଦ୍ୟୋଗ, ଋଣ, ବୃତ୍ତି ଓ ବିଭିନ୍ନ ପ୍ରକାର ସହାୟତା ଏହି କାର୍ଡ ଜରିଆରେ ସେମାନେ ପାଇପାରିବେ।



ମ୍ୟାଜିକ୍ କାର୍ଡ ପାଇଁ ଅନ୍‌ଲାଇନ ରେଜିଷ୍ଟ୍ରେଶନ ପୋର୍ଟାଲ ମାର୍ଚ୍ଚ ୫ ତାରିଖରେ ଶୁଭାରମ୍ଭ ହେବ। ଏହି କାର୍ଡ ଅଗଷ୍ଟ ୧୫ରେ ବିତରଣ କରାଯିବ।

ୟୁଜି ଏବଂ ପିଜି ପାଠ୍ୟକ୍ରମ ପଢୁଥିବା ଯେକୌଣସି ଆୟ ବର୍ଗର ସମସ୍ତ ଛାତ୍ରୀଛାତ୍ର ମ୍ୟାଜିକ୍ କାର୍ଡ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ।

## ୫ ଜିଲାର ୧୫୮ କଲେଜରେ ଛାତ୍ରବୃତ୍ତି

୨୬।୨।୨୦୨୪

ସମ୍ବଲପୁର : ୨୧ କଲେଜର ୧୩,୪୩୨ ଛାତ୍ରୀଛାତ୍ର
ଦେବଗଡ଼: ୧୧ କଲେଜର ୩,୪୨୪ ଛାତ୍ରୀଛାତ୍ର
ଅନୁଗୋଳ: ୨୫ କଲେଜର ୧୧,୨୬୫ ଛାତ୍ରୀଛାତ୍ର

୨୭।୨।୨୦୨୪

ଖୋର୍ଦ୍ଧା : ୩୦ କଲେଜର ୧୬,୬୧୩ ଛାତ୍ରୀଛାତ୍ର

୨୯।୨।୨୦୨୪

ବାଲେଶ୍ୱର ଜିଲା: ୭୧ କଲେଜର ୩୦,୯୨୬ ଛାତ୍ରୀଛାତ୍ର

*ନୂଆ- ଓ' କାର୍ଯ୍ୟକ୍ରମ ଯୁବତୀଯୁବକଙ୍କ ପାଇଁ ବିପୁଳ ସୁଯୋଗ ସୃଷ୍ଟି କରିଛି। ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସ୍, ଇ-ଲାଇବ୍ରେରି, ସାଇନ୍ସ ଲ୍ୟାବ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପଦକ୍ଷେପ ନିଆଯାଉଛି। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ନୂଆ-ଓ କାର୍ଯ୍ୟକ୍ରମ ସୁଯୋଗ ଆଣିଛି।*

-କାର୍ତ୍ତିକ ପାଣ୍ଡିଆନ, ୫-ଟି ଅଧ୍ୟକ୍ଷ



### ନୂଆ-ଓ' ଛାତ୍ରବୃତ୍ତି ଯୋଜନା ପାଠପଢ଼ାରେ ବେଶ୍ ସହାୟକ ହେବ



ମୋ ଭଳି ମଧ୍ୟବିତ୍ତ ପରିବାରର ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ରାଜ୍ୟ ସରକାରଙ୍କ ଏହି ନୂଆ -ଓ' ଛାତ୍ରବୃତ୍ତି ଯୋଜନା ବେଶ୍ ସହାୟକ ହେବ। ଏଥିରେ ଆମେ ପାଠପଢ଼ା ଉପକରଣ କିଣିବା ସହ ନିଜର ଛୋଟ ଛୋଟ ସ୍ୱପ୍ନ ପୂରଣ କରିପାରିବୁ। ରାଜ୍ୟ ସରକାରଙ୍କ ଏହି ଅଭିନବ ଯୋଜନାକୁ ମୁଁ ସ୍ୱାଗତ କରୁଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଉଛି।

-ଅର୍ପିତା ଦଣ୍ଡସେନା, ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ,
ଜୁନାଗଡ଼ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ ମହାବିଦ୍ୟାଳୟ।

### ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟ ସରକାରଙ୍କ ଏହା ଯୁଗାନ୍ତକାରୀ ପଦକ୍ଷେପ



ରାଜ୍ୟ ସରକାରଙ୍କ ଏହି ନୂଆ -ଓ' ଛାତ୍ରବୃତ୍ତି ଟଙ୍କାରେ ମୁଁ ବିଭିନ୍ନ କମ୍ପିଟେଟିଭ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତି କରିବି। ଏହାସହ ପିଜି ପାଠ ପଢ଼ାରେ ମଧ ଏହି ଟଙ୍କା ସହାୟକ ହେବ। ଏଭଳି ଯୁଗାନ୍ତକାରୀ ପଦକ୍ଷେପ ଛାତ୍ରୀଛାତ୍ରଙ୍କ ପାଇଁ ନିଆଯାଇଥିବାରୁ ରାଜ୍ୟ ସରକାର ଓ ୫-ଟି ଅଧକ୍ଷଙ୍କୁ କୃତଜ୍ଞତା ଜଣାଉଛି।

-ଚୌବନ ନାଏକ, ଯୁକ୍ତ ୩ ଶେଷ ବର୍ଷର ଛାତ୍ର,
ଗୋଲାମୁଣ୍ଡା ସର୍ବ ମଙ୍ଗଳା ଡିଗ୍ରୀ କଲେଜ।

### ଆମ୍ଭମାନଙ୍କ ପାଇଁ ଆଶୀର୍ବାଦ



୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବରଗଡ଼କୁ ୨ଥର ଗସ୍ତରେ ଆସି ଆମ୍ଭମାନଙ୍କୁ ଭେଟିବା ସହିତ ପ୍ରତ୍ୟକ୍ଷ ଉଦ୍‌ବୋଧନ ଦେବା ଆମ ସମସ୍ତଙ୍କୁ ଅନୁପ୍ରାଣୀତ କରିଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଜାଣିବାକୁ ପାଇଲୁ। ତେବେ ପ୍ରଥମଥର ଆମେ ନୂଆ-ଓ ଛାତ୍ରବୃତ୍ତି ପାଇ ଉତ୍ସାହିତ ଅଛୁ । କଲେଜ ଛାତ୍ରୀଛାତ୍ରଙ୍କୁ ଆଗରୁ ଏଭଳି ଗୁରୁତ୍ୱ ଦିଆଯାଇ ନ ଥିଲା । ଛାତ୍ରବୃତ୍ତି ଏବଂ ନୂଆ-ଓ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ଆମ୍ଭମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଜାଗ୍ରତ କରିଛି । କେବଳ ପାଠପଢ଼ା ନୁହେଁ, ସର୍ବାଙ୍ଗୀନ ବିକାଶ ପାଇଁ ଛାତ୍ରବୃତ୍ତିର ମ୍ୟାଜିକ କାର୍ଡ ଆଗକୁ ଆମ୍ଭମାନଙ୍କ ପାଇଁ ଆଶୀର୍ବାଦ ତୁଲ୍ୟ ।

-ସପନାରାଣୀ ସାହୁ, ଯୁକ୍ତ ୩ ଶେଷବର୍ଷ ଛାତ୍ରୀ
ପାର୍ବତୀ ଗିରି ମହିଳା କଲେଜ, ବରଗଡ଼

### ଦୀର୍ଘସୂତ୍ରୀ ଯୋଜନା ପ୍ରଶଂସନୀୟ



ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜାତିଭିତ୍ତିକ ଭେଦଭାବ ନ ରଖି ସମସ୍ତ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ଦେବା ବହୁତ ଅନୁପ୍ରାଣୀତ କରିଛି । ଛାତ୍ରବୃତ୍ତିର ସ୍ମାର୍ଟ କାର୍ଡ ଜରିଆରେ ବୋନସ ପଏଣ୍ଟ ଯୋଡ଼ିବାର ନିଆରା ଯୋଜନା ଏବଂ ପ୍ରତ୍ୟେକ କ୍ଷେତ୍ରରେ ଦକ୍ଷତା ଦେଖାଇଲେ ବୋନସ ପାଇ ସିଲଭର, ଗୋଲ୍ଡକାର୍ଡ ପାଇବା ଭଳି ଦୀର୍ଘସୂତ୍ରୀ ଯୋଜନା ଅତ୍ୟନ୍ତ ପ୍ରଶଂସନୀୟ। ୫-ଟି ଅଧ୍ୟକ୍ଷଙ୍କ ସହିତ ସିଧାସଳଖ ଭାବ ବିନିମୟ ଆମ ଉତ୍ସାହକୁ ଦ୍ୱିଗୁଣିତ କରିଛି । ଛାତ୍ରବୃତ୍ତିରେ ଅଧ୍ୟୟନ ଏବଂ ଗବେଷଣାଭିତ୍ତିକ ପାଠ୍ୟକ୍ରମରେ ସହଯୋଗ କଲେ ଆହୁରି ଭଲ ହୁଅନ୍ତା ।

-ଝରଣା ଦୁଆନ, ଯୁକ୍ତ ୩ ଷଷ୍ଠ ସେମିଷ୍ଟର ଛାତ୍ରୀ
ପାର୍ବତୀ ଗିରି ମହିଳା କଲେଜ, ବରଗଡ଼

### ନୂଆ-ଓ ଛାତ୍ରବୃତ୍ତି ପାଇ ବହୁତ ଖୁସି



ମୁଁ ଆଜି ନୂଆ-ଓ ଛାତ୍ରବୃତ୍ତି ପାଇଲି। ମୋ ଆକାଉଣ୍ଟରେ ୧୦ହଜାର ଟଙ୍କା ଜମା ହେବା ପରେ ଖୁସିର ସୀମାନାହିଁ। ଅର୍ଥ ବାଧକ ଦୂର ହେଲା। ଏହା ମୋ ପାଠପଢ଼ାକୁ ଆଗେଇ ନେବାରେ ବେଶ୍ ସହାୟକ ହେବ। ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାରଙ୍କ ଏହିପରି ଯୁଗାନ୍ତକାରୀ ପଦକ୍ଷେପ ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧକ୍ଷଙ୍କୁ ଅଶେଷ ଧନ୍ୟବାଦ ।

-ଅର୍ପିତା ରଥ, ଯୁକ୍ତ ୩ କଳା ପ୍ରଥମ ବର୍ଷ ଛାତ୍ରୀ,
ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ, ଟିଟିଲାଗଡ଼

### ପାଠପଢ଼ାରେ ଅର୍ଥବାଧକ ଥିଲା, ଦୂରହେଲା



ଏହିପରିଭାବେ ନୂଆ-ଓ ଛାତ୍ରବୃତ୍ତି ପାଇବି ଆଶା କରି ନ ଥିଲି। ଆଜି ଆକାଉଣ୍ଟରେ ଟଙ୍କା ଜମା ହେବା ପରେ ସତରେ ମୁଁ ବହୁତ ଖୁସି। ଆଗକୁ ବଢ଼ିବାରେ ଏହା ମୋତେ ବହୁତ ସାହାଯ୍ୟ କରିବ। ପୁସ୍ତକଠାରୁ ଆରମ୍ଭ କରି ପାଠ୍ୟ ସାମଗ୍ରୀ କ୍ରୟ କରିବାରେ ମୁଁ ଆଉ ଅସୁବିଧାର ସମ୍ମୁଖୀନ ହେବି ନାହିଁ ବୋଲି ଆଶା କରୁଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଏନେଇ ଯେତେ ପ୍ରଶଂସା କଲେ ବି କମ୍ ହେବ।

-ଶିଳ୍ପାରଞ୍ଜନ କନିକା, ଫିଜିକ୍ସ ସମ୍ମାନ ଶେଷବର୍ଷ,
ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ, ଟିଟିଲାଗଡ଼

ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୪/୨୦୨୪ | Bhubaneswar, Monday, March 4/2024





# ସଂଶୋଧନ ହେଲା ଆପାର୍ଟମେଣ୍ଟ ମାଲିକାନା ଆଇନ

ଭୁବନେଶ୍ୱର,୩।୩(ଅନିଲ ଦାସ)

- **ଏରିଆ ଅନୁଯାୟୀ ରକ୍ଷଣାବେକ୍ଷଣ ଖର୍ଚ୍ଚ ଦେବେ ଘର ମାଲିକ**
- **ବହୁ ଆବାସିକ ପ୍ରକଳ୍ପ ପାଇ ରହିବ ଗୋଟିଏ ସଂଘ**

ରାଜ୍ୟ ସରକାର ଓଡ଼ିଶା ଆପାର୍ଟମେଣ୍ଟ(ମାଲିକାନା ଓ ପରିଚାଳନା) ଆଇନ-୨୦୨୩ରେ ସଂଶୋଧନ କରିଛନ୍ତି। ଏଣିକି ବାସଗୃହ ପ୍ରକଳ୍ପର କମନ ଏରିଆ(ସର୍ବସାଧାରଣ ଅଞ୍ଚଳ) ରକ୍ଷଣାବେକ୍ଷଣ ପାଇଁ ଆପାର୍ଟମେଣ୍ଟ ମାଲିକମାନଙ୍କୁ ନିଜ ଏରିଆ ଅନୁସାରେ ଖର୍ଚ୍ଚ (ମେଣ୍ଟେନାନ୍ସ ଚାର୍ଜ) ଦେବାକୁ ପଡ଼ିବ। ଅର୍ଥାତ୍ ହାଉସିଂ ପ୍ରକଳ୍ପରେ ଯେଉଁ ଆପାର୍ଟମେଣ୍ଟର ଆକାର ଯେତେ ବଡ଼ ହେବ, ତା'ର ମାଲିକ ସେତେ ଅଧିକ ମେଣ୍ଟେନାନ୍ସ ଚାର୍ଜ ଦେବେ। ୨୦୨୩ ଜୁନ୍‌ରେ ରାଜ୍ୟରେ ପ୍ରଚଳନ ହୋଇଥିବା ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଆଇନରେ ସମସ୍ତ ବାସଗୃହ କ୍ରେତାଙ୍କୁ ସମାନ ପରିମାଣର ମେଣ୍ଟେନାନ୍ସ ଦେୟ ଦେବାର ବ୍ୟବସ୍ଥା ଥିଲା। ଏନେଇ ଆପତ୍ତି ହେବାରୁ ଗୃହ ଓ ନଗର ଉନ୍ନୟନ ବିଭାଗ ନିକଟରେ ଏହି ଆଇନରେ ସଂଶୋଧନ କରିଛି। ଆଇନ ଲାଗୁ ପୂର୍ବରୁ କେତେକ ଆପାର୍ଟମେଣ୍ଟ ନିର୍ମାତା ଗୋଟିଏ କମନ ଏରିଆରେ ଏକାଧିକ ବାସଗୃହ ପ୍ରକଳ୍ପ ତିଆରି କରିଛନ୍ତି। ଏଭଳି କ୍ଷେତ୍ରରେ ସବୁ ପ୍ରକଳ୍ପ ପାଇଁ ଅଲଗା ଅଲଗା ଆସୋସିଏଶନ(ସଂଘ) କରି କମନ ଏରିଆ ଭାଗ କରିବା ସମ୍ଭବ ହେଉ ନାହିଁ। ସମସ୍ତ ପ୍ରକଳ୍ପ ପାଇଁ ଗୋଟିଏ ମାତ୍ର ଆସୋସିଏଶନ କରିବାକୁ ଉକ୍ତ ଆଇନରେ ପରିବର୍ତ୍ତନ ଅଣାଯାଇଛି।

ସେହିପରି ଆପାର୍ଟମେଣ୍ଟ ଆଇନରେ 'ପରିବାର' ଶବ୍ଦର ସଂଜ୍ଞା ମଧ୍ୟ ନିର୍ଦ୍ଧାରଣ କରାଯାଇଛି। ଏଥିରେ ପରିବାର ଅର୍ଥ ସ୍ତ୍ରୀ-ସ୍ୱାମୀ ଓ ସେମାନଙ୍କ ଉପରେ ନିର୍ଭରଶୀଳ ଝିଅ ଓ ପୁଅ ବୋଲି ଅଭିହିତ କରାଯାଇଛି। ଏଣିକି ଯଦି କୌଣସି ପରିବାରର ରୋଜଗାରିଆ ଝିଅ କିମ୍ବା ପୁଅ ସମାନ ପ୍ରକଳ୍ପରେ ବାସଗୃହ କିଣନ୍ତି, ସେମାନଙ୍କର ମଧ୍ୟ ଆସୋସିଏଶନ



ପାଇଁ ଭୋଟିଂ ଅଧିକାର ରହିବ।

ଅନ୍ୟପକ୍ଷରେ ଉକ୍ତ ଆଇନରେ ଆସୋସିଏଶନ ଗଠନକୁ ଅନୁମୋଦନ କରିବାକୁ ଥିବା କମ୍ପିଟେଣ୍ଟ ଅଥରିଟି ଗଠନ ପାଇଁ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ଏ ଯାଏ ଆପାର୍ଟମେଣ୍ଟ ପଞ୍ଜୀକରଣ ଆରମ୍ଭ ହୋଇପାରି ନାହିଁ। ଏହାକୁ ନେଇ ରିୟଲ ଇଷ୍ଟେଟ୍ ଶିଳ୍ପ ଚିନ୍ତାରେ ପଡ଼ିଛି। ରିୟଲ ଇଷ୍ଟେଟ ମାଲିକଙ୍କ ଅଭିଯୋଗ ଯେ ପ୍ରାୟ ୨ ବର୍ଷ ହେବ ଆପାର୍ଟମେଣ୍ଟ ପଞ୍ଜୀକରଣ ବନ୍ଦ ରହିଛି। ପ୍ରାୟ ୧୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ଅଟକି ରହିଥିବା ବେଳେ ରିୟଲ ଇଷ୍ଟେଟ୍ କ୍ଷେତ୍ରକୁ ନୂଆ ପୁଞ୍ଜିନିବେଶ ଆସିବା ହ୍ରାସ ପାଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କମ୍ପିଟେଣ୍ଟ ଅଥରିଟି ଲାଗି ତୁରନ୍ତ ଭିତ୍ତିଭୂମି ଯୋଗାଇ ଦେବା ଆବଶ୍ୟକ। ନଗର ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ଯେ କମ୍ପିଟେଣ୍ଟ ଅଥରିଟିଙ୍କୁ ନିଯୁକ୍ତି ଦିଆସରିଛି। ଖୁବ୍‌ଶୀଘ୍ର ପଞ୍ଜୀକରଣ ଆରମ୍ଭ ହେବ।

ଏଠାରେ ଉଲ୍ଲେଖଯୋଗ୍ୟ, ଆପାର୍ଟମେଣ୍ଟ ମାଲିକମାନଙ୍କୁ ସୁରକ୍ଷା ଦେବା ସକାଶେ ରାଜ୍ୟ ସରକାର ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଆଇନ-୨୦୨୩ କାର୍ଯ୍ୟକାରୀ କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ରାଜ୍ୟରେ ଥିବା ୮ଟି ଉନ୍ନୟନ କର୍ତ୍ତୃପକ୍ଷ (ଡେଭଲପମେଣ୍ଟ ଅଥରିଟି) ଅଞ୍ଚଳ ପାଇଁ ସମ୍ପୃକ୍ତ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସଚିବ ଏବଂ ଏହା ବାହାରେ ଥିବା ଅଞ୍ଚଳ ପାଇଁ ଉପଜିଲାପାଳଙ୍କୁ କ୍ଷମତାପ୍ରାପ୍ତ ଅଧିକାରୀ (କମ୍ପିଟେଣ୍ଟ ଅଥରିଟି) ☞ପୃଷ୍ଠା-୧୩

# 'ଇଣ୍ଡିଆ'ର ଜନବିଶ୍ୱାସ ମହାରାଲି



## ମୋଦି ମିଛୁଆଙ୍କ ସର୍ଦ୍ଦାର: ଖାର୍ଗେ

ପାଟନା,୩।୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଛୁଆମାନଙ୍କ ସର୍ଦ୍ଦାର। ସେ ମିଛ ବିସ୍ତାର କରିବାରେ ମାଷ୍ଟର। ମୋଦିଙ୍କ ୧୦ ବର୍ଷ ଶାସନ କାଳରେ କେନ୍ଦ୍ରର ନୀତିଗୁଡ଼ିକରୁ କେହି ଲାଭବାନ ହୋଇନାହାନ୍ତି ବୋଲି ରବିବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଟାର୍ଗେଟ କରିଛନ୍ତି। ସାଧାରଣ ନିର୍ବାଚନକୁ କିଛି ମାସ ବାକି ଥିବାବେଳେ ବିହାର ରାଜଧାନୀ ପାଟନାର ଗାନ୍ଧୀ ମଇଦାନରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ପକ୍ଷରୁ ଜନବିଶ୍ୱାସ ମହାରାଲିର ଆୟୋଜନ କରାଯାଇଛି। ଏଥିରେ ବିରୋଧୀ ବ୍ଲକ୍ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ)ର ନେତାମାନେ ଯୋଗଦେଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ ଏହି ସମାବେଶକୁ ସମ୍ବୋଧନ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ଦେଶକୁ ଧ୍ୱଂସ କରୁଛନ୍ତି। ମୋଦି ୨ କୋଟି ନିଯୁକ୍ତି ଦେଲେ କି? ବିଦେଶରୁ କଳାଧନ ଆଣିବାକୁ ଏବଂ ୨୦୨୨ ସୁଦ୍ଧା ସବୁ ଘରକୁ ପକ୍କା କରିବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଏସବୁ ପୂରଣ କଲେ କି? ଏହି ସବୁ ହେଉଛି ମୋଦିଙ୍କ ମିଛ। ଭାଜପାକୁ ହରାଇ ଗଣତନ୍ତ୍ରର ସୁରକ୍ଷା ପାଇଁ ଜନସାଧାରଣ ଇଣ୍ଡିଆ ବ୍ଲକ୍‌କୁ ସହଯୋଗ କରନ୍ତୁ ବୋଲି ☞ପୃଷ୍ଠା-୧୩



**ଆଜିର ମନ୍ତବ୍ୟ**
ଧନୀ ଲୋକମାନଙ୍କୁ ସୁହାଇଲା ଭଳି ଭାରତୀୟ ରେଳବାଇର ନୀତି ପ୍ରଣୟନ କରାଯାଉଛି। ଏହା ମୋଦି ସରକାରଙ୍କ ଗ୍ୟାରେଣ୍ଟି ନୁହେଁ, ବିଶ୍ୱାସଘାତ।
– ରାହୁଲ ଗାନ୍ଧୀ, କଂଗ୍ରେସ ନେତା



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଭୁବନେଶ୍ୱର ଏମ୍‌ପିଙ୍କ ପଦଯାତ୍ରା ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅଧୀନ ଓମଫେଡ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସମବାୟ ସମିତି ଓ ଲ୍ୟାମ୍ପସ୍ କର୍ମଚାରୀ ମହାମଞ୍ଚର ଆନ୍ଦୋଳନ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ରାଜ୍ୟସ୍ତରୀୟ କନଭେନଶନ, ସ୍ଥାନ: ଗାନ୍ଧୀମାର୍ଗ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଖଦୀ ଓ ଗ୍ରାମୋଦ୍ୟୋଗ କମିଶନ ପକ୍ଷରୁ ମେସିନ ଓ ଟୁଲ୍ କିଟ୍ ବଣ୍ଟନ, ସ୍ଥାନ: ରେଳ ଅଡିଟୋରିୟମ୍, ସମୟ: ଅପରାହ୍ନ ୧ଟା ୩୦।
- ସାକ୍‌ସୀ ୱାର୍ଲଡ ଚାରିଟେବୁଲ ଟ୍ରଷ୍ଟର ଦ୍ୱାଦଶ ସ୍ୱନକ୍ଷତ୍ର ଅବସରରେ ଆଲୋଚନାଚକ୍ର, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ୩୮ତମ ବିଶ୍ୱଶାନ୍ତି ମହାଯଜ୍ଞର ଅଙ୍କୁରାରୋପଣ, ସ୍ଥାନ: ବାଲିଅନ୍ତା ବ୍ଲକ ପ୍ରତାପରୁଦ୍ରପୁରସ୍ଥିତ ଆଖଣ୍ଡଳେଶ୍ୱର ମହାଦେବ ପୀଠ, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଧାରଣା, ସ୍ଥାନ: ତୋଷାଳୀ ଭବନ, ସମୟ: ସନ୍ଧ୍ୟା ୬ଟା।
- ସିଆଇଟିୟୁ ରାଜ୍ୟ କମିଟି ପକ୍ଷରୁ ମାର୍କ୍ସବାଦୀ ନେତା ସାଥୀ ଲମ୍ବୋଦର ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବିଏମ୍‌ସି କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ବିଭିନ୍ନ ପଞ୍ଚାୟତରେ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ, ସ୍ଥାନ: ନିମାପଡ଼ା ବ୍ଲକ, ସମୟ: ସକାଳ ୮ଟା।
- ଶ୍ରୀଶ୍ରୀ ପତିତପାବନଦେବଙ୍କର ବିଗ୍ରହ ତଥା ମନ୍ଦିର ପଞ୍ଚଦିନାତ୍ମକ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବାଲିଘାଇ, ବଳଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ସତ୍ୟବାଦୀ ପଞ୍ଚାୟତ ସମିତି ସଭାଗୃହ, ସାକ୍ଷୀଗୋପାଳ,ସମୟ: ପୂର୍ବାହ୍ନ ୧୧ଟା ୩୦।

## କଟକ
- ଶ୍ରୀ ଶ୍ରୀ ଗଡ଼ଗଡ଼େଶ୍ୱର ମନ୍ଦିରର ନୂତନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ ସୂର୍ଯ୍ୟପୂଜା, ଗୋପୂଜା, ଦେବତା ମହାସ୍ନାନ, ସ୍ଥାନ: କଟକ ଗଡ଼ଗଡ଼େଶ୍ୱର ମନ୍ଦିର ପରିସର, ସମୟ: ସକାଳ ୭ଟା।
- ବୁଣାକାରଙ୍କ ପାଇଁ ସମ୍ବର୍ଦ୍ଧନା ସଭା, ସ୍ଥାନ: ନୂଆପାଟଣା ନଂ. ୧ ବୁଣାକାର ତନ୍ତୁବାୟ ସହଯୋଗ ସମିତି ପରିସର, ସମୟ: ସକାଳ ୯ଟା।
- ବୁଣାକାରଙ୍କୁ ଭତ୍ତା ଓ ଇନଭର୍ଟର ପ୍ରଦାନ, ସ୍ଥାନ: ନୂଆପାଟଣା ରାମେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା, ସ୍ଥାନ: ଗଦାଧରପୁର ହାଇସ୍କୁଲ ପରିସର, ସମୟ: ଅପରାହ୍ନ ୩ଟା।

## ଖୋର୍ଦ୍ଧା
- କପିଳେଶ୍ୱର ଦେବଙ୍କ ପୀଠରେ ସତଚଣ୍ଡୀ ଓ ରୁଦ୍ର ମହାଯଜ୍ଞ, ସ୍ଥାନ: ବିଜେ(ଡିଆ), ନିରାକାରପୁର, ସମୟ: ସକାଳ ୯ଟା।
- କଳିଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପାନବରଜ ଖେଳପଡ଼ିଆ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାଲୁଙ୍କେଶ୍ୱର ଦେବଙ୍କ ଚତୁର୍ବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞର ଅଙ୍କୁରାରୋପଣ, ସ୍ଥାନ: ବାଛରା ଗ୍ରାମସ୍ଥିତ ମନ୍ଦିର ପ୍ରାଙ୍ଗଣ, ଜଟଣୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ସକାଳ ୮ଟା।
- ଲାଇନ୍ ମ୍ୟାନ୍ ଦିବସ ଓ ଜାତୀୟ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ, ସ୍ଥାନ: ହରି ପ୍ଲାଜା, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ବାବା ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବାଖରାବାଦ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ପିଙ୍ଗ୍ଳାବଣିଆ ବୈଦିକ ଗୁରୁକୁଳ ଆଶ୍ରମ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ପିଙ୍ଗ୍ଳାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ୩୫ତମ ବାର୍ଷିକ ମହୋତ୍ସବ ଏବଂ ଆର୍ଯ୍ୟସେବା ସଂଘର ତୃତୀୟ ବାର୍ଷିକ ଉତ୍ସବ ଉଦ୍‌ଘାଟନୀ ସଭା, ସ୍ଥାନ: ପିଙ୍ଗ୍ଳାବଣିଆ ଗୁରୁକୁଳ ଆଶ୍ରମ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ମିରିଗିମୁଣ୍ଡି ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମିରିଗିମୁଣ୍ଡି, ରୂପସା, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ
- ଗୋପେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ବିଗ୍ରହ ପ୍ରତିଷ୍ଠା, ସ୍ଥାନ:ଶାମାଖୁଣ୍ଟା ବ୍ଲକ, ସାତପୌଟିଆ,ସମୟ: ସକାଳ ୭ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର,ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଶିଳ୍ପ ଓ ଶିକ୍ଷାୟତନ ଯୋଗସୂତ୍ର ସମାବେଶର ଦ୍ୱିତୀୟ ଦିବସ, ସ୍ଥାନ:ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସର, ତକତ୍‌ପୁର, ସମୟ:ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗଦ୍ୱାର ରଥ ଉଦ୍‌ଘାଟନ, ସ୍ଥାନ: ଏନ୍‌ଏସି ଅଫିସ୍, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଭତ୍ତା ବଣ୍ଟନ, ସ୍ଥାନ: ବମକୁରା ପଞ୍ଚାୟତ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ପୁରୁଣାବଜାର ପ୍ରିମିୟର ଲିଗ୍ ଉଦ୍‌ଘାଟନ, ସ୍ଥାନ: ମହାବୀର ପଡ଼ିଆ, ପୁରୁଣାବଜାର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ:ପୂର୍ବାହ୍ନ ୧୦ଟା।
- ମହିଳା ଭାଜପାର ପଦଯାତ୍ରା, ସ୍ଥାନ: ପାଟଣା ବଜାର, ସମୟ:ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ଘର ଘର ବୁଲି ପୋଲିଓ ବୁନ୍ଦା ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ସିଟି ହସ୍ପିଟାଲରୁ ଆରମ୍ଭ, ସମୟ: ପୂର୍ବାହ୍ନ ୮ଟା।

## ଗଞ୍ଜାମ
- ସପ୍ତ ଦିନାତ୍ମକ ହରିହର ବିଶ୍ୱଶାନ୍ତି ପଞ୍ଚ ମହାଯଜ୍ଞ, ସ୍ଥାନ: ଚିକିଲି ଚକାଠାକୁର ପୀଠ, ଖଲ୍ଲିକୋଟ, ସମୟ: ସକାଳ ୮ଟା।
- ଶିବ ସନ୍ଦେଶ ଯାତ୍ରା ପରିକ୍ରମା, ସ୍ଥାନ: ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡି, ଅଗଖୋଲ, ଭେଜିପୁଟ, ସମୟ: ସକାଳ ୮ ଟାରୁ ସନ୍ଧ୍ୟା ୬ ଟା।
- ଘୁମୁସର ଗାନ୍ଧୀ ଦୀନବନ୍ଧୁ ବେହେରାଙ୍କ ୧୧୯ ତମ ଜୟନ୍ତୀ, ସ୍ଥାନ: ବେଲଗୁଣ୍ଠା ବ୍ଲକ ରତ୍ନପୁର, ସମୟ: ଦିବସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ପାଳିତ ହେବ।
- ମା' କାଳୀ ମନ୍ଦିର ରୂପାନ୍ତରିକରଣ କାର୍ଯ୍ୟ ଉଦ୍‌ଘାଟନ, ସ୍ଥାନ:ବୁଗୁଡା କାଳୀ ମନ୍ଦିର, ସମୟ:ପୂର୍ବାହ୍ନ ୧୦ଟା।
- ବୁଗୁଡା ବସଷ୍ଟାଣ୍ଡ ଶ୍ରମିକ ଗୃହ ଉଦ୍‌ଘାଟନ, ସ୍ଥାନ:ବୁଗୁଡା ବସଷ୍ଟାଣ୍ଡ, ସମୟ:ପୂର୍ବାହ୍ନ ୧୧ଟା।
- ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ,ସ୍ଥାନ:ବୁଗୁଡା ବ୍ଲକ ଅରଖପୁର, ସମୟ: ପୂର୍ବାହ୍ନ ୧୧ଟା।
- ଖଣ୍ଡାୟତ ସମାଜର ସମ୍ମିଳନୀ କକ୍ଷ ଉଦ୍‌ଘାଟନ,ସ୍ଥାନ– ବୁଗୁଡା ଶାନ୍ତିନଗର, ସମୟ: ପୂର୍ବାହ୍ନ ୧୧ଟା।
- ନାଗରିକ ମଞ୍ଚର ଗଣଧାରଣା, ସ୍ଥାନ: ଭଞ୍ଜନଗର ଉପ ଜିଲାପାଳ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ ଟା୩୦।
- ଆଦିବାସୀ ଭାରତ ମହାସଭାର ଦିବାରାତ୍ର ଗଣଧାରଣା, ସ୍ଥାନ: ଭଞ୍ଜନଗର ଉପ ଜିଲାପାଳ କାର୍ଯ୍ୟାଳୟ।

## କନ୍ଧମାଳ
- ଆଦିବାସୀ ସଂସ୍କୃତି ଭବନର ଭିତ୍ତି ପ୍ରସ୍ତର/ସିମନବାଡି, ବ୍ରାହ୍ମଣୀଗାଁ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ରର ଭିତ୍ତି ପ୍ରସ୍ତର, ସ୍ଥାନ: ଦାରିଙ୍ଗବାଡି, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରାହ୍ମଣୀଗାଁ ଠାରେ ବିଜେଡିର ବୈଠକ ଓ ମିଶ୍ରଣ ପର୍ବ, ସ୍ଥାନ: ବ୍ରାହ୍ମଣୀଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ଗଜପତି
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ଅନ୍ତର୍ଜାତୀୟ କର୍ମଶାଳା, ସ୍ଥାନ: ଜିଆଇଇଟି ବିଶ୍ୱ ବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଲକ୍ଷ୍ମୀପୁର ସବ୍ ଡିଭିଜନ ମାନ୍ୟତା ଦାବିରେ ଲକ୍ଷ୍ମୀପୁର ବନ୍ଦ ଡାକରା, ସ୍ଥାନ: ଲକ୍ଷ୍ମୀପୁର,ସମୟ: ସକାଳ ୬ଟାରୁ ସନ୍ଧ୍ୟା ୬ଟା।
- ଜିଲାପାଳଙ୍କ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ:ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଦୋରା ସମ୍ପ୍ରଦାୟ ପକ୍ଷରୁ ସମ୍ବର୍ଦ୍ଧନା ସଭା,ସ୍ଥାନ: ପଟ୍ଟାଙ୍ଗି ବ୍ଲକ ସିପାଇପୁଟ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ସାଥୀ ପ୍ରୋଜେକ୍ଟର ଜିଲାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ଜିଲା ସମବାୟ ବିକାଶ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

## ନବରଙ୍ଗପୁର
- ଜିଲାସ୍ତରୀୟ ଜନଜାତି ସାଂସ୍କୃତିକ ଓ କ୍ରୀଡ଼ା ମହୋତ୍ସବରେ ମିନି ମାରାଥନ୍, ସ୍ଥାନ: ନବରଙ୍ଗପୁର ପୋଲିସ ପଡିଆଠାରୁ ମଣ୍ଡେଇ ପଡିଆ, ସମୟ: ସକାଳ ୭ଟା।

## ସମ୍ବଲପୁର
- ସମବାୟ କର୍ମଚାରୀ ସଂଘର ଧାରଣା, ସ୍ଥାନ: ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- କୁଲତା ସମାଜ ପକ୍ଷରୁ ସାଇକେଲ ଯାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ଦାନିପାଲିସ୍ଥିତ ରାମଚଣ୍ଡୀ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଧନୁଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଫାଇନାଲ ଟଚ୍ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଓଡ଼ିଶା ଲଳିତକଳା ଏକାଡେମୀସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରି, ସମୟ: ପୂର୍ବାହ୍ନ ୧୧ଟା।
- କଲ୍ଟ ଫେଷ୍ଟ –୨୦୨୪ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଅମୃତ ବିହାର, ସମୟ: ରାତି ୮ଟା।

## ବଲାଙ୍ଗୀର
- ନିଖିଳ ଓଡ଼ିଶା ମେହେର(ଭୁଲିଆ) ସମାଜ ପକ୍ଷରୁ ଗଙ୍ଗାଧର ମେହେର ଜ୍ୟୋତି ରଥ ପରିକ୍ରମା ଓ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ପାଟଣାଗଡ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଅଭିଯୋଗ ଶୁଣାଣି, ଖପ୍ରାଖୋଲ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ନଗର କଂଗ୍ରେସ କମିଟି ପକ୍ଷରୁ ଜିଲାପାଳ ଅଫିସ ଘେରାଉ କାର୍ଯ୍ୟକ୍ରମ, ସ୍ଥାନ: କଚେରି ଛକ ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର
- ଜିଲାପାଳ ଓ ଏସ୍‌ପିଙ୍କ ସୋନପୁର ବ୍ଲକସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଡ. ଭୀମରାଓ ଆମ୍ବେଡକର କ୍ରିକେଟ ଟୁର୍ନାମେଣ୍ଟର ସେମି ଫାଇନାଲ, ସ୍ଥାନ: ଉଲୁଣ୍ଡା ବ୍ଲକ କଳାପଥର, ସମୟ: ଅପରାହ୍ନ ୧ଟା।
- ଏକତା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ବୀରମହାରାଜପୁର ବ୍ଲକ କଦଳୀପାଲି ଛକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ଶିବ ମନ୍ଦିର, ହନୁମାନ ମନ୍ଦିର ପ୍ରତିଷ୍ଠାରେ ରୁଦ୍ରଯଜ୍ଞ, ସ୍ଥାନ: ସାମକଟା, ସୋହେଲା, ସମୟ: ସକାଳ ୮ଟା।
- ଟିନିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ପାକ୍ସ କର୍ମଚାରୀଙ୍କ ଧାରଣା: ଏସ୍‌ଡିସିସି ବ୍ୟାଙ୍କ ସମ୍ମୁଖ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ବରପାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ ଡା. ରାଜୁ ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ମ୍ୟାନେଜର କଣ୍ଟା ଛକ, ପଦ୍ମପୁର, ସମୟ: ଅପରାହ୍ନ ୫ଟା ୩୦।

## ସୁନ୍ଦରଗଡ଼
- ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଏବଂ ଯୁବ ରେଡକ୍ରସ ଆନୁକୂଲ୍ୟରେ ରକ୍ତ ଦାନ ଶିବିର, ସ୍ଥାନ: ମହାବିଦ୍ୟାଳୟ ପରିସର,ସମୟ: ପୂର୍ବାହ୍ନ ୧୦ଟା।
- ହେମଗିରରେ ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ,ସ୍ଥାନ: ଆଞ୍ଚଳିକ ମହିମା ଆଶ୍ରମ, ସମୟ:ପୂର୍ବାହ୍ନ ୧୦ଟା।
- ସୁନ୍ଦରଗଡ଼ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ସଦ୍ ଭାବନା ଭବନ,ସମୟ: ପୂର୍ବାହ୍ନ ୧୦ଟା।
- ଲିଫଲୋଇ ନୀଳଚକ୍ର କାର୍ଯ୍ୟାଳୟର ସଭାଗୃହ ଉଦ୍‌ଘାଟନ,ସ୍ଥାନ:ରାଜଗାଙ୍ଗପୁର,ସମୟ: ଅପରାହ୍ନ ୧ଟା ୩୦।

## ରାଉରକେଲା
- ଦି ମିରର ସୋସିଆଲ ଫାଉଣ୍ଡେଶନର ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର–୧୬, ଶ୍ରଦ୍ଧା ଅନୁଷ୍ଠାନ, ସମୟ: ସକାଳ ୯ଟା ୩୦।
- ଅଲ ଇଣ୍ଡିଆ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ବିର୍ସା ମୁଣ୍ଡା, ସମୟ: ସନ୍ଧ୍ୟା ୬ଟା।
- ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ସେକ୍ଟର–୨୦ ରାଇଜିଂ ପଡ଼ିଆ, ସମୟ: ରାତି ୮ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି,ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ,ଦେବଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ରାଜ୍ୟପାଳଙ୍କର ଡାକ୍ତର, ପାରାମେଡିକାଲ କର୍ମଚାରୀ, ଆଶା କର୍ମୀ, ରୋଗୀଙ୍କ ସହିତ ଆଲୋଚନା, ସ୍ଥାନ: ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା ୪୦।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା,ସ୍ଥାନ: କିଷାନ ସାହି, ସମୟ: ଅପରାହ୍ନ ୧ଟା।
- ବଲମ ଚାଷୀଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା, ସ୍ଥାନ: ବଲମ ପଞ୍ଚାୟତ ମୁଖ୍ୟାଳୟ, ସମୟ : ଅପରାହ୍ନ ୧ଟା ୨୦।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ଅଫିସ, ଭବାନୀପାଟଣା,ସମୟ: ପୂର୍ବାହ୍ନ ୧୦ଟା।
- ପାକ୍ସ ଓ ଲ୍ୟାମ୍ପସ କର୍ମଚାରୀଙ୍କ ଅନିର୍ଦ୍ଦିଷ୍ଟକାଳ ପାଇଁ ଆନ୍ଦୋଳନ, ସ୍ଥାନ: ଭବାନୀପାଟଣା ଜିଲା ଉପନିବନ୍ଧକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସଦଭାବନା ସଭାଗୃହ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ତରବୋଡ ସପ୍ତାହିତ ବଜାର ପଡ଼ିଆ, ସମୟ: ଅପରାହ୍ନ ୨ଟା ୧୭।

## ବୌଦ୍ଧ
- ସପ୍ତମ ବୌଦ୍ଧ କପ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ଖେଳ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ସକାଳ ୯ଟା।
- ବୌଦ୍ଧ ବ୍ଲକ ମୁଣ୍ଡାପଡାଠାରେ ଛାତ୍ରୀନିବାସର ଉଦ୍‌ଘାଟନ,ସ୍ଥାନ: ମୁଣ୍ଡାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ବୌଦ୍ଧ ବ୍ଲକ ଆଞ୍ଚଳିକ ଆଦିବାସୀ ସମାଜର ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ମୁଣ୍ଡାପଡା ଉଚ୍ଚ ବିଦ୍ୟାଳୟ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗଁନ୍ଦିଆ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, କଲେଜ ବାଇପାସ୍ ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ
- ପୋଲିଓ ପ୍ରଦାନ ସହିତ ସଚେତନ କାର୍ଯ୍ୟକ୍ରମ, ସ୍ଥାନ: କଣିହାଁ ବ୍ଲକର ସମସ୍ତ ଗ୍ରାମ, ସମୟ: ସକାଳ ୮ ଟା।
- ଚାଷୀ ସୁରକ୍ଷା କମିଟିର ଆନ୍ଦୋଳନ, ସ୍ଥାନ: ବଅଁରପାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା।
- ସାତକୋଶିଆରେ ପକ୍ଷୀ ସର୍ଭେ ପାଇଁ ସ୍ୱାଗତ, ସ୍ଥାନ: ଟରଭା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଜନଶୁଣାଣି, ସ୍ଥାନ: ପାଲଲହଡ଼ା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କାର୍ଯ୍ୟାଳୟର ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା କାର୍ଯ୍ୟାଳୟ, ଅନୁଗୋଳ,ସମୟ: ପୂର୍ବାହ୍ନ୧୦ଟା।
- କେନ୍ଦ୍ରମନ୍ତ୍ରୀଙ୍କ ଅନୁଗୋଳ ଜିଲାଗସ୍ତ, ସ୍ଥାନ: ଅନୁଗୋଳ, ସମୟ: ଅପରାହ୍ନ ୧ ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ନୂତନ ଘର ଉଦ୍‌ଘାଟନ, ସ୍ଥାନ: ରାଣୀଗୋଡ଼ା, ସମୟ: ଅପରାହ୍ନ ୨ ଟା।
- ଆଇସିଡିଏସ୍ କାର୍ଯ୍ୟକ୍ରମ, ସ୍ଥାନ: ପାଲଲହଡ଼ା, ସମୟ: ଅପରାହ୍ନ ୨ଟା।
- ନିର୍ବାଚନ କାର୍ଯ୍ୟ ନେଇ ସମୀକ୍ଷା, ସ୍ଥାନ: ପାଲଲହଡ଼ା, ସମୟ: ଅପରାହ୍ନ ୩ ଟା।
- ଚକାଡ଼ୋଳା କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବଣିଆବାହଳ, ସମୟ: ଅପରାହ୍ନ ୩ଟା।
- ଜାଗର ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବଡହୀରା ଶିବ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ସ୍କିଲ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟନ, ସ୍ଥାନ: ଅମଲାପଡ଼ା,ସମୟ: ଅପରାହ୍ନ ୫ ଟା ୧୫।
- ଜନଶିକ୍ଷଣ ସଂସ୍ଥା ଉଦ୍‌ଘାଟନ, ସ୍ଥାନ: ଶିମିଳିପଡ଼ା, ସମୟ: ଅପରାହ୍ନ ୫ଟା ୪୫।
- ଶ୍ରୀ ଗୋପୀନାଥ ମନ୍ଦିର ନିର୍ମାଣାର୍ଥେ ସତ୍‌ସଙ୍ଗ, ସ୍ଥାନ: ମା' ରାମଚଣ୍ଡୀ ପଡ଼ିଆ ସମୟ: ସନ୍ଧ୍ୟା ୬ଟା।
- ମ୍ୟାନେଜମେଣ୍ଟ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ଉଦ୍‌ଘାଟନ, ସ୍ଥାନ: ନାଲ୍‌କୋନଗର, ସମୟ: ସନ୍ଧ୍ୟା ୬ଟା ୩୦।

## ଜଗତ୍‌ସିଂହପୁର
- ଶ୍ରୀ ଶ୍ରୀ ମହାକାଳେଶ୍ୱରାୟଙ୍କ ୧୯ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଗାୟତ୍ରୀ ଯଜ୍ଞ, ସ୍ଥାନ: ପାରାଦୀପ ନୂଆବଜାର ହରିବୋଲ ମଠ, ସମୟ: ସକାଳ ୬ଟା।
- ପାରାଦୀପ କ୍ରିକେଟ ଲିଗ୍(ପିସିଏଲ୍)ପାଇଁ ଖେଳାଳି ନିଲାମ କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମେଡିକାଲ କଲେଜ ସ୍ଥାପନ ଦାବିରେ ଜଗତ୍‌ସିଂହପୁର ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ଗଣ ବିକ୍ଷୋଭ, ସ୍ଥାନ: ଏରସମା ତହସିଲ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ନୂତନ ୫–ଟି ବିଲ୍ଡିଂର ଉଦ୍‌ଘାଟନ, ସ୍ଥାନ: ତିର୍ତ୍ତୋଲ ଆଦିକବି ସାରଳା ଦାସ କଲେଜ ପରିସର, ସମୟ: ଅପରାହ୍ନ ୩ଟା।

## ନୟାଗଡ଼
- ରାମେଶ୍ୱର ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନୂଆଗାଁ ବ୍ଲକର ଜିଗିନିପଡା, ସମୟ:ସକାଳ ୭ଟା।
- ମାଘ ଏକାଦଶୀ ମେଳାର ଏକାଦଶ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକର କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ମୋଟାପା ଦିବସ, ସ୍ଥାନ:ନୟାଗଡ଼ ବ୍ଲକର ସରପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ୪ର୍ଥ ରାଜ୍ୟସ୍ତରୀୟ ନାଟ୍ୟମେଳାର ୪ର୍ଥ ଦିବସରେ ମଞ୍ଚସ୍ଥ ନାଟକ 'ପଶାପାଳି', ସ୍ଥାନ: ପଠାଣୀ ସାମନ୍ତ ଅଡିଟୋରିୟମ, ନୟାଗଡ଼, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ନୂଆ –ଓ ଛାତ୍ରବୃତ୍ତି ବିତରଣ କର୍ମଶାଳା, ସ୍ଥାନ: ଶ୍ରୀ ବାୟାବାବା ମହାବିଦ୍ୟାଳୟ, ମହାକାଳପଡ଼ା, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ପ୍ରଶାସନିକ ଶୁଣାଣି ଶିବିର, ସ୍ଥାନ: ଟାଉନ ହଲ,କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ନୂଆ –ଓ ଛାତ୍ରବୃତ୍ତି ବିତରଣ କର୍ମଶାଳା, ସ୍ଥାନ: ମାର୍ଶାଘାଇ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: କରିଲୋପାଟଣା ପଞ୍ଚାୟତ କାର୍ଯ୍ୟାଳୟ (ମାର୍ଶାଘାଇ ବ୍ଲକ), ସହିରା ପଞ୍ଚାୟତ କାର୍ଯ୍ୟାଳୟ (ଆଳି ବ୍ଲକ), ମୁକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ (ଡେରାବିଶ ବ୍ଲକ), ଭିତରଗଡ ପଞ୍ଚାୟତ କାର୍ଯ୍ୟାଳୟ (ରାଜନଗର ବ୍ଲକ), ଗୋଗୁଆ ପଞ୍ଚାୟତ କାର୍ଯ୍ୟାଳୟ (ମହାକାଳପଡ଼ା ବ୍ଲକ), କଖାରୁଣୀ ପଞ୍ଚାୟତ କାର୍ଯ୍ୟାଳୟ (ପଟ୍ଟାମୁଣ୍ଡାଇ ବ୍ଲକ), ବଙ୍ଗାଳପୁର ପଞ୍ଚାୟତ କାର୍ଯ୍ୟାଳୟ (ଗରଦପୁର ବ୍ଲକ), ସମୟ: ପୂର୍ବାହ୍ନ ୧୦ଟା।
- ପାଇକା ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ପୋତାରି, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।

## ଯାଜପୁର
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ଯାଜପୁର ଟାଉନ୍, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ଅଫିସ ଉଦ୍‌ଘାଟନ, ସ୍ଥାନ: ରସୁଲପୁର ବ୍ଲକ୍ ଅଧୀନ ୧୬ନଂ.ଜାତୀୟ ରାଜପଥର ମୂଳାପାଳ ଛକ, ସମୟ: ପୂର୍ବାହ୍ନ ୧୦ଟା।

# ଶ୍ରୀମନ୍ଦିରରେ ପଶିଲେ ଅଣହିନ୍ଦୁ: ୯ ଅଟକ

**ପୁରୀ, ୩।୩(ଅଜିତ ମହାନ୍ତି)**

ଶ୍ରୀମନ୍ଦିରରେ ଅଣହିନ୍ଦୁ ପ୍ରବେଶ କରିଛନ୍ତି। ରବିବାର ସନ୍ଧ୍ୟାରେ ୪ଜଣ ଅଣହିନ୍ଦୁ ଶ୍ରୀମନ୍ଦିରରେ ପ୍ରବେଶ କରିଥିବାବେଳେ ବାହାରେ ୫ଜଣ ସେମାନଙ୍କୁ ଅପେକ୍ଷା କରିଥିଲେ। ଏହା ଜଣାପଡ଼ିବା ପରେ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଘଟଣା ନେଇ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ସନ୍ଧ୍ୟାରେ ବାଂଲାଦେଶର ୫ଜଣ ଅଣହିନ୍ଦୁ ସନ୍ଦେହଜନକ ଭାବେ ଉତ୍ତରଦ୍ୱାର ନିକଟ ପରିକ୍ରମା ମାର୍ଗରେ ବସିଥିବା ବଜରଙ୍ଗ ଦଳର କେତେଜଣ କର୍ମକର୍ତ୍ତା ଦେଖିଥିଲେ। ସେମାନଙ୍କୁ ପଚରାଉଚରା କରିବା ପରେ ତାଙ୍କର ୪ଜଣ ଲୋକ ମନ୍ଦିରକୁ ଯାଇଥିବା ସେମାନେ କହିଥିଲେ। ସେମାନଙ୍କ ମଧ୍ୟରେ ଜଣେ ହିନ୍ଦୁ ଥିବା ସେମାନଙ୍କଠାରୁ ଜାଣିବାକୁ ମିଳିଥିଲା। ବଜରଙ୍ଗ ଦଳର କର୍ମୀମାନେ ସେମାନଙ୍କୁ ଧରି ସିଂହଦ୍ୱାର ଥାନାରେ ପୋଲସ ଜିମା ଦେଇଛନ୍ତି। ସେମାନେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ମହାପ୍ରସାଦ ଧରି ଫେରିଥିବା କୁହାଯାଉଛି। ବଜରଙ୍ଗ ଦଳର କେତେଜଣ ସଦସ୍ୟ ସମ୍ପୃକ୍ତ ବ୍ୟକ୍ତିମାନେ ଅଣହିନ୍ଦୁ ବୋଲି ଚିହ୍ନଟ କରି ଜଣେ ବ୍ରାହ୍ମଣଙ୍କୁ ଜଣାଇବା ଓ ସେ ସେମାନଙ୍କୁ ତୁଳସୀ ଯାଚିବାରୁ ସେମାନେ ମନା କରିବା ପରେ ଏହି ଘଟଣା ଲୋକଲୋଚନକୁ ଆସିଥିଲା। ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ପୋଲିସ ଧରିଆଣି ସିଂହଦ୍ୱାର ଥାନାରେ ଅଟକ ରଖି ପଚରାଉଚରା କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ସେମାନଙ୍କଠାରୁ ବାଂଲାଦେଶର ପାସ୍‌ପୋର୍ଟ ମିଳିଛି। ଶ୍ରୀମନ୍ଦିର ବାହାରେ ଓ ଭିତରେ କଡ଼ା ସୁରକ୍ଷା ତଥା ଯାଞ୍ଚ ବ୍ୟବସ୍ଥା ଥିବାବେଳେ ସେମାନେ କିପରି ମନ୍ଦିର ପରିସରକୁ ପ୍ରବେଶ କଲେ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଘଟଣା ନେଇ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର କହିଛନ୍ତି, ବଜରଙ୍ଗ ଦଳର କେତେଜଣ କର୍ମକର୍ତ୍ତା ଅଭିଯୋଗ କରିଥିଲେ ଯେ, ଅନ୍ୟ ଧର୍ମର କେତେଜଣ ଲୋକ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିଛନ୍ତି। ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ସେଠାରେ ଥିବା ପୋଲିସ କର୍ମଚାରୀମାନେ ସେମାନଙ୍କୁ ଧରି ଥାନାରେ ଅଟକ ରଖିଛନ୍ତି। ଏ ନେଇ ତଦନ୍ତ ଚାଲିଛି। ସେମାନେ ପୁରୀ ଆସି କେଉଁଠାରେ ରହିଛନ୍ତି ସେନେଇ ସେମାନଙ୍କୁ ପଚରାଉଚାରା ଚାଲିଛି। ଯଦି ଘଟଣା ସତ୍ୟ ହୋଇଥାଏ, ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନ୍ଦିର ସିସିଟିଭି ଓ ସେମାନଙ୍କ ପାସପୋର୍ଟ ଯାଞ୍ଚ କରାଯାଉଛି ବୋଲି ମିଶ୍ର ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ ଶ୍ରୀମନ୍ଦିରରେ କାମିଆ ଜାନିଙ୍କ ପ୍ରବେଶକୁ ନେଇ ରାଜ୍ୟରେ ଚର୍ଚ୍ଚା ଓ ହଟଚମଟ ଦେଖିବାକୁ ମିଳିଥିଲା।

**ସୁରକ୍ଷା ବ୍ୟବସ୍ଥା ନେଇ ଉଠିଲା ପ୍ରଶ୍ନ**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** — ଆଜି ଅଷ୍ଟମରେ ନୀଚସ୍ଥ ଚନ୍ଦ୍ର ଯୋଗୁ ମନ ବନ୍ଧୁ ପରିଜନଙ୍କୁ ଦେଖିବା ପାଇଁ ବ୍ୟାକୁଳ ହୋଇପାରେ। ଛୋଟ କଥାକୁ କେନ୍ଦ୍ରକରି ପାରିବାରିକ ଶାନ୍ତି ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରରେ ସତର୍କ ରୁହନ୍ତୁ, ଅନ୍ୟଥା ସାଧାରଣ ଘଟଣା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେବ। ଶିଳ୍ପ, ବ୍ୟବସାୟରେ ସମସ୍ୟା ସମାଧାନ ସକାଶେ ତତ୍ପର ହେବେ।

**ବୃଷ** — ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ପାଇଁ ବିଳମ୍ବ ଘଟିବ। ବିବାଦୀୟ ଘଟଣାଠାରୁ ଦୂରେଇ ନ ରହିଲେ ନିଜ ଉପରକୁ ଝମେଲା ଆସିପାରେ। କର୍ମକ୍ଷେତ୍ରରେ ସମୟାନ୍ତରରେ ଟେନସନ୍ କମିଯିବ ଏବଂ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶତ୍ରୁତା କରୁଥିବା ବ୍ୟକ୍ତିଟି ପ୍ରତି ସତର୍କ ରହିବା ଭଲ।

**ମିଥୁନ** — କର୍ମାଧିପ ଲାଭଭାବରେ ଥିବାରୁ ଯେଉଁ କାମରେ ହାତ ଦେବେ ସଫଳତା ଅର୍ଜିବେ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଲକ୍ଷ୍ୟ ହାସଲର ଆଶା ରହିଛି। ନିଜ ଲୋକମାନେ ଗୋଟିଏ କଥା କହି ତାହାର ଓଲଟା କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ପ୍ରଗତିର ପଥରୋଧ କରିବ।

**କର୍କଟ** — କୋଣସ୍ଥାନରେ ରାଶ୍ୟାଧିପ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। କିନ୍ତୁ ବଳହୀନ କାରଣରୁ ସାଧାରଣ ପ୍ରତିବନ୍ଧକଜନିତ ଅସୁବିଧା ମଧ୍ୟରେ ଗତି କରିପାରନ୍ତି। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆନୁଷ୍ଠାନିକ କାମ, ଆଧାତ୍ମିକ ଆଲୋଚନା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ** — ରାଶିକୁ ତିନୋଟି ଗ୍ରହ ଅବଲୋକନ କରୁଥିବାରୁ କେତେକ ଅଧୁରା କାମକୁ ସୁଧାରି ନେବାର ଚେଷ୍ଟା କରିବେ। ସାମାଜିକ ସ୍ତରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ହେବେ। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। କର୍ମକ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**କନ୍ୟା** — ଅଷ୍ଟମସ୍ଥ ବୃହସ୍ପତିଙ୍କ ଚନ୍ଦ୍ରସହ ଷଡାଷ୍ଟକ ସ୍ଥିତି କାରଣରୁ ମନ ଅନୁଯାୟୀ କାମ ହାସଲ କରିବାରେ ବିଫଳ ହେବେ। ସାହାଯ୍ୟ କରିବାକୁ କଥା ଦେଇଥିବା ଲୋକଟି ପରକ୍ଷଣରେ ନାସ୍ତିବାଣୀ ଶୁଣାଇପାରେ। ପାରିବାରିକ କ୍ଷେତ୍ର ଏବଂ ବ୍ୟବସାୟ, ବାଣିଜ୍ୟାଦିରେ ତର୍କବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ତୁଳା** — କେନ୍ଦ୍ରସ୍ଥ ଗୁରୁଙ୍କ ଯୋଗୁ କର୍ମକ୍ଷେତ୍ରରେ ବିଭିନ୍ନ କାମ ହାତକୁ ନେଇପାରନ୍ତି। ଆର୍ଥିକ ସ୍ଥିତି, ପାରିବାରିକ କ୍ଷେତ୍ର, ସ୍ୱାସ୍ଥ୍ୟ ସମସ୍ୟା, ସନ୍ତାନଙ୍କ ଶିକ୍ଷା, ପରୀକ୍ଷାଦି ବିଷୟରେ ସଫଳତା ପାଇବେ। ଆନୁଷ୍ଠାନିକ କାମ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ। ଅବିବାହିତ ପୁତ୍ରକନ୍ୟାଙ୍କ ବିବାହ ବିଷୟକୁ କେନ୍ଦ୍ରକରି ସମସ୍ୟା ଲାଗି ରହିବ।

**ବିଛା** — ଚନ୍ଦ୍ରଙ୍କ ଦୁର୍ବଳତା ହେତୁ ଅପୂରଣୀୟ ଅଭିଳାଷ, ଅଭିମାନିଆ ବନ୍ଧୁ, ଅତୀତ ଦୁଶ୍ଚିନ୍ତାଜନିତ ଅସ୍ଥିରତା ସୃଷ୍ଟି ହେବ। ଆଜିର ବ୍ୟବସାୟ, ପରିବହନ, ଯାତ୍ରାର ଲକ୍ଷ୍ୟ, ଅର୍ଥପ୍ରାପ୍ତିର ଆଲୋଚନା ସନ୍ତୋଷଜନକ ନ ହୋଇପାରେ। ସାହିତ୍ୟାନୁଚିନ୍ତା, ସଙ୍ଗୀତ ସମାରୋହ, ସଭାସମିତି, କଚେରି ମାମଲାର ଫଳାଫଳରେ ଆତ୍ମତୃପ୍ତି ଲାଭ କରିବେ।

**ଧନୁ** — ଦୀର୍ଘଦିନଧରି ଲାଗି ରହିଥିବା କ୍ରନିକ୍ ରୋଗରେ କଷ୍ଟ ପାଇବେ। କେତେକ ଅବହେଳା ଯୋଗୁ ଅସମ୍ପୂର୍ଣ୍ଣ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହୋଇପାରନ୍ତି। ବ୍ୟବସାୟିକ ସ୍ଥିତି ଭଲ ରହିବ। ଋଣ ପରିଶୋଧର ଦୁଶ୍ଚିନ୍ତାରୁ ମୁକୁଳି ପାରିବେ ନାହିଁ। ରାହୁଙ୍କ ଯୋଗୁ ସାମୟିକ ପାରିବାରିକ ଅଶାନ୍ତି ଅନୁଭବ କରିବେ।

**ମକର** — ରାଶିରେ ଦ୍ୱିଗ୍ରହଯୋଗ ସାମଗ୍ରିକ ସୁଖସାଧନରେ ସହାୟକ ହେବେ। ରାଜନୈତିକ ପରିସ୍ଥିତି, ଅର୍ଥନୈତିକ ସମସ୍ୟା, ସରକାରୀ ସ୍ତରର ତାଗିଦା, ଟେନ୍ସନଯୁକ୍ତ ରହିବ। ସଭାସମିତି, କଳା ସାହିତ୍ୟ, ଆନୁଷ୍ଠାନିକ କାମରେ ମନୋରଞ୍ଜନ ପ୍ରୀତିପ୍ରଦ ହେବ। ବାଣିଜ୍ୟ, ବ୍ୟବସାୟରେ କ୍ଷତି ନ ହେଲେ ମଧ୍ୟ ବିଶେଷ ଲାଭ ନ ହୋଇପାରେ।

**କୁମ୍ଭ** — ରାଶିରେ ପାପଗ୍ରହ ପ୍ରଭାବରୁ ଦୁଃଖକୁ ମନରେ ମାରି କର୍ମକ୍ଷେତ୍ରରେ ନିଜକୁ ମଜ୍ଜାଇ ରଖିବାକୁ ବାଧ ହେବେ। ଘରର ଗୁରୁତ୍ୱପୂର୍ଣ୍ଣ କାମ ଅବହେଳାରେ ରହିଯାଇଥିବା ହେତୁ ଯୁକ୍ତିତର୍କର ଆଶଙ୍କା ରହିଛି। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁମାନଙ୍କ ସହ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମୀନ** — ରାହୁ ରାଶିରେ ରହିଥିବାରୁ ଖାମଖିଆଲ ମନୋଭାବ ଓ ବିଳାସପୂର୍ଣ୍ଣ ଜୀବନଯାତ୍ରାରେ ଦିନଟି ଅତିବାହିତ ହେବ। ବ୍ୟବହାରରେ କଠୋରତା କାରଣରୁ ବନ୍ଧୁଙ୍କ ସହ କଳହର ସୂଚନା ରହିଛି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବାପୂର୍ବରୁ ସମସ୍ୟା ଆସିପାରେ। ବ୍ୟବସାୟ, କଳା, ସାହିତ୍ୟ, ଯାତ୍ରା, ପରୀକ୍ଷା ପ୍ରଭୃତି ପାଇଁ ଦିନଟି ମନ୍ଦ ହେବନି।

ଆଜି ଫାଲ୍‌ଗୁନ କୃଷ୍ଣ ଅଷ୍ଟମୀଯୁକ୍ତ ନବମୀ ସୋମବାର, ମାର୍ଚ୍ଚ ୪ ତାରିଖ, ରାଷ୍ଟ୍ରୀୟ ନିରାପତ୍ତା ସପ୍ତାହ ଆରମ୍ଭ, ରାଶି ନକ୍ଷତ୍ର–ଜ୍ୟେଷ୍ଠା/ବିଛା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୦୭ମି. ଗତେ ଘ.୦୭.୩୫ମି. ମଧ୍ୟେ, ଘ.୧୦.୪୮ମି. ଗତେ ଘ.୦୧.୦୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭.୩୫ମି. ଗତେ ଘ.୦୯.୦୨ମି. ମଧ୍ୟେ ରାହୁକାଳ।




# ଗ୍ରାହକ ସମ୍ପର୍କକୁ ଗୁରୁତ୍ୱ



**ଖୋର୍ଦ୍ଧା ଜିଲାର ଜଟଣୀ ଅନ୍ତର୍ଗତ ଏକ ପ୍ରତିଷ୍ଠିତ ବ୍ୟବସାୟୀ ପରିବାରରେ ଜନ୍ମିତ ରାମ ଅବତାର ପିଲାଟି ଦିନରୁ ବାପାଙ୍କ ସହ ବ୍ୟବସାୟିକ ବାତାବରଣ ମଧରେ ସମୟ ଅତିବାହିତ କରିଥିବାରୁ ସମୟକ୍ରମେ ସେ ବାଣିଜ୍ୟରେ ଉଚ୍ଚଶିକ୍ଷା ଶେଷକରି ବ୍ୟବସାୟରେ ସାମିଲ ହୋଇଯାଇଥିଲେ। ଏପରିକି ଦୀର୍ଘଦିନର ବ୍ୟବସାୟିକ ଅନୁଭବ ଓ ଗ୍ରାହକ ସମ୍ପର୍କ ସହ ଘରୋଇ ବଜାରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲାବେଳେ ଗୁଣାତ୍ମକ ଉତ୍ପାଦ ଯୋଗାଇବା ଆଶାରେ ଧୂପକାଠି ବ୍ୟବସାୟରୁ ଉତ୍ପାଦନକାରୀ ଭାବେ ବେଶ୍ ସଫଳ ଓ ଲୋକପ୍ରିୟ ହୋଇଥିବା ଶ୍ରୀ ବାଲାଜୀ ଇନ୍‌ସେନ୍ସ ଇଣ୍ଡଷ୍ଟ୍ରି (ମଧୁକୁଞ୍ଜ)ର ଏମ୍‌ଡି ରାମ ଅବତାର ଅଗ୍ରୱାଲଙ୍କ ସହ ଧରିତ୍ରୀର ବିଶେଷ ଆଳପ.....**

ରାମ ଅବତାର ଅଗ୍ରୱାଲ

**ପ୍ର– ଓଡ଼ିଶା ବଜାରରେ ଧୂପକାଠି ଶିଳ୍ପର ଚାହିଦା କିଭଳି ରହିଛି?**

ଉ– ଓଡ଼ିଶା ବଜାରରେ ଧୂପକାଠି ଶିଳ୍ପର ଚାହିଦା ବର୍ତ୍ତମାନ ଭଲ ସ୍ଥିତିରେ ରହିଥିଲାବେଳେ ସ୍ୱତନ୍ତ୍ର ଗ୍ରାହକ ଚାହିଦା ଓ ବଜାର ଆବଶ୍ୟକତା ମଧ୍ୟ ବହୁତ ଅଧିକ ରହିଛି। ଏପରିକି ବ୍ରାଣ୍ଡ୍ ପ୍ରତି ବିଭିନ୍ନ ବର୍ଗର ଗ୍ରାହକଙ୍କ ଭରସା ଓ ବିଶ୍ୱାସ ରହିଛି। ବିଶେଷକରି ବ୍ୟବସାୟରେ ବିଶ୍ୱାସ ଓ ସ୍ୱଚ୍ଛତା ଅବଲମ୍ବନକୁ ମଧୁକୁଞ୍ଜ ବ୍ରାଣ୍ଡ୍ ସର୍ବାଧିକ ଗୁରୁତ୍ୱ ଦେଇଥାଏ। ଗ୍ରାହକ ଚାହିଦା ପୂରଣ ପାଇଁ ଆମେ ବଜାରରେ ଗୁଣାତ୍ମକ ଉତ୍ପାଦ ଉପଲବ୍ଧ କରାଇବାକୁ ପ୍ରୟାସ କରିଆସିଛୁ।

**ପ୍ର– ଉତ୍ପାଦନରେ କେଉଁ ପ୍ରକାର କଞ୍ଚାମାଲର ଆବଶ୍ୟକତା ରହିଥାଏ?**

ଉ– ଧୂପକାଠି ତିଆରି ବହୁ ସହଜ ହୋଇଥିଲେ ମଧ୍ୟ ବ୍ରାଣ୍ଡର ଉପସ୍ଥିତି ଏବଂ ପରିଚୟ ପାଇଁ ଗୁଣାତ୍ମକ ମାନର ଉପାଦାନ ସହ ବିଭିନ୍ନ ପ୍ରକାର ସାମଗ୍ରୀ ଓ ଅତ୍ୟାଧୁନିକ ଯନ୍ତ୍ରପାତିର ଆବଶ୍ୟକତା ରହିଛି। ବିଶେଷକରି ଗୁଣାତ୍ମକ ଧୂପକାଠି ପ୍ରସ୍ତୁତ ପାଇଁ ସ୍ୱତନ୍ତ୍ର ବାଉଁଶ, କୋଇଲା, ଲାଖ(ଜିକେଟ) ଏବଂ ବିଭିନ୍ନ ପ୍ରକାର ତରଳ ପଦାର୍ଥ ଇତ୍ୟାଦି ବ୍ୟବହାର ହୋଇଥାଏ। ସେହିଭଳି କଞ୍ଚାମାଲ ସହ ଅଭିଜ୍ଞ ଓ ଦକ୍ଷ ମାନବ ସମ୍ବଳ ସାଙ୍ଗକୁ ବ୍ରାଣ୍ଡ୍ ପରିଚୟର ଯଥେଷ୍ଟ ଆବଶ୍ୟକତା ରହିଥାଏ। ବଜାରରେ ଗ୍ରାହକ ବ୍ରାଣ୍ଡକୁ ଅଧିକ ପସନ୍ଦ କରିଥାନ୍ତି। କାରଣ ଘରୋଇ (ଲୋକାଲ) ଉତ୍ପାଦରେ ଠିକ୍ ମାନ ଓ ଗୁଣାତ୍ମକ ସାମଗ୍ରୀ ନ ଥାଏ।

**ପ୍ର – ଉତ୍ପାଦନରେ ପ୍ରକ୍ରିୟାକରଣକୁ କିଭଳି ଗୁରୁତ୍ୱ ଦେଇଥାନ୍ତି?**

ଉ – ଆମେ ସର୍ବଦା ଗୁଣାତ୍ମକ ଉତ୍ପାଦ ପ୍ରସ୍ତୁତ ସହିତ ବଜାର ଚାହିଦା ଉପରେ ଗୁରୁତ୍ୱ ଦେଇଥାଉ। ଉତ୍ପାଦନରେ ପ୍ରକ୍ରିୟାକରଣ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇଥିଲାବେଳେ ଉଚ୍ଚମାନର ସାମଗ୍ରୀ ଓ କଞ୍ଚାମାଲର ଗୁଣାତ୍ମକତାକୁ ପ୍ରାଧାନ୍ୟ ସହକାରେ ଆମେ ଆବଶ୍ୟକ ଉପାଦାନ ସମ୍ମିଶ୍ରଣରେ ଭିନ୍ନ ଭିନ୍ନ ଉତ୍ପାଦ ପ୍ରସ୍ତୁତ କରିଥାଉ। ପ୍ରକ୍ରିୟାକରଣରେ ଦକ୍ଷ ମାନବ ସମ୍ବଳ ଓ ଟେକ୍ନୋଲୋଜି ସହିତ କଠିନ ପରିଶ୍ରମର ଆବଶ୍ୟକତା ରହିଛି। ଗୁଣାତ୍ମକ ଉପାଦାନ ସହିତ ଗୁଣବତ୍ତାକୁ ମଧ୍ୟ ଆମେ ଉତ୍ପାଦନ ସମୟରେ ପରୀକ୍ଷା କରିଥାଉ।

**ପ୍ର – ଗ୍ରାହକଙ୍କ ଚାହିଦା ଓ ଅଭିଯୋଗକୁ କିଭଳି ସାମ୍ନା କରିଥାନ୍ତି?**

ଉ – ବଜାରରେ ବ୍ରାଣ୍ଡର ଚାହିଦା ବୃଦ୍ଧି ପାଉଥିବାବେଳେ ବଜାର ଓ ଗ୍ରାହକ ଆବଶ୍ୟକତାକୁ ପୂରଣ ପାଇଁ ଆମେ ସର୍ବଦା ଗୁରୁତ୍ୱ ଦେଇଥାଉ। ଗ୍ରାହକ ଈଶ୍ୱର ହୋଇଥିଲାବେଳେ ଆମେ ବିଶ୍ୱାସ ଓ ଭରସାର ବ୍ୟବସାୟ କରିବା ସହ ଗ୍ରାହକ ସେବାକୁ ଗୁରୁତ୍ୱ ଦେଇଥାଉ। ସେହିପରି ଗ୍ରାହକଙ୍କ ସମସ୍ୟା ଓ ଅଭିଯୋଗର ସମାଧାନ ପାଇଁ ସ୍ୱତନ୍ତ୍ର ହେଲ୍‌ପଲାଇନ ଏବଂ ବିଭିନ୍ନ ପ୍ଲାଟ୍‌ଫର୍ମର ସୁବିଧା ମଧ୍ୟ କରୁଛି। ଗ୍ରାହକଙ୍କ ପରାମର୍ଶ ଓ ଅଭିଯୋଗ ସମାଧାନ ପାଇଁ ଅଭିଜ୍ଞ ଟିମ୍‌କୁ ବଜାରରେ ନିୟୋଜିତ କରାଉଛୁ।

**ପ୍ର – ବ୍ୟବସାୟ ସମ୍ପ୍ରସାରଣର ଯୋଜନା କିଛି ରହିଛି କି?**

ଉ– କାରବାର ବୃଦ୍ଧି ଓ ବଜାର ଆବଶ୍ୟକତାକୁ ପୂରଣ ପାଇଁ ସମ୍ପ୍ରସାରଣର ବଡ ଭୂମିକା ରହିଥାଏ। ଆମେ ବର୍ତ୍ତମାନ ସାରା ଓଡ଼ିଶା ସମେତ ପୂର୍ବ ଭାରତର ପ୍ରମୁଖ ବଜାର ପଶ୍ଚିମବଙ୍ଗ, ଆସାମ, ବିହାର, ଝାଡ଼ଖଣ୍ଡ ଓ ଛତିଶଗଡ଼ ଭଳି ରାଜ୍ୟରେ କାରବାର କରୁଥିବାବେଳେ ଆଗାମୀ ଦିନରେ ଓଡ଼ିଶାର ପଡ଼ୋଶୀ ରାଜ୍ୟ ଯଥା ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ସମେତ ଅନ୍ୟ ରାଜ୍ୟକୁ ମଧ୍ୟ ଯିବାର ଯୋଜନା ରହିଛି।




**ପ୍ର – ନୂତନ ପିଢ଼ିଙ୍କ ପାଇଁ ଆପଣଙ୍କର ବାର୍ତ୍ତା କ'ଣ ରହିବ?**

ଉ – ବର୍ତ୍ତମାନ ସମୟରେ ବ୍ୟବସାୟ ଏକ ଭଲ ବାଟ ହୋଇଥିଲେ ମଧ୍ୟ ଏଥିରେ ତିଷ୍ଠି ରହିବା ପାଇଁ ସାହସ, ଶକ୍ତି ଓ ସହନଶୀଳତା ସହ ସଚ୍ଚୋଟତା ଅବଲମ୍ବନକୁ ଗୁରୁତ୍ୱ ଦେବା ଆବଶ୍ୟକ ରହିଛି। ବ୍ୟବସାୟ ପାଇଁ ସବୁ ସ୍ତରରେ ସୁବିଧା ଓ ସହଯୋଗ ଥିଲେ ମଧ୍ୟ କଠିନ ପରିଶ୍ରମ ଓ ଗୁଣାତ୍ମକ ସାମଗ୍ରୀ ଓ ଲୋକ ସମ୍ପର୍କକୁ ସର୍ବାଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

**ପ୍ର – ବଜାରରେ ବ୍ରାଣ୍ଡର ସ୍ୱତନ୍ତ୍ରତା କ'ଣ ରହିଛି?**

ଉ – ବଜାରରେ ବ୍ରାଣ୍ଡ୍‌ର ବିଶେଷ ସ୍ୱତନ୍ତ୍ରତା ରହିଛି। କାରଣ ଆମେ ଆମର ଗ୍ରାହକଙ୍କୁ ଗୁଣାତ୍ମକ ଉତ୍ପାଦ ଯୋଗାଇବା ସହ ସମୟାନୁବର୍ତ୍ତିତା ଏବଂ ଗ୍ରାହକ ସେବା ଗୁରୁତ୍ୱ ଦେଇଥାଉ। ଏପରିକି ଉନ୍ନତମାନର ଉପାଦନ ସହ ବୈଜ୍ଞାନିକ ପଦ୍ଧତି ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳରେ ସାମଗ୍ରୀ ପ୍ରସ୍ତୁତିକରି ବଜାରକୁ ଛାଡ଼ିଥାଉ। ବିଶେଷକରି ମଧୁକୁଞ୍ଜ ବ୍ରାଣ୍ଡ୍‌ର ଚାହିଦା ଓ ବଜାର ଆବଶ୍ୟକତା ଅନ୍ୟ ବ୍ରାଣ୍ଡ୍‌ଠାରୁ ସ୍ୱତନ୍ତ୍ର ରହିଥାଏ।

# ୩ ଜିଲାର ବିଦ୍ୟାର୍ଥୀଙ୍କୁ ଛାତ୍ରବୃତ୍ତି ମଞ୍ଜୁରୀପତ୍ର ବାଣ୍ଟିଲେ ପାଣ୍ଡିଆନ



ଭୁବନେଶ୍ୱର,୩।୩(ଅନିଲ ଦାସ)

- **କଳାହାଣ୍ଡି, ବଲାଙ୍ଗୀର, ବରଗଡ଼ ଜିଲାର ୮୦ କଲେଜର ୩୭ ହଜାର ଛାତ୍ରୀଛାତ୍ର ପାଇବେ ଛାତ୍ରବୃତ୍ତି**
- **ମାର୍ଚ୍ଚ ୫ରୁ ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ପଞ୍ଜୀକରଣ ଆରମ୍ଭ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ରବିବାର କଳାହାଣ୍ଡି, ବଲାଙ୍ଗୀର ଏବଂ ବରଗଡ଼ ଜିଲା ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ କଳାହାଣ୍ଡି ଜିଲାର ଧର୍ମଗଡ଼, ବଲାଙ୍ଗୀର ଜିଲାର ଟିଟିଲାଗଡ଼ ଏବଂ ବରଗଡ଼ ଜିଲାରେ ଆୟୋଜିତ ନୂଆ-ଓ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମରେ ଯୋଗଦେବା ସହ ଛାତ୍ରୀଛାତ୍ରମାନଙ୍କ ସହିତ ଭାବବିନିମୟ କରିଛନ୍ତି। ପାଣ୍ଡିଆନ କହିଛନ୍ତି, କଳାହାଣ୍ଡି, ବଲାଙ୍ଗୀର ଏବଂ ବରଗଡ଼ ଜିଲାର ୮୦ କଲେଜର ୩୭,୧୬୦ ଛାତ୍ରୀଛାତ୍ରଙ୍କୁ ନୂଆ-ଓ ଛାତ୍ରବୃତ୍ତି ପ୍ରଦାନ କରାଯିବ। ଏଥିପାଇଁ ରାଜ୍ୟ ସରକାର ୩୬.୮୧ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏହି ଅବସରରେ ସେ ପିଲାମାନଙ୍କୁ ନୂଆ-ଓ ଛାତ୍ରବୃତ୍ତି ମଞ୍ଜୁରୀପତ୍ର ବଣ୍ଟନ କରିଛନ୍ତି।

ପାଣ୍ଡିଆନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ଛାତ୍ରୀଛାତ୍ରଙ୍କୁ ଶୁଣାଇ କହିଛନ୍ତି ଯେ ଯୁବତୀଯୁବକମାନେ ବଡ଼ ବଡ଼ ସ୍ୱପ୍ନ ଦେଖନ୍ତୁ ଏବଂ ନିଜ ଦକ୍ଷତାର ପ୍ରମାଣ ଦେବା ପାଇଁ କଠିନ ପରିଶ୍ରମ କରନ୍ତୁ। ଯୁବତୀଯୁବକମାନଙ୍କର ଲକ୍ଷ୍ୟ ପୂରଣ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ। ପାଣ୍ଡିଆନ କହିଛନ୍ତି ଯେ ସମସ୍ତ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ 'ନବୀନ ଓଡ଼ିଶା ମ୍ୟାଜିକ କାର୍ଡ' ଦେବାକୁ ଯାଉଛନ୍ତି। ଛାତ୍ରୀଛାତ୍ରମାନଙ୍କର ବ୍ୟକ୍ତିତ୍ୱ, ଦକ୍ଷତା ବୃଦ୍ଧି ଏବଂ ଶିକ୍ଷାଗତ ବିକାଶ ପାଇଁ ଏହି ପଏଣ୍ଟ ଆଧାରିତ ସ୍ମାର୍ଟକାର୍ଡ ପ୍ରଦାନ କରାଯିବ। ଏହି କାର୍ଡ ମାତାପିତାଙ୍କର ଆର୍ଥିକ ଚାପ ହ୍ରାସ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ସହାୟକ ହେବ। ଏଥିପାଇଁ ମାର୍ଚ୍ଚ ୫ରୁ ମ୍ୟାଜିକ କାର୍ଡ ଲାଗି ପଞ୍ଜୀକରଣ ଆରମ୍ଭ ହେବ। ଏହି କାର୍ଡ ପାଇବାକୁ ସମସ୍ତ ୟୁଜି ଓ ପିଜି ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହେବେ। ଏଥିରେ କୌଣସି ଆୟ ପ୍ରତିବନ୍ଧକ ରହିବ ନାହିଁ। ସବୁ ବର୍ଗର ପିଲା ଏହି କାର୍ଡ ପାଇପାରିବେ। ଆସନ୍ତା ଅଗଷ୍ଟ ୧୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ପ୍ରଦାନ କରିବେ ବୋଲି ପାଣ୍ଡିଆନ କହିଛନ୍ତି।

# କେନ୍ଦ୍ରାପଡ଼ାରେ ୫ରୁ ଗଡ଼ିବ ପାସେଞ୍ଜର ଟ୍ରେନ୍

**ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ**
**୩୨୨୩ କୋଟିର ରେଳ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ**

ଭୁବନେଶ୍ୱର,୩।୩(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୫ ତାରିଖରେ ଓଡ଼ିଶା ଗସ୍ତରେ ଆସି ଯାଜପୁର ଜିଲା ଚଣ୍ଡିଖୋଲଠାରେ ୧୯,୬୦୦ କୋଟିରୁ ଅଧିକ ମୂଲ୍ୟର ଏକାଧିକ ବିକାଶମୂଳକ ପ୍ରକଳ୍ପକୁ ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ଏଥିରେ ଓଡ଼ିଶାର ୩୨୨୩ କୋଟିରୁ ଅଧିକ ମୂଲ୍ୟର ରେଳ ଭିତ୍ତିଭୂମି ପ୍ରକଳ୍ପ ରହିଛି। ତେବେ ପ୍ରଥମଥର ପାଇଁ କେନ୍ଦ୍ରାପଡ଼ା ଜିଲାରେ ଯାତ୍ରୀବାହୀ ଟ୍ରେନ ଚଳାଚଳ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ହରିଦାସପୁର-ପାରାଦୀପ ରେଳ ମାର୍ଗରେ ପ୍ରଥମ ଯାତ୍ରୀବାହୀ ଟ୍ରେନର ଶୁଭାରମ୍ଭ କରିବେ। ସେହିପରି କେନ୍ଦୁଝରଗଡ଼ ମାର୍ଗ ଦେଇ ପୁରୀ ଏବଂ ଆନନ୍ଦ ବିହାର (ନୂଆଦିଲ୍ଲୀ) ମଧ୍ୟରେ ନୂତନ ଟ୍ରେନ କେନ୍ଦୁଝରଗଡ଼ ରେଳଷ୍ଟେଶନରୁ ଶୁଭାରମ୍ଭ କରିବେ। ଏହାବ୍ୟତୀତ ଯାଜପୁରଠାରୁ ଉତ୍ତରପ୍ରଦେଶର ଦାଦ୍ରି ପର୍ଯ୍ୟନ୍ତ କଣ୍ଟେନର ଟ୍ରେନ ସେବା ପ୍ରଚଳନକୁ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବେ। ଏହାସହ ପ୍ରଧାନମନ୍ତ୍ରୀ ୧୬୨ କି.ମି. ବାଂଶପାଣି - ଦୈତାରୀ - ଟମକା - ଯଖପୁରା ରେଳଲାଇନ ଦୋହରୀକରଣକୁ ଦେଶ ପାଇଁ ଉତ୍ସର୍ଗ କରିବେ। ଏହା କେନ୍ଦୁଝର ଜିଲାରୁ ନିକଟ ବନ୍ଦର ଏବଂ ଇସ୍ପାତ କାରଖାନାକୁ ଲୌହ ଓ ମାଙ୍ଗାନିଜ ପଦାର୍ଥ ପରିବହନକୁ ସୁଗମ କରିବ।




# ରାଜଧାନୀରେ କେନ୍ଦ୍ରୀୟ ଫୋର୍ସର ଫ୍ଲାଗ୍‌ମାର୍ଚ୍ଚ

**ନିର୍ବାଚନ ପୂର୍ବରୁ ସୁରକ୍ଷା ପ୍ରସ୍ତୁତି**

ଭୁବନେଶ୍ୱର,୩।୩
(ସୂର୍ଯ୍ୟକାନ୍ତ ବେହେରା)



କଡ଼ା ସୁରକ୍ଷା ଭିତରେ ଆଗାମୀ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନକୁ ଶୃଙ୍ଖଳିତ ତଥା ଅବାଧ କରିବାକୁ ପ୍ରସ୍ତୁତି ଜୋର୍‌ଦାର ଚାଲିଥିବାବେଳେ ଓଡ଼ିଶାର ବିଭିନ୍ନ ସ୍ଥାନରେ ପହଞ୍ଚି ସାରିଲେଣି କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ଫୋର୍ସ (ସିଆର୍‌ପିଏଫ୍)। ପୂର୍ବରୁ ରାଜ୍ୟର କଟକ, ପୁରୀ, ରାଉରକେଲା, କେନ୍ଦ୍ରାପଡା, ଯାଜପୁର ଭଳି ୮ ଜିଲାରେ ୮ କମ୍ପାନୀ ଫୋର୍ସ ମୁତୟନ ହୋଇସାରିଥିବା ବେଳେ ଭୁବନେଶ୍ୱରରେ ଆଉ ଏକ କମ୍ପାନୀ ଫୋର୍ସ ଆସି ପହଞ୍ଚିଛନ୍ତି। ଏହାସହ ରବିବାର ରାଜଧାନୀ ଭୁବନେଶ୍ୱରରେ ଉକ୍ତ କେନ୍ଦ୍ରୀୟ ଫୋର୍ସ ପକ୍ଷରୁ ରାଜମହଲ ଛକରୁ ଶିଶୁଭବନ ଏବଂ ସହରର କେତେକ ବସ୍ତିରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଏଥିରେ ୬୧ଜଣ ମହିଳା ଓ ପୁରୁଷ ଯବାନ ସାମିଲ ହୋଇଥିବାବେଳେ ଖାରବେଳନଗର, କ୍ୟାପିଟାଲ ଓ ଏୟାରପୋର୍ଟ ଥାନା ପୋଲିସ ମଧ୍ୟ ଉପସ୍ଥିତ ରହି ସହଯୋଗ କରିଥିଲା। ଅପରାଧୀ ଓ ଆପରାଧିକ କାର୍ଯ୍ୟକଳାପ ରୋକିବାକୁ ଦେବାକୁ ଏହି କେନ୍ଦ୍ରୀୟ ଫୋର୍ସ ଫ୍ଲାଗ୍‌ମାର୍ଚ୍ଚ କରିଥିବା ସୂଚନା ଦିଆଯାଇଛି।

ସୂଚନା ଅନୁସାରେ, ଲୋକସଭା ନିର୍ବାଚନ ପୂର୍ବରୁ ଦେଶର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ମୁତୟନ ହେବେ ୩ ଲକ୍ଷ ୪୦ ହଜାର ସିଆର୍‌ପିଏଫ୍ ଯବାନ। ସମ୍ବେଦନଶୀଳ ଓ ଅତିସମ୍ବେଦନଶୀଳ ସ୍ଥାନରେ ୨ ହଜାର କମ୍ପାନୀ ବା ୨ ଲକ୍ଷ ଯବାନ ମୁତୟନ ହେବେ। ପ୍ରଥମ ମାଓବାଦୀ ହିଂସା ପ୍ରଭାବିତ ରାଜ୍ୟ ସମେତ ପଶ୍ଚିମବଙ୍ଗ ଓ ଜମ୍ମୁ-କଶ୍ମୀରରେ ପ୍ରଥମ ପର୍ଯ୍ୟାୟରେ ଫୋର୍ସ ମୁତୟନ ହେବେ। ଅବାଧ ଓ ମୁକ୍ତ ନିର୍ବାଚନ ପାଇଁ ଅଧିକ ଫୋର୍ସ ମୁତୟନ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ନିର୍ବାଚନ କମିଶନଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା।

ସବୁ ଜୀବ (ପ୍ରାଣୀ ଓ ମନୁଷ୍ୟ) ପ୍ରତି କରୁଣା ରହିବା ଭଲ କଥା। କିନ୍ତୁ ତୁମେ ଯଦି ତୁମ କରୁଣାର ଦାସ ହୋଇପଡ଼– ତେବେ ତାହା ଆଦୌ ଭଲ କଥା ନୁହେଁ। କାହାର ବା କିଛିର ଦାସ ହେବ ନାହିଁ – ଏକମାତ୍ର ଭଗବାନଙ୍କ ବ୍ୟତୀତ। ଏପରି କି ତାଙ୍କର ସର୍ବାପେକ୍ଷା ଜ୍ୟୋତିର୍ମୟ ପ୍ରତିନିଧିଙ୍କର ବି ଦାସ ହେବ ନାହିଁ। **–ଶ୍ରୀଅରବିନ୍ଦ**



# ପାପ ସମସ୍ତଙ୍କର

ଗତ କିଛିଦିନ ହେବ କ୍ରସ୍‌ଭୋଟିଂ (କୌଣସି କାରଣରୁ ପ୍ରଭାବିତ ହୋଇ ଅନ୍ୟ ଦଳକୁ ଭୋଟ ଦେବା), ଡିଫେକ୍ସନ (ନିର୍ବାଚିତ ହୋଇଥିବା ଦଳକୁ ଛାଡ଼ି ଅନ୍ୟତ୍ର ଯିବା) ଓ ହର୍ସ ଟ୍ରେଡ଼ିଂ (ଘୋଡ଼ା ବେପାର) ଭଳି ଶବ୍ଦ ବହୁଳ ଭାବେ ବ୍ୟବହାର କରାଯାଉଛି। ଏହି ଅନୈତିକ କାର୍ଯ୍ୟ ଏକ ବିଚିତ୍ର ମାନସିକତା ପ୍ରଦର୍ଶନ କରିଥାଏ। ରାଜନୀତିରେ ଜନସେବା ଏବଂ ଦେଶର ଚିନ୍ତା କରିବା ପରିବର୍ତ୍ତେ ଯେତେବେଳେ ଅନ୍ୟ ଆକର୍ଷଣ ଜୋର୍ ଧରେ ସେତେବେଳେ ସମ୍ପୃକ୍ତ ନିର୍ବାଚିତ ପ୍ରତିନିଧି ନିଜର ବିଶ୍ୱାସକୁ ଜଳାଞ୍ଜଳି ଦେଇ କେବଳ ସ୍ୱାର୍ଥ ଓ ସୁବିଧାକୁ ଦେଖିଥାଏ। ଏଭଳି ଚରିତ୍ର ଏବେ ଅଧିକ ବ୍ୟାପକ ହେଉଥିବାର ପ୍ରମାଣ ସବୁଆଡ଼େ ମିଳୁଛି।

ନିକଟରେ ରାଜ୍ୟ ସଭା ପାଇଁ ଦେଶର ବିଭିନ୍ନ ରାଜ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ତେବେ ହିମାଚଳ ପ୍ରଦେଶରେ କ୍ରସଭୋଟିଂ ହେବାରୁ କଂଗ୍ରେସ ପାଖରେ ଆବଶ୍ୟକ ସଦସ୍ୟ ଥିଲେ ମଧ୍ୟ ତା'ର ପ୍ରାର୍ଥୀ ଅଭିଷେକ ମନୁ ସିଙ୍ଘଭି ହାରିଯାଇଥିଲେ। ଅନ୍ୟପକ୍ଷରେ ଭାଜପା ପ୍ରାର୍ଥୀ ହର୍ଷ ମହାଜନ ବିଜୟୀ ହୋଇଥିଲେ। ଉଲ୍ଲେଖ କରାଯାଇପାରେ ଯେ, ୬୮ ସଦସ୍ୟ ବିଶିଷ୍ଟ ହିମାଚଳ ପ୍ରଦେଶ ବିଧାନସଭାରେ କଂଗ୍ରେସର ୪୦ ଓ ୩ ସ୍ୱାଧୀନ ବିଧାୟକଙ୍କୁ ନେଇ ସରକାର ଥିବା ବେଳେ ଭାଜପା ପାଖରେ ଥିଲା ମାତ୍ର ୨୫ ସଦସ୍ୟ। କଂଗ୍ରେସର ୬ ଓ ୩ ସ୍ୱାଧୀନ ବିଧାୟକଙ୍କୁ ନେଇ ଭାଜପା ରାଜ୍ୟ ସଭା ନିର୍ବାଚନକୁ ଗୋଳମାଳିଆ କରିଦେଲା।

ଉପରଲିଖିତ ଘଟଣା ଭାରତୀୟ ରାଜନୀତିରେ ନୂଆ ନୁହେଁ। ହେଲେ ଏହି ଧାରା ଜାରି ରହିବା ଗଣତନ୍ତ୍ର ପାଇଁ ଅସ୍ୱାସ୍ଥ୍ୟକର। ରାଜନୈତିକ ସମୀକ୍ଷକମାନେ କହୁଛନ୍ତି ଯେ, କେନ୍ଦ୍ରରେ ଶାସନ କରୁଥିବା ଭାଜପା ବିରୋଧୀଶୂନ୍ୟ ଶାସନ କରିବାକୁ ଚେଷ୍ଟା କରୁଛି। ଘୋଡ଼ା ବେପାର ଯେଉଁଠି ସମ୍ଭବ ହେଉ ନାହିଁ ବା ବିରୋଧୀଙ୍କ ସଂଖ୍ୟା ଭାଙ୍ଗିବା ଲାଗି ସଫଳ ନ ହେଲେ, ସେମାନଙ୍କୁ ଦମନ କରିବା ଲାଗି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ପଛରେ ଲଗାଇ ଦିଆଯାଉଛି। ଫଳରେ ସେମାନେ ଭୟଭୀତ ହୋଇଯାଉଛନ୍ତି। ଆଜିର ପରିସ୍ଥିତିରେ ଅଧିକାଂଶ ରାଜନୈତିକ ବ୍ୟକ୍ତିଙ୍କର ଭିନ୍ନ ରୋଜଗାର ପନ୍ଥା ରଖିବା ଆବଶ୍ୟକ ହୋଇପଡୁଛି। ରାଜନୀତି ବ୍ୟତୀତ ଅନ୍ୟ ବାଟରେ ରୋଜଗାର କରିପାରିଲେ ଏହି ବ୍ୟକ୍ତିମାନେ ବଞ୍ଚିପାରିବେ। ଯେତେ ପ୍ରଚାର କରାଗଲେ ମଧ୍ୟ ବିଧାୟକ ଏବଂ ସାଂସଦମାନଙ୍କୁ ମିଳୁଥିବା ଦରମା ତୁଳନାରେ ସେମାନଙ୍କର ନିର୍ବାଚନମଣ୍ଡଳୀ ପାଇଁ ଖର୍ଚ୍ଚ ଦଶ ଗୁଣା ହୋଇଥାଏ। ଯେଉଁ ନିର୍ବାଚିତ ପ୍ରତିନିଧି ସହିତ ବ୍ୟବସାୟିକ ବନ୍ଧୁ ବା ପରିବାର ରହି ନ ଥିବେ ସେଭଳି ବ୍ୟକ୍ତି ତିଷ୍ଠିବା ଅତ୍ୟନ୍ତ କଷ୍ଟକର ହୋଇପଡ଼େ। ଦେଖିବାକୁ ଗଲେ ଭାରତର ସବୁ କ୍ଷମତାସୀନ ରାଜନୈତିକ ଦଳ ମଧ୍ୟ ଦୁର୍ନୀତି କରିବା ପାଇଁ ବାଧ୍ୟ ହୋଇ ନିଜର ବ୍ୟବସାୟିକ ଗୋଷ୍ଠୀକୁ ଅହେତୁକ ଅନୁଗ୍ରହ ଦେଖାଇଥାନ୍ତି। ଏହା ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଦେଖିବାକୁ ମିଳୁଛି। ଆଜି ଯେଉଁମାନେ କ୍ଷମତାରେ ଅଛନ୍ତି, ସେମାନେ ମଧ୍ୟ ପୂର୍ବରୁ ସିବିଆଇକୁ 'କଂଗ୍ରେସ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ' ଆଖ୍ୟା ଦେଇଥିଲେ। ଏବେ ପାଲଟା ପରିସ୍ଥିତିରେ ସେହି ଲୋକମାନେ ସିବିଆଇ, ଇଡି ଏବଂ ଇନ୍‌କମ୍ ଟ୍ୟାକ୍ସ ଭଳି ତଦନ୍ତକାରୀ ଓ ଦୁର୍ନୀତି ନିରୋଧୀ ସଂସ୍ଥାକୁ ନିଜର ରାଜନୈତିକ ଫାଇଦା ପାଇଁ ଖୋଲାଖୋଲି ଓ ଅତ୍ୟଧିକ ମାତ୍ରାରେ ବ୍ୟବହାର କରୁଛନ୍ତି। ସମ୍ଭବତଃ ଏହି ଲୋକମାନେ ଯେତେବେଳେ କ୍ଷମତାରୁ ଯିବେ ତାଙ୍କର ଓ ତାଙ୍କ ସହଯୋଗୀ ବ୍ୟବସାୟୀଙ୍କ ବିରୋଧରେ ପରବର୍ତ୍ତୀ ସରକାର ଏହି ସଂସ୍ଥାଗୁଡ଼ିକୁ ଲଗାଇବାକୁ ପଛଘୁଞ୍ଚା ଦେବେନାହିଁ। ଏହା ସତ୍ୟ ଯେ ରାଜନୀତି କରୁଥିବା ସବୁ ଦଳକୁ ନିର୍ବାଚନ ବେଳେ କଳାଧନ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ପୂର୍ବରୁ ତାହା କଂଗ୍ରେସ କରୁଥିଲା। ଏବେ ଭାଜପା ମଧ୍ୟ ସେଇଆ କରୁଛି। ଅର୍ଥାତ୍ ଯିଏ ଆସିଲା ସିଏ ସେହି ଗାତରେ ମୁଣ୍ଡପୋତି ପଡ଼ିଲା। କେତୋଟି ଦଳରେ ଅନେକ ରାଜନେତା ନିଜ ନିଜର ରୋଜଗାର କରିଥାନ୍ତି। ଆଉ କେତୋଟି ଦଳରେ କେବଳ ମୁଖ୍ୟ ଲୋକ ସବୁ ଅର୍ଥ ଠୁଳ କରି ଅନ୍ୟମାନଙ୍କୁ ସମୟ ଆସିଲେ ଖଟେଇ ଥାଆନ୍ତି। ତେବେ ପାପ ସମସ୍ତଙ୍କର ଏକପ୍ରକାର। ଏମାନଙ୍କ ମଧ୍ୟରୁ କେହି ଭଲ ଖରାପ ବାଛିପାରିବେ ନାହିଁ। ସାଧାରଣ ଲୋକ ନିଶାରେ କିଛିଦିନ କାହା ପଛରେ ଧାଇଁଥାନ୍ତି। ନିଶା ଛାଡ଼ିଗଲେ ମୋହ ଛାଡ଼ିଯାଏ। ପୁନର୍ବାର ନିଶା ହେଲେ ଆଉ କାହା ପଛରେ ଦୌଡ଼ି ଥାଆନ୍ତି। ଦୌଡ଼ିବା ହେଉଛି ଜନସାଧାରଣଙ୍କ ଭାଗ୍ୟ।

ଏବେ ହିମାଚଳ ପ୍ରଦେଶରେ କଂଗ୍ରେସ ବିଧାୟକଙ୍କୁ ଡରାଇ, ଧମକାଇ କିମ୍ବା ଅର୍ଥ ଲାଳସା ଦେଖାଇ ଏପଟ ସେପଟ କରିଦିଆଯାଇ ପାରିଛି। ଏହା କାହାର ଦୋଷ ବୋଲି କହିବା କଷ୍ଟକର। କାରଣ ନିଜ ସୁବିଧା ପାଇଁ କିଛି ଲୋକ ଦେଉଥିବା ବେଳେ ସେହିଭଳି ଅନ୍ୟ କିଛି ଲୋକ ନେଉଛନ୍ତି। ଯଦି ଘୁଷ୍ ଦେବାକୁ କେହି ନ ଥିବେ ପୃଥିବୀରେ କେହି ଘୁଷ୍ ନେଇପାରିବେ ନାହିଁ। ଆଜିର ଭାରତୀୟ ରାଜନୈତିକ ନେତାଙ୍କ ଚରିତ୍ର ସ୍ପଷ୍ଟ ଭାବେ ସାଧାରଣ ଲୋକଙ୍କ ଚରିତ୍ରକୁ ଦର୍ଶାଉଛି। ଆମ ଭିତରେ ଥିବା ଲୋଭ ଏବଂ ଭୟ ଉଭୟ ଆମ ନେତାମାନଙ୍କ ମନରେ ରହିଛି। ରାଜନେତାମାନେ ସ୍ୱର୍ଗରୁ ଖସିନାହାନ୍ତି କିମ୍ବା ସେମାନଙ୍କୁ ଭଗବାନଙ୍କ ଆଖ୍ୟା ଦେବା ଅନୁଚିତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | | | 4 | |
| | 5 | 6 | 8 | | | | | |
| | | | 3 | 9 | | | | |
| | 7 | 8 | | | | | | 3 |
| | | 1 | | | | | | 5 |
| | | | | 1 | | | 6 | 7 |
| | 9 | | | 4 | | | 8 | |
| 4 | | | | 6 | 1 | | | |
| 1 | | | 7 | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 9 | 3 | 8 | 6 | 4 | 1 | 5 |
| 5 | 1 | 4 | 9 | 2 | 7 | 8 | 6 | 3 |
| 6 | 3 | 8 | 5 | 4 | 1 | 9 | 2 | 7 |
| 2 | 5 | 7 | 6 | 3 | 4 | 1 | 9 | 8 |
| 1 | 4 | 3 | 8 | 7 | 9 | 2 | 5 | 6 |
| 9 | 8 | 6 | 1 | 5 | 2 | 7 | 3 | 4 |
| 4 | 9 | 1 | 7 | 6 | 3 | 5 | 8 | 2 |
| 8 | 6 | 2 | 4 | 1 | 5 | 3 | 7 | 9 |
| 3 | 7 | 5 | 2 | 9 | 8 | 6 | 4 | 1 |

ଗତକାଲିର ଉତ୍ତର

# ମୂଲ୍ୟବୋଧର ସଂଜ୍ଞା ଓ ସ୍ୱରୂପ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଏବେ ବୁଦ୍ଧିଜୀବୀମାନେ କହୁଛନ୍ତି ମୂଲ୍ୟବୋଧରେ ସଙ୍କଟ ଦେଖାଦେଲାଣି। ଅତୀତରୁ ଚାଲିଆସିଥିବା ପୁରାତନ ମୂଲ୍ୟଗୁଡ଼ିକୁ ଛାଡ଼ିପାରିବାର ଅସାମର୍ଥ୍ୟରୁ ଏହି ସଙ୍କଟ ସୃଷ୍ଟିହୁଏ। ଆମେ 'ନୂତନ' ପ୍ରତି ଆକର୍ଷିତ ହେଉ ମାତ୍ର 'ପୁରାତନ'ରୁ ମୁକ୍ତ ହୋଇପାରୁନାହୁଁ। ଏଇଠି ଆମର ସଙ୍କଟ। ସଙ୍କଟ ମୂଲ୍ୟଗୁଡ଼ିକରେ ନାହିଁ, ମୂଲ୍ୟଗୁଡ଼ିକୁ ସ୍ୱୀକାର କରିନେବା ପାଇଁ ଆମର ସଙ୍କୋଚ ଓ ଅନିଚ୍ଛୁକତା ମଧ୍ୟରେ ଅଛି। ଆମେ ଯଦି 'ନୂତନ'କୁ ଗ୍ରହଣ କରିପାରିବା ତେବେ ସେହି ସଙ୍କଟରୁ ମୁକ୍ତି ପାଇବା। ମାତ୍ର ମୂଲ୍ୟବୋଧ ସୁସ୍ଥ ଓ ଯଥାର୍ଥ କି ନୁହେଁ ତା' ଉପରେ ନିର୍ଭରକରେ ମୂଲ୍ୟବୋଧର ଗ୍ରହଣଶୀଳତା। ଏହି ଯଥାର୍ଥ ଜାଣିବା ପାଇଁ ମୂଲ୍ୟବୋଧର ସଂଜ୍ଞା ଓ ସ୍ୱରୂପ ଜାଣିବା ଆବଶ୍ୟକ।

ଶୃଙ୍ଖଳିତ ଭାବେ ଚଳିବା ପାଇଁ ସମାଜ କେତୋଟି ନିୟମ ତିଆରି କରେ। ସମସ୍ତେ ସେହି ନିୟମ ଅନୁସାରେ ଚଳନ୍ତୁ ବୋଲି ଆଶା କରାଯାଏ। ସେହି ନିୟମଗୁଡ଼ିକ ଠିକ୍ ବୋଲି ଗ୍ରହଣକରି ସମସ୍ତେ ସେଗୁଡ଼ିକୁ ମାନନ୍ତି। ସେଗୁଡ଼ିକୁ ମୂଲ୍ୟବୋଧ କୁହାଯାଏନାହିଁ; କୁହାଯାଏ ସାମାଜିକ ଅଭ୍ୟାସ ବା ସଂସ୍କାର। ବିଶିଷ୍ଟ ଚିନ୍ତକ ଓ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କ ଭାଷାରେ, 'ମୂଲ୍ୟବୋଧ ମନକୁ ଆସେ ନାହିଁ। ଜୀବନରେ କୌଣସି ଏକ ମୂଲ୍ୟକୁ ଖୋଜିଲେ ଏବଂ ସେହି ଅନୁସାରେ ଆପଣଙ୍କୁ ବଦଳାଇବାକୁ ସତକୁ ସତ ସମ୍ମତ ହେଲେ ଯାଇ ସେହି ମୂଲ୍ୟଟିକୁ ଆବିଷ୍କାର କରିବା ସମ୍ଭବ ହୁଏ। ମୂଲ୍ୟର ଏହି ଆବିଷ୍କାର–ତାହା ହିଁ ମୂଲ୍ୟବୋଧ।'

ମୂଲ୍ୟବୋଧ ଦୁଇ ପ୍ରକାର– ଶାଶ୍ୱତ ଓ ପରିବର୍ତ୍ତନଶୀଳ। ଅନ୍ୟକୁ ଘୃଣା ବା ଈର୍ଷା ନ କରିବା, ଦୀନଦୁଃଖୀଙ୍କୁ ସାହାଯ୍ୟ କରିବା, ଲୋଭ ନ କରିବା, ସତ୍ୟ କହିବା ଆଦିକୁ ଯୁଗେ ଯୁଗେ ଜୀବନର ଶାଶ୍ୱତ ମୂଲ୍ୟବୋଧ ଭାବେ ଗ୍ରହଣ କରାଯାଇଛି। ମାତ୍ର ସାମାଜିକ ମୂଲ୍ୟବୋଧ ପରିବର୍ତ୍ତନଶୀଳ। ସ୍ଥାନ, କାଳ ଓ ବ୍ୟକ୍ତି ଭେଦରେ ମୂଲ୍ୟବୋଧ ଭିନ୍ନ ହୋଇପାରେ। ଗ୍ରୀକ୍ ଦାର୍ଶନିକ ଡାଓଜିନିସ୍‌ଙ୍କ ସମସାମୟିକ ଥିଲେ ଦାର୍ଶନିକ ଆରିଷ୍ଟିପସ। ସେ ଥିଲେ ଏଥେନ୍ସ ରାଜସଭାର ସଦସ୍ୟ। ରାଜାଙ୍କ ପୃଷ୍ଠପୋଷକତା ଲାଭକରି ସେ ସୁଖରେ ଜୀବନ ନିର୍ବାହ କରୁଥିଲେ। ଅପରପକ୍ଷରେ ଡାଓଜିନିସ୍ ବଞ୍ଚିଥିଲେ ଦରିଦ୍ର ଭାବରେ। ଦିନେ ଆରିଷ୍ଟିପସ୍ ଡାଓଜିନିସ୍‌ଙ୍କୁ କିଛି ସାଧାରଣ ପେୟଜାତୀୟ ଖାଦ୍ୟ ଖାଉଥିବାର ଦେଖି କହିଲେ, 'ବନ୍ଧୁ! ତୁମେ ଯଦି ରାଜାଙ୍କ ପ୍ରିୟଭାଜନ ହୁଅନ୍ତ ତେବେ ତୁମକୁ ପେୟ ପିଇ ଦରିଦ୍ର ଭାବେ ବଞ୍ଚିବାକୁ ପଡ଼ନ୍ତାନାହିଁ।' ଡାଓଜିନିସ୍ କହିଲେ, 'ବନ୍ଧୁ! ତୁମେ ଯଦି ପେୟ ପିଇ ବଞ୍ଚିରୁହନ୍ତ, ତୁମକୁ ରାଜାଙ୍କ ପ୍ରିୟଭାଜନ ହେବାକୁ ପଡ଼ନ୍ତାନାହିଁ।' ବ୍ୟକ୍ତି ଭେଦରେ ମୂଲ୍ୟବୋଧର କେତେ ପାର୍ଥକ୍ୟ!



ମହାଭାରତର କଥା। ଥରେ କେତେଜଣ ପଥିକ ଆତଙ୍କିତ ଅବସ୍ଥାରେ ଋଷି କୌଶିକଙ୍କ ଆଶ୍ରମରେ ପ୍ରବେଶକରି ଏକ ନିଘଞ୍ଚ ବୁଦାରେ ଆତ୍ମଗୋପନ କଲେ। ସେମାନଙ୍କୁ ଅନୁସରଣ କରୁଥିଲେ ଏକ ହିଂସ୍ର ଡାକୁଦଳ। ସେମାନେ ଆଶ୍ରମରେ ପଶି ଋଷିଙ୍କୁ ପଚାରିଲେ, "ହେ ମହାତ୍ମା! ଆପଣଙ୍କ ଆଶ୍ରମରେ କେତେଜଣ ପଥିକ ପ୍ରବେଶ କରିଛନ୍ତି। ଦୟାକରି ସେମାନେ କେଉଁଠି ଲୁଚିଛନ୍ତି କହିବେ କି?" ଋଷିବର ସେମାନେ ଲୁଚିଥିବା ସେହି ବୁଦାଆଡ଼େ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତେ ଡାକୁମାନେ ସେମାନଙ୍କୁ ତା' ଭିତରୁ ଟାଣିଆଣି ହତ୍ୟାକଲେ ଓ ସେମାନଙ୍କ ମୂଲ୍ୟବାନ୍ ଦ୍ରବ୍ୟସବୁ ହରଣ କଲେ। ଋଷି ସତ୍ୟକଥନ ଭଳି ଏକ ଶାଶ୍ୱତ ମୂଲ୍ୟବୋଧକୁ ପାଳନକରି ଆତ୍ମସନ୍ତୋଷ ପାଇଲେ ସିନା, ତାଙ୍କର ସେହି ସତ୍ୟକଥନ ଅନେକ ନିରୀହ ଲୋକଙ୍କ ମୃତ୍ୟୁର କାରଣ ହେଲା। ଏଣୁ ତାହା ଅଧର୍ମ ପଦବାଚ୍ୟ ହେବାରୁ ଋଷିଙ୍କୁ ନର୍କ ଭୋଗ କରିବାକୁ ପଡ଼ିଥିଲା। ମୂଲ୍ୟବୋଧ ଶାସ୍ତ୍ରରେ ନ ଥାଏ କି ସାଧୁବାକ୍ୟରେ ନ ଥାଏ। ମୂଲ୍ୟବୋଧ ଜୀବନରେ ରହିଥାଏ। ସମାଜରେ ମଣିଷ ମଣିଷ ମଧ୍ୟରେ ରହିଥିବା ସମ୍ବନ୍ଧରୁ ହିଁ ତା'ର ପରିଚୟ ପ୍ରାପ୍ତ ହୁଏ।

ଅନେକ ସମୟରେ ସାରାଜୀବନ ଜଣେ କୌଣସି ଏକ ମୂଲ୍ୟବୋଧକୁ ଆଦରି ନେଇ ସେହି ଅନୁସାରେ ନିଜର ଶକ୍ତି ଓ ସାମର୍ଥ୍ୟ ଉପଯୋଗ କରିଥାଇପାରେ। ଶେଷରେ ହୁଏତ ଦିନେ ସେ ଅନୁଭବ କରିପାରେ ଯେ, ତା'ର ସମଗ୍ର ମୂଲ୍ୟବୋଧ ଭୁଲ୍ ଥିଲା। ଏହି ପ୍ରସଙ୍ଗରେ ଆମେରିକାର ବିଶିଷ୍ଟ ନାଟ୍ୟକାର ଆର୍ଥର ମିଲର୍‌ଙ୍କ ଏକ ନାଟକ "ଅଲ୍ ମାଇଁ ସନ୍‌ସ" ମନେପଡ଼େ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର କଥା। ଜୋ କେଲର ନାମକ ଜଣେ ଶିଳ୍ପପତିଙ୍କ କାରଖାନାରେ ତିଆରି ହେଉଥିଲା ଯୁଦ୍ଧ ବିମାନରେ ବ୍ୟବହୃତ ହେଉଥିବା ସିଲିଣ୍ଡରର ଶୀର୍ଷାଂଶ। ଯୁଦ୍ଧ ଚାଲିଥାଏ। ଯୁଦ୍ଧ ବିମାନ ପାଇଁ ସିଲିଣ୍ଡର ଯୋଗାଇବା ଲାଗି ଜୋ କେଲର ଚୁକ୍ତିବଦ୍ଧ ଥା'ନ୍ତି। ସିଲିଣ୍ଡର ନିର୍ମାଣ ହେଲା ମାତ୍ରେ ସମସ୍ତ ସିଲିଣ୍ଡରର ଶୀର୍ଷାଂଶ ତ୍ରୁଟିପୂର୍ଣ୍ଣ ଥିବା ଜଣାପଡ଼ିଲା। ସେ ସବୁ ଯୁଦ୍ଧ ବିମାନରେ ବ୍ୟବହୃତ ହେଲେ ଦୁର୍ଘଟଣା ଘଟିବାର ସମ୍ଭାବନା ଥିଲା। ତଥାପି ଜୋ କେଲର ସେହି ତ୍ରୁଟିପୂର୍ଣ୍ଣ ଯନ୍ତ୍ରାଂଶକୁ ବିକ୍ରି କଲେ। କାରଣ ତାହା ବିକ୍ରି କରି ନ ଥିଲେ ତାଙ୍କର ପ୍ରଭୁତ କ୍ଷତି ହୋଇଥାନ୍ତା। ସେହି ତ୍ରୁଟିପୂର୍ଣ୍ଣ ଯନ୍ତ୍ରାଂଶ ଯୁଦ୍ଧ ବିମାନରେ ବ୍ୟବହୃତ ହେଲା। ଯୁଦ୍ଧ ବିମାନ ଦୁର୍ଘଟଣାଗ୍ରସ୍ତ ହେଲା। ଫଳରେ ଏକୋଇଶ ଜଣ ବୈମାନିକ ପ୍ରାଣ ହରାଇଲେ। ସେମାନଙ୍କ ମଧ୍ୟରେ ଥିଲା ସ୍ୱୟଂ ଜୋ କେଲରଙ୍କ ପୁତ୍ର ଲାରି।

ଘଟଣାକ୍ରମେ କେଲରଙ୍କ ଅନ୍ୟତମ ପୁଅ କ୍ରିଶ୍ ଜାଣିପାରିଲେ ଯେ ତାଙ୍କ ପିତା ଜାଣିଶୁଣି ତ୍ରୁଟିଯୁକ୍ତ ସିଲିଣ୍ଡର ବିକିଛନ୍ତି, ଯାହାର ପରିଣତି ଏକୋଇଶ ଜଣ ବୈମାନିକଙ୍କ ମୃତ୍ୟୁ। ଏଣୁ ସେ ତାଙ୍କ ପିତାଙ୍କୁ ଜଣେ ଗଣହତ୍ୟାକାରୀ ବୋଲି କହିଛନ୍ତି। ମାତ୍ର କେଲରଙ୍କ ଯୁକ୍ତି ଥିଲା– ସେ ଯାହା କରିଛନ୍ତି ତାଙ୍କ ପରିବାରର ଆର୍ଥିକ ଉନ୍ନତି ଲାଗି, କ୍ରିଶ୍ ପାଇଁ। ମାତ୍ର କ୍ରିଶ୍ ଏହି ଯୁକ୍ତିକୁ ଗ୍ରହଣ କରିପାରିନାହାନ୍ତି। ସେ ଉତ୍‌କ୍ଷିପ୍ତ ହୋଇ କହିଛନ୍ତି, "ବାପା, ଆପଣଙ୍କ ଚିନ୍ତାଧାରା ଏତେ ନୀଚ! ଆପଣ ମୋ ପାଇଁ ଏହା କରିଛନ୍ତି? ଆପଣଙ୍କର କ'ଣ ଏକ ଦେଶ ନାହିଁ? ଆପଣ କ'ଣ ପୃଥିବୀରେ ବାସ କରୁନାହାନ୍ତି? ଆପଣ ଏପରିକି ଏକ ପଶୁ ମଧ୍ୟ ନୁହନ୍ତି, କାରଣ କୌଣସି ପଶୁ ନିଜ ବଂଶଜକୁ କେବେ ହତ୍ୟା କରେନାହିଁ।" କ୍ରିଶ୍‌ଙ୍କ ପ୍ରତିକ୍ରିୟା ଶୁଣିବା ପରେ କେଲରଙ୍କ ଅନ୍ତର୍ଦାହ ହୋଇଛି ଓ ସେ ଅନୁଭବ କରିଛନ୍ତି ଯେ କେବଳ ଲାରି ନୁହେଁ, ପ୍ରାଣ ହରାଇଥିବା ଏକୋଇଶ ଜଣ ଯାକ ବୈମାନିକ ସମସ୍ତେ ତାଙ୍କ ପୁତ୍ର। ସାରାଜୀବନ ଆଦରିଥିବା ମୂଲ୍ୟବୋଧ ପରିଶେଷରେ ଭୁଲ୍ ଥିଲା ବୋଲି ସେ ହୃଦ୍‌ବୋଧ କରିଛନ୍ତି। ପରେ ସେ ପଶ୍ଚାତାପ କରି ଆତ୍ମହତ୍ୟା କରିଛନ୍ତି। କେବଳ ନିଜ ପାଇଁ ନ ବଞ୍ଚି ପରିବାର ବାହାରେ ଥିବା ଏକ ବିଶାଳ ପୃଥିବୀ ନିମନ୍ତେ ବଞ୍ଚିବା ହିଁ ଯଥାର୍ଥ ମୂଲ୍ୟବୋଧ– ଏହି ବାର୍ତ୍ତା ଦେଇଛନ୍ତି ଆର୍ଥର ମିଲର।

ଏଣୁ ମୂଲ୍ୟବୋଧ ସମ୍ପର୍କରେ ଚିନ୍ତନ କଲାବେଳେ ଆମକୁ ବୁଝିବାକୁ ହେବ ଜୀବନରେ ଯଥାର୍ଥ ମୂଲ୍ୟବୋଧ କ'ଣ। ଏ ସମ୍ପର୍କରେ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସ କୁହନ୍ତି, "ଆମର ନିତ୍ୟ ନୈମିତ୍ତିକ ଜୀବନରେ ଆମକୁ ଯେତିକି ଦିଶୁଛି, ସେତିକି ଲାଭଜନକ ବୋଲି ମନେ ହେଉଛି ଏବଂ ନାନାଭାବେ ବହୁ ତତ୍କାଳିକ ସଫଳତାମାନ ଆଣିଦେଇଛି। ସେତିକି ଭିତରେ ଆପଣାର ଜୀବନକୁ କିଳି କରି ରଖିବା, ଗାର ଟାଣି ରଖିବା ଓ ନିରାପଦ କରି ରଖିବା– ମୂଲ୍ୟବୋଧର ମାନଦଣ୍ଡରେ ଦେଖିଲେ ଏହା ଯଥେଷ୍ଟ ନୁହେଁ। ନିଜଠାରୁ ବୃହତ୍ତର ଓ ମହତ୍ତର କୌଣସି ଏକ ଉପଲବ୍ଧି ନିମନ୍ତେ ଜୀବନ ବଞ୍ଚିବା, ତାହା ହିଁ ମୂଲ୍ୟବୋଧ ଅର୍ଥାତ୍ ସେହି ବୃହତ୍ତର ଓ ଉଚ୍ଚତରଟି ଲାଗି ନିଜେ ଏକ ନିମିତ୍ତ ହୋଇ ରହିବା। କେବଳ ନିଜକୁ ନ ଖୋଜି କିଛି ବୃହତ୍ତରକୁ ଖୋଜିବା, ଆପଣଙ୍କର ଅସଲ କଲ୍ୟାଣ ଓ ଅସଲ ମଙ୍ଗଳ କହିଲେ ଏକ ବୃହତ୍ତର କଲ୍ୟାଣ ତଥା ମଙ୍ଗଳକୁ ବୁଝିବା–ତାହାରି ଅର୍ଥ ହେଉଛି ସତକୁ ସତ ଏକ ମୂଲ୍ୟ ଲାଗି ଜୀବନ ବଞ୍ଚିବା।"

ମୋ:୯୪୩୭୩୨୯୨୬୩

# ବୋଉ ଓ ବିଜ୍ଞାନ



ରଶ୍ମିରଞ୍ଜନ ରାଉତ

ଦିନକୁ ଦିନ ମାନବ ସମାଜ ଉପରେ ବିଜ୍ଞାନ ତା'ର ପ୍ରଭାବ ବିସ୍ତାର କରିଚାଲିଛି। ଏମିତିକି, ବିଜ୍ଞାନର ବିନା ଉପସ୍ଥିତିରେ ମନୁଷ୍ୟର ଭୌତିକ ପ୍ରଗତି ଅସମ୍ଭବ ହୋଇପଡ଼ିଛି। ଆମର ଦୈନନ୍ଦିନ ଚାଲିଚଳଣି ଓ ଜୀବନଚର୍ଯ୍ୟାକୁ ବିଜ୍ଞାନ ଏକପ୍ରକାର ଅକ୍ତିଆର କରିନେଇଥିବା କହିଲେ ଚଳେ। ତଥାପି, ଆଜିକାଲି କେହି ବନ୍ଧୁ–ବାନ୍ଧବ ବା ପରିଚିତ ଲୋକ ଦେଖାହେଇଯାଉଛନ୍ତି ତ ଆଗ ପଚାରୁଛନ୍ତି, ଦେହପା କେମିତି ଅଛି? ଡାଇବେଟିସ୍, ଗ୍ୟାଷ୍ଟ୍ରିକ୍, ବିପି, ଜଏଣ୍ଟ ପେନ୍ ଆଦିରୁ କିଛି ବି ଗୋଟେ ରୋଗ ବିଷୟରେ ପଚାରୁଛନ୍ତି। ଏହାର ଅର୍ଥ ଆଜିକାଲି ଏଭଳି ରୋଗ ହେବା ସ୍ୱାଭାବିକ ବୋଲି ଧରି ନିଆଗଲାଣି। ଏଥିପାଇଁ ଆମର ପରିବର୍ତ୍ତିତ ଜୀବନଶୈଳୀ ଓ ଖାଦ୍ୟପେୟର ଅସନ୍ତୁଳନକୁ ଦାୟୀ କରାଯାଇପାରେ।

ଗୋଟେ ସମୟ ଥିଲା, ସକାଳ ଜଳଖିଆରେ ବୋଉ ହାତର ଚକୁଳି, ଚୁଡ଼ା, ମୁଢ଼ି, ମଣ୍ଡା, ଗଇଁଠାରେ ଆମର ପେଟ ପୂରୁଥିଲା। ପୂର୍ବାହ୍ନରେ ବୋଉର ପଖାଳ କଂସାର ବାସ୍ନା ଏବେ ବି ଅନେକଙ୍କ ସ୍ମୃତିରେ ଜୀବନ୍ତ। ମଧ୍ୟାହ୍ନରେ ଉଷୁନା ଭାତରେ ଦେଶୀ ଗୁଆଘିଅ ସାଙ୍ଗକୁ ବଗଡ଼ା ଡାଲି, ଶାଗ ଖରଡ଼ା, ଚୂନା ମାଛ, ବାଡ଼ି ବାଇଗଣ, କଲରା, ଭେଣ୍ଡିର ଭଜାରେ ବୋଉ ପ୍ରସ୍ତୁତ କରୁଥିଲା ଦି'ପହର ବ୍ୟଞ୍ଜନ। ସେହିପରି ସନ୍ଧ୍ୟା ଓ ରାତ୍ରି ଭୋଜନରେ ବୋଉ ହାତରନ୍ଧାରେ ପରିବାରର ସ୍ୱାସ୍ଥ୍ୟ ନିହିତ ରହୁଥିଲା। ଦୁଇଶହରୁ ଅଢ଼େଇଶହ ଗ୍ରାମ୍ ତେଲରେ ବୋଉ କେମିତି ପନ୍ଦରଦିନ ଚଳାଇ ନେଉଥିଲା ତାହା ଏବେ ରହସ୍ୟ। ଆଜି ଗୋଟିଏ ସାଧାରଣ ପରିବାର ଚଳିବାକୁ ମାସକୁ ପାଞ୍ଚରୁ ଛଅ ଲିଟର ତେଲ କମ୍ ପଡୁଛି। ଆଜି ଭଳି ମସଲାଗୁଣ୍ଡର ବ୍ୟବହାର ବୋଉ ଜାଣି ନ ଥିଲା। ବୋଉର ରୋଷେଇରେ ମସଲା କହିଲେ ଜିରା, ପଞ୍ଚଫୁଟଣ ଓ ଦେଶୀ ପିଆଜରୁ ଦି'କୋଳା। ନିଜେ ହାତରେ କାଟି, ବାଟି ରାନ୍ଧୁଥିଲା। ତା ବାଦ୍ ସୁବିଧା ଅସୁବିଧାରେ ତିଅଣ ଭାବେ ଚଳେଇଲା ଭଳି ବର୍ଷକ ପାଇଁ ଆମ୍ବ, ଲେମ୍ବୁ, ଓଉ, କରମଙ୍ଗା ଆଦି ଋତୁକୈନ୍ଦ୍ରୀକ ଫଳକୁ କାଟି ଶୁଖାଇ ଆଚାର ପ୍ରସ୍ତୁତ କରୁଥିଲା। ବିରି ବାଟି ବଡ଼ି ପାରୁଥିଲା। ସେସବୁ ଖାଦ୍ୟର ସ୍ୱାଦ ଥିଲା ନିଆରା ଓ ବର୍ଷ ବର୍ଷ ଧରି ଖାଉଥିଲେ ରୋଗର ଭୟ ନ ଥିଲା। ଏବେ କିନ୍ତୁ କେକ୍, ନୁଡୁଲ୍ସ, ପାସ୍ତା ଅଥବା ସେମିତି କିଛି ଫାଷ୍ଟଫୁଡ୍‌ରୁ ଆରମ୍ଭ ହେଉଛି ସକାଳର ଜଳଖିଆ। ଏହାପରେ ଚିକେନ୍, ମଟନ୍ ଆଦିର ନାନା ମସଲାଯୁକ୍ତ ଡିସ୍ ବିଭିନ୍ନ ସମୟରେ ଖାଦ୍ୟରେ ସାମିଲ ହେଉଛି। ତା'ସହ ବୟସାନୁସାରେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଧରାବନ୍ଧା ହୋଇ ରହୁଛି। ମାଲ୍‌ନ୍ୟୁଟ୍ରିଶନ ପାଇଁ ଡାଏଟିସିଆନ୍‌ଙ୍କ ପରାମର୍ଶ ନିଆଯାଉଛି। କିଏ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ମଲ୍ଟି ଭିଟାମିନ୍ ଟାବ୍‌ଲେଟ୍ ଖାଇଲେଣି ତ କିଏ ସିରପ୍ ପିଇଲେଣି। ଫିଟ୍ ରହିବାକୁ ଯାବତୀୟ ଦିନଚର୍ଯ୍ୟା। ସୌଖୀନରେ କେତେବେଳେ ମର୍ନିଂ ୱାକ୍ ତ କେତେବେଳେ ଯୋଗ, ଏରୋବିକ୍। ତଥାପି, ଅବେଳରେ ବିଭିନ୍ନ ରୋଗରେ ରୋଗାକ୍ରାନ୍ତ ହେଉଛି ମଣିଷ। ସବୁବେଳେ ଡାକ୍ତରଙ୍କ ପାଖରେ ଲାଗୁଛି ଲମ୍ବାଲାଇନ୍। ବିଜ୍ଞାନ ଆମକୁ ଏତେ ସମୃଦ୍ଧ କରିଥିବା ସତ୍ତ୍ୱେ ରୋଗମୁକ୍ତ ହୋଇପାରୁନାହାନ୍ତି ଆମେ। ବୋଧହୁଏ, ବୋଉର ରୋଷେଇକୁ ଭୁଲିଯିବା ହେଉଛି



ଆଜିକାଲି ଦେଖାଯାଉଥିବା ଅନେକ ଭୟାନକ ରୋଗର କାରଣ। ତଥାପି ଆମେ କଥାକଥାକେ କହିଥାଉ, ବୋଉ ତୁ କିଛି ଜାଣିନୁ। କୋଉ ଯୁଗରେ ଅଛୁ? ଇଏ ବିଜ୍ଞାନର ଯୁଗ। ତୁ ସେ ଆଇମା' ଅମଳର ନୀତିନିୟମ ଛାଡ଼। ଯୁଗ ଯାଇଁ କୁଆଡ଼େ ପହଞ୍ଚିଲାଣି। ସତରେ, ବୋଉର ଅଳ୍ପ ପାଠପଢ଼ାରେ ବି ଉଚ୍ଚ ବୁଦ୍ଧିମତ୍ତା ସଂସାର ବୋଧହୁଏ ଆଉ କେଉଁଠି ମିଳିବ ନାହିଁ। ଆଗରୁ ବୋଉ ବାଢ଼ିଦେଉଥିବା ପିଠା, ମୁଢ଼ି, ଚୁଡ଼ା ଓ ପଖାଳକୁ ଦେଖି ଅନେକେ ନାକ ଟେକୁଥିଲେ। ହେଲେ, ଆଜି ବିଶେଷଜ୍ଞମାନେ ଗବେଷଣା କରି ମତ ଦେଲେଣି ଯେ, ଏସବୁ ପାରମ୍ପରିକ ଖାଦ୍ୟରେ ପ୍ରଚୁର ମାତ୍ରାରେ ରହିଛି ଆଇରନ୍ ଓ ମାଗ୍ନେସିୟମ୍। ଏହା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର। ସେଥିଲାଗି ରାଜ୍ୟର ପଞ୍ଚତାରକା ହୋଟେଲରେ ଏସବୁ ଖାଦ୍ୟକୁ ବିଭିନ୍ନ ଢଙ୍ଗରେ ପରଷା ଗଲାଣି, ଯାହା ରାଜ୍ୟ ତଥା ଦେଶ ବାହାରର ଲୋକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି।

ଘରର ସଦସ୍ୟଙ୍କ ଥଣ୍ଡା, ଜ୍ୱର, ଖାଡ଼ା କଥା ଶୁଣିଲେ ବୋଉ ତା' ବୁଦ୍ଧିମତ୍ତାରେ କହେ ଅମୁକ ପତ୍ର, ସମୁକ ଡାଳ, ଅମୁକ ଫୁଟେଇ, ସମୁକ ଗୋଳେଇ ପିଇଦେ ଏକା ପାନେକେ ଭଲ ହେଇଯିବ। ହେଲେ, ଆମେ କୋଉ ବୋଉର କଥାକୁ କାନଦେଉ ଯେ! ସଙ୍ଗେସଙ୍ଗେ ଔଷଧ ଦୋକାନକୁ ଦୌଡ଼ିଯାଉଛୁ। ବୋଉ କିନ୍ତୁ କେବେ କାହାପାଖରେ କହିନାହିଁ ତା' ଦେହପା' ଖରାପ ହେବାର କଥା । ଯଦି କେବେ ଥଣ୍ଡା, ଜ୍ୱର କି ଖାଡ଼ା ହୁଏ ଔଷଧ ଆଣିବାକୁ ଯାଏ ତ ବୋଉ ବାରଣ କରେ। କହେ, କ'ଣ ଟିକେ ହେଇଛି ଔଷଧ କ'ଣ ହେବ? ମୁଁ ଅମୁକ ପିଇଛି କାଲି ସକାଳକୁ ଭଲ ହୋଇଯିବ। ସତକୁ ସତ ଭଲ ହୋଇଯାଏ ବୋଉ। ଖିଡ଼ିଖୁଡ଼ି ହୋଇ ବସେ। ପୂର୍ବପରି ଘରକାମରେ ଲାଗିପଡ଼େ। ବୋହୂ ହାତରୁ କାମ ଛଡ଼େଇନେଇ କରେ। ନାତିନାତୁଣୀଙ୍କ ଦେହରେ ଧୂଳିମଳି ଟିକେ ପକାଇ ଦିଏନି।

ଆଜିକାଲିର ବୋହୂମାନେ କିନ୍ତୁ ପୂରା ଓଲଟା। କାମ ଟିକେ ଅଧିକ ହେଇଗଲେ ପେଟ, ମୁଣ୍ଡର ବାହାନାରେ ଦିନଟାସାରା ବିଛଣାରେ। ବୋଉ ସେମିତି ଘରଟାଯାକର କାମ ଏକୁଟିଆ କରିନିଏ। ତଥାପି ବୋଉ ବହୁତ ଖୁସି ହୁଏ। କେହି କେବେ କହିପାରିବେନି ବୋଉ ଥକି ପଡ଼ିଛି କି ଥକ୍କା ମାରୁଛି। ବୋଉ ଯୋଗ କ'ଣ ଜାଣିନି କି ସ୍ୱାସ୍ଥ୍ୟରକ୍ଷାର ବହି କେବେ ପଢ଼ିନି। ହେଲେ ତା'ର କାମ କରିବାର ଢଙ୍ଗ, ଘରକାମର ନିପୁଣତା ଭିତରେ ସ୍ୱାସ୍ଥ୍ୟରକ୍ଷା ଆପଣାଛାଏଁ ହେଇଯାଏ। ଯୋଗଗୁରୁମାନେ ଏବେ କାଟିବା, ବାଟିବା, ଘର ଓଳାଇବାର କୃତ୍ରିମ ଅଙ୍ଗଭଙ୍ଗୀ କରି ପାର୍କରେ ମହିଳାମାନଙ୍କୁ ବ୍ୟାୟାମ କରିବା ଶିଖାଉଛନ୍ତି। ହେଲେ ବୋଉ ଏସବୁ ସତସତିକା କରେ ଓ ନିଜ ସ୍ୱାସ୍ଥ୍ୟରକ୍ଷା ସହିତ ପରିବାରର ସମସ୍ତ ସଦସ୍ୟଙ୍କ ଯତ୍ନନେବାରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଦିଏ।

ବୋଉ କେବଳ ଘରକାମରେ ସୀମାବଦ୍ଧ ରୁହେନି। ଆଜିର ଆଧୁନିକା ଗୃହିଣୀ ଭଳି ସେ ପରିବାରର ସଙ୍କଟ ସମୟରେ ଆଗକୁ ବାହାରିଆସେ। ନିଜର ଆବଶ୍ୟକତା ସ୍ୱଳ୍ପ ଥିବାରୁ ସେ ସବୁ ସମୟରେ ସବୁ ପରିସ୍ଥିତିକୁ ସାମ୍ନା କରିପାରେ। ପରିବାର ଲାଗି ସବୁବେଳେ ଢାଲ ପାଲଟିଯାଏ। ସତରେ, ବୋଉ କେବଳ ଏକ ଡାକ ନୁହେଁ କି ଜଣେ ବ୍ୟକ୍ତି ନୁହେଁ, ବୋଉ ବି ଏବେର ବିଜ୍ଞାନ।

**୨୪ ପ୍ରହରୀ ମଣ୍ଡପ, ନାୟକାଣୀଡ଼ିହି, ଭଦ୍ରକ, ମୋ: ୭୮୦୯୦୩୭୬୦୮**

## ଏଇ ଭାରତରେ

ଆଦିବାସୀ ଓ ଅସହାୟ ସମୁଦାୟଙ୍କ ପିଲା ଏବଂ ଅନ୍ୟମାନଙ୍କ ଆଶାବାଡ଼ି ପାଲଟିଛନ୍ତି ପୁଦୁଚେରୀର ଆଲିସ୍ ଥୋମାସ। ସେ ଦୀର୍ଘ ୩୨ ବର୍ଷ ହେଲା ପିଲାମାନଙ୍କୁ ଶିକ୍ଷା ଦେଇ ବିଭିନ୍ନ ଚାକିରି ପାଇଁ ଯୋଗ୍ୟ କରିପାରିଛନ୍ତି। ଇତିମଧ୍ୟରେ ୧୫୦ ପିଲା ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇଛନ୍ତି। ଆଲିସ୍‌ଙ୍କୁ ୨୧ ବର୍ଷ ବୟସ ହୋଇଥିବା ବେଳେ ସେ ପ୍ରଥମେ ଜଣେ ଅସହାୟ ପିଲାଙ୍କୁ ଘରକୁ ଆଣି ରଖି ତାଙ୍କୁ ପଢ଼ାଇଥିଲେ। ପରେ ଅଧିକ ପିଲା ତାଙ୍କ ପାଖକୁ ଆସିବାରୁ ରହୁଥିବା ଘର ପାଖରେ ଏକ ଭଡ଼ା ଘର ନେଲେ। ପିଲାସଂଖ୍ୟା ବୃଦ୍ଧି ପାଇବାରୁ ସେ 'ଉଦ୍ଧବୀ ଗରାଙ୍ଗଲ' ଏନ୍‌ଜିଓ ଗଠନ କରି ତାଙ୍କ ସେବାକୁ ଆଗକୁ ବଢ଼ାଇଥିଲେ। ସେ ମଧ୍ୟ ଏକ ସ୍କୁଲ ଖୋଲିଛନ୍ତି। ସେଠାରେ ପିଲାମାନଙ୍କୁ ପ୍ରାଥମିକ ଶିକ୍ଷା ସହ ଭୋକେଶନାଲ ପ୍ରଶିକ୍ଷଣ ଦେଉଛନ୍ତି। ଏହି ସ୍କୁଲ ସେ ପୁଦୁଚେରୀର ନୋନାନକୁପ୍ପାମ୍‌ରେ ଚଳାଉଛନ୍ତି। ପିଲାମାନଙ୍କ ରହିବା, ଖାଇବା ଓ ପଢ଼ିବା ଖର୍ଚ୍ଚ ସେ ବିଭିନ୍ନ ବ୍ୟକ୍ତି, ଅନୁଷ୍ଠାନ ଓ ସରକାରୀ ଅନୁଦାନରେ ଚଳାଇଛନ୍ତି। ସବୁଠୁ ବଡ଼ କଥା ହେଉଛି ଯେଉଁ ପିଲାମାନଙ୍କୁ ଆଲିସ୍ ଆଗରୁ ପଢ଼ାଇଥିଲେ ସେମାନଙ୍କ ମଧ୍ୟରୁ କେତେଜଣ ପଦପଦବୀରେ ରହି ଏଥିଲାଗି ଅଧିକ ସହଯୋଗ କରିବାରେ ଲାଗିଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ସ୍କୁଲରେ ଅନ୍ୟ ଅବହେଳିତ ପିଲାମାନଙ୍କୁ ପଢ଼ାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୪ ମାର୍ଚ୍ଚ ୧୯୭୫

- ସହରାଞ୍ଚଳ ସମ୍ପତ୍ତିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରିବା ପାଇଁ ଆସାମ, ବିହାର, ମଧ୍ୟପ୍ରଦେଶ, ପଞ୍ଜାବ ଏବଂ ରାଜସ୍ଥାନ ରାଜ୍ୟ ବିଧାନ ସଭାରେ ଆଇନ ଗୃହୀତ।
- ରାଜସ୍ଥାନ ବିଧାନ ସଭାର ୮ ଜଣ ବିରୋଧୀ ଦଳ ସଦସ୍ୟଙ୍କ କଂଗ୍ରେସରେ ଯୋଗଦାନ।
- ଭାରତ–ସୋଭିଏତ ମୈତ୍ରୀ ସଂଘ ମହିଳା ଶାଖା କୁଳପତି ରହିଲାଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ।

## ଚିରନ୍ତନୀ

ତୋ ବିହୁନେ ଏ ଜଗତ–ପଥ ଅମାକାର,
ମୁହିଁ ସିନା ସୃଷ୍ଟି, ତୁ ଯେ ସ୍ରଷ୍ଟା ତୁ ଯେ କବି!
ମୁଁ ଦେଖାଏଁ ରୂପ ମାତ୍ର ତୋର ପ୍ରେମେ ଦ୍ରବି
କୋମଳ ବୋଲାଏଁ ମୁହିଁ, ତୋହରି ଆକାର
ସ୍ମରି ନିଶିଦିନ ମୁଁ ଯେ ସୁନ୍ଦରୀ ଜଗତେ!
–(ପୁରୁଷ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆଚରଣ ବିଧି ଲାଗୁ ହେଉ

ମହାଶୟ,

ଲୋକ ସଭା ଅବା ବିଧାନସଭା ନିର୍ବାଚନ ହେଉ, ବିଭିନ୍ନ ରାଜନୈତିକ ଦଳର ନେତାମାନେ ଭୋଟରଙ୍କୁ ପ୍ରଲୋଭିତ କରି କେନ୍ଦ୍ର ଓ ରାଜ୍ୟ ସରକାର ନିଜ ନିଜ ଢଙ୍ଗରେ ଚତୁରତା ସହ ଅତ୍ୟନ୍ତ ଚିତାକର୍ଷକ ଭାଷଣରେ ବଶୀଭୂତ କରି ଯୋଜନା ପରେ ଯୋଜନା, ପ୍ରକଳ୍ପ ପରେ ପ୍ରକଳ୍ପର ଶିଳାନ୍ୟାସ କରିଚାଲିଛନ୍ତି। ଛାତ୍ରୀଛାତ୍ରଙ୍କ ଛାତ୍ରବୃତ୍ତି ରାଶିରେ ବୃଦ୍ଧି କରାଇବା ସହ ବେକାର ଶିକ୍ଷିତଙ୍କୁ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଇତ୍ୟାଦି କ୍ଷମତା ହାସଲର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଲେ ଭୁଲ୍ ହେବନାହିଁ। ନେତାମାନେ ରାଜନୀତିକୁ ଏକ ବ୍ୟବସାୟ ରୂପେ ଗ୍ରହଣ ନ କରି ମାର୍ଜିତ ଏବଂ ସଂସ୍କୃତିସମ୍ପନ୍ନ ହେବା ଉଚିତ। ଯେପର୍ଯ୍ୟନ୍ତ ରାଜନୈତିକ ଦଳଗୁଡ଼ିକ ବ୍ୟକ୍ତିଗତ ସ୍ୱାର୍ଥ ପରିତ୍ୟାଗ କରି ସ୍ୱଚ୍ଛତା, ସାଧୁତା ଓ ସଙ୍କୋଚତା ସହ ଜନତାଙ୍କ ଉନ୍ନତି ଦିଗରେ ସମର୍ପିତ ଭାବ ଅବଲମ୍ବନ କରିନାହାନ୍ତି, ସେପର୍ଯ୍ୟନ୍ତ ବିକାଶ କେବଳ ଏକ ପ୍ରଶ୍ନବାଚୀ ରୂପେ ରହିଯିବ। ଭାରତର ନିର୍ବାଚନ କମିଶନର ରାଜନୈତିକ ଦଳଗୁଡ଼ିକର ଏତାଦୃଶ ଆଚରଣ ନିମନ୍ତେ ଆଦର୍ଶ ଆଚରଣବିଧି ଲାଗୁ କରିବା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

**– ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୧୦ରେ ଦେଶବ୍ୟାପୀ ଚାଷୀଙ୍କ ରେଳ ରୋକୋ

**ନୂଆଦିଲ୍ଲୀ,୩ା୩:** ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ସମେତ ବିଭିନ୍ନ ଦାବିରେ ଆନ୍ଦୋଳନରତ କୃଷକମାନେ ଆସନ୍ତା ୬ ତାରିଖରୁ ଶାନ୍ତିପୂର୍ଣ୍ଣ ଭାବେ 'ଦିଲ୍ଲୀ ଚଲୋ' ଅଭିଯାନ ପୁଣି ଆରମ୍ଭ କରିବେ। ସେମାନେ ଆସନ୍ତା ୧୦ରେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦେଶବ୍ୟାପୀ ରେଳ ରୋକୋ କରିବେ ବୋଲି କୃଷକ ନେତା ସରୱନ ସିଂ ପାନ୍ଧେର ଓ ଜଗଜିତ ସିଂ ଦଲେୱାଲ ରବିବାର ଘୋଷଣା କରିଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚା ଏବଂ କିଷାନ ମଜଦୁର ମୋର୍ଚ୍ଚା ସମେତ ୨୦୦ରୁ ଊର୍ଦ୍ଧ୍ୱ କୃଷକ ସଙ୍ଗଠନ ପକ୍ଷରୁ ଫେବୃୟାରୀ ୧୩ରୁ 'ଦିଲ୍ଲୀ ଚଲୋ' ଆହ୍ୱାନ ଦିଆଯାଇଥିଲା। ଏମ୍ଏସ୍ପି ପାଇଁ ଆଇନଗତ ଗ୍ୟାରେଣ୍ଟି ଦାବିରେ ଆନ୍ଦୋଳନରତ ଚାଷୀଙ୍କୁ ପୋଲିସ ପ୍ରଶାସନ ଅଟକାଇବାରୁ ସେମାନେ ପଞ୍ଜାବ ଓ ହରିୟାଣା ସୀମାରେ ତମ୍ବୁ ପକାଇ ରହିଛନ୍ତି।

### ୨୦ ଲକ୍ଷ ଲାଞ୍ଚ ନେଇ ଏନ୍ଏଚଏଆଇ ଜିଏମ୍ ଗିରଫ

**ନୂଆଦିଲ୍ଲୀ,୩ା୩:** ମହାରାଷ୍ଟ୍ରର ନାଗପୁରରେ ୨୦ ଲକ୍ଷ ଟଙ୍କା ଲାଞ୍ଚ ମାମଲାରେ ସମ୍ପୃକ୍ତ ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ)ର ଜେନେରାଲ ମ୍ୟାନେଜର (ଜିଏମ୍) ଅରବିନ୍ଦ କାଲେଙ୍କୁ ସିବିଆଇ ଗିରଫ କରିଛି। ପ୍ରୋଜେକ୍ଟ ଡାଇରେକ୍ଟର ଥିବା କାଳେ ଭୋପାଳର ଘରୋଇ କମ୍ପାନୀ ବଂଶଲ କନ୍ଷ୍ଟ୍ରକ୍ସନ ୱାର୍କସ୍ ପ୍ରା.ଲି଼ରେ ଜଣେ କର୍ମଚାରୀଙ୍କଠାରୁ ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ସିବିଆଇ କାଲେଙ୍କ ଭୋପାଳ ଏବଂ ନାଗପୁର ବାସଭବନ ଏବଂ ଅଫିସ ପରିସରର ଚଢ଼ାଉ କରି ୨୦ ଲକ୍ଷ ଟଙ୍କା ଲାଞ୍ଚ ସମେତ ନଗଦ ୪୫ ଲକ୍ଷ ଟଙ୍କା ଜବତ କରିଥିଲା। ତାଙ୍କ ସମେତ ୧୨ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି।

### ଜବତ ଜାହାଜରେ ବ୍ୟବସାୟିକ ସାମଗ୍ରୀ ଥିଲା: ପାକିସ୍ତାନ

**ନୂଆଦିଲ୍ଲୀ,୩ା୩ (ପି.ଟି.):** କରାଚୀ ଯାଉଥିବା ଜାହାଜରେ ପାକିସ୍ତାନର ଆଣବିକ କାର୍ଯ୍ୟକ୍ରମରେ ବ୍ୟବହାର ପାଇଁ ସରଞ୍ଜାମ ରହିଥିଲା ବୋଲି ଭାରତ କହିଥିବାବେଳେ ପାକିସ୍ତାନ ଏହାକୁ ଖଣ୍ଡନ କରିଛି। ଜାହାଜରେ ବ୍ୟବସାୟିକ ସାମଗ୍ରୀ ଆସୁଥିଲା ବୋଲି ଇସ୍ଲାମାବାଦ କହିଛି। ତେବେ ଅନ୍ତର୍ଜାତୀୟ ନିୟମାବଳୀର ଉଲ୍ଲଂଘନ କରାଯାଇ ପାକିସ୍ତାନର ଆଣବିକ କାର୍ଯ୍ୟକ୍ରମ ପାଇଁ ଉପକରଣ ଯାଉଥିଲା ବୋଲି ଡିଆରଡିଓ ଯାଞ୍ଚ ପରେ ସ୍ୱଷ୍ଟ ହୋଇଛି। ମୁମ୍ବାଇରେ ସୀମାଶୁଳ୍କ ଅଧିକାରୀମାନେ ଉକ୍ତ ଜାହାଜକୁ ଅଟକ ରଖିବା ସହ ବିବାଦୀୟ ସାମଗ୍ରୀ ଜବତ କରିଛନ୍ତି। ଅନ୍ୟପକ୍ଷରେ ଜବତ ସାମଗ୍ରୀ ସମ୍ପର୍କରେ ଭାରତ ଭୁଲ୍ ତଥ୍ୟ ଦେଉଥିବା ପାକିସ୍ତାନ ବହିର୍ବ୍ୟାପାର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### ରାଜନୀତିରେ ଯୋଗଦେବେ ଜଷ୍ଟିସ୍ ଗଙ୍ଗୋପାଧ୍ୟାୟ

**କୋଲକାତା,୩ା୩:** କାଲ୍କାଟା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଅଭିଜିତ୍ ଗଙ୍ଗୋପାଧ୍ୟାୟ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇ ରାଜନୀତିରେ ସାମିଲ ହେବେ ବୋଲି କହିଛନ୍ତି। ସୋମବାର ହାଇକୋର୍ଟରେ ତାଙ୍କର ଶେଷ କାର୍ଯ୍ୟଦିବସ। ରାଜନୀତିରେ ଯୋଗଦେବା ପାଇଁ ଶାସକ ଟିଏମ୍ସିର ନେତାମାନେ ତାଙ୍କୁ ଅନେକ ସମୟରେ ଚ୍ୟାଲେଞ୍ଜ କରୁଥିଲେ। ତେଣୁ ସେ ରାଜନୀତିରେ ଯୋଗ ନ ଦେବେ କାହିଁକି ବୋଲି ଚିନ୍ତା କରିଥିବା ଏକ ସାକ୍ଷାତ୍କାରରେ କହିଛନ୍ତି। ଟିକେଟ ମିଳିଲେ ସେ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତ। ତେବେ କେଉଁ ଦଳରେ ଯୋଗଦେବେ ତାହା ସେ ସ୍ୱଷ୍ଟ କରିନାହାନ୍ତି। ଜଷ୍ଟିସ୍ ଗଙ୍ଗୋପାଧ୍ୟାୟ ଅନେକ ସମୟରେ ବିବାଦ ଘେରରେ ରହିଥିଲେ। ତାଙ୍କ କୋର୍ଟରୁମ୍ରେ ହାତାହାତିଠାରୁ ଆରମ୍ଭ କରି ବର୍ଜନ ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା। ଆଇନଜୀବୀ ଓ ବରିଷ୍ଠ ସହକର୍ମୀମାନଙ୍କ ପ୍ରତି ସେ ବିଭିନ୍ନ ଅଭିଯୋଗ ଆଣିବା ସହ କ୍ଷମା ମଧ୍ୟ ମାଗୁଥିଲେ।


ଜଷ୍ଟିସ୍ ଅଭିଜିତ୍ ଗଙ୍ଗୋପାଧ୍ୟାୟ

# କଶ୍ମୀରକୁ ପାଲେଷ୍ଟାଇନ୍ ସହ ତୁଳନା



**ଇସ୍ଲାମାବାଦ,୩ା୩**

## ଆଜି ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ରୂପେ ଶପଥ ନେବେ ଶେହବାଜ

ପାକିସ୍ତାନ ମୁସ୍ଲିମ ଲିଗ୍-ନୱାଜ (ପିଏମ୍ଏଲ୍-ଏନ୍) ନେତା ଶେହବାଜ ଶରିଫ୍ ଦେଶର ପ୍ରଧାନମନ୍ତ୍ରୀ ଭାବେ ସୋମବାର ଦ୍ୱିତୀୟ ଥର ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ଏହା ପୂର୍ବରୁ ସେ ନିଜ ପ୍ରଥମ ଭାଷଣରେ କଶ୍ମୀର ପ୍ରସଙ୍ଗ ଉଠାଇଛନ୍ତି। ଶେହବାଜ କଶ୍ମୀରକୁ ଯୁଦ୍ଧ ପ୍ରଭାବିତ ପାଲେଷ୍ଟାଇନ୍ ସହ ତୁଳନା କରିଛନ୍ତି। ଉଭୟ କଶ୍ମୀରୀ ଓ ପାଲେଷ୍ଟିନୀୟଙ୍କ ସ୍ୱାଧୀନତା ପାଇଁ ନ୍ୟାଶନାଲ ଆସେମ୍ବ୍ଲିରେ ଏକ ସଂକଳ୍ପନାମା ପାରିତହେବା ଉଚିତ। ଏଥିସକାଶେ ପାକିସ୍ତାନୀ ପାର୍ଲାମେଣ୍ଟର ସମସ୍ତ ସଦସ୍ୟ ଏକାଠି ହୁଅନ୍ତୁ ବୋଲି ଶେହବାଜ ଆହ୍ୱାନ ଦେଇଛନ୍ତି। ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନକୁ ଏଥିରୁ ମୁକ୍ତ କରିବା ପାଇଁ ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶେହବାଜ କହିଛନ୍ତି।

୩୩୬ ଆସନ ବିଶିଷ୍ଟ ପାର୍ଲାମେଣ୍ଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍ଙ୍କ ଭାଇ ଶେହବାଜଙ୍କୁ ପିଏମ୍ଏଲ୍ଏନ୍ ଏବଂ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ୨୦୧ ସଦସ୍ୟ ସମର୍ଥନ କରୁଛନ୍ତି, ଯାହାକି ମ୍ୟାଜିକ୍ ନମ୍ବରଠାରୁ ୩୨ ଅଧିକ। ଜେଲରେ ଥିବା ପାକିସ୍ତାନ ତେହରିକ୍-ଇ-ଇନ୍ସାଫ୍ (ପିଟିଆଇ) ଅଧ୍ୟକ୍ଷ ଇମ୍ରାନ୍ ଖାନ୍ଙ୍କ ଅନୁଗତ ଓମାର ଆୟୁବ ଖାନ୍ଙ୍କୁ ୯୨ ଭୋଟ ମିଳିଛି। ଏନେଇ ନ୍ୟାଶନାଲ ଆସେମ୍ବ୍ଲି ସ୍ପିକର ସର୍ଦ୍ଦାର ଆୟାଜ ସାଦିକ୍ ଘୋଷଣା କରିଛନ୍ତି। ୭୨ ବର୍ଷୀୟ ଶେହବାଜ ରାଷ୍ଟ୍ରପତି ଭବନରେ ପାକିସ୍ତାନର ୨୪ତମ ପ୍ରଧାନମନ୍ତ୍ରୀ ରୂପେ ସୋମବାର ଶପଥ ନେବେ। ଏହା ପୂର୍ବରୁ ସେ ୨୦୨୨ ଏପ୍ରିଲରୁ ୨୦୨୩ ଅଗଷ୍ଟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଥିଲେ। ଗତ ଫେବୃୟାରୀ ୮ରେ ଅନୁଷ୍ଠିତ ନିର୍ବାଚନରେ ନୱାଜ ଶରିଫ୍ଙ୍କ ପିଏମ୍ଏଲ୍-ଏନ୍ ସ୍ୱଷ୍ଟ ବହୁମତ ହାସଲ କରିପାରି ନାହିଁ। ଏହି ଦଳ ୨୬୫ ଆସନରେ ଲଢ଼ିଥିବାବେଳେ ୭୫ ଆସନରେ ଜିତିଛି। ଏମ୍କ୍ୟୁଏମ୍-ପି, ପାଏମ୍ଏଲ୍-କ୍ୟୁ, ବେଲୁଚିସ୍ତାନ ଆୱାମି ମୁସ୍ଲିମ ଲିଗ୍ (ଜେଡ୍), ଇସ୍ତେହକାମ୍-ଇ-ପାକିସ୍ତାନ ପାର୍ଟି ଏବଂ ନ୍ୟାଶନାଲ ପାର୍ଟି ମଧ୍ୟ ମେଣ୍ଟ ସରକାରରେ ସାମିଲ ହୋଇଛନ୍ତି।



କୋଲକାତାର ଭାଜପା କାର୍ଯ୍ୟାଳୟ ବାହାରେ ଶିଖ୍ ସମ୍ପ୍ରଦାୟର 'ଧାରଣା ମଞ୍ଚ'ରେ ଜଣେ ବ୍ୟକ୍ତି ମହାତ୍ମା ଗାନ୍ଧୀ ବେଶରେ ସାମିଲ ହୋଇଛନ୍ତି।

### ଭାଜପାକୁ ୨ ହଜାର ଚାନ୍ଦାଦେଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୩ା୩:** ଲୋକସଭା ନିର୍ବାଚନର ଠିକ୍ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପାକୁ ୨ ହଜାର ଟଙ୍କା ଚାନ୍ଦା ଦେଇଛନ୍ତି। 'ଡୋନେଶନ୍ ଫର୍ ନେଶନ୍ ବିଲ୍ଡିଂ' ଅଭିଯାନରେ ସାମିଲ ହୋଇ ସେ ଏହି ଚାନ୍ଦା ଦେଇଥିବା ବିଷୟ ନିଜ ଏକ୍ସ' ହ୍ୟାଣ୍ଡେଲ୍ରେ ଶେୟାର କରିଛନ୍ତି। ବିକଶିତ ଭାରତର ନିର୍ମାଣରେ ଭାଜପାର ପ୍ରୟାସକୁ ମଜଭୁତ କରିବାକୁ ଏହା ତାଙ୍କର ଏକ ଛୋଟ ପ୍ରୟାସ ବୋଲି ମୋଦି ଉଲ୍ଲେଖ କରିଛନ୍ତି। ଡୋନେଶନ୍ ପାଇଁ ନିଜ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଏକ ଲିଙ୍କ୍ ମଧ୍ୟ ଶେୟାର କରିଛନ୍ତି। ରାଷ୍ଟ୍ର ନିର୍ମାଣକୁ ଦୃଷ୍ଟିରେ ରଖି ନମୋ ଆପ୍ ମାଧ୍ୟମରେ ଏହି ଅଭିଯାନରେ ସାମିଲ ହେବାକୁ ଦେଶବାସୀଙ୍କୁ ସେ ନିବେଦନ କରିଛନ୍ତି। ମୋଦିଙ୍କ ପରେ ଅନ୍ୟ ବରିଷ୍ଠ ଭାଜପା ନେତା ମଧ୍ୟ ଏହି ଅଭିଯାନରେ ସାମିଲ ହୋଇ ଭାଜପାକୁ ଡୋନେଶନ୍ ଦେବା ଆରମ୍ଭ କରିଛନ୍ତି।

# ବିକଶିତ ଭାରତ ପାଇଁ ମନ୍ଥନ

**ନୂଆଦିଲ୍ଲୀ,୩ା୩**

ଲୋକସଭା ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ରବିବାର ମନ୍ତ୍ରୀ ପରିଷଦର ଶେଷ ଆନୁଷ୍ଠାନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦିବସବ୍ୟାପୀ ଏହି ବୈଠକରେ ଭିଜନ ଡକ୍ୟୁମେଣ୍ଟ 'ବିକଶିତ ଭାରତ: ୨୦୪୭' ଏବଂ ଆଗାମୀ ୫ ବର୍ଷ ପାଇଁ ସବିଶେଷ କାର୍ଯ୍ୟଯୋଜନା ସମ୍ପର୍କରେ ମାନସ ମନ୍ଥନ କରାଯାଇଥିଲା। ଆସନ୍ତା ମେ' ମାସରେ ନୂଆ ସରକାର ଗଠନ ହେବା ପରେ ତୁରନ୍ତ ପଦକ୍ଷେପ ସ୍ୱରୂପ ଏକ ୧୦୦ ଦିନିଆ କାର୍ଯ୍ୟସୂଚୀ ହାତକୁ ନିଆଯିବ। ଏହାର ତ୍ୱରିତ୍ କାର୍ଯ୍ୟକାରିତା ଉପରେ ବୈଠକରେ ବିଚାରବିମର୍ଶ ହୋଇଥିବା ଏକ ସରକାରୀ ସୂତ୍ରରୁ ଜଣାପଡ଼ିଛି। ୨ ବର୍ଷରୁ ଊର୍ଦ୍ଧ୍ୱ ସମୟର ଜୋର୍ଦାର ପ୍ରସ୍ତୁତି ସହ ସମ୍ପୂର୍ଣ୍ଣ ସରକାର ଏବଂ ମନ୍ତ୍ରୀମାନେ ରାଜ୍ୟ ସରକାରଙ୍କ ସହ ବ୍ୟାପକ ବିଚାରବିମର୍ଶ କରିବା, ଶିକ୍ଷାବିତ୍, ଶିଳ୍ପସଂସ୍ଥା, ସିଭିଲ୍ ସୋସାଇଟି, ବୈଜ୍ଞାନିକ ସଂଗଠନ ଏବଂ ଯୁବବର୍ଗଙ୍କୁ ମତାମତ ସଂଗ୍ରହ କରିବା ପରେ ବିକଶିତ ଭାରତ ରୋଡ୍ମ୍ୟାପ୍ ପ୍ରସ୍ତୁତ ହୋଇଛି।

## ମନ୍ତ୍ରି ପରିଷଦର ଶେଷ ଆନୁଷ୍ଠାନିକ ବୈଠକ


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଏଥିପାଇଁ ବିଭିନ୍ନ ସ୍ତରରେ ୨,୭୦୦ରୁ ଊର୍ଦ୍ଧ୍ୱ ବୈଠକ, କର୍ମଶାଳା ଓ ସେମିନାର ଅନୁଷ୍ଠିତ ହୋଇଥିଲା। ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଯୁବବର୍ଗଙ୍କ ମତାମତ ନିଆଯାଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ଏଥିରେ ଆର୍ଥିକ ବିକାଶ, ସ୍ଥାୟୀ ବିକାଶ ଲକ୍ଷ୍ୟ, ଜୀବନଯାପନ ଏବଂ ବ୍ୟବସାୟକୁ ସହଜ କରିବା, ଭିତ୍ତିଭୂମି ଓ ସାମାଜିକ କଲ୍ୟାଣ ଲକ୍ଷ୍ୟକୁ ସାମିଲ କରାଯାଇଛି। ବୈଠକରେ ମନ୍ତ୍ରୀମାନେ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ।

# ମଣିପୁର ଅସ୍ତ୍ର ଲୁଟ୍ ମାମଲା: ୭ ଜଣଙ୍କ ନାଁରେ ସିବିଆଇ ଚାର୍ଜଶିଟ୍

**ଗୁଆହାଟୀ,୩ା୩ (ପି.ଟି.)**

ଗତବର୍ଷ ମଣିପୁରରେ ଜାତିଆଣ ହିଂସା ବେଳେ ବିଷ୍ଣୁପୁର ପୋଲିସ ଅସ୍ତ୍ରାଗାରରୁ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଲୁଟ୍ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୭ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ଆସାମ ଗୁଆହାଟୀର କାମରୂପ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ଙ୍କ ଅଦାଲତରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଛି। ଗତବର୍ଷ ଅଗଷ୍ଟ ୩ରେ ଉତ୍ୟକ୍ତ ଲୋକମାନେ ବିଷ୍ଣୁପୁରର ନାରାନସେଇନାସ୍ଥିତ ଦ୍ୱିତୀୟ ଭାରତୀୟ ରିଜର୍ଭ ବାଟାଲିୟନ ମୁଖ୍ୟାଳୟରୁ ୩୦୦ରୁ ଊର୍ଦ୍ଧ୍ୱ ଅସ୍ତ୍ରଶସ୍ତ୍ର ଏବଂ ୧୯,୮୦୦ ଗୁଳିଗୋଳା ଲୁଟିନେଇଥିଲେ। ସେଥିରେ ଏକେ ସିରିଜ୍ ରାଇଫଲ, 'ଘାତକ' ରାଇଫଲ, ୧୯୫ ସେଲ୍ଫଲୋଡ଼ିଂ ରାଇଫଲ, ୫ଟି ଏମ୍ପି-୫ ବନ୍ଧୁକ, ୧୬ଟି ୯ଏମ୍ଏମ୍ ପିସ୍ତଲ, ୨୫ ବୁଲେଟ୍ପ୍ରୁଫ୍ ଜ୍ୟାକେଟ, ୨୧ କାର୍ବାଇନ୍ ଏବଂ ୧୨୪ ହ୍ୟାଣ୍ଡ ଗ୍ରେନେଡ୍ ଥିଲା।

# ଆଉ ୩ ପ୍ରାଇମେରି ଜିତିଲେ ଟ୍ରମ୍ପ୍

**ୱାଶିଂଟନ,୩ା୩**

ରିପବ୍ଲିକାନ୍ ପ୍ରାର୍ଥିତ୍ୱ ଦୌଡ଼ରେ ଥିବା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଉ ୩ଟି ପ୍ରାଇମେରି ଜିତିଛନ୍ତି। ସେ ମିଶିଗାନ୍, ଇଡାହୋ ଏବଂ ମିସୌରୀରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ନିକ୍କି ହାଲିଙ୍କୁ ପରାସ୍ତ କରିବା ପରେ ପ୍ରାର୍ଥିତ୍ୱ ଦୌଡ଼ରେ ଆଉ ଗୋଟିଏ ପାଦ ଆଗକୁ ଯାଇଛନ୍ତି। ପ୍ରାର୍ଥିତ୍ୱ ଚୟନ ପାଇଁ ଦଳୀୟ ପ୍ରାଇମେରି ମାର୍ଚ୍ଚ ମଧ୍ୟଭାଗରେ ଶେଷ ହେବାକୁ ଯାଉଛି। ୫ ତାରିଖ ସୁପର ଟ୍ୟୁଜ୍ରେ ୧୫ ରାଜ୍ୟରେ ରିପବ୍ଲିକାନ୍ ପ୍ରାର୍ଥୀ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରତିଯୋଗିତା ହୋଇଥିବା ସମସ୍ତ ପ୍ରାଇମେରିରେ ଟ୍ରମ୍ପ୍ ଜିତିବା ସତ୍ତ୍ୱେ ନିକ୍କି ହାଲି ପ୍ରତିଯୋଗିତାରେ ରହିବେ ବୋଲି କହିଛନ୍ତି। ଏପରିକି ଦୁଇଥର ଗଭର୍ନର ରହିଥିବା ସାଉଥ୍ କାରୋଲିନାରୁ ମଧ୍ୟ ନିକ୍କି ହାରିଯାଇଥିଲେ।



# ୨ ଫ୍ଲାଏଓଭର ମଧ୍ୟରେ ୬ ଫୁଟ୍ ବ୍ୟବଧାନ

**ମୁମ୍ବାଇ,୩ା୩**

ମୁମ୍ବାଇର ବର୍ଫିୱାଲା ଫ୍ଲାଏଓଭରକୁ ସଂଯୋଗ କରୁଥିବା ଗୋଖଲେ ବ୍ରିଜ୍ର ଏକ ଅଂଶକୁ ଗତ ସୋମବାର ଉଦ୍ଘାଟନ କରାଯାଇଛି। ତେବେ ଦୁଇଟି ଫ୍ଲାଏଓଭର ମଧ୍ୟରେ ୬ ଫୁଟ୍ର ଭୂଲମ୍ବ ବ୍ୟବଧାନକୁ ନେଇ ମୁମ୍ବାଇ ପୌର ନିଗମ ସମାଲୋଚିତ ହୋଇଛି। ଏହାକୁ ନେଇ ମହାରାଷ୍ଟ୍ରରେ ରାଜନୀତି ଜୋର୍ ଧରିଛି। ମୁମ୍ବାଇ ବାସିନ୍ଦା ଗୋଟିଏ ଓଭରବ୍ରିଜ୍ରୁ ଅନ୍ୟଟିକୁ ଲମ୍ଫ ମାରିବେ କି ବୋଲି ବିରୋଧୀ ଦଳ ଏକନାଥ ଶିନ୍ଦେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଦୁର୍ନୀତିଗ୍ରସ୍ତ ସରକାରଙ୍କ ଯୋଗୁ ଉଚ୍ଚତାରେ ପାର୍ଥକ୍ୟ ସୃଷ୍ଟି ହୋଇଥିବା ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକ୍ରେ ଏକ୍ସ'ରେ ପୋଷ୍ଟ କରିଛନ୍ତି। ସଂଯୋଗ କରୁଥିବା ୨ଟି ବ୍ରିଜ୍ ମଧ୍ୟରେ ଉଚ୍ଚତାରେ ୬ ଫୁଟ୍ର ବ୍ୟବଧାନ ରହିବା ସାରା ବିଶ୍ୱରେ କେବଳ ଭାରତରେ ହିଁ ସମ୍ଭବ ବୋଲି ସେ କହିଛନ୍ତି। ଏଥିପାଇଁ ଦାୟୀ ଅଧିକାରୀମାନଙ୍କୁ ତୁରନ୍ତ ନିଲମ୍ବନ କରାଯିବା ସହ ଘଟଣାର ତଦନ୍ତ ପାଇଁ ଆଦିତ୍ୟ ଦାବି କରିଛନ୍ତି।



## ଶିନ୍ଦେ ସରକାର ସମାଲୋଚିତ

ଅନ୍ଧେରୀ ଇଷ୍ଟକୁ ଅନ୍ଧେରୀ ୱେଷ୍ଟ ସହ ଯୋଡ଼ିବାରେ ଗୁରୁତ୍ୱପୂର୍ଣ୍ଣ ଏହି ବ୍ରିଜ୍ ନିର୍ମାଣରେ ୯୦ କୋଟି ଟଙ୍କା ବ୍ୟୟ ହୋଇଛି। ବ୍ରିଜ୍ ଉଦ୍ଘାଟନ ପରେ ଯାତ୍ରା ସମୟ ହ୍ରାସ ପାଇବା ନେଇ ଲୋକମାନେ ଖୁସି ହେଉଥିଲେ। ତେବେ ଗୋଖଲେ ବ୍ରିଜ୍ ସହ ବର୍ଫିୱାଲା ଫ୍ଲାଏଓଭର ସଂଯୋଗ ନ ହୋଇ ଉଚ୍ଚତାରେ ବ୍ୟବଧାନ ରହିଥିବା ଜଣାପଡ଼ିବା ପରେ ସେମାନଙ୍କ ଉତ୍ସାହ ଫିକା ପଡ଼ିଯାଇଛି। ଦୁଇ ଫ୍ଲାଏଓଭରର ଉଚ୍ଚତାକୁ ସମାନ କରି ଯୋଡ଼ିବା ଏବେ ବିଏମ୍ସି ପାଇଁ କାଠିକର ପାଠ ହୋଇପଡ଼ିଛି।

# 'ନାଟୁ ନାଟୁ' ଗୀତରେ ଝୁମିଲେ ତାରକା


ରାଧିକା ମର୍ଚ୍ଚାଣ୍ଟ ଓ ଅନନ୍ତ ଅମ୍ବାନୀଙ୍କ ସହ ମେଟା ସିଇଓ ମାର୍କ ଜୁକରବର୍ଗ।

## ଅନନ୍ତ-ରାଧିକାଙ୍କ ପ୍ରାକ୍ ବିବାହ ଉତ୍ସବ ସମ୍ପନ୍ନ

**ଜାମନଗର, ୩ା୩**

ବିଶିଷ୍ଟ ଉଦ୍ୟୋଗପତି ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନନ୍ତ ଅମ୍ବାନୀ ଓ ଜଣାଶୁଣା ବ୍ୟବସାୟୀ ବୀରେନ୍ ମର୍ଚ୍ଚାଣ୍ଟଙ୍କ ଝିଅ ରାଧିକା ମର୍ଚ୍ଚାଣ୍ଟଙ୍କ ତିନି ଦିନିଆ ପ୍ରାକ୍ ବିବାହ ଉତ୍ସବ ବହୁ ଧୁମ୍ଧାମ୍ରେ ରବିବାର ସମ୍ପର୍ଣ୍ଣ ହୋଇଛି। ଜାମନଗରରେ ଆୟୋଜିତ ହୋଇଥିବା ଏହି ୩ ଦିନିଆ ଉତ୍ସବରେ ଦେଶ ବିଦେଶର ୨୦୦୦ରୁ ଅଧିକ ସେଲିବ୍ରିଟିଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହି ପ୍ରାକ ବିବାହ ଉତ୍ସବରେ ମେଟା ସିଇଓ ମାର୍କ ଜୁକରବର୍ଗ, ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍ସ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ଝିଅ ଇଭାନ୍କା ଟ୍ରମ୍ପ, ଆଲ୍ଫାବେଟ୍ ସିଇଓ ସୁନ୍ଦର ପିଚାଇ, ପ୍ରସିଦ୍ଧ ପପ୍ ସିଙ୍ଗର ରିହାନା ଓ ଅନ୍ୟ ବହୁ ବିଶିଷ୍ଟ ବିଦେଶୀ ଅତିଥି ଯୋଗ ଦେଇଥିଲେ। ସେହିପରି ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପୂରା ବଲିଉଡ୍ ଏକ ପ୍ରକାର ଜାମନଗରରେ ଡେରା ପକାଇଥିଲା। ବଲିଉଡ୍ ଷ୍ଟାର୍ ସଲମାନ ଖାନ୍, ଶାହରୁଖ୍ ଖାନ୍, ଆମିର ଖାନ୍, ସେଫ୍ ଅଲ୍ଲୀ ଖାନ୍, କରୀନା କପୁର, କିଆରା ଆଡ଼ଭାନୀ, ଶାହୀଦ୍ କପୁର, ଦୀପିକା ପାଦୁକୋନ୍, ରଣବୀର ସିଂ, ରଣବୀର କପୁର ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇ ମାହୋଲକୁ ରଙ୍ଗିନ କରିଥିଲେ। ସେହିପରି କ୍ରିକେଟ ଷ୍ଟାର ସଚିନ୍ ତେନ୍ଦୁଲକର, ମହେନ୍ଦ୍ର ସିଂ ଧୋନୀ, ରୋହିତ ଶର୍ମା ପ୍ରମୁଖ ମଧ୍ୟ ଏହି ୩ ଦିନିଆ ଉତ୍ସବରେ ସାମିଲ ହୋଇଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନଙ୍କ ସାମ୍ନାରେ ଏକ ସ୍ୱତନ୍ତ୍ର ଡ୍ରୋନ ଶୋ' ପ୍ରଦର୍ଶିତ କରାଯାଇଥିଲା। ସେହିପରି ପପ୍ ସିଙ୍ଗର ରିହାନାଙ୍କ ଷ୍ଟେଜ ପରଫର୍ମାନ୍ସ ଉପସ୍ଥିତ ସମସ୍ତ ଅତିଥିଙ୍କୁ ମତୁଆଲା କରିଥିଲା। ଏହି ଅବସରରେ ବଲିଉଡର ତିନି ସୁପରଷ୍ଟାର ଶାହରୁଖ, ସଲ୍ମାନ୍ ଓ ଆମିର୍ ଖାନ୍ ଏକା ସହ ଷ୍ଟେଜ୍ରେ ପ୍ରସିଦ୍ଧ 'ନାଟୁ ନାଟୁ' ଗୀତର ତାଳେ ତାଳେ ନାଚିଥିଲେ, ଯାହା ବେଶ୍ ଭାଇରାଲ୍ ହେବାରେ ଲାଗିଛି।


ସଲ୍ମାନ୍ ଖାନ୍, ରାମଚରଣ, ଶାହରୁଖ ଖାନ୍, ଆମିର୍ ଖାନ୍।


ଶ୍ଲୋକା ମେହେଟ୍ଟା, ରାଧିକା ମର୍ଚ୍ଚାଣ୍ଟ, ଅନନ୍ତ ଅମ୍ବାନୀ ଓ ଆକାଶ ଅମ୍ବାନୀ।

## ସଂକ୍ଷେପରେ

### ଜିଲାସ୍ତରୀୟ ପୋଲିଓ ଟିକାକରଣ ଅଭିଯାନର ଶୁଭାରମ୍ଭ

**ବଲାଙ୍ଗୀର,୩।୩ (ବୀରେନ୍ଦ୍ର କୁମାର ଝାଙ୍କର)**

ଜାତୀୟ ପୋଲିଓ ଦିବସ ଉପଲକ୍ଷେ ରବିବାର ବଲାଙ୍ଗୀର ଶାସ୍ତ୍ରୀନଗର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲାସ୍ତରୀୟ ପୋଲିଓ ଟୀକା କରଣ ଅଭିଯାନର ଶୁଭାରମ୍ଭ ହୋଇଛି। ଶୁଭାରମ୍ଭ ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କୁବେର ଚନ୍ଦ୍ର ମହାନ୍ତ ଉପସ୍ଥିତ ଜନ୍ମରୁ ୫ ବର୍ଷ ବୟସ୍କ ଶିଶୁ ମାନଙ୍କୁ ପୋଲିଓ ବୁନ୍ଦା ଖୁଆଇ ଅଭିଯାନର ଶୁଭାରମ୍ଭ କରିଥିଲେ। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ଦିବ୍ୟ କିଶୋର ପତି , ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼. ସୁଧା ବାର୍ଲା, ଡ଼. ଶ୍ୟାମସୁନ୍ଦର ଆଡାପ୍ପା, ଡ଼. ରାକେଶ ରଞ୍ଜନ ମୁଣ୍ଡ, ଗୁରୁଦେବ କୁମ୍ଭାର, ରାମାନୁଜ ପଣ୍ଡା, ପିଟରସନ ଭୋଇ, ସୁଦାମ ପ୍ରଧାନ, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ଦ୍ଦେଶକ ସତ୍ୟ ରଞ୍ଜନ ମିଶ୍ର ଓ ରବି ରଞ୍ଜନ ପୂଜାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ମାର୍ଚ୍ଚ ୩ରୁ ୫ ତାରିଖ ପର୍ଯ୍ୟନ୍ତ ସକାଳ ୮ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଚାଲିବ। ପୋଲିଓ ଟୀକାକରଣ ଅଭିଯାନ ମାଧ୍ୟମରେ ୫ ବର୍ଷରୁ କମ ବୟସର ମୋଟ ୧ ଲକ୍ଷ ୩୧ ହଜାର ୫୦୯ ଶିଶୁଙ୍କୁ ୧,୪୧୬ ବୁଥ ଜରିଆରେ ଟୀକାଦାନ କରାଯିବ। ତାସହ ୨,୮୩୪ ଟିମ ସହାୟତାରେ ୪ ଲକ୍ଷ ୬୭୩୫୩ ଘରେ ଟୀକାକରଣ କରିବେ। ୪୧ଟି ଟ୍ରାନଜିଟ ଟିମ, ୧୩ଟି ଭ୍ରାମ୍ୟମାଣ ଟିମ ବ୍ୟବସ୍ଥା କରାଯାଇଛି। ସୁଚାରୁ ସମ୍ପନ୍ନ ପାଇଁ ୧୬୩ ନିରୀକ୍ଷକଙ୍କ ବ୍ୟବସ୍ଥା କରାଯାଇଛି। ୩୧୦୮ ସ୍ୱାସ୍ଥ୍ୟକର୍ମୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ହେବ ବୋଲି ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ମହାନ୍ତ କହିଥିଲେ।

### ୧୦ଦିନର ମହଲତ ଦେଲେ ଅଞ୍ଚଳବାସୀ

**ଦେଓଗାଁରେ ଏକ୍ସପ୍ରେସ ଟ୍ରେନ ରହଣି ପ୍ରସଙ୍ଗ**

**ଦେଓଗାଁ, ୩।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ରେଳ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ଇସ୍ପାତ ଓ ପୁରୀ ଦୁର୍ଗ ରହଣି ଦାବିକୁ ନେଇ ରବିବାର ୨୬ ପଞ୍ଚାୟତ ଜନପ୍ରତିନିଧିଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ସାପ୍ତାହିକ ବଜାର ପ୍ରାଙ୍ଗଣରେ ସରପଞ୍ଚ ନିନା ଛତ୍ରିଆଙ୍କ ସଭାପତିତ୍ୱ, ସେବକ ବାରିକଙ୍କ ପରିଚାଳନାରେ ବୈଠକ ବସିଥିଲା । ଅଞ୍ଚଳବାସୀ ଏହି ଦାବି କରିଆସୁଥିଲେ ହେଁ ପୂର୍ବତନ ଓ ବର୍ତ୍ତମାନର ଏମ୍‌ପି କୌଣସି ପଦକ୍ଷେପ ନ ନେବା ପରିତାପର ବିଷୟ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଆଗାମୀ ୧୦ଦିନ ମଧ୍ୟରେ ସମ୍ପୃକ୍ତ ବିଭାଗ ଏକ୍ସପ୍ରେସ ଟ୍ରେନ ରହଣି ଦିଗରେ ପଦକ୍ଷେପ ନ ନେଲେ ମହା ରେଲରୋକୋ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଥିଲେ। ପ୍ରଥମେ ଏମ୍‌ପି ସଙ୍ଗୀତା ସିଂଦେଓଙ୍କୁ ସାକ୍ଷାତ୍ କରି ଇସ୍ପାତ ଟ୍ରେନ ରହଣି ପାଇଁ ଦାବି କରିବାକୁ ସ୍ଥିର କରାଯାଇଥିଲା। ବ୍ଲକ ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ହାତୀସରା ସରପଞ୍ଚ କେଲୋ ଡାଙ୍ଗ, ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ମୁଖ୍ୟ ଉପଦେଷ୍ଟା ଡା. ଶଶୀଭୂଷଣ ସାହୁ, ବସନ୍ତ ଅଗ୍ରୱାଲ, ଜରାସିଂହା ସରପଞ୍ଚ କୁଶମଣୀ ମେହେର, ଗୁଣନିଧି ବାରିକ ମତ ରଖିଥିଲେ।

# ଗ୍ରାମବାସୀ ପିଉଛନ୍ତି ଝରଣା ପାଣି

**ଜଳଯୋଗାଣ ପ୍ରକଳ୍ପ କାମ ଅଧାପନ୍ତରିଆ**

**ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ: ବିଡିଓ**

**ଖପ୍ରାଖୋଲ,୩।୩(ଅଭୟ ତ୍ରିପାଠୀ)**


ମହିଳାମାନେ ଝରଣାରୁ ପାଣି ସଂଗ୍ରହ କରୁଛନ୍ତି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପାଲ ପଞ୍ଚାୟତ ଗନ୍ଧମାର୍ଦନ ପାହାଡ ତଳି ଗାଁ କୁଠୁର୍ଲା। ବ୍ଲକ ସଦର ମହକୁମାଠାରୁ ୧୩କିମି ଦୂର ଏହି ଗାଁରେ ୯୦ପରିବାର ବସବାସ କରନ୍ତି। ବର୍ଷ ସାରା ଏହି ଗାଁର ଲୋକେ ସ୍ୱଚ୍ଛ ପାନୀୟ ଜଳ ପାଇଁ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି। ଗ୍ରୀଷ୍ମମାସରେ ଜଳକଷ୍ଟ ଦ୍ୱିଗୁଣିତ ହୋଇଯାଏ। ଚଳିତବର୍ଷ ଗ୍ରୀଷ୍ମ ପ୍ରାରମ୍ଭରୁ ଏହି ଗାଁରେ ଦେଖାଦେଲାଣି ପାନୀୟ ଜଳ ସମସ୍ୟା। ଗାଁରେ ୬ଟି ନଳକୂଅ ରହିଛି। ହେଲେ ସେଥିରୁ ମଇଳା ପାଣି ବାହାରୁ ଥିବାରୁ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଏହିସ୍ଥିତିରେ ପାଣି ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟନୋପାୟ ହୋଇ ସେମାନେ ଗାରୁ ୧କିମି ଦୂରରେ ଥିବା ନିକଟ ଝରଣା ପାଣିକୁ ବଡକଷ୍ଟରେ ସଂଗ୍ରହ କରି ପାନୀୟ ଭାବେ ବ୍ୟବହାର କରୁଛନ୍ତି। ସକାଳୁ ଗାଁର ମହିଳାମାନେ ଗରା, ବାଲଟି, ମାଠିଆରେ ଝରଣା ପାଣି ଘରକୁ ନେଉଥିବା ଦେଖାଯାଉଛି। ଏନେଇ ଗ୍ରାମ୍ୟ ପାନୀୟ ଜଳ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପ୍ରଧାନଙ୍କୁ ପଚାରିବାରୁ ଗାଁରେ ବସୁଧା ଯୋଜନାରେ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଗାଁରେ ନଳକୂଅ ରହିଛି। ଯଦି ଲୋକେ ଏହାସତ୍ତ୍ୱେ ଝରଣା ପାଣି ସଂଗ୍ରହ କରୁଛନ୍ତି ତେବେ ସେମାନଙ୍କୁ ସଚେତନ କରାଯିବ ବୋଲି କହିଛନ୍ତି। ଏ ନେଇ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ତଦନ୍ତ କରି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

# ସଙ୍କଳ୍ପ ସମାରୋହ, ବୁଦ୍ଧିଜୀବୀ ସମ୍ମିଳନୀ


ବଲାଙ୍ଗୀର ସାମ୍ବାଦିକ ଭବନରେ ଅନୁଷ୍ଠିତ ଗାୟତ୍ରୀ ପରିବାରର ବୁଦ୍ଧିଜୀବୀ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ଗାୟତ୍ରୀ ଶକ୍ତିପୀଠ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ**

**ବଲାଙ୍ଗୀର,୩।୩(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଗାୟତ୍ରୀ ଶକ୍ତିପୀଠରେ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ରବିବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ସଂକଳ୍ପ ସମାରୋହ ଏବଂ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଲୋକ ସଭା ସଦସ୍ୟ ସଙ୍ଗୀତା କୁମାରୀ ସିଂଦେଓ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଗାୟତ୍ରୀ ପରିବାର ଟ୍ରଷ୍ଟର ଟ୍ରଷ୍ଟି ଯୁଗଳ କିଶୋର ଝା, ମୁଖ୍ୟବକ୍ତାଭାବେ ହରିଦ୍ୱାରା ଶାନ୍ତିକୁଞ୍ଜରୁ ଆସିଥିବା ଶ୍ରୀରାମ ପ୍ରସାଦ ସାହୁ ଏବଂ ସମ୍ମାନିତବକ୍ତା ଭାବେ ଜିଲା ପରିଷଦ ସଦସ୍ୟ ଶିବଦତ୍ତ ମିଶ୍ର ଯୋଗ ଦେଇଥିଲେ। ଟ୍ରଷ୍ଟ ସଦସ୍ୟ ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ ସଂକଳ୍ପ ସମାରୋହ ଓ ବୁଦ୍ଧିଜୀବୀ ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ସମାରୋହକୁ ସାମ୍ବାଦିକ ସଂଘର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ସତ୍ୟନାରାୟଣ ବେହେରାଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଥିଲା। ମୁଖ୍ଯଅତିଥି ଏମପି ସିଂଦେଓ ତାଙ୍କ ବକ୍ତବ୍ୟରେ ଗାୟତ୍ରୀ ଶକ୍ତିପୀଠ ନାରୀ ସଶକ୍ତିକରଣର ନୂତନ ଚେତନା ବୋଲି କହିଥିଲେ। ଭାରତୀୟ ଜନଜୀବନରେ ନାରୀର ମହତ୍ତ୍ୱ ଏବଂ ଶକ୍ତି ରୂପରେ ଉପାସନା ପ୍ରାଚୀନ କାଳରୁ କରାଯାଇ ଆସିଛି। ଘରେ ଘରେ ଗାୟତ୍ରୀ ମନ୍ତ୍ର ଦ୍ୱାରା ନାରୀ ଶକ୍ତିକୁ ସ୍ମରଣ ଏବଂ ଉପାସନା କରାଯାଉଛି। ନାରୀ ବାସ୍ତବରେ ଶକ୍ତି ଉତ୍ସ ବୋଲି ସେ କହିଥିଲେ। ସଭାରେ ସମ୍ମାନୀତ ଅତିଥି ସିଂଦେଓ ନାରୀଶକ୍ତି ଓ ମାତୃଶକ୍ତିର ମହତ୍ତ୍ୱ ସମ୍ପର୍କରେ କହିବା ସହ ସାମାଜିକ ସଶକ୍ତିକରଣରେ ନାରୀର ଭୂମିକା ଉପରେ କହିଥିଲେ। ଜିଲା ପରିଷଦ ସଦସ୍ୟ ମିଶ୍ର ନାରୀମାନଙ୍କ ସଙ୍ଗଠନ କ୍ଷେତ୍ରରେ ଗାୟତ୍ରୀ ପରିବାରର ଅବଦାନ ଉପରେ କହିଥିଲେ। ହରିଦ୍ୱାରରୁ ଆସିଥିବା ସାହୁ ବୌଦ୍ଧିକ ଚେତନା ଜାଗ୍ରତ କରିବାକୁ ହେଲେ ଗାୟତ୍ରୀ ମନ୍ତ୍ରର ଉପଯୋଗିତା ଏବଂ ବଲାଙ୍ଗୀରରେ ଶକ୍ତିପୀଠର ପ୍ରତିଷ୍ଠା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗାୟିତ୍ରୀ ପରିବାରର ବହୁ ସଦସ୍ୟ, ସାମ୍ବାଦିକ ସଂଘ ସଦସ୍ୟ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ପାଣ୍ଡିଆନଙ୍କ ଗସ୍ତ ପୂର୍ବରୁ ନବୀନ, ବୀରେନ୍ଦ୍ର ଅଟକ

**ଟିଟିଲାଗଡ଼, ୩।୩(ଶରତ ମିଶ୍ର)**

ସରକାରୀ କାର୍ଯ୍ୟକ୍ରମରେ ରବିବାର ଟିଟିଲାଗଡ଼ ଗସ୍ତରେ ଆସିଥିଲେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ। ଏଥିପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଶନିବାର ସନ୍ଧ୍ୟାଠାରୁ ସମଗ୍ର ସହର ପୋଲିସ ଛାଉଣୀରେ ପରିଣତ ହୋଇଥିଲା । ଟିଟିଲାଗଡ଼ ଜିଲା ଦାବି ତଥା ଅନ୍ୟ ସ୍ଥାନୀୟ ସମସ୍ୟା ନେଇ ବିରୋଧ ଆଶଙ୍କାରେ ପୋଲିସ ସଜାଗ ଦୃଷ୍ଟି ରଖିଥିଲା । ପ୍ରତିଷେଧ ବ୍ୟବସ୍ଥା ସ୍ୱରୂପ କଂଗ୍ରେସ ନେତା ବୀରେନ୍ଦ୍ର ବାଗଙ୍କ ସମେତ କେତେକ କଂଗ୍ରେସ କର୍ମୀ ବିରୋଧ ନେଇ ପ୍ରସ୍ତୁତି ଚଳାଇଥିବା ଖବର ପାଇ ଟିଟିଲାଗଡ଼ ଥାନା ଅଧିକାରୀ ଅବନୀ ସାହୁଙ୍କ ନେତୃତ୍ୱରେ ପୋଲିସ ବଳ କଚେରି ଛକ ନିକଟରୁ ବୀରେନ୍ଦ୍ର ଏବଂ ତାଙ୍କ ସମର୍ଥକଙ୍କୁ ଉଠାଇ ନେଇଥିଲେ। ସେହିପରି ଭାଜପା କାର୍ଯ୍ୟାଳୟରେ ବରିଷ୍ଠ ନେତା ନବୀନ ଜୈନଙ୍କୁ ପୋଲିସ ଅଟକ ରଖିଥିଲା। ଟିଟିଲାଗଡ଼ରେ ପାଣ୍ଡିଆନଙ୍କ କାର୍ଯ୍ୟକ୍ରମ ସରିବା ପରେ ପୋଲିସ ସେଠାରୁ ଯାଇଥିଲା। ଭାଜପା କାର୍ଯ୍ୟାଳୟରେ ଜୈନଙ୍କ ସହ ଦଳର ନଗର ସଂଯୋଜକ ସଞ୍ଜୟ ତ୍ରିପାଠୀ, ଅଶ୍ୱିନୀ ସାହୁ, ବିରଞ୍ଚି ସାହୁ, ଜଗୁ ଖରସେଲ, ସଞ୍ଜୀବ ସରାଫ, ନରେଶ ରାଜପାଳିଆ, ସତ୍ୟ ଥନାପତି, ସୁଦାମ ସାହୁ, ସୁରେଶ ବେହେରା, ଯୋଗେନ୍ଦ୍ର କଟା, ନିର୍ମଳ ବରର୍ତ୍ତି ପ୍ରମୁଖ ଭାଜପା ନେତା ଅଟକ ରହିଥିଲେ।

### ଏକାଠି ଜଳିଲା ମା' ଝିଅଙ୍କ ଚିତା


ଶ୍ମଶାନରେ ମା'ଝିଅଙ୍କ ଚିତା ଜଳୁଛି।

**ଜେଲଗଲେ ଗାଡି ଚାଳକ**

**ପାଟଣାଗଡ,୩।୩(ସଚ୍ଚିଦାନନ୍ଦ ମହାକୁର)**

ଶନିବାର ସନ୍ଧ୍ୟାରେ ଏକ କାର ଧକ୍କାରେ ପାଟଣାଗଡ ବ୍ଲକ ଉଲବା ଗାଁର ସରୋଜିନୀ ଧରୁଆ(୪୫) ଓ ତାଙ୍କ ଝିଅ ରୀତା ଧରୁଆ(୧୯)ଙ୍କର ମୃତ୍ୟୁ ଘଟିଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ଗାଁକୁ ଆସିବା ପରେ ସୁକତେଲ ନଦୀକୂଳ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ଏହି ସମୟରେ ଏକ ଶୋକାକୂଳ ପରିବେଶ ଦେଖିବାକୁ ମିଳିଥିଲା । ଅପରପକ୍ଷରେ ଧକ୍କା ଦେଇଥିବା କାର ଚାଳକ ଲଳିତ ବାଗଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ତାରାବତୀ ପଧାନ କହିଛନ୍ତି। ସରୋଜିନୀ ଓ ରୀତି ନିଜ ଚାଷ ଜମିରୁ କାମ ସାରି ଫେରୁଥିବାବେଳେ ପାଟଣାଗଡ଼ ପଟରୁ ଦ୍ରୁତ ଗତିରେ ଆସୁଥିବା ଏକ କାର (ଓଡ଼ି ୦୩ ସି ୨୦୪୧) ସେମାନଙ୍କୁ ପଛପଟୁ ଜୋରରେ ଧକ୍କା ଦେଇଥିଲା। ଧକ୍କାର ତୀବ୍ରତା ଏତେ ଥିଲା ଯେ, ମା'ଝିଅ ପ୍ରାୟ ୩୦ ଫୁଟ ଉପରକୁ ଉଠି ବିଦ୍ରୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲେ। ସେମାନଙ୍କ ଶରୀରର ବିଭିନ୍ନ ଅଂଶ ଖଣ୍ଡ ବିଖଣ୍ଡିତ ହୋଇ ରାସ୍ତାର ଏଣେତେଣେ ବିଛାଡି ହୋଇପଡିଥିଲା। ଦୁର୍ଘଟଣାସ୍ଥଳରୁ କିଛି ଦୂରରେ କାର୍ ଓଲଟି ପଡିଥିଲା। କାର ମାଲିକ ସୁନୀଲ ଅଗ୍ରୱାଲ ମୃତକଙ୍କ ପରିବାରକୁ ୨ଲକ୍ଷ ୫୦ ହଜାର ଟଙ୍କା, ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ଏବଂ ହରିଶ୍ଚନ୍ଦ୍ର ଯୋଜନାରୁ ସତ୍କାର ପାଇଁ ୪ହଜାର ଟଙ୍କା ସହାୟତା ରାଶି ଦିଆଯାଇଥିଲା।

### ନୂଆ କାର୍ଯ୍ୟକାରିଣୀ କମିଟି ସଦସ୍ୟଙ୍କ ଶପଥ ଗ୍ରହଣ ଉତ୍ସବ



ବଲାଙ୍ଗୀର ନାଗରିକ କମିଟି ନୂଆ କାର୍ଯ୍ୟକାରିଣୀ କମିଟି ସଦସ୍ୟଙ୍କ ଶପଥ ଗ୍ରହଣ ଉତ୍ସବରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା।

**ବଲାଙ୍ଗୀର ନାଗରିକ କମିଟି**

**ବଲାଙ୍ଗୀର,୩।୩(ବୀରେନ୍ଦ୍ର କୁମାର ଝାଙ୍କର)**

ସ୍ଥାନୀୟ ଟାଉନ ବାଳିକା ହାଇସ୍କୁଲ ସଭାଗୃହରେ ବଲାଙ୍ଗୀର ନାଗରିକ କମିଟିର ନୂଆ କାର୍ଯ୍ୟକାରିଣୀ କମିଟି ସଦସ୍ୟଙ୍କ ଶପଥ ଗ୍ରହଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ବିଦାୟୀ ସଭାପତି ବେଲାର ସିଂଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଦାୟୀ ସମ୍ପାଦକ ମନୋରଞ୍ଜନ ସାହୁ ତାଙ୍କ କାର୍ଯ୍ୟକାଳ ଭିତରେ ସମ୍ପାଦିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ସଭାପତି ବେଲାରସିଂ ଭୋଇ ନବ ନିର୍ବାଚିତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହିତ ତାଙ୍କ କାର୍ଯ୍ୟକାଳ ସମୟରେ ମିଳିଥିବା ସହଯୋଗ ଓ ସଦିଚ୍ଛା ସକାଶେ ସଦସ୍ୟମାନଙ୍କୁ ଧନ୍ୟବାଦ ଦେଇଥିଲେ। ପରେ ନିର୍ବାଚନ ଅଧିକାରୀ ଅଶୋକ କୁମାର ମିଶ୍ର କାର୍ଯ୍ୟକାରିଣୀ କମିଟିର ନବନିର୍ବାଚିତ ସଦସ୍ୟମାନଙ୍କୁ ଶପଥ ପାଠ କରାଇଥିଲେ। ସମ୍ପାଦକ ସାହୁଙ୍କଠାରୁ ନବନିର୍ବାଚିତ ସମ୍ପାଦକ ମଧୁସୂଦନ ନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ନିର୍ବାଚନ ଅଧିକାରୀ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଡ. ଶ୍ରୀକର ମିଶ୍ର ଓ ମଧୁସୂଦନ ନାୟକ ଯଥାକ୍ରମେ ସଭାପତି ଓ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ। ସଭାପତି ପଦ ପାଇଁ ଡ. ଶ୍ରୀକର ମିଶ୍ର, ଉପସଭାପତି ପଦ ପାଇଁ ନିତ୍ୟାନନ୍ଦ ମିଶ୍ର, ଯୁଗ୍ମ ସମ୍ପାଦକ ପଦ ପାଇଁ ସୁନୀଲ ଚନ୍ଦ୍ର ବିଶ୍ୱାଳ ଓ କୋଷାଧ୍ୟକ୍ଷ ପଦ ପାଇଁ ଗଜେନ୍ଦ୍ର ତ୍ରିଭୁନଦାସ ଭମର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ମଧୁସୂଦନ ନାୟକ ୧୩୬ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ୍। କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ଶରତ କୁମାର ମହାକୁର, ପ୍ରଦୀପ ସାହୁ, ଋତୁରାଜ ସିଂ, ବିନୟ କୁମାର ମିଶ୍ର, ତରୁଣ କୁମାର ମିଶ୍ର, ଗୌରଚନ୍ଦ୍ର ପୁରୋହିତ, ଗୋପବନ୍ଧୁ ପୁରୋହିତ, ଡ. ପ୍ରମୋଦ କୁମାର ମିଶ୍ର, ବିନୋଦ ବିହାରୀ ପାଣିଗ୍ରାହୀ, ଧର୍ମବ୍ରତ ରଥ ଓ ନରେନ୍ଦ୍ର କୁମାର ଆଚାର୍ଯ୍ୟ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ବିକ୍ରମାନନ୍ଦ ବହିଦାର, ପ୍ରଭାକର ମିଶ୍ର, ଗୋପଭୂଷଣ ନାଥ, କିଶୋର କୁମାର ମିଶ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଶତ୍ରୁଘ୍ନ ସିଂଙ୍କ ସମେତ ନାଗରିକ କମିଟିର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

### ୨୮୮ ଶିଶୁଙ୍କ ମାଗଣା ଚିକିତ୍ସା

**ଟିଟିଲାଗଡ଼, ୩।୩ (ଶରତ ମିଶ୍ର):** ଟିଟିଲାଗଡ ମାରୱାଡି ଯୁବାମଞ୍ଚ ସେଣ୍ଟ୍ରାଲ ଶାଖା ପକ୍ଷରୁ ରବିବାର ଶିଶୁଙ୍କ ପାଇଁ ମାଗଣା ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ସ୍ଥାନୀୟ ମହାବୀର ପଞ୍ଚାୟତି ଧର୍ମଶାଳା ପରିସରରେ ବାଳଗୋପାଳ ଚିଲଡ୍ରେନ ହସ୍ପିଟାଲ ପକ୍ଷରୁ ଏନେଇ ଅନୁଷ୍ଠିତ ଶିବିରରେ ୧୨ ଜଣ ଶିଶୁ ରୋଗ ବିଶେଷଜ୍ଞଙ୍କ ଦ୍ୱାରା ମୋଟ ୨୮୮ ଜଣ ଶିଶୁଙ୍କ ବିଭିନ୍ନ ରୋଗର ଚିକିତ୍ସା ପ୍ରଦାନ କରାଯାଇଛି। ଡାକ୍ତରଖାନାର ନିର୍ଦ୍ଦେଶକ ଅଶୋକ ଭଉରଙ୍କ ତତ୍ତ୍ୱାବଧାନରେ ଅଭିଜ୍ଞ ଡାକ୍ତରମାନେ ଶିଶୁଙ୍କ ଚିକିତ୍ସା କରିଥିଲେ। ଯୁବାମଞ୍ଚର ମଣ୍ଡଳୀୟ ଉପସଭାପତି ଅଙ୍କୁର ଅଗ୍ରୱାଲ, ସଭାପତି ଗୋପାଲକ୍ରିଷ୍ଣ ଜୈନ, ସମ୍ପାଦକ ରାହୁଲ ଜୈନ, ହନି ଅଗ୍ରୱାଲ, ଭୁପେନ ଜୈନ, ଲଳିତ ଅଗ୍ରୱାଲ, ନେମିଚାନ୍ଦ ଶର୍ମା, ଅରୁଣ ଅଗ୍ରୱାଲ, ଗଜାନନ ଜୈନ, ଶ୍ରୀରାମ ଅଗ୍ରୱାଲ, ବିଶେଷ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ସବ୍‌ଜୁନିୟର ପ୍ରତିଯୋଗିତା ପାଇଁ କୋଚିଂ କ୍ୟାମ୍ପ

**୨୫ ତମ ଜାତୀୟ ଅସି ଚାଳନା**

**ବଲାଙ୍ଗୀର,୩।୩(ବୀରେନ୍ଦ୍ର କୁମାର ଝାଙ୍କର)**

୨୫ତମ ଜାତୀୟ ଅସି ଚାଳନା ସବ୍‌ଜୁନିୟର ପ୍ରତିଯୋଗିତା ପାଇଁ ବଲାଙ୍ଗୀର ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ କୋଚିଂ କ୍ୟାମ୍ପ ଆରମ୍ଭ ହୋଇଛି। ଓଡ଼ିଶା ରାଜ୍ୟ କ୍ରୀଡା ବିଭାଗ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତା ପାଇଁ ରାଜ୍ୟ ଅସି ଚାଳନା ସଂଘ ପକ୍ଷରୁ ସମଗ୍ର ରାଜ୍ୟରୁ ୩୨ ଜଣ ଖେଳାଳିଙ୍କୁ ଚୟନ କରାଯାଇଛି। ସେଥିମଧ୍ୟରୁ ୨୪ ଜଣ ଖେଳାଳିଙ୍କୁ ଜାତୀୟ ଅସି ଚାଳନା ପ୍ରତିଯୋଗିତା ପାଇଁ ଚୟନ କରାଯିବ ବୋଲି ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ ଏବଂ ସହସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଥିଲେ। ଏହି ଉପଲକ୍ଷେ ଶନିବାର ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ଓଡ଼ିଶା ହାଉସିଂ ବୋର୍ଡ ଅଧକ୍ଷ କଳିକେଶ ନାରାୟଣ ସିଂଦେଓ ଅତିଥିଭାବେ ଯୋଗଦେଇ ଏହି କ୍ୟାମ୍ପକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ବଲାଙ୍ଗୀରରେ ଗୋଟିଏ ଫେନ୍ସିଂ ଇଣ୍ଡୋର ଷ୍ଟାଡିୟମ କରିବାକୁ ରାଜ୍ୟ କ୍ରୀଡା ବିଭାଗକୁ ୨ କୋଟି ୯୩ ଲକ୍ଷ ଟଙ୍କାର ଏକ ପ୍ରସ୍ତାବ ପଠାଇଛୁ। ଶୀଘ୍ର ଫେନ୍ସିଂ ଇଣ୍ଡୋର ଷ୍ଟାଡିୟମ ଅନୁଷ୍ଠିତ ହେବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମନୋନୀତ ପ୍ରତିଯୋଗୀଙ୍କ ସହ ଜିଲା କ୍ରୀଡା ଅଧିକାରୀ ପରାଶର ବାଗ, ରାଜ୍ୟ ଫେନ୍ସିଂ ସଂଘ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଏବଂ ବଲାଙ୍ଗୀର ସହରର ବହୁ କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ। ବଲାଙ୍ଗୀର, ଭୁବନେଶ୍ୱର, କଟକ ସ୍ପୋର୍ଟସ୍ ହଷ୍ଟେଲର ଖେଳାଳିମାନେ ଶିବିରରେ ଯୋଗ ଦେଇଛନ୍ତି।


ବଲାଙ୍ଗୀର ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ କୋଚିଂ କ୍ୟାମ୍ପ ଉଦ୍‌ଘାଟନୀ ଅବସରରେ ପ୍ରତିଯୋଗୀଙ୍କ ସହ ଅତିଥି ।

# ନାଟକ ମାଧ୍ୟମରେ ସମାଜକୁ ପରିବର୍ତ୍ତନ କରିହେବ

**ଲୋଇସିଂହା,୩।୩(ସୁଶାନ୍ତ ବାରିକ)**


ଅତିଥିଙ୍କଠାରୁ ଜଣେ ଦଣ୍ଡକଳା କଳାକାର ସମ୍ମାନିତ ହେଉଛନ୍ତି।

**ଲୋକନାଟକ ମହୋତ୍ସବ-୨୪ ଆଲୋଚନାଚକ୍ର**

ବଲାଙ୍ଗୀର ଜିଲା ଲୋଇସିଂହା ଅଇସିଡିଏସ୍ ସଭାଗୃହରେ ଲୋକ ନାଟକ ମହୋତ୍ସବ -୨୪କୁ ନେଇ ନାଟକ କାହିଁକି କରିବା ଏକ ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସୁରସଙ୍ଗମ ସାଂସ୍କୃତିକ ସଂସଦ ଅନୁକୂଲ୍ୟ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅଲୋଚନାଚକ୍ରରେ ସଂସ୍କୃତି ଅଧିକାରୀ ମିଶ୍ର ଜ୍ୟୋତ୍ସ୍ନାମୟୀ ନାଗ, ପ୍ରକାଶ ଥନାପତି, ସ୍ୱରୂପା ସିଂ, ଦେବାନନ୍ଦ ମିସ୍ତ୍ରୀ, ଶିବାନନ୍ଦ ତ୍ରିପାଠୀ ଆଲୋଚକଭାବେ ଯୋଗଦେଇଥିଲେ। ନାଟକ ହେଉଛି ଆମ ଜୀବନର ଏକ ପ୍ରମୁଖ ଅଂଶ। ଅମେ ଯେଉଁ ଜିନିଷକୁ ଅଲଗା କୌଣସି ମଧ୍ୟମରେ ବୁଝି ପାରି ନ ଥାଉ ତାହାକୁ ନାଟକ ମାଧ୍ୟମରେ ସହଜରେ ଜାଣି ପାରିଥାଉ। ସମାଜରେ ଘଟୁଥିବା ପ୍ରତ୍ୟେକ ଘଟଣା ନାଟକ ମାଧ୍ୟମରେ ହିଁ ପରିପ୍ରକାଶ କରାଯାଇଥାଏ । ନାଟକ ଆମ ଜୀବନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି। କଳା ସଂସ୍କୃତିକୁ ବଢାଇବାକୁ ହେଲେ ନାଟକକୁ ବଞ୍ଚାଇବାକୁ ହେବ ବୋଲି ମୁଖ୍ୟ ଅତିଥି ଜିଲା ସଂସ୍କୃତି ଅଧିକାରୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟତମ ଆଲୋଚକ ପ୍ରକାଶ ଥନାପତି ପେଟ ପାଇଁ ନାଟକ ବୋଲି କହିବା ସହ ଉପସ୍ଥିତ କଳାକାରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସ୍ୱରୂପା ସିଂ ନାଟକ ମାଧ୍ୟମରେ ସମାଜକୁ ପରିବର୍ତ୍ତନ କରାଯାଇ ପାରିବ ବୋଲି ସେ କହିଥିଲେ। ଦେବେନ୍ଦ୍ର ମିସ୍ତ୍ରୀ, ଚମରା ଚୌହାନ, ଗୌରୀଶଙ୍କର ବେଜ, ଶିବାନନ୍ଦ ତ୍ରିପାଠୀ ପ୍ରମୁଖ ସମାଜ ପାଇଁ ନାଟକର ଅବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ୩ଟି ନାଟକ ଦଳ ଏବଂ ୧୨ଟି ଲୋକାକଳା ଦଳ ପକ୍ଷରୁ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। କଳାକାରଙ୍କୁ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା । ଏହି ଉପଲକ୍ଷେ ସୁଶାନ୍ତ ବାରିକ, ବୀରଜାନନ୍ଦ ପାଢୀ, ସାରଙ୍ଗ ଭୋଇଙ୍କ ସମେତ ୩ ଜଣ ପ୍ରତିଷ୍ଠିତ ଦଣ୍ଡ କଳାକାରଙ୍କୁ ସ୍ୱତନ୍ତ୍ର ଭାବେ ଜିଲା ସଂସ୍କୃତି ଅଧିକାରୀ ସମ୍ମାନୀତ କରିଥିଲେ।

## ସଂକ୍ଷେପରେ

### ଡାକ୍ତର ରାଜୁ ନାୟକଙ୍କ ପରଲୋକ

ପଦ୍ମପୁର,୩।୩(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ରାଜୁ ନାୟକଙ୍କ ଶନିବାର ପରଲୋକ ହୋଇଛି। ସେ ପଦ୍ମପୁର ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ରୋଗୀସେବା ସାରି ଅପରାହ୍ନ ୧ଟାରେ ବରଗଡ଼ ଯାଇ ଫେରୁଥିଲେ। ପଞ୍ଚଭାୟା ନିକଟରେ ସେ ହଠାତ୍ ଅସୁସ୍ଥ ହୋଇପଡିବାରୁ ଡ୍ରାଇଭର ତାଙ୍କୁ ପଦ୍ମପୁର ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସରୋଜ ସେଠ, ଅନ୍ୟ ଡାକ୍ତର ଓ ସହକର୍ମୀ ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ଜନ୍ମସ୍ଥାନ ଗୋଡଭଗା ନିକଟସ୍ଥ ବାଞ୍ଜିପାଲି ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଡାକ୍ତର ନାୟକଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ଓକିଲ ସଂଘ ସଭାପତି ସନ୍ତୋଷ ଶତପଥୀ, ସାମ୍ବାଦିକ ରମେଶ ବାରିକ, ଜୋହନ କୁମ୍ଭାର, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ସତ୍ୟଭୂଷଣ ସାହୁ, କଂଗ୍ରେସ ଜିଲା ଉପ ସଭାପତି ଟଙ୍କଧର ସାହୁ, କଂଗ୍ରେସ ନେତା ଗଜରାଜ ପୁଟା, ଡା. ମୋହନ ପ୍ରସାଦ ନାୟକ, କାଉନସିଲର ଚିନ୍ମୟ ପଣ୍ଡା, ଜିଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା, ଆଇନଜୀବୀ ଅଜିତ ଶତପଙ୍କଙ୍କ ସମେତ ବହୁ ଅନୁଷ୍ଠାନର ସଦସ୍ୟ ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# 'ନୂଆ ସୁଯୋଗ ଆଣିବ ନୂଆ-ଓ ଛାତ୍ରବୃତ୍ତି'



ଛାତ୍ରୀଛାତ୍ରଙ୍କ ଗହଣରେ ୫-ଟି ଅଧ୍ୟକ୍ଷ ।

## ୧୭ହଜାର ଛାତ୍ରୀଛାତ୍ରଙ୍କୁ ମିଳିଲା ୧୭ କୋଟି

ବରଗଡ଼,୩।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସଦର ମହକୁମାସ୍ଥିତ ଜମୁର୍ଡ଼ା ଖେଳ ପଡ଼ିଆରେ ରବିବାର ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଦ୍ୟାଳୟର ୧୭ହଜାର ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନରେ୧୭କୋଟି ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ସମଗ୍ର ଜିଲାରୁ ଆସିଥିବା ବିଭିନ୍ନ ମହାବିଦ୍ୟାଳୟର ଯୋଗ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଉକ୍ତ କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନୂତନ ତଥା ରୂପାନ୍ତରିତ ଓଡ଼ିଶା ଗଠନରେ ଯୁବଶକ୍ତିର ଯୋଗଦାନ ପାଇଁ ପ୍ରେରଣା ଦେଇଥିଲେ। ସେ କହିଥିଲେ, ନୂଆ-ଓ ଛାତ୍ରବୃତ୍ତି ଯୁବତୀ ଯୁବକଙ୍କ ପାଇଁ ବିପୁଳ ସୁଯୋଗ ସୃଷ୍ଟି କରିଛି। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ତଥା ପ୍ରଦର୍ଶନ ଲାଗି ଏହି କାର୍ଯ୍ୟକ୍ରମ ନୂଆ ସୁଯୋଗ ଆଣିଛି। ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ଆହୁରି କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଏବଂ ନିର୍ଦ୍ଦେଶକ୍ରମେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ ଗୁଡ଼ିକରେ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ସାଇନ୍ସ ଲ୍ୟାବ୍ ଭଳି ବିଭିନ୍ନ ସୁବିଧା ଉପଲବ୍ଧ କରିବା ପାଇଁ ପଦକ୍ଷେପ ନିଆଯାଉଛି । ସେହିପରି ଛାତ୍ରୀଛାତ୍ରଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେମାନଙ୍କୁ ଖୁବ୍ ଶୀଘ୍ର ସ୍ମାର୍ଟକାର୍ଡ ଯୋଗାଇ ଦିଆଯିବ। ସେହି କାର୍ଡ ଦ୍ୱାରା ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ପାଇପାରିବେ ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଛାତ୍ରବୃତ୍ତି ପାଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ନୂଆ-ଓ କାର୍ଯ୍ୟକ୍ରମରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନରେ ଖୁସିବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କ ପ୍ରତିଭାରେ ସାରା ଓଡ଼ିଶା ଏବଂ ଦେଶ ଗର୍ବ କରୁ। ସେମାନଙ୍କ ଦକ୍ଷତା ଅଧିକ ବିକାଶ ତଥା ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଓଡ଼ିଶା ସରକାର ନୂଆ-ଓ ଛାତ୍ରବୃତ୍ତି ଆରମ୍ଭ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅର୍ଥ ଅଭାବରୁ କୌଣସି ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ଲାଭ କରିବାରୁ ଯେଭଳି ବଞ୍ଚିତ ନ ହେବେ, ସେଥିପାଇଁ ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ସେ କହିଥିଲେ। ଏହି ଯୋଜନା ଅନ୍ତର୍ଗତ ପ୍ରତ୍ୟେକ ଯୋଗ୍ୟ ସାଧାରଣ, ଓବିସି ଛାତ୍ରୀ ୧୦ହଜାର ଏବଂ ଛାତ୍ର ୯ହଜାର ଟଙ୍କା ଲେଖାଏଁ ଛାତ୍ରବୃତ୍ତି ପାଇବେ। ସେହିପରି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ର ତଥା ନିର୍ମାଣ ଶ୍ରମିକ ଅଧୀନ ଛାତ୍ରୀଛାତ୍ରଙ୍କ ପାଇଁ ଏହି ରାଶି ଯଥାକ୍ରମେ ୧୦ହଜାର ଏବଂ ୧୧ହଜାର ଟଙ୍କା ଲେଖାଏଁ ଧାର୍ଯ୍ୟ କରାଯାଇଥିବା ସୂଚନା ଦିଆଯାଇଥିଲା। ମଞ୍ଚ ଉପରେ ୫-ଟି ଅଧ୍ୟକ୍ଷ ପାଣ୍ଡିଆନଙ୍କ ସମେତ ଜିଲାର ପ୍ରତ୍ୟେକ ବ୍ଲକରୁ ଜଣେ ଲେଖାଏଁ ଛାତ୍ରୀଛାତ୍ର ଥିଲେ। ପାଣ୍ଡିଆନ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ବାବଦକୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ଏହାପରେ ପାଣ୍ଡିଆନ ଏବଂ ମଞ୍ଚ ଉପରେ ଛାତ୍ରୀଛାତ୍ର ମିଳିତ ଭାବେ ବଟନ ଦବାଇ ନୂଆ-ଓ ଛାତ୍ରବୃତ୍ତିର ଶୁଭାରମ୍ଭ କରିଥିଲେ। ମଞ୍ଚତଳେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଅସ୍ଥାୟୀ ହେଲିପ୍ୟାଡ୍‌କୁ ଯାଇ ପାଣ୍ଡିଆନଙ୍କୁ ସ୍ୱାଗତ କରିଥିବା ଦେଖିବାକୁ ମିଳିଥିଲା।

# ବିଦ୍ୟୁତ୍ ମଜଦୁର ମହାସଂଘ ବୈଠକ


ବୈଠକରେ ବିଦ୍ୟୁତ୍ ମଜଦୁର ମହାସଂଘର କର୍ମକର୍ତ୍ତା, ସଦସ୍ୟବୃନ୍ଦ ।

ବରଗଡ଼,୩।୩(ପ୍ରେମାନନ୍ଦ ଖମାରୀ)

ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ରବିବାର ଟିପିଡବ୍ଲ୍ୟୁଓଡିଏଲ କର୍ମଚାରୀମାନଙ୍କୁ ନେଇ ବରଗଡ଼ରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଟିପିଡବ୍ଲ୍ୟୁଓଡିଏଲରେ ଜିଲାର ବିଭିନ୍ନ ସେକ୍ସନରେ କାର୍ଯ୍ୟରତ ରେଗୁଲାର ଏବଂ ଆଉଟସୋର୍ସିଂ କର୍ମଚାରୀମାନେ ଯୋଗଦାନ କରିଥିଲେ। କର୍ମଚାରୀମାନଙ୍କ ଦରମା, ବିଭିନ୍ନ ଅସୁବିଧା ନେଇ ବୈଠକରେ ଆଲୋଚନା ହୋଇଥିଲା। ନୂତନ ଭାବେ ଟେଣ୍ଡର ପାଇଥିବା ସଂସ୍ଥା ଯେଭଳି କର୍ମଚାରୀମାନଙ୍କ କୌଣସି ଅସୁବିଧା ନ କରି ଠିକ୍ ସମୟରେ ଦରମା ଏବଂ ସୁରକ୍ଷା ସାମଗ୍ରୀ (ପିପିଇ କିଟ୍) ଯୋଗାଇବା, ଅତ୍ୟଧିକ ସମୟ ନିୟୋଜିତ ନ କରି ୮ଘଣ୍ଟା କାମ ଦେବା, ମେଣ୍ଟେନାନ୍ସ କର୍ମଚାରୀଙ୍କୁ ବିଲ୍ କଲେକ୍ସନ କାମରେ ନିୟୋଜିତ କରିବା, ଅଧିକ ସମୟ କାମରେ ନିୟୋଜିତ କରୁଥିବାରୁ ସୁରକ୍ଷା ବ୍ୟବସ୍ଥା ଉଲ୍ଲଂଘନ ହେଉଥିବା ଆଦି ବିଷୟରେ ଆଲୋଚନା ହୋଇଥିଲା। ଆଗକୁ ରୌଦ୍ରତାପ, ପାଣିପାଗକୁ ଦେଖି ଯଦି କର୍ମଚାରୀଙ୍କ ହିତରେ ନିଷ୍ପତ୍ତି ନିଆ ନ ଯାଏ ତେବେ ଆଗାମୀ ଦିନରେ ମହାସଂଘ ପକ୍ଷରୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ମହାସଂଘ ପକ୍ଷରୁ ଜଗନ୍ନାଥ ଛତର, ରବିଚନ୍ଦ୍ର ବାଗ, ଗୋପୀନାଥ ନାଗ, ସତ୍ୟ ଦୀପ, ଚକ୍ରଧର ଦୋରା, ଶ୍ରୀକାନ୍ତ ପ୍ରଧାନ, କୈଳାସ ଭୁଏ, ଉପେନ୍ଦ୍ର ଖଣ୍ଡିତ, ପଶ୍ଚିମ ଓଡ଼ିଶା ଅମଲା ସଂଘର ଅରୁଣ ସାହୁ, ସାହେବ ବାଗ, ମହାସଂଘର ଯୁଗ୍ମ ସମ୍ପାଦକ ଚକ୍ରଧର ପ୍ରଧାନ, ସଙ୍ଗଠନ ସମ୍ପାଦକ ବିସ୍ମୟ ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

# ଶିବିରରେ ୪୭୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା


ଶିବିରକୁ ଉଦ୍‌ଘାଟନ କରାଯାଉଛି ।

ଅତାବିରା,୩।୩(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କୁଲିତାଟିକ୍ରାରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ର ଡି. ମୁରଲୀକ୍ରୀଷ୍ଣା ଫାଉଣ୍ଡେଶନ, କୁଲିତାଟିକ୍ରା ମାର୍କେଟିଂ ଗ୍ରୁପ୍ ଏବଂ ନେହେରୁ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଏହି ଶିବିର ହୋଇଥିଲା। ଫାଉଣ୍ଡେଶନର ଚେୟାରମ୍ୟାନ ଡି. ମୁରଲୀକ୍ରୀଷ୍ଣା ଏହାକୁ ଉଦ୍‌ଘାଟନ କରିଥିଲେ। ଡା. ପ୍ରଣୟ ପାଣିଗ୍ରାହୀ, ଡା. ତପନ ସିଂ, ଡା. ଅଶୋକ ପାଲ, ଡା. ମୀରା ଦାଶ ପ୍ରମୁଖ ଚିକିତ୍ସା କରିଥିଲେ। ଶିବିରରେ ୪୭୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡି. ମୁରଲୀକ୍ରୀଷ୍ଣା ଫାଉଣ୍ଡେଶନ ପକ୍ଷରୁ ମାଗଣା ଔଷଧ ଦିଆଯାଇଥିଲା ।

# ୨୦ରେ ସାମୂହିକ ବ୍ରତୋପନୟନ


ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତା ଏବଂ ଅଭିଭାବକ।

ବରପାଲି,୩।୩(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ନୃସିଂହ ମନ୍ଦିରରେ ବ୍ଲକସ୍ତରୀୟ ସନାତନୀ ବ୍ରାହ୍ମଣ ସମାଜ ସଭାପତି କୃଷ୍ଣଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ହେମନ୍ତ ମିଶ୍ରଙ୍କ ସହିତ ସାମୂହିକ ଗାୟତ୍ରୀ ମନ୍ତ୍ର ପାଠ କରାଯାଇଥିଲା। ସମ୍ପାଦକ ଶରତ ଚନ୍ଦ୍ର ପାଣିଗ୍ରାହୀ ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ ଏବଂ ବ୍ରତୋପନୟନ ର ନିୟମାବଳୀ ଉପସ୍ଥାପନ କରିଥିଲେ। ବ୍ରତୋପନୟନ ପାଇଁ ବର୍ତ୍ତମାନ ସୁଦ୍ଧା ୫ଜଣ ବଟୁ ଆବେଦନ କରିସାରିଛନ୍ତି। ଆସନ୍ତା ୨୦ତାରିଖରେ ଚାରିକର୍ମ ଓ ୨୧ତାରିଖରେ ବ୍ରତୋପନୟନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ଲୋକନାଥ ତ୍ରିପାଠୀ, ଦାମୋଦର ପଣ୍ଡା, ନୀରଦ କୁମାର କର, ଆନନ୍ଦ ପ୍ରସାଦ ଦାଶ, ଯୋଗେଶ ଦାଶ, ଅଶୋକ କୁମାର ପଣ୍ଡା, ନିମାଇଁ ଚରଣ ପଣ୍ଡା, ଅରୁଣ କୁମାର ପଣ୍ଡା, ପଣ୍ଡିତ ଡୋଲାମଣି ଦେବତା, ରମେଶ ଚନ୍ଦ୍ର କର, ରମାକାନ୍ତ ତ୍ରିପାଠୀ, ବିକାଶ କୁମାର ପାଢ଼ି, ମଧୁ ମଙ୍ଗଳ ମିଶ୍ର, ଅଭିଭାବକ ପ୍ରମୋଦ କୁମାର ମିଶ୍ର, ସୋନୁ ଷଡ଼ଙ୍ଗୀ, ସୈରେନ୍ଦ୍ରୀ ଦାଶ, ପ୍ରଶାନ୍ତ ମିଶ୍ର, ସହଦେବ ପଣ୍ଡା, ପ୍ରଶାନ୍ତ କୁମାର ଦାଶ, ଧୀରେନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦାନ କରିଥିଲେ। ଧର୍ମରାଜ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁରୀ ଲୋକନୃତ୍ୟରେ ଝୁମିଲେ ଦର୍ଶକ

ଲୋଇସିଂହା,୩।୩ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଯୋଗେଶ୍ୱର ଧାମ ପ୍ରସିଦ୍ଧ ଶିବରାତ୍ରି ମେଳା ରବିବାରୁ ଆରମ୍ଭ ହୋଇଛି। ରବିବାରରୁ ସପ୍ତାହ ଓ ଶିବ ପୁରାଣ ପଠନ କରାଯାଉଛି। ସପ୍ତାହରେ ଦୁର୍ଯ୍ୟୋଧନ ତ୍ରିପାଠୀ ଏବଂ ଶିବ ପୁରାଣରେ ବୀରବର ବାରିକ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ବୁଧବାର ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ମାର୍ଚ୍ଚ ୩ ରୁ ୯ ତାରିଖ ପର୍ଯ୍ୟନ୍ତ ମେଳା ଉପଲକ୍ଷେ ଜଳନ୍ଧର ଦରବାର ଆୟୋଜିତ ହେଉଛି ବୋଲି ମେଳା କମିଟି ସଭାପତି ଅଶୋକ କୁମାର ମିଶ୍ର କହିଛନ୍ତି। ମେଳା ପାଇଁ ୧୦୮ କଳସ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଥିଲା । ଗ୍ରାମର ୧୦୮ ଜଣ ମହିଳା ଦେଉଳ ବନ୍ଧରୁ ପୂର୍ଣ୍ଣ କଳସ ଆଣି ଗ୍ରାମ୍ୟ ପରିକ୍ରମା କରି ପୂଜାସ୍ଥଳରେ ସ୍ଥାପନ କରିଥିଲେ । କଳସ ଶୋଭାଯାତ୍ରାରେ ବରଗଡ ଜିଲା ରେମତାର ଘଣ୍ଟ ପାର୍ଟି ଏବଂ ଗ୍ରାମବାସୀ ସାମିଲ ହୋଇଥିଲେ। କମିଟି କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ କଳସ ଶୋଭାଯାତ୍ରା ସମାପନ ହୋଇଥିଲା। ଶନିବାର ଅଧିବାସ ସନ୍ଧ୍ୟାରେ ଭୁବନେଶ୍ୱର ନୃତ୍ୟ ସନ୍ଧାନ କେନ୍ଦ୍ର କଳାକାରମାନେ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଏହାବ୍ୟତୀତ ଦର୍ଶକଙ୍କୁ ଆକୃଷ୍ଟ ପାଇଁ ମୀନାବଜାର ମୁଖ୍ୟ ଅକର୍ଷଣ ରହିଛି। ମାର୍ଚ୍ଚ ୮ ମହାଶିବରାତ୍ରି ଦିନ ମହାଅଲତୀ ଦର୍ଶନ ପାଇଁ ହଜାରହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ । ଏହିଦିନ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ, ପାନୀୟ ଜଳ ଏବଂ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା

ସୋହେଲା,୩।୩(ଅଶ୍ୱିନୀ ପାତ୍ର)

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ସାମକଟା ଗ୍ରାମରେ ଶ୍ରୀ ଶ୍ରୀ ଶିବ ମନ୍ଦିର ଏବଂ ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ ରବିବାର କଳସଯାତ୍ରା ହୋଇଥିଲା। କଳସ ଯାତ୍ରାରେ ଗ୍ରାମର ଶତାଧିକ ମହିଳାପୁରୁଷ ଅଂଶଗ୍ରହଣ କରିଥିଲେ। ସେହିପରି ଭାଜପା ଯୁବନେତା ଇରାସିସ ଆଚାର୍ଯ୍ୟ ମଧ୍ୟ କଳସଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଚନ୍ଦ୍ର ବାରିକ, ସ୍ତ୍ରୀ ଆଶାରାଣୀ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। ପଣ୍ଡିତ ମୁନୁ ଆଚାର୍ଯ୍ୟ, ସୁନିଲ କୁମାର ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।


ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା କରାଯାଉଛି।

# ଚକ୍ଷୁ ପରୀକ୍ଷା ପାଇଁ ୭୨ ପଞ୍ଜୀକୃତ

ଗାଇସିଲେଟ୍,୩।୩
(ଦୁର୍ଗାପ୍ରସାଦ ତ୍ରିବେଦୀ)

ବରଗଡ଼ ଜିଲା ଗାଇସିଲେଟ ପଞ୍ଚାୟତ ଭବନରେ ରବିବାର ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ଏହି ଶିବିର ହୋଇଥିଲା। ଶିବିରରେ ୭୨ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୨ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ତ୍ରିଲୋଚନ ନେତ୍ରାଳୟକୁ ନିଆଯାଇଥିଲା। ଡା. ବିକ୍ରମ ପ୍ରଧାନ, ସୁମନ୍ତ ଭୋଇ ଏବଂ ସ୍ୱାସ୍ଥ୍ୟସେବିକା ମାନେ ସହଯୋଗ କରିଥିଲେ।


ଚକ୍ଷୁ ଚିକିତ୍ସା ଶିବିରରେ ଚିକିତ୍ସା ଚାଲିଛି ।

# ଭଏସ୍ ଅଫ୍ ମିଡିଆର ସାଧାରଣ ସଭା

ବରଗଡ଼,୩।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଗାନ୍ଧୀ ଭବନରେ ରବିବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଡା. ଶଙ୍କର ରାମଚନ୍ଦାନୀ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଭଏସ୍ ଅଫ୍ ମିଡ଼ିଆର ରାଜ୍ୟ ସଭାପତି ପ୍ରଭାତ କୁମାର ମିଶ୍ର ମୁଖ୍ୟବକ୍ତା, ଓଡ଼ିଶା ଅଭିଭାବକ ସଂଘ ବରଗଡ଼ ଜିଲା ସଭାପତି ବିମଳ କୁମାର ଦାଶ, ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ, ଆଡ୍‌ଭୋକେଟ୍ ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ଫାଇଟର୍ସ ଗ୍ରୁପ୍‌ର ପ୍ରତିଷ୍ଠାତା ଅଶ୍ୱିନୀ ଦର୍ଜୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଆଶୁତୋଷ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ


ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି ।

ବରଗଡ଼,୩।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠାର ଷଷ୍ଠ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିପାଇଁ ମନ୍ଦିରକୁ ବିଭିନ୍ନ ପ୍ରକାର ଫୁଲମାଳାରେ ସଜ୍ଜିତ କରାଯାଇଥିଲା। ସକାଳୁ ମଙ୍ଗଳ ଆରତୀ ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସିଂହ ପୂଜନ, କାଳରାତ୍ରି ପୂଜନ ସହ ମାଁଙ୍କ ମହାସ୍ନାନ ପୂର୍ବକ ଷୋଡ଼ଶ ଉପଚାର ପୂଜା କରାଯାଇଥିଲା। ଜଗତର କଲ୍ୟାଣ ପାଇଁ ମାଁଙ୍କ ସପ୍ତସତୀ ଚଣ୍ଡୀ ହବନ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଚୂଡ଼ାମଣି ରଥ, ବିଘ୍ନରାଜ ଦାଶ, ସୁଧାଂଶୁ ଶେଖର ଦାଶ, ବିଷ୍ଣୁ ଦୟାଳ ଦାଶ, ପୂଜକ ରତ୍ନାକର ଝାଙ୍କର, କ୍ଷୀରୋଦ୍ର ଝାଙ୍କର, ରାମୁ ଦେଓସରିଆ, ଭରତ ଅଗ୍ରୱାଲଙ୍କ ସମେତ ଭକ୍ତମାନେ ଚଣ୍ଡୀହବନରେ ଆହୂତି ଦେଇଥିଲେ। ୬ଦିନ ଧରି ଉକ୍ତ କାର୍ଯ୍ୟକ୍ରମ ଚାଲିଥିଲା। ମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ଭକ୍ତମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧାର୍ମିକ ଭାବନା ଜାଗ୍ରତ ଆହ୍ୱାନ

ବରଗଡ଼,୩।୩(ପ୍ରେମାନନ୍ଦ ଖମାରୀ)

ସୁସ୍ଥ ସମାଜ ଗଠନ ପାଇଁ ଭଲ ମଣିଷଙ୍କ ଆବଶ୍ୟକତା ରହିଛି। ତେଣୁ ଆମକୁ ମଣିଷ ଭଳି ମଣିଷ ହେବାକୁ ପଡ଼ିବ ବୋଲି ବରଗଡ଼ ଜିଲା ଭଟଲି ବ୍ଲକ ଗୋପାଳପୁରସ୍ଥିତ ଦୟାନନ୍ଦ ସପ୍ତର୍ଷି ଆଶ୍ରମରେ ରବିବାର ଅନୁଷ୍ଠିତ ବାର୍ଷିକୋତ୍ସବ, ଯଜ୍ଞର ଉଦ୍‌ଯାପନୀ ସମାରୋହରେ ଯୋଗଦେଇଥିବା ସାଧୁସନ୍ଥମାନେ ମତବ୍ୟକ୍ତ କରିଛନ୍ତି। ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସ୍ୱାମୀ ସୋମବେଶ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ସ୍ୱାମୀ ନାରଦାନନ୍ଦ ସରସ୍ୱତୀ, ସ୍ୱାମୀ ଭାଗବତାନନ୍ଦ ସରସ୍ୱତୀ, ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜ ବରିଷ୍ଠ ସଦସ୍ୟ ପଣ୍ଡିତ ଗୋପବନ୍ଧୁ ପୁରୋହିତ, ବେଦ ପ୍ରଚାର ସମିତି ସଭାପତି ପଣ୍ଡିତ ସୋମଦତ୍ତ ଶାସ୍ତ୍ରୀ, ନିତ୍ୟ ବୁଦ୍ଧାନନ୍ଦ, ବୈଦିକ ଭଜନ ଉପଦେଶିକା ଆରତୀ ଆର୍ଯ୍ୟ, ବେଦାନନ୍ଦ ଶାସ୍ତ୍ରୀ, ସୁଭାଷିନୀ ଆର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପ୍ରତି ସମାଜରେ ଧାର୍ମିକ ଭାବନା ଜାଗ୍ରତ ଏବଂ ସମାଜ ଗଠନ ପାଇଁ ଅତିଥିମାନେ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରଭାତଫେରି, ବୈଦିକ ଯଜ୍ଞ, ଭଜନ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସତ୍ୟାନନ୍ଦ ପ୍ରଧାନ, ଜାତ୍ରୁ ବୁଧିଆ, ହିରନ୍ୟ ନାଏକ, ରାମେଶ୍ୱର ବାରିକ ପ୍ରମୁଖ ଯଜମାନ କାର୍ଯ୍ୟ ତୁଲାଇଥିଲେ। ଗୋପାଳପୁର ଗ୍ରାମବାସୀ ସହଯୋଗ କରିଥିଲେ। ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ସାଧୁସନ୍ଥବୃନ୍ଦ ।

## ସଂକ୍ଷେପରେ

### ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଆଦିପ୍‌ଙ୍କୁ ବ୍ରୋଞ୍ଜ

ରାଉରକେଲା,୩।୩(ଦିନେଶ ମିଶ୍ର)

ସାଇନ୍ସ ଅଲିମ୍ପିଆର୍ଡ ଫାଉଣ୍ଡେଶନ (ଏସ୍‌ଓଏଫ) ପକ୍ଷରୁ ଅନ୍ତର୍ଜାତୀୟ ସାଧାରଣ ଜ୍ଞାନ ଅଲିମ୍ପିଆର୍ଡ ୨୦୨୩-୨୪ରେ ପରୀକ୍ଷାରେ ରାଉରକେଲା



ଗୁରୁକୁଳ ଇଂରାଜୀ ସ୍କୁଲର ପ୍ରଥମ ଶ୍ରେଣୀ ଛାତ୍ର ଆଦିପ୍ ଓରାମ ଅନ୍ତର୍ଜାତୀୟ ସ୍ତରରେ ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି। ସେ ପଶ୍ଚିମ ଓଡ଼ିଶା ଜୋନାଲ ସ୍ତରରେ ଷଷ୍ଠ ଓ ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏ ନେଇ ତାଙ୍କୁ ଏସ୍‌ଓଏଫ ଫାଉଣ୍ଡେଶନ ପକ୍ଷରୁ ସାର୍ଟିଫିକେଟ୍ ସହ ଜୋନାଲ ବ୍ରୋଞ୍ଜ ମେଡାଲ ପ୍ରଦାନ କରାଯାଇଛି। ଆଦିପ୍ ମୋଟ ୪୦ରୁ ୩୮ ନମ୍ବର ରଖିଥିବାବେଳେ ସମୁଦାୟ ୯୮.୫୩ ପ୍ରତିଶତ ନମ୍ବର ରଖି ଏହି ସଫଳତା ହାସଲ କରିଛନ୍ତି। ସେ ଦୁଇମାସ ପୂର୍ବରୁ ସାଧାରଣ ଜ୍ଞାନ ପରୀକ୍ଷା ପାଇଁ ପ୍ରସ୍ତୁତି କରିବା ସହ ଅଫ୍‌ଲାଇନ୍‌ରେ ପରୀକ୍ଷା ଦେଇଥିଲେ। ଆଦିପ୍ ବାସନ୍ତୀ କଲୋନୀ ସ୍ଥିତ ଏଫ୍‌ଇ ବ୍ଲକର ମହେଶ୍ୱର ଓରାମ ଓ ସରସ୍ୱତୀ ଓରାମଙ୍କର ଏକମାତ୍ର ପୁତ୍ର।



ରବିବାର ରାଉରକେଲା ଭଞ୍ଜ ଭବନରେ ଆୟୋଜିତ ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରୀୟ ମହାସଭା ସମ୍ମିଳନୀରେ ମଞ୍ଚାସୀନ ଅତିଥିଗଣ।

# ପୂର୍ବସୂରୀଙ୍କ ବୀରତ୍ୱ ଗାଥା ବଖାଣିଲେ

### ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରୀୟ ମହାସଭାର ରାଜ୍ୟ ସମ୍ମିଳନୀ

ରାଉରକେଲା,୩।୩(ବିପ୍ଳବ ରଞ୍ଜନ ଦାଶ)

ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରୀୟ ମହାସଭା ରାଉରକେଲା ପକ୍ଷରୁ ରବିବାର ମହାସଭାର ରାଜ୍ୟ ସମ୍ମିଳନୀ ସେକ୍ଟର-୫ ସ୍ଥିତ ଭଞ୍ଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଭା ଉପସଭାପତି ଉପେନ୍ଦ୍ର କୁମାର ନାୟକ ଓ ସାଧାରଣ ସମ୍ପାଦକ ଶଶଧର ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖପାତ୍ର କୁଞ୍ଜ ବିହାରୀ ରାଉତ ସଂଯୋଜନା କରିଥିଲେ। ଖଣ୍ଡାୟତ କ୍ଷତ୍ରୀୟ ସମାଜର ରାଜ୍ୟ ସଭାପତି ସରୋଜ ସିଂହ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ। ସମାରୋହରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟଅତିଥି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ, ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ, ରଘୁନାଥପାଲୀ ବିଧାୟକ ସୁବ୍ରତ ତରାଇ ସ୍ୱତନ୍ତ୍ର ଅତିଥି, ସେବା ନିବୃତ୍ତ ପ୍ରାଧ୍ୟାପକ ଡ. ପ୍ରଭାତ କୁମାର ମଲ୍ଲିକ ମୁଖ୍ୟବକ୍ତା, ରାଜ୍ୟ ଯୁବ ସଭାପତି ଦିଲ୍ଲୀପ କୁମାର ବିଶ୍ୱାଳ ଓ ରାଜ୍ୟ ଯୁଗ୍ମ ସମ୍ପାଦକ ରଜନୀକାନ୍ତ ମୁଦୁଲି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଜୟ ଶିଳାଲେଖ, କପିଳେନ୍ଦ୍ର ଦେବ, ଦିବ୍ୟସିଂହ ଦେବ, ଦନେଇ ରାଉତରାୟ, ଆଳି ଓ ପଟିଆ ରାଜବଂଶୀମାନଙ୍କ ବିରତ୍ୱର ଉଦାହରଣ ଦେବା ସହ ଖଣ୍ଡାୟତ କ୍ଷତ୍ରୀୟ ସମାଜର ପୂର୍ବ ଐତିହ୍ୟ ଓ ଗାରିମା ସ୍ମୃତିଚାରଣ ସହ ଖଣ୍ଡାୟତ କ୍ଷତ୍ରୀୟମାନଙ୍କ ଐତିହ୍ୟ, ସଭ୍ୟତା ସଂସ୍କୃତି ଏବଂ ପରମ୍ପରାକୁ ବହୁ କ୍ଷେତ୍ରରେ ବିକୃତ କରାଯାଇଥିବା ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ଶଶଧର ମହାପାତ୍ର ସମ୍ପାଦକୀୟ ବିବରଣୀ ପଠନ କରିବା ସହିତ କଳିଙ୍ଗ ରେଜିମେଣ୍ଟ, ଖଣ୍ଡାୟତ ଜାତିକୁ ଓବିସିରେ ଅନ୍ତର୍ଭୁକ୍ତ ଓ ସଂଗ୍ରହାଳୟ ପ୍ରତିଷ୍ଠା ଲାଗି ଦାବି କରିଥିଲେ। ସମ୍ମିଳନୀ ପୂର୍ବରୁ ମୀନତି ବିଶ୍ୱାଳ, ସସ୍ମିତା ପ୍ରଧାନଙ୍କ ନେତୃତ୍ୱରେ ମହିଳାମାନେ ବାର ହାତ ପାଟଖଣ୍ଡା ଖଡ୍‌ଗ ସହ ଏକ ଶୋଭାଯାତ୍ରା କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଜାତି ଧ୍ୱଜା ଉତ୍ତୋଳନ ହୋଇଥିଲା। ପରେ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ପଦ୍ମରାଣୀ ବେହୁରା ଓ ସାଥୀମାନଙ୍କ ସ୍ୱାଗତ ସଙ୍ଗୀତ କରାଯାଇଥିଲା। ଉପସଭାପତି ଉପେନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୃଢ଼ ମନୋବଳ ଉପଯୋଗରେ ବିଜୟ ସମ୍ଭବ

### ସେକ୍ଟର-୧୩ ମେଳଣ ପଡ଼ିଆରେ ଆଧାତ୍ମିକ ସମାବେଶ

ରାଉରକେଲା,୩।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଶନିବାର ସେକ୍ଟର-୧୩ ମେଳଣ ପଡିଆରେ ଆଧାତ୍ମିକ ବିଚାରଧାରା ଆଧାରିତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସକାରାତ୍ମକ ବିଚାର ହିଁ ଆନନ୍ଦର ମୂଳାଧାର ଥିଲା ଆୟୋଜିତ ସମାବେଶର ମୁଖ୍ୟ ପ୍ରସଙ୍ଗ। ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ କ୍ଷେତ୍ରୀୟ ନିର୍ଦ୍ଦେଶିକା ବିମଳା ଦିଦିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶକୁ ପ୍ରଜାପତି ବ୍ରହ୍ମାକୁମାରୀ ଅନ୍ତରାଷ୍ଟ୍ରୀୟ ଅତିରିକ୍ତ ମୁଖ୍ୟ ପ୍ରଶାସିକା ତଥା ୟୁରୋପିଆନ ଦେଶର ନିର୍ଦ୍ଦେଶିକା ଜୟନ୍ତୀ ଦିଦି ଉଦ୍‌ଘାଟନ କରିଥିଲେ। ପଦ୍ମଶ୍ରୀ ଦିଲୀପ ତିର୍କୀ, ଆର୍‌ଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ, ଆରଏସ୍‌ପି ପି ଏଣ୍ଡ ଏ ବିଭାଗର ଇଡି ତରୁଣ ମିଶ୍ର, ପ୍ରଜାପତି ବ୍ରହ୍ମାକୁମାରୀ ପ୍ରଭାତୀ ଦିଦି ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ଜୀବନ ରୂପକ ଚଲାପଥରେ ଝଡଝଞ୍ଜା ଆସିବାଟା ସ୍ୱାଭାବିକ। ମଣିଷ ଝଡଝଞ୍ଜା ଭରା ଏହି ଚଲାପଥରେ ଆନ୍ତରିକ ଦୃଢ ମନୋବଳ ଉପଯୋଗ କଲେ ଜୀବନ ସଂଗ୍ରାମରେ ବିଜୟୀ ହେବ ଏବଂ ଜୀବନ ଆନନ୍ଦମୟ ହେବ ବୋଲି ଜୟନ୍ତୀ ଦିଦି ମତପ୍ରକାଶ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରେୟା ଆନନ୍ଦିତା ଏବଂ ସଂଯୁକ୍ତା ମହାପାତ୍ର ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ବ୍ରହ୍ମକୁମାର ଅରୁଣ ଭାଇ ଓ ବି.କେ. ରଶ୍ମି ଭାଇଙ୍କ ସମେତ ରାଉରକେଲା ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମସ୍ତ ରାଜଯୋଗିନୀ ଓ ରାଜଯୋଗୀ ସହଯୋଗ କରିଥିଲେ।




ସମାବେଶରେ ଜୟନ୍ତୀ ଦିଦି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# ଉନ୍ନୟନ ପ୍ରକଳ୍ପର ଭୂମିପୂଜନ, ଶିଳାନ୍ୟାସ

ରାଉରକେଲା,୩।୩(ବିପ୍ଳବ ରଞ୍ଜନ ଦାଶ)

ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀର ସେକ୍ଟର-୬ ବସ୍ତି ଓ ମନ୍ଦିରର ଉନ୍ନତୀକରଣ ହେବ। ଏଥିପାଇଁ ରବିବାର ରଘୁନାଥପାଲୀର ବିଧାୟକ ସୁବ୍ରତ ତରେଇ ଭୂମିପୂଜନ ସହିତ ଶଳାନ୍ୟାସ କରିଛନ୍ତି। ସେକ୍ଟର-୬ ସ୍ଥିତ ଜଗନ୍ନାଥ ମନ୍ଦିର ରଥ ଖଳାରେ କମ୍ୟୁନିଟି ହଲ ପାଇଁ ୫ଲକ୍ଷ, କଲ୍ୟାଣୀ ରାୟ କଲୋନୀ ରୋଡ୍ ପାଇଁ ୧.୨୫ ଲକ୍ଷ, ଖଟାଲ ରୋଡ୍ ପାଇଁ ୩.୫୦ ଲକ୍ଷ ଏବଂ ସାଇ ମନ୍ଦିରର କମ୍ୟୁନିଟି ହଲ ପାଇଁ ୨୫ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। କାର୍ଯ୍ୟକ୍ରମରେ ବିଜେଡି ଜିଲା ସାଧାରଣ ସମ୍ପାଦକ ଗଣେଶ୍ୱର ରାୟ, ୟୁନିଟ ସଭାପତି ଦିଲୀପ କୁମାର ଦାସ, ଯୁବନେତା ସତ୍ୟାନନ୍ଦ ସାହୁଙ୍କ ସମେତ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା, ଏସ୍‌ଏଚ୍‌ଜି ମହିଳା ଉପସ୍ଥିତ ଥିଲେ।

# ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ସମାରୋହ ଉଦ୍‌ଯାପିତ

ରାଉରକେଲା,୩।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା-୪ ଦୟାନନ୍ଦ ନଗରରେ ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱିଶତତମ ଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଚାଲିଥିବା ଯଜୁର୍ବେଦ ପାରାୟଣ ସହିତ ଯଜ୍ଞ କର୍ମର ପୂର୍ଣ୍ଣାହୂତି ହୋଇଛି। ଉଦଯାପନୀ ସମାରୋହରେ ବୈଦିକ ପ୍ରବଚନ, ଭଜନ ସମାରୋହ, ବୈଦିକ ପାଲା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଗୁରୁକୁଳ ସଂସ୍କୃତ କଲେଜର ଅଧ୍ୟକ୍ଷ ତଥା ଆର୍ଯ୍ୟବ୍ରତ ଡ. ଉମାକାନ୍ତ ଆର୍ଯ୍ୟ, ଗୁରୁକୂଳ ବୈଦିକ ଆଶ୍ରମ ବେଦବ୍ୟାସର ମୁଖ୍ୟ ଅଧିଷ୍ଠାତା ଆଚାର୍ଯ୍ୟ ଡ. ଦେବବ୍ରତ, ପ୍ରବଚକ ବୁଦ୍ଧେଶ୍ୱର ଷଡଙ୍ଗୀ, ଅନ୍ତର୍ଯାମୀ ମେହେର, ଦୀନବନ୍ଧୁ ବାରିକ ପ୍ରମୁଖ ଯୋଗଦେଇ ଆର୍ଯ୍ୟ ସମାଜରେ ମହିଳା ସମାଜ ଉତ୍‌ଥାନରେ ମହର୍ଷି ଦୟାନନ୍ଦଙ୍କ ଅମୂଲ୍ୟ ଯୋଗଦାନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଖବରଦାତା ବିପ୍ଳବ ରଞ୍ଜନ ଦାଶ ଏବଂ ଦିଲୀପ ଶର୍ମାଙ୍କୁ ଦୟାନନ୍ଦ ନଗର ଆର୍ଯ୍ୟ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦଯାପନୀ ସମାରୋହରେ ବେଦବ୍ୟାସ ଗୁରୁକୁଳ ଆଶ୍ରମର ସମସ୍ତ ବାଳ ବ୍ରହ୍ମଚାରୀ ସହଯୋଗ କରିଥିଲେ। ଆର୍ଯ୍ୟ ସମାଜର ଟ୍ରଷ୍ଟ ବୋର୍ଡ ଉପସଭାପତି ସୁରେଶ ଚନ୍ଦ୍ର ଆର୍ଯ୍ୟ, ଦୟାନିଧି ଆର୍ଯ୍ୟ, ଅଶୋକ ଆର୍ଯ୍ୟ, ସୂର୍ଯ୍ୟମଣି ଆର୍ଯ୍ୟ, ଉମାକାନ୍ତ ଆର୍ଯ୍ୟ, ନୃସିଂହ ଚରଣ ଆର୍ଯ୍ୟ, ରାମଚନ୍ଦ୍ର ଆର୍ଯ୍ୟ, ସୁରେଶ ଆର୍ଯ୍ୟ, ବିନୋଦ ଆର୍ଯ୍ୟ, ବିଶ୍ୱରଞ୍ଜନ ଆର୍ଯ୍ୟେ ଓ କେଦାର ନାଥ ଆର୍ଯ୍ୟ ଉପସ୍ଥିତ ଥିଲେ।



ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଉଛି।

# ନୂତନ ରୋଲ ଶପ୍ ୟୁନିଟର ସୁରକ୍ଷା ବୃକ୍ଷ ଉଦ୍‌ଘାଟିତ

ରାଉରକେଲା,୩।୩(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ହଟ୍ ଷ୍ଟ୍ରିପ୍ ମିଲ୍-୨ ସ୍ଥିତ ନୂତନ ରୋଲ ଶପ୍ ୟୁନିଟର ସମ୍ପୂର୍ଣ୍ଣ ସୁରକ୍ଷା ସଂସ୍କୃତି ବଳବତ୍ତର ପାଇଁ ଆବଶ୍ୟକ ନୂଆ ଷ୍ଟ୍ରକଚରାଲ ସୁରକ୍ଷା ବୃକ୍ଷ ଆର୍‌ଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର. ସୂର୍ଯ୍ୟବଂଶୀଙ୍କ ଦ୍ୱାରା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସିଜିଏମ୍ ମେକାନିକାଲ ଆର୍. ଏନ୍. ରାଜେନ୍ଦ୍ରନ, ହଟ୍ ଷ୍ଟ୍ରିପ୍ ମିଲ-୨ ବିଭାଗର ସିଜିଏମ୍ ଆର. କେ. ମୁଦୁଲି, ସିଆରଏମ୍, ଏସ୍‌ଏମ୍‌ଏସ୍, ପାଇପ ପ୍ଲାଣ୍ଟ ଓ ରୋଲ ଶପ୍ ବିଭାଗ ସିଜିଏମ୍ ସୁବ୍ରତ କୁମାରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସୂର୍ଯ୍ୟବଂଶୀ ରୋଲ ଶପ୍ ସାମୁଦାୟିକଙ୍କ ଅଭିନବ ସୁରକ୍ଷା ପଦକ୍ଷେପ ତଥା ସୁରକ୍ଷା ଓ ରକ୍ଷଣାବେକ୍ଷଣ ଅଭ୍ୟାସ ପାଇଁ ଦୃଢ ପ୍ରତିବଦ୍ଧତାର ପ୍ରଶଂସା କରିଥିଲେ। ଏଥିସହ ରୋଲ ଶପ୍-୫ ହାଉସ କିପିଂ ଉଦ୍ୟମକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ୫ଏସ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ସୂର୍ଯ୍ୟବଂଶୀ ସୁରକ୍ଷା ଓ ହାଉସ କିପିଂ ଅଭ୍ୟାସଗୁଡିକ ବଜାୟ ରଖିବାକୁ ଉତ୍ସାହିତ କରିଥିଲେ।

# ପୁରାତନ ଛାତ୍ର ସଂସଦ ବୈଠକ




ବୈଠକରେ ଉପସ୍ଥିତ ଅତିଥି ଏବଂ ପୁରାତନ ଛାତ୍ର।

ରାଉରକେଲା,୩।୩(ଦିନେଶ ମିଶ୍ର)

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ବୈଠକ କଲେଜ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ପ୍ରଫେସର ସମର ମୁଦାଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଲେଜର ପୁରାତନ ଛାତ୍ର ତଥା ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହାସହ ଗତ କିଛିବର୍ଷ ମଧ୍ୟରେ ମହାବିଦ୍ୟାଳୟର ବିଭିନ୍ନ ଭିତ୍ତିଭୂମି ବିକାଶ ସମ୍ପର୍କରେ ସୂଚନା ଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି ପାଇଁ ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗ ଆଶା କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପିକା ତଥା ଶିକ୍ଷାବିତ୍ ପ୍ରଫେସର ଜ୍ୟୋତ୍ସ୍ନା ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ବିଷ୍ଣୁଚରଣ ମହାନ୍ତି ପ୍ରମୁଖ ଅନ୍ୟାତମ ଅତିଥି ଭାବେ ଉପସ୍ଥିତ ଥିଲେ। ପୁରତନ ଛାତ୍ର ସଂସଦର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସଂଘର ଆବାହକ ତଥା ବରିଷ୍ଠ ଆଇନୀଜୀବୀ ଗିରିଶ ମହାପାତ୍ର ସୂଚନା ଦେଇଥିଲେ। ସଂଘ ସଭାପତି ବିଭୂତି ଭୂଷଣ ପୁହାଣ ସଂଘର ପଞ୍ଜୀକରଣ ସମ୍ପର୍କରେ କହିଥିବା ବେଳେ ସାଧାରଣ ସମ୍ପାଦକ ରୋଶନ ସାହୁ ବିଭିନ୍ନ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ପୁରାତନ ଛାତ୍ରୀ ପ୍ରେମଲତା ଖଣ୍ଡୁଆଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଜୟ କୁମାର ବେହେରା ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ବିକାଶ ଦିଗରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ସଂଘର ମୁଖପତ୍ର 'ମୈତ୍ରେୟ' ଉନ୍ମୋଚନ କରାଯାଇଥିଲା। ପରେ ପୁରାତନ ଛାତ୍ର ପ୍ରଫେସର ମୁଦାଲି ଓ ଅଜିତ ମୋହନ ପୂଜାରୀଙ୍କ ନେତୃତ୍ୱରେ ୧ଲକ୍ଷ ୧୧ ହଜାର ୧ ଟଙ୍କା, ରୋଶନ ସାହୁ ୧୦ ହଜାର ଟଙ୍କା, ଡକ୍ଟର ମଧୁସ୍ମିତା ଧୂପାଳ ୩୦ ହଜାର ଟଙ୍କା ମୋ-କଲେଜ ଅଭିଯାନ ପାଣ୍ଠିକୁ ପ୍ରଦାନ କରିଥିଲେ। ଏଥିରେ ମହାବିଦ୍ୟାଳୟର ବିଭିନ୍ନ ବ୍ୟାଚ୍‌ର ଶତାଧିକ ଛାତ୍ରୀଛାତ୍ରୀ ଉପସ୍ଥିତ ଥିଲେ। ପୁରାତନ ଛାତ୍ର କୋଷାଧ୍ୟକ୍ଷ ପ୍ରଦୀପ ଖେସ୍‌ଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଅଭିକ କୁମାର, ଡ. ସୁଚିତ୍ରା ମହାନ୍ତି ଓ ସବିତା ରାଉତରାୟ ସହଯୋଗ କରିଥିଲେ।

# ପୋଷ୍ଟମ୍ୟାନ, ଏମ୍‌ଟିଏସ୍ କର୍ମଚାରୀ ସଂଘର ବାର୍ଷିକୋତ୍ସବ




କୋଏଲନଗରରେ ପୋଷ୍ଟମ୍ୟାନ ଓ ଏମ୍‌ଟିଏସ୍ କର୍ମଚାରୀଙ୍କ ଶୋଭାଯାତ୍ରା ଚାଲିଛି।

ରାଉରକେଲା,୩।୩(ଦିନେଶ ମିଶ୍ର)

କୋଏଲନଗର ସ୍ଥିତ ଆରଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାଗୃହ ପରିସରରେ ଅଖିଳ ଭାରତ ଡାକ ବିଭାଗ ପୋଷ୍ଟମ୍ୟାନ ଓ ଏମ୍‌ଟିଏସ୍ କର୍ମଚାରୀ ସଂଘ ଓଡିଶା ସର୍କଲର ୩୦ତମ ଦ୍ୱିବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ସର୍କଲର ୩୦ତମ ଦ୍ୱିବାର୍ଷିକ ସମ୍ମିଳନୀ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ଓଡିଶାର ବିଭିନ୍ନ ଡିଭିଜନରୁ ଆସିଥିବା ପୋଷ୍ଟମ୍ୟାନ ଓ ଏମ୍‌ଟିଏସ୍ କର୍ମଚାରୀମାନଙ୍କୁ ସ୍ୱାଗତ କରିଥିଲେ। ସିଆଇଟିୟୁର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ସମ୍ମିଳନୀକୁ ଉଦ୍‌ଘାଟନ କରିଥବଲେ। ଅଜୟ କୁମାର ପାତ୍ର ଓ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ରାଉରକେଲା ଡିଭିଜନର ସମ୍ପାଦକ ସୁବାଷ ସାହୁ, ଏନ୍‌ଏଫ୍‌ଇର ସର୍ବଭାରତୀୟ ମହାସଚିବ ସୁବାଷ ଚକ୍ରବର୍ତ୍ତୀ, ରବୀନ୍ଦ୍ର ନାଥ ଧଳ, ଶ୍ରୀମନ୍ତ ବେହେରା, ରାଜକିଶୋର ପ୍ରଧାନ, ସର୍ବେଶ୍ୱର ଚୌଧୁରୀ, ବିଶ୍ୱଜିତ ନାୟକ, ଦେବ୍ରତ ମହାନ୍ତି, ବୃହସ୍ପତି ସାମଲ, ପି. ପି. ରାଉତ, ସପନ ମହାନ୍ତି, ମୁକୁଲ ଦାସ, ଯୋଗେଶ ଚନ୍ଦ୍ର ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଉରକେଲା ସର୍କଲ ସମ୍ପାଦକ ଏସ୍. ରାଓ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀ ପ୍ରାରମ୍ଭରେ ଏକ ଶୋଭାଯାତ୍ରା କୋଏଲନଗର ପରିକ୍ରମା କରି କରିଥିଲା।

# ସାମାଜିକ କର୍ମୀଙ୍କ ବସ୍ତି ଅଞ୍ଚଳ ପରିଦର୍ଶନ

ରାଉରକେଲା,୩।୩(ବିପ୍ଳବ ରଞ୍ଜନ ଦାଶ)

ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ରବିବାର ସହକର୍ମୀମାନଙ୍କ ସହ ସେକ୍ଟର-୧୯ ସ୍ଥିତ ରାମଗଡ ବସ୍ତି ପରିଦର୍ଶନ କରିଥିଲେ। ସେମାନେ ପ୍ରତ୍ୟେକ ଅଞ୍ଚଳ ପରିଭ୍ରମଣ କରିବା ସହ ଅସହାୟ ବୃଦ୍ଧାବୃଦ୍ଧ, ବିଧବା, ଭିନ୍ନକ୍ଷମମାନଙ୍କୁ ସହିତ ସାକ୍ଷାତ କରି ସରକାରୀ ଯୋଜନା ଉପରେ ଆଲୋଚନା କରିଥିଲେ। ତେବେ ବସ୍ତିର ବହୁ ହିତାଧିକାରୀ ରାଶନ କାର୍ଡ ଓ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଥିବା ଜଣାପଡିଥିଲା। ପ୍ରଶାନ୍ତ ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବସ୍ତି ଅଭିଯାନ କାର୍ଯ୍ୟକ୍ରମରେ ସମୀର ସ୍ୱାଇଁ, ଅଜୟ କୁମାର ଷଡଙ୍ଗୀ, ବାବୁ ମହାନ୍ତି, ସରୋଜ ନାୟକ, ବିଶ୍ୱ ରଞ୍ଜନ ରାଉତ, ସୋନୁ ସିଂ, ଦେବକାନ୍ତ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।



ପ୍ରଶାନ୍ତ ଓ ସହକର୍ମୀମାନେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

# ଫାଇନାଲରେ ଛତିଶଗଡ଼, ହରିୟାଣା

ରାଉରକେଲା,୩।୩(ଦିନେଶ ମିଶ୍ର)

ସେକ୍ଟର-୨୦ ସ୍ଥିତ ରାଇଜିଂ କ୍ଲବ ପକ୍ଷରୁ ଆୟୋଜିତ ୧୫ତମ ରାଇଜିଂ ଟ୍ରଫିର ସପ୍ତମ ଅଲ୍ ଇଣ୍ଡିଆ ଭଲିବଲ ଟୁର୍ନାମେଣ୍ଟର ଦୁଇଟି ସେମିଫାଇନାଲ ମ୍ୟାଚ୍ ରବିବାର ଖେଳାଯାଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଛତିଶଗଡ ଓ ଗୁଜୁରାଟ ମଧ୍ୟରେ ହୋଇଥିଲା। ଏଥିରେ ଛତିଶଗଡ ଦଳ ୩-୨ ସେଟ୍‌ରେ ଗୁଜୁରାଟ ଦଳାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଓଡିଶା ଓ ହରିୟାଣା ମଧ୍ୟରେ ଖେଳାଯାଇଥିଲା। ହରିୟାଣା ଦଳ ଓଡିଶାକୁ ୩-୦ ସେଟ୍‌ରେ ହରାଇ ଫାଇନାଲକୁ ଉନ୍ନୀତ ହୋଇଛି। ରେଫରି ସଞ୍ଜୟ ନାୟକ, ସଞ୍ଜୀବ କୁମାର ଚାନ୍ଦ, ସଞ୍ଜୀବ ମହାନ୍ତି, ଆଦିକନ୍ଦ ପରିଡା, ଶୁଶାନ୍ତ ଗୌଡ, ସସ୍ମିତା ଦାସ, ଆନ୍ନା କେରକେଟ୍ଟା, ଦୁର୍ଗାମାଧବ ନାୟକ, ନିରଞ୍ଜନ ନାୟକ, ସଞ୍ଜୀବ ମହାନ୍ତି ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପଡିଆ ପ୍ରସ୍ତୁତି ପର୍ଯ୍ୟବେକ୍ଷକ ଅମର ଦାସ ସହଯୋଗ କରିଥିଲେ। କ୍ଲବର ସଭାପତି ନିରଞ୍ଜନ ସାମଲ, ସାଙ୍ଗଠନିକ ସମ୍ପାଦକ ଶିଶିର ସାହୁ, ସାଧାରଣ ସମ୍ପାଦକ ଦେବୀପ୍ରସାଦ ମିଶ୍ର, ବିନୋଦ ରାୟ, ଇନ୍ଦ୍ରଜିତ ସିଂ, କମଳାକାନ୍ତ ନାୟକ, ସୌଭାଗ୍ୟ ମିଶ୍ର, ବିରେନ ପ୍ରଧାନ, ଅନୀଲ ସିଂ, ଅମର ଦାଶ, ତିରୁପତି ରଞ୍ଜନ ଦାସ, ଧରଣୀଧର ବିଶ୍ୱାଳ, ସତ୍ୟ ପ୍ରଧାନ, ମାନସ ନାୟକ, ଶୁଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।




ଅତିଥିମାନଙ୍କ ଗହଣରେ ଖେଳାଳିଗଣ।

# ଥାନା ଘେରିଲେ ପରିବାର, ଗ୍ରାମବାସୀ

### ଯୁବକ ନିଖୋଜ ମାମଲା

ରାଉରକେଲା,୩।୩(ସଙ୍ଗୀତା ଜେନା)

ବିଶ୍ରା ଅଞ୍ଚଳର ଜଣେ ପିକ୍‌ଅପ୍ ଭ୍ୟାନ ଚାଳକ ଝିରପାଣି ସାପ୍ତାହିକ ହାଟକୁ ଗତ ଗୁରୁବାର ଚାଷୀଙ୍କୁ ନେଇ ଯାଇଥିବାବେଳେ ନିଖୋଜ ଅଛନ୍ତି। ଏ ନେଇ ଝିରପାଣି ଥାନାରେ ଅଭିଯୋଗ ହେବାର ୩ଦିନ ବିତିଯାଇଥିଲେ ମଧ ତାଙ୍କର ପତ୍ତା ମିଳିପାରିନାହିଁ। ଫଳରେ ନିଖୋଜ ଯୁବକଙ୍କ ପରିବାର ଓ ଗ୍ରାମବାସୀ ରବିବାର ଥାନା ଘେରାଉ କରିଥିଲେ। ରିପୋର୍ଟ ଲେଖାଯିବା ସୁଦ୍ଧା (ଅପରାହ୍ନ ୫ଟା) ଥାନା ଘେରାଉ ଜାରି ରହିଥିଲା। ସୂଚନା ଅନୁସାରେ, ବିଶ୍ରା ଥାନା ତେତରକେଲା ପଞ୍ଚାୟତ ଜାମବେର୍ଣ୍ଣା ଗ୍ରାମର ମଙ୍ଗଳ ଓରାମ(୪୫) ଗତ ଗୁରୁବାର ୭/୮ଜଣ ଚାଷୀଙ୍କୁ ନେଇ ଏକ ପିକ୍‌ଅପ୍ ଭ୍ୟାନ (ନଂ.ଓଡ଼ି୧୪/୩୬୪୮) ଯୋଗେ ନେଇ ଝିରପାଣି ସାପ୍ତାହିକ ହାଟକୁ ଯାଇଥିଲେ। ତେବେ ସେ ପ୍ରାୟ ଦିନ ୧୧ଟା ପରେ ସେ କେଉଁଆଡେ ଗାଡ଼ି ସହ ଚାଲିଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ବହୁତ ଖୋଜାଖୋଜି କରି ନ ମିଳିବାରୁ ମଙ୍ଗଳଙ୍କ ସ୍ତ୍ରୀ ବିରସମଣି ଶୁକ୍ରବାର ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ଏକ ନିଖୋଜ ମାମଲା (ନଂ.୫/୨୪) ରୁଜୁ କରିବା ସହ ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳ ଯାଏ ଖାନତଲାସୀ କରିଛି। ଅନ୍ୟପକ୍ଷେ ମଙ୍ଗଳଙ୍କ ନିଖୋଜକୁ ୩ଦିନ ବିତିଥିଲେ ମଧ ତାଙ୍କର ପତ୍ତା ମିଳିପାରିନାହିଁ। ଫଳରେ ମଙ୍ଗଲୁଙ୍କୁ ତୁରନ୍ତ ଖୋଜିବାକୁ ପୋଲିସକୁ ନିବେଦନ କରିଥିବା ବିରସମଣି କହିଛନ୍ତି। ଗ୍ରାମର ବିନିତା ଖାଲଖୋ, ରୁକ୍ମଣୀ ଖାଲଖୋ, ଏଲିଜାବେଥ ସାରେନ୍, ମୁନୀ ଓରାମ, ଚାନ୍ଦୁ ଓରାମ, ଶୀତଲ ଓରାମ, ଅଶୋକ ମହତୋ, ପହଲୁ ଓରାମ, ତେଜୁ ମହତୋଙ୍କ ସମେତ ଶତାଧିକ ଗ୍ରାମବାସୀ ଘେରାଉରେ ସାମିଲ ହୋଇଥିଲେ।



ଝିରପାଣି ଥାନା ଘେରାଉ କରାଯାଇଛି।

# ବାଲନିକେତନରେ ନିରାଡମ୍ବର ବିବାହ ଉତ୍ସବ

## ସନ୍ଧ୍ୟାରାଣୀଙ୍କ ହାତ ଧରିଲେ ରାଜଦୀପ

ସମ୍ବଲପୁର,୩।୩ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଛଟାନପାଲିସ୍ଥିତ ରୁକ୍ମିଣୀଲାଠ ବାଲନିକେତନରେ ରବିବାର ଏକ ନିରାଡମ୍ବର ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ସ୍ୱାଧୀନତା ସଂଗ୍ରାମୀ ତଥା ସାମାଜିକ କର୍ମୀ ପ୍ରଭାବତୀ ଦେବୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ବାଲନିକେତର ଅନ୍ତେବାସିନୀ ସନ୍ଧ୍ୟାରାଣୀଙ୍କ ହାତ ଧରିଛନ୍ତି ଯୁବ ବ୍ୟବସାୟୀ ରାଜଦୀପ ମହାନ୍ତି। ସନ୍ଧ୍ୟାରାଣୀ ଛୋଟବେଳୁ ବାଲନିକେତନରେ ଲାଳନପାଳନ ହେବା ସହ ଆଇଟିଆଇ ଶିକ୍ଷା ଗ୍ରହଣ କରିଥିଲେ। ଗତ ମାସରେ ସମ୍ବଲପୁର କୁଞ୍ଜେଲପଡ଼ାର ନିତ୍ୟାନନ୍ଦ ମହାନ୍ତି ସ୍ତ୍ରୀ ଶାନ୍ତିମଣୀଙ୍କ ସହ ବାଲନିକେତନକୁ ଯାଇ ସନ୍ଧ୍ୟାରାଣୀଙ୍କୁ ବୋହୂ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ଅଞ୍ଚଳର ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ରାଜଦୀପ ଓ ସନ୍ଧ୍ୟାରାଣୀଙ୍କ ବିବାହ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ବରଗାଁ ନିବାସୀ ଲିଲିମା ପ୍ରଧାନ ଓ ହେମନ୍ତ ପ୍ରଧାନ କନ୍ୟା ମାତାପିତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ଗୋବିନ୍ଦ ପାଢୀ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ରାଜଦୀପ କୁଞ୍ଜେଲପଡ଼ାରେ ଏକ ଛୋଟ ଦୋକାନ କରି ରୋଜଗାର କରୁଛନ୍ତି। ମାତାପିତାଙ୍କ ପରାମର୍ଶ କ୍ରମେ ସନ୍ଧ୍ୟାରାଣୀଙ୍କୁ ବିବାହ କରି ରାଜଦୀପ ବେଶ୍ ଖୁସି ପ୍ରକଟ କରିଛନ୍ତି। ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବରକନ୍ୟାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ବିବାହ କାର୍ଯ୍ୟ ଆୟୋଜନ ପାଇଁ ରୁକ୍ମିଣି ଲାଠ ବାଲନିକେତନର ଅଧ୍ୟକ୍ଷା ନଳିନୀ ପ୍ରଧାନ, ସମ୍ପାଦକ ସଂଗ୍ରାମ ପ୍ରଧାନ, ଦେବାଶିଷ ପାଣ୍ଡେ, ଶ୍ରୀକାନ୍ତ ମହାନ୍ତି, ଉତ୍ତମ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ବାଲନିକେତନରେ ଏହା ପୂର୍ବରୁ ୯ଜଣ ଅନ୍ତେବାସିନୀଙ୍କ ବିବାହ କାର୍ଯ୍ୟ ସମାପନ ହୋଇସାରିଥିବା ବେଳେ ସେମାନେ ନିଜ ଦାମ୍ପତ୍ୟ ଜୀବନକୁ ନେଇ ଖୁସିରେ ଅଛନ୍ତି।



ବିବାହ ମଣ୍ଡପରେ ରାଜଦୀପ ଓ ସନ୍ଧ୍ୟାରାଣୀ।

## ସଂକ୍ଷେପରେ

### ବିଦେଶୀ ମଦ ଜବତ, ୩ ଗିରଫ



ସମ୍ବଲପୁର,୩।୩(ପ୍ରମୋଦ ବହିଦାର)

କ୍ଷେତ୍ରରାଜପୁର ଥାନା ପୋଲିସ ରବିବାର ଚଢାଉ କରି ଲକ୍ଷ୍ମୀଡୁଙ୍ଗୁରୀ ଛକରୁ ବ୍ୟାପକ ପରିମାଣର ବିଦେଶୀ ମଦ ଜବତ କରବା ସହ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବୁର୍ଲାର ସୁଜିତ ଦନ୍ତା, ସମ୍ବଲପୁରର କରଣ ତାଣ୍ଡି ଓ ବିହାରର ବାବଲୁ କୁମାର। ଏ ନେଇ ପୋଲିସ ଏକ ମାମଲା (ନଂ.୫୭/୨୪) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ଏକ ଗାଡ଼ିରେ ବିଦେଶୀ ମଦ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଲକ୍ଷ୍ମୀଡୁଙ୍ଗୁରୀ ଛକରେ ଗାଡ଼ି ତନଖି କରିଥିଲା। ସେହି ସମୟରେ ଏକ ମାରୁତି ଭ୍ୟାନ (ଓଆର୍୧୭ଏଚ୍-୮୮୬୬)କୁ ପୋଲିସ ଅଟକାଇ ଯାଞ୍ଚ କରିଥିଲା। ପରେ ଗାଡିରେ ବିନା କାଗଜପତ୍ରରେ ୨୫ରୁ ଅଧିକ ପେଟିରେ ରଖାଯାଇଥିବା ବିଭିନ୍ନ ବ୍ରାଣ୍ଡର ପ୍ରାୟ ୩୭୬ ଲିଟର୍ ବିଦେଶୀ ମଦ ଜବତ କରିଥିଲା।

### କାର୍ ଦୁର୍ଘଟଣା, ଡ୍ରାଇଭର ମୃତ

ରେଢ଼ାଖୋଲ,୩।୩
(ଅଚ୍ୟୁତାନନ୍ଦ ପୁରୋହିତ)

ଚାରମାଳ ଥାନା ବଂଶାଜାଲ-ହିଣ୍ଡୋଲ ରାସ୍ତାର ସାନହିଣ୍ଡୋଲ ଗ୍ରାମ ନିକଟରେ ଶନିବାର ରାତିରେ ଏକ କାର୍ ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରେଢ଼ାଖୋଲ ଥାନା ବୁର୍ଡା ପଞ୍ଚାୟତ ଡମାଳ ଗ୍ରାମର ବିପିନ ବେହେରା (୨୬)। ସୂଚନାମତେ ବିପିନ କାର୍ (ଓଡି୧୫ଏଫ୍-୦୬୭୧) ଚଳାଇ କୁସୁମବାହାଲିରୁ ରେଢ଼ାଖୋଲ ଆସୁଥିବା ବେଳେ ସାନହିଣ୍ଡୋଲ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟିହୋଇଯାଇଥିଲା। ଏଥିରେ କାର୍ ଭାଙ୍ଗିରୁଜି ଯାଇଥିବାବେଳେ ବିପିନ ଚାପିହୋଇ ଗୁରୁତର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାରକରି ରେଢ଼ାଖୋଲ ଡାକ୍ତରଖାନା ନେଇଥିଲେ। ସେଠାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଚିତ୍ରଶିଳ୍ପୀ ଧନଞ୍ଜୟ ସାନବଡ଼ଙ୍କ ପରଲୋକରେ ଶୋକସଭା



ସମ୍ବଲପୁର,୩।୩ (ଭବାନୀ ଶଙ୍କର ଭୋଇ)

ଧନୁପାଲିସ୍ଥିତ ସମ୍ବଲପୁର କଳା ଏକାଡେମୀର ତରୁଣ ଚିତ୍ରଶିଳ୍ପୀ ଧନଞ୍ଜୟ ସାନବଡ଼(ରାଜା)ଙ୍କ ବିୟୋଗରେ ଏକାଡେମୀ ପକ୍ଷରୁ ରବିବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସଞ୍ଜୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏକାଡେମୀର ପ୍ରଶାନ୍ତ ମାଝି, ସଞ୍ଜୟ ମିଶ୍ର, ପବିତ୍ର ବେରିହା, ସୁବ୍ରତ ବେହେରା, ସୁମନ ପାଲ, ନମ୍ରତା ନାୟକ, ଆକୃତି ଦାସଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି ତାଙ୍କ ସ୍ମୃତିଚାରଣ କରିଥିଲେ। ସୂଚନାଯୋଗ୍ୟ, ଏକ ସଡ଼କ ଦୁର୍ଘଟଣାରେ ଧନଞ୍ଜୟ ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ଜଣେ ଯୁବ ଚିତ୍ରଶିଳ୍ପୀ ଭାବେ ସେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ପାଇଥିଲେ।

# ବୁର୍ଲାରେ ଉଚ୍ଛେଦ ଦୋକାନୀଙ୍କୁ ଥଇଥାନ ଦାବି



ବୈଠକରେ ଉପସ୍ଥିତ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା।

## ଏଲ୍ଆର୍‌ସି ବଦଳରେ ସ୍ଥାୟୀ ପଟ୍ଟା ଦିଆଯାଉ

ସମ୍ବଲପୁର,୩।୩(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ସହରରେ ଉଚ୍ଛେଦ ପ୍ରକ୍ରିୟାରେ ବହୁ ବ୍ୟବସାୟୀ ରୋଜଗାର ହରାଇ ଦୟନୀୟ ଅବସ୍ଥାରେ ରହୁଛନ୍ତି। ଏଭଳି ପରିସ୍ଥିତିରେ ସେମାନଙ୍କୁ ଥାଇଥାନ କରାଯାଇ ନାହିଁ। ସେହିପରି ଦୀର୍ଘଦିନରୁ ବୁର୍ଲାରେ ବସବାସ କରିଆସୁଥିବା ପରିବାରଙ୍କୁ ସ୍ଥାୟୀ ପଟ୍ଟା ବଦଳରେ ଏଲ୍ଆର୍‌ସି ପ୍ରଦାନ କରାଯାଇଛି। ଏପରି କି ବୁର୍ଲାରେ ଖେଳପଡ଼ିଆ ବା କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପଡ଼ିଆର ଅଭାବ ଥିବାବେଳେ ଭାରତୀ କ୍ଲବ ପଡ଼ିଆରେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ବୁର୍ଲାବାସୀଙ୍କ ପକ୍ଷରୁ ଏହାକୁ ତୀବ୍ର ବିରୋଧ କରାଯାଇଛି। ବୁର୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଜରୁରୀ ବୈଠକ କରାଯାଇ ସର୍ବସମ୍ମତି କ୍ରମେ କେତେକ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ବିସ୍ଥାପିତ ବ୍ୟବସାୟୀଙ୍କୁ ଥଇଥାନ, ବୁର୍ଲାବାସୀଙ୍କୁ ଏଲ୍ଆର୍‌ସି ବଦଳରେ ସ୍ଥାୟୀ ପଟ୍ଟା ପ୍ରଦାନ, ଉଚ୍ଛେଦ ପ୍ରକ୍ରିୟାରେ ଭଙ୍ଗାଯାଇଥିବା ଘରର କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ ଓ ଭାରତୀ କ୍ଲବ ପଡ଼ିଆରେ ପ୍ରସ୍ତାବିତ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଆହୁତ ଟେଣ୍ଡରକୁ ବାତିଲ କରିବାକୁ ଦାବି କରାଯାଇଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଦାବି ନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମହାନଗର ନିଗମ କମିଶନ ଓ ଆର୍‌ଡିସିଙ୍କୁ ସ୍ମାରକପତ୍ର ଦିଆଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ କମିଟିର ଗିରିଜା ନାୟକ, ଶିବ ଦଳାଇ, ମନୋରଞ୍ଜନ ପଟ୍ଟନାୟକ, ନରେଶ ପଣ୍ଡା, ଗିରିଧାରୀ ମହାନନ୍ଦ, ଆଇଜାକ ନାଗ, ଓକିଲ ଖମାରି, ଚୈତନ୍ୟ ଭୋଇ, ମୁନ୍ନା ମେହେର, ରାଜୁ ସ୍ୱାଇଁ, ଅଜିତ ପଟ୍ଟନାୟକ, ଗଣେଶ ସୁନା, ଠାକୁର ବାଗଙ୍କ ସମେତ ବୁର୍ଲା ଗୋପବନ୍ଧୁ ସଂଗଠନ, ସଙ୍ଗୀତ ସମିତି, ଆମର ଉତ୍ସବ କମିଟି, ବାରତି କଳା ବିକାଶ କେନ୍ଦ୍ରର କର୍ମକର୍ତ୍ତା ଯୋଗଦେଇଥିଲେ।

# ବଡ଼ବଜାର ଏକତା ଗ୍ରୁପ୍ ଗଠିତ

## ପାନୀୟ ଜଳ ସମସ୍ୟା ନେଇ ଆନ୍ଦୋଳନ କରିବ କମିଟି

ସମ୍ବଲପୁର,୩।୩(ପ୍ରମୋଦ ବହିଦାର)

ବଡ଼ବଜାର ଏକତା ଗ୍ରୁପ ଗଠନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ବଡ଼ବଜାର ରାଧାମାଧବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ବୈଠକରେ ସର୍ବ ସମ୍ମତିକ୍ରମେ ସଭାପତି ଭାବେ ଜୟରାମ ବଣିଆ, ଉପସଭାପତି ମନୋଜ କୁମାର ପଲସନିଆ, ସାଧାରଣ ସମ୍ପାଦକ ଶ୍ୟାମଲ ବିଶ୍ୱାସ, ସହସମ୍ପାଦକ ଶେଖ ହଲିମ, କୋଷାଧ୍ୟକ୍ଷ ଭାବେ ମହେଶ ଅଗ୍ରୱାଲଙ୍କୁ ମନୋନୀତ କରାଯାଇଛି। ଦୁର୍ଗା ପ୍ରସାଦ ଦେହୁରି, ଭାଗ୍ୟବାନ ପାଣ୍ଡେ, ଛେଦିଲାଲ ଅଗ୍ରୱାଲ, ଦୀପକ ସରାଫ, ହରି ମହାନ୍ତିଙ୍କୁ ନେଇ ଏକ ଉପଦେଷ୍ଟା କମିଟି ଗଠିତ ହୋଇଛି। ଏହି ଅବସରରେ ବଡ଼ବଜାର ଅଞ୍ଚଳରେ ବିଦ୍ୟୁତ୍ ବିଲରେ ଅନିୟମିତତା ଓ ପାନୀୟ ଜଳ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଏ ନେଇ ନବଗଠିତ କମିଟି ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ରଞ୍ଜନ ହୋତା, ଭବାନୀ ମେହେର, ଶିବ ସରାଫ, ପ୍ରହଲ୍ଲାଦ ବଂଶଲ, ମଧୁ ସୁନା, ଶିବ ମେହେର, କିଶନ ଅଗ୍ରୱାଲ, ରମ ପ୍ରସାଦ ସରାଫ ପ୍ରମୁଖ ଉପସ୍ଥିତ ଥିଲେ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ପ୍ରସ୍ତୁତି




ବୈଠକରେ ଅତିଥିଙ୍କ ସହ ପୁରାତନ ଛାତ୍ରୀଛାତ୍ର।

ସମ୍ବଲପୁର,୩।୩ (ଭବାନୀ ଶଙ୍କର ଭୋଇ)

ମାନେଶ୍ୱର ବ୍ଲକ ଅନ୍ତର୍ଗତ ସାହାସପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପୂର୍ବତନ ଛାତ୍ର ତଥା ସାହାସପୁର ସରପଞ୍ଚ ଦିବାକର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ହୀରକ ଜୟନ୍ତୀ ଅବସରରେ କ'ଣ ସବୁ କାର୍ଯ୍ୟକ୍ରମ ହାତକୁ ନିଆଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ସର୍ବସମ୍ମତିକ୍ରମେ ଏପ୍ରିଲ ଶେଷ ସପ୍ତାହରେ ଉତ୍ସବ ୩ ଦିନଧରି ଆୟୋଜନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଆସନ୍ତା ରବିବାର ପରବର୍ତ୍ତୀ ବୈଠକରେ ତାରିଖ ସ୍ଥିର କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ତଥା ଗିରି ଗୋବର୍ଦ୍ଧନ ପୂଜା କମିଟି ସଭାପତି ନାମନାରାୟ ନାୟକ, ଲକ୍ଷ୍ମୀନାରାୟଣ ଦେହୁରି, ପାର୍ଥସାରଥି ସାହୁ, ଚିତ୍ତରଞ୍ଜନ ବାଗ, ମନୀଷ ଦେହେରି, ସୁବାସ ପାଣ୍ଡେ, ସୁରଞ୍ଜିତ ବଡ଼ପଣ୍ଡା, କୃପା ବାଗ, ପଞ୍ଚାନନ ବେହେରା, ଅବସରପ୍ରାପ୍ତ ସେନା ଅଧିକାରୀ ରାଧାସ୍ୱାମୀ ପ୍ରଧାନ, ଲଳିତ ମଗର ପ୍ରମୁଖଙ୍କ ସମେତ ବହୁ ପୂର୍ବତନ ଛାତ୍ର ଉପସ୍ଥିତ ଥିଲେ। ଶେଷରେ ସଦାନନ୍ଦ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

# କିଶୋରୀ ବାଳିକାଙ୍କ ସଶକ୍ତୀକରଣ କର୍ମଶାଳା




କର୍ମଶାଳାରେ ଅତିଥିଙ୍କ ସହ କିଶୋରୀ ବାଳିକା ଓ ଅନ୍ୟମାନେ।

ସମ୍ବଲପୁର,୩।୩(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ରବିବାର ଖାଡୁଆପଡାଠାରେ କିଶୋରୀ ବାଳିକାଙ୍କ ସଶକ୍ତୀକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ ମୀନତି ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇ କିଶୋର ନ୍ୟାୟ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ସଂଯୁକ୍ତା ସାହୁ ଡ୍ରପଆଉଟ ଝିଅମାନଙ୍କ ସ୍କୁଲ ଭର୍ତ୍ତି ଉପରେ ଗୁରୁତ୍ୱ ଦେଇଥିଲେ। ସଖିର ପ୍ରଶାସିକା ମୌସୁମି ଦୋରା ବାଲ୍ୟ ବିବାହ ରୋକିବାକୁ ବିଭିନ୍ନ ସଂସ୍ଥା ଓ ସ୍କୁଲଗୁଡିକରେ ସଚେତନତା କାର୍ଯ୍ୟକ୍ରମ କରାଯିବା ଉପରେ ବକ୍ତବ୍ୟ ରଖିଥିଲେ। ଜିଲା ସଂଯୋଜିକା ସୁନୀତି ତ୍ରିପାଠୀ ଯୌନ ନିର୍ଯାତନା ଓ ପୋକ୍‌ସୋ ଆଇନ ଓ ମୀନତି ପାଣିଗ୍ରାହୀ କିଶୋରୀ ବାଳିକାଙ୍କ ଆତ୍ମରକ୍ଷା କୌଶଳ ତାଲିମ ଉପରେ ଆଲୋଚନା କରିଥିଲେ। ଅଙ୍ଗନୱାଡି ସୁପରଭାଇଜର ସୈରିନ୍ଦ୍ରୀ ନାୟକ ଓ ସୁଲୋଚନା ଅର୍କ ସମ୍ମାନିତ ଥିଲେ। ଅଙ୍ଗନବାଡି କର୍ମୀ ସୁଜାତା ତ୍ରିପାଠୀ, ବନ୍ଦିତା ସ୍ୱାଇଁ, ସଂଯୁକ୍ତା ଦୋରା, ପ୍ରଣତି ବେହେରା, ହେମାଦ୍ରି ତନୟା ପଣ୍ଡା, ପ୍ରଭାତୀ ବଡେଇ, ଅମ୍ବିକା ସିଂହ, ମଞ୍ଜୁଲତା ଷଡଙ୍ଗୀ, ନିରୂପମା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ବୁର୍ଲାରେ ବିଜେଡିର ଜନସମ୍ପର୍କ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଦଳୀୟ ନେତୃବୃନ୍ଦଙ୍କ ସହ ବ୍ୟବସାୟୀ ସଂଘ କର୍ମକର୍ତ୍ତା।

ସମ୍ବଲପୁର,୩।୩ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବିଧାନସଭା ଅନ୍ତର୍ଗତ ବୁର୍ଲା ବିଜୁ ସେବା କେନ୍ଦ୍ରଠାରେ ରବିବାର ବିଜେଡି ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଜେଡିର ପୂର୍ବତନ ସମ୍ବଲପୁର ଜିଲା ସଭାପତି ତଥା ବର୍ତ୍ତମାନର ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ ସ୍ଥାନୀୟ ଜନସାଧାରଣଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନାକରି ସେମାନଙ୍କ ଅସୁବିଧା ବୁଝିଥିଲେ। ଏହାସହ ବୁର୍ଲା ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ରାସ୍ତା ସମ୍ପ୍ରସାରଣ ସମୟରେ ଜବରଦଖଲ ଉଚ୍ଛେଦ ବ୍ୟବସାୟୀଙ୍କ କ୍ଷୟକ୍ଷତିର କିଭଳି ଭରଣା ହୋଇପାରିବ ତଥା ସେମାନଙ୍କ ବ୍ୟବସାୟିକ ଥଇଥାନ ନିମନ୍ତେ ଶୀଘ୍ର ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ବୁର୍ଲାର ଦୁଇଟି ଜାଗାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଚାଲିଥିବା ବେଳେ ସେଥିରେ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଥଇଥାନ କରାଯିବା ନେଇ ଚେଷ୍ଟା କରାଯିବ ବୋଲି କହିଥିଲେ। ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରମାଣପତ୍ର (ଏଲ୍ଆର୍‌ସି) ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଥିଲେ। ବୁର୍ଲା ବ୍ୟବସାୟୀ ସଂଘ ସଭାପତି ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ଜିଲା ଉପସଭାପତି ଅଶୋକ କୁମାର ମହାକୁର, ଜିଲା ସାଧାରଣ ସମ୍ପାଦକ ଦିଲୀପ ଦାଶ, ଜିଲା ସମ୍ପାଦକ ତାପସ ପଲେଇ, ଜିଲା ଯୁବ ବିଜେଡି ସମ୍ପାଦକ ଦୀନେଶ ସେଠ, ଲିଙ୍ଗରାଜ ତ୍ରିପାଠୀ, ନିଶିଥ ଆକାଶ, ଅଭିମନ୍ୟୁ ରାଉତ, ଭଗବାନ ସ୍ୱାଇଁ, ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଡିସି ଅଫିସ ଆଗରେ ସମବାୟ କର୍ମଚାରୀଙ୍କ ଧାରଣା ଆଜି

ସମ୍ବଲପୁର,୩।୩ (ଭବାନୀ ଶଙ୍କର ଭୋଇ)

୩ ଦଫା ଦାବିରେ ଗତ ଶୁକ୍ରବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲଥିବା ରାଜ୍ୟ ସମବାୟ କର୍ମଚାରୀ ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ରାଜ୍ୟ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ସଂଘର ରାଜ୍ୟ ସାଧାରଣ ସମ୍ପାଦକ ନୀତେଶ ସାହୁ ସୂଚନା ଦେଇଛନ୍ତି। ରାଜ୍ୟ ସମବାୟ ନିବନ୍ଧକ ଆନ୍ଦୋଳନରତ ସଂଘ କର୍ମକର୍ତ୍ତାଙ୍କୁ ଆଲୋଚନା ପାଇଁ ନିମନ୍ତ୍ରଣ କରିଥିବା ବେଳେ ସେ ଦାବି ପୂରଣ ନେଇ କୌଣସି ପ୍ରତିଶ୍ରୁତି ଦେଇପାରି ନ ଥିବା ସଂଘ ସମ୍ପାଦକ କହିଛନ୍ତି। ସେଥିପାଇଁ ସୋମବାର ଭୁବନେଶ୍ୱରସ୍ଥିତ ରାଜ୍ୟ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟ ଓ ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ଆର୍‌ଡିସି କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ। ସମ୍ବଲପୁରରେ ପଶ୍ଚିମ ଓଡ଼ିଶାର ୧୦ ଜିଲାର ସମବାୟ କର୍ମଚାରୀ ଧାରଣା ଦେବେ ବୋଲି ସମବାୟ ସଂଘ ପକ୍ଷରୁ କୁହାଯାଇଛି। ରାଜ୍ୟର ୨୭୦୮ ସମବାୟ ସମିତିରେ କାର୍ଯ୍ୟ କରୁଥିବା ୧୦ ହଜାର କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ରହିଛନ୍ତି।

# ବିଦେଶୀ ମଦ ଜବତ, ୨ ଗିରଫ

କୁଚିଣ୍ଡା,୩।୩(ବିରଞ୍ଚି ଦର୍ଶୀ)



ଜବତ ମଦ ସହ ଗିରଫ ୨ ଅଭିଯୁକ୍ତ।

କୁଚିଣ୍ଡା ପୋଲିସ ଶନିବାର ଚଢ଼ାଉକରି ବେଆଇନ ଭାବେ ବିକ୍ରି ପାଇଁ ରଖାଯାଇଥିବା ୩୪ଲିଟର ବିଦେଶୀ ଓ ୪୦ଲିଟର ଦେଶୀ ମଦ ଜବତ ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁଚିଣ୍ଡା ଥାନା ଖଣ୍ଟୁଲାବାହାଲ ଗ୍ରାମର ଲିସନ କାଲୋ(୩୮) ଓ ମନ୍ତ୍ରୀମୁଣ୍ଡା ଗ୍ରାମର ବସନ୍ତ ବୁଢା (୪୩)। ପୋଲିସ ପୃଥକ୍ ଭାବେ ଦୁଇଟି ଅବକାରୀ ମାମଲା ରୁଜୁକରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କୁଚିଣ୍ଡା ପୋଲିସ ଖଣ୍ଟୁଲାବାହାଲ ଗ୍ରାମରେ ଚଢ଼ାଉକରି ଲିସନଙ୍କଠାରୁ ବିଭିନ୍ନ ବ୍ରାଣ୍ଡର ୧୩ଲିଟର ବିଦେଶୀ ଓ ୨୦ଲିଟର ଦେଶୀ ମଦ ଜବତ କରିଥିଲା। ସେହିପରି ମନ୍ତ୍ରୀମୁଣ୍ଡା ଗ୍ରାମରେ ଚଢ଼ାଉକରି ବସନ୍ତଙ୍କଠାରୁ ୨୧ ଲିଟର ବିଦେଶୀ ଓ ୨୦ଲିଟର ଦେଶୀ ମଦ ଜବତ କରିଥିଲା।

# ଜାଗା ମିଶନ ଯୋଜନାରେ ୪ ଡେସିମିଲ ଜମି ଦିଆଯାଉ

## ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଦାବି

ସମ୍ବଲପୁର,୩।୩(ବି.ଶଙ୍କର)

ସମ୍ବଲପୁର ବିଧାନସଭା କ୍ଷେତ୍ରର ବୁର୍ଲା, ହୀରାକୁଦ ଓ ସମ୍ବଲପୁର ସହରରେ ଜାଗା ମିଶନ ଯୋଜନାରେ ଏକ ଡେସିମିଲ ଜମି ପ୍ରଦାନ ବ୍ୟବସ୍ଥା କରାଯାଉଛି। କିନ୍ତୁ ଏହି ଜାଗାରେ ଘର ନିର୍ମାଣ କରିବା କଷ୍ଟସାଧ୍ୟ। ତେଣୁ ଏହାକୁ ପରିବର୍ତ୍ତନ କରାଯାଇ ଡ. ବି.ଆର୍. ଆମ୍ବେଡକରଙ୍କ ସାମ୍ବିଧାନିକ ବ୍ୟବସ୍ଥାରେ ୪ ଡେସିମିଲ ଜମି ପ୍ରଦାନ ବ୍ୟବସ୍ଥା କରାଯାଉ। ରବିବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଅଧ୍ୟକ୍ଷ ନିହାଲ ସିଂ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ସେ ଆହୁରି କହିଥିଲେ, ମୁଖ୍ୟତଃ ସମ୍ବଲପୁର ବିଧାନସଭା କ୍ଷେତ୍ରରେ ଗଣ୍ଡା



ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ପରିଷଦ କର୍ମକର୍ତ୍ତା।

ସମାଜର ୪୨ହଜାର ଭୋଟର ରହିଛନ୍ତି। ସେହିପରି ଘାସି ଓ ଚମାର ସମାଜର ୨୫ହଜାରରୁ ଊର୍ଦ୍ଧ୍ୱ ଭୋଟର ଅଛନ୍ତି। କିନ୍ତୁ ପରିତାପର ବିଷୟ ସେମାନଙ୍କୁ ଜାଗା ମିଶନ ଯୋଜନାରେ ସାମିଲ କରାଯାଇନାହିଁ। ତେଣୁ ଆଉଥରେ ସର୍ଭେ କରାଯାଇ ସେମାନଙ୍କୁ ଯୋଜନାରେ ସାମିଲ କରିବା ଆବଶ୍ୟକ। ସେମାନେ ଗରିବ, ଦିନ ମଜୁରିଆ ହୋଇଥିବାରୁ ପଟ୍ଟାଜାଗା କିଣି ନ ପାରି ସରକାରୀ ଜମିରେ ବସବାସ କରୁଛନ୍ତି। ଏପରି କି ସମଲେଇ ଯୋଜନାରେ ଏମାନଙ୍କୁ ପାତରଅନ୍ତର କରାଯାଇଛି। ଏହାଦ୍ୱାରା ବିସ୍ଥାପିତ ହୋଇଥିବା କେତେକ ପରିବାର ପ୍ରାୟ ଦେଢ଼ମାସରୁ ଊର୍ଦ୍ଧ୍ୱ ହେବ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଦିବାରାତ୍ର ଧାରଣାରେ ବସିଛନ୍ତି। ଆଗାମୀ ନିର୍ବାଚନରେ ଏହାର ପରିଣାମ ସରକାରଙ୍କୁ ଭୋଗିବାକୁ ପଡ଼ିବ ବୋଲି ପରିଷଦ କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏହାସହ ଏହି ସମାଜର ଲୋକଙ୍କୁ ଅଣଦେଖା ନ କରି ଉପଯୁକ୍ତ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ପରିଷଦର ଉପମହାସଚିବ ସୁନିତା ବାଗ, ଶେଖ ଇନ୍ତେଖାପ, ଜିଲା ସହ ସଂଯୋଜକ ପ୍ରଦୀପ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ଯୁବକ ମୃତ

ଦେଓଗାଁ,(କୃଷ୍ଣପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ସାରସମାଲ ଗାଁରେ ଜନୈକ ଯୁବକଙ୍କ ସର୍ପାଘାତରେ ମୃତ୍ୟୁ ଘଟିଛି । ମୃତକ ହେଲେ ବିଜୟ୍ ନାଗ (୨୮) । ଶନିବାର ରାତିରେ ବିଜୟ୍ ନିଜ ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା । ତାଙ୍କ ଚିତ୍କାର ଶୁଣି ପରିବାର ଲୋକେ ଉଠିବା ପରେ ଏକ ସାପ କାମୁଡି ଦେଇଥିବା ବିଜୟ୍ କହିଥିଲେ। ପରେ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ବନ୍ଧପଡା ଫାଣ୍ଡି ବ୍ୟଚ୍ଛେଦ ପରେ ମୃତଦେହ ରବିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



# ସବୁ ଦଳରେ ମାଳ ମାଳ ଆଶାୟୀ

**ନୂଆପଡା,୩।୩ (ମକାରୁ ବେମାଲ)**

**କଳାହାଣ୍ଡି ଲୋକ ସଭା ଆସନ**

■ କୌଣସି ନିର୍ଦ୍ଦିଷ୍ଟ ଦଳ ପ୍ରତି ଆସ୍ଥା ଜୁଟାଇ ପାରୁନାହାନ୍ତି ଭୋଟର

୨୦୦୮ରେ ପୁନଃ ବିଧାନସଭା କ୍ଷେତ୍ର ଗଠନ ପରେ ସମ୍ପୂର୍ଣ୍ଣ ରୂପେ ନୂଆପଡା ଓ କଳାହାଣ୍ଡି ଜିଲାକୁ ନେଇ ଲୋକ ସଭା ଆସନ ଗଠିତ ହୋଇଛି। ଏହି ଲୋକ ସଭା କ୍ଷେତ୍ରରେ ବର୍ତ୍ତମାନ ୭ଟି ବିଧାନସଭା କ୍ଷେତ୍ର ଭବାନୀପାଟଣା, ଲାଞ୍ଜିଗଡ, ନର୍ଲା, ଧର୍ମଗଡ, ଜୁନାଗଡ, ଖଡିଆଳ ଓ ନୂଆପଡା ରହିଛି। ଏହି ନିର୍ବାଚନ ମଣ୍ଡଳୀର ଏମ୍‌ପି ଭାବେ ବର୍ତ୍ତମାନ ଭାଜପାର ବସନ୍ତ କୁମାର ପଣ୍ଡା ରହିଛନ୍ତି। ଏହି ଲୋକ ସଭା କ୍ଷେତ୍ରରେ ୭ଟି ନିର୍ବାଚନ ମଣ୍ଡଳୀରୁ ୫ଟିରେ ବିଜେଡି ବିଧାୟକ, ଗୋଟିକରେ ଭାଜପା ଓ ଅନ୍ୟ ଏକ ଆସନରେ କଂଗେସର ବିଧାୟକ ରହିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନକୁ ସମ୍ମୁଖୀନ ହେବାକୁ ଯାଉଛି। ଏହା ପୂର୍ବରୁ ଲୋକ ସଭା ନିର୍ବାଚନରେ ୯ଜଣ ଏମ୍‌ପିଙ୍କୁ ଭୋଟର ଦେଖି ସାରିଲେଣି। କିନ୍ତୁ ସବୁଠାରୁ ବଡ କଥା ହେଲା ଏହି ନିର୍ବାଚନମଣ୍ଡଳୀରେ ଦଳ ଅପେକ୍ଷା ବ୍ୟକ୍ତି ବିଶେଷଙ୍କୁ ପ୍ରାଧାନ୍ୟ ଦେଇ ଆସିଛି। ୧୯୫୨ରେ ଗିରିଧାରୀ ଭୋଇ ଗଣତନ୍ତ୍ର ପରିଷଦରୁ ଏମ୍‌ପି ହୋଇଥିବା ବେଳେ ୧୯୫୭ରୁ ୧୯୭୭ ପର୍ଯ୍ୟନ୍ତ କଳାହାଣ୍ଡିର ରାଜା ସାହେବା ପ୍ରତାପ କେଶରୀ ଦେଓ ସ୍ୱତନ୍ତ୍ର ପରିଷଦ ଓ ନିର୍ଦ୍ଦଳୀୟ ଭାବେ ଏମପି ଥିଲେ। ସେହିପରି ୧୯୮୦ରେ କଂଗ୍ରେସର ରାହାସ ବିହାରୀ ବେହେରା, ୧୯୮୪ରେ କଂଗ୍ରେସରୁ ଜଗନ୍ନାଥ ପଟ୍ଟନାୟକ,୧୯୮୯ରେ ଜନତା ଦଳରୁ ଭକ୍ତଚରଣ ଦାସ, ୧୯୯୧ରେ କଂଗ୍ରେସରୁ ସୁବାସ ଚନ୍ଦ୍ର ନାଏକ, ୧୯୯୬ରେ ସମାଜବାଦୀ ଜନତା ପାର୍ଟି (ରାଷ୍ଟ୍ରୀୟ)ରୁ ଭକ୍ତ ଚରଣ ଦାସ, ୧୯୯୮ରୁ ୨୦୦୪ ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟିରୁ ବିକ୍ରମ କେଶରୀ ଦେଓ, ୨୦୦୯ରେ କଂଗ୍ରେସରୁ ପୁଣି ଥରେ ଭକ୍ତଚରଣ ଦାସ, ୨୦୧୪ରେ ପ୍ରଥମ କରି କଳାହାଣ୍ଡି ରାଜନୀତିରେ ବିଜୁ ଜନତା ଦଳ ପ୍ରବେଶ ସହିତ କଳାହାଣ୍ଡି ରାଜ ପରିବାରର ଦାୟଦ ଅର୍କକେଶରୀ ଦେଓ ଓ ୨୦୧୯ରେ ଭାଜପାରୁ ବସନ୍ତ କୁମାର ପଣ୍ଡା ଏମପି ଭାବେ ନିର୍ବାଚିତ ହୋଇଛନ୍ତି। ରାଜନୈତିକ ବିଶାରଦମାନଙ୍କ ମତରେ ବୋଧହୁଏ କଳାହାଣ୍ଡି ଭୋଟରମାନେ ୩ ପ୍ରମୁଖ ଦଳ ଉପରେ ଆସ୍ଥା ଜୁଟାଇ ପାରି ନ ଥିଲେ। ରାଜନୈତିକ ପଶାପାଲିରେ ପୁଣି ଥରେ କଳାହାଣ୍ଡି ଭୋଟର ବାଟ ହୁଡିବା ଆରମ୍ଭ କଲେ। ୨୦୨୪ରେ ରାଜନୈତିକ ପାଣିପାଗ ସମ୍ପର୍କରେ ପୂର୍ବାନୁମାନ କରିବା କଷ୍ଟକର। କାରଣ ଏପର୍ଯ୍ୟନ୍ତ କୌଣସି ଦଳ ପ୍ରାର୍ଥୀଙ୍କ ନାମ ସ୍ପଷ୍ଟ କରି ନ ଥିବା ବେଳେ ସବୁ ଦଳରେ ମାଳ ମାଳ ଆଶାୟୀ ରହିଛନ୍ତି।

# ଓକିଲ ସଂଘକୁ ହରାଇଲା ସିଭିଲ କୋର୍ଟ ଟିମ୍



ମ୍ୟାଚ ଖେଳିଥିବା ଉଭୟ ଦଳର ଖେଳାଳିମାନେ।

**କଣ୍ଟାବାଞ୍ଜି, ୩।୨ (ଗୁରୁଦୟାଲ ହଂସ)**

**ସିଭିଲ କୋର୍ଟ ଓକିଲ ସଂଘ ବନ୍ଧୁତାପୂର୍ଣ୍ଣ କ୍ରିକେଟ ମ୍ୟାଚ**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସିଭିଲ କୋର୍ଟ କର୍ମଚାରୀ ଏବଂ ଓକିଲ ସଂଘ ଟିମ୍ ମଧ୍ୟରେ ରବିବାର ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ରେଳବାଇ ଷ୍ଟାଡିୟମରେ ଅନୁଷ୍ଠିତ ଖେଳରେ ଟସ୍ ଜଣି ଓକିଲ ସଂଘ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮୨ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଜବାବରେ ସିଭିଲ କୋର୍ଟ ଟିମ୍ ୧୬ଓଭରରେ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ବିଜେତା ଦଳକୁ ୱିନର କପ୍ ଏବଂ ଉପବିଜେତା ଦଳକୁ ରନର ଅପ କପ୍ ପ୍ରଦାନ କରାଯାଇଥିଲା। ବେଷ୍ଟ ବୋଲରଭାବେ ସବ୍‌ଜଜ୍ ପରିତୋଷ ସେଠୀଙ୍କୁ କପ୍ ପ୍ରଦାନ କରାଯାଇଥିଲା। ସିଭିଲ କୋର୍ଟ କ୍ୟାପଟେନ ଏଡିଜେ ହିମାଂଶୁ ଶେଖର ମଲ୍ଲିକ ଏବଂ ଓକିଲ ସଂଘ କ୍ୟାପଟେନ ଏସ.ଜଗନ୍ନାଥ ରାଓଙ୍କ ନେତୃତ୍ୱରେ ହୋଇଥିବା ଖେଳକୁ ଆଇନଜୀବୀ ସମିମ ଖାନ ଏବଂ ସୁମିତ ଦଳାଇ ପରିଚାଳନା କରିଥିଲେ।

# ବିଜୟାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଗୋଲାମୁଣ୍ଡା,୩।୩(ବଟକୃଷ୍ଣ ପଣ୍ଡା)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡାସ୍ଥିତ ବିଜୟାନନ୍ଦ ପବ୍ଲିକ ସ୍କୁଲର ୨୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଇଞ୍ଜିନିୟର ପ୍ରିୟବ୍ରତ ସିପକା ଉତ୍ସବରେ ସଭାପତିତ୍ୱ କରି ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ମଣିଷ ହେବା ପାଇଁ ଉତ୍ସାହିତ କରିବା ସହ ବିଦ୍ୟାଳୟ ଉନ୍ନତି ଦିଗରେ ଅଭିଭାବକଙ୍କ ସହଯୋଗ ପାଇଁ ସାଧୁବାଦ ଜଣାଇଥିଲେ। ମୁଖ୍ୟଅତିଥି ଭାବେ ଗୋଲାମୁଣ୍ଡା ଅଗ୍ନିଶମ ବିଭାଗ ଷ୍ଟେଶନ ଅଧିକାରୀ ନିଗମାନନ୍ଦ ପାତ୍ର, ସମ୍ମାନିତ ଅତିଥି ଭାବେ ଗୋଲାମୁଣ୍ଡା ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ୱେତପଦ୍ମା ସେଠ, ଗୋଲାମୁଣ୍ଡା ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ସୁବାସ ନାଏକ ଓ ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ରାଉତ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୋଲାମୁଣ୍ଡା ଅଧକ୍ଷ ସୁକାନ୍ତ କୁମାର ଘଡେଇ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ ଶକ୍ତିର ସାମଗ୍ରିକ ବିକାଶ ଦିଗରେ ଉଭୟ ପିତାମାତା ଓ ବିଦ୍ୟାଳୟ ସକ୍ରିୟ ଭୂମିକା ରହିଛି ବୋଲି ମତଦେଇଥିଲେ। ଉପାଧ୍ୟକ୍ଷା ଅଳକା କେଶରୀ ଅତିଥି ପରିଚୟ ପ୍ରଦାନ ଓ ଅଧକ୍ଷ ଅମର ନାଏକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ଶାନ୍ତନୁ କୁମାର ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା ପରିଷଦ ସମ୍ପାଦକ ରୋହିତ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଗୁଣନିଧି ରାଉତ ମଞ୍ଚ ସଞ୍ଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ଉତ୍କର୍ଷ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଭିଭାବକ, ପରିଚାଳନା ପରିଷଦ ସଦସ୍ୟ ତଥା ଶିକ୍ଷକ ବିରେନ୍ଦ୍ର ସେନାପତି, ଶମ୍ଭୁନାଥ ମେହେର, ଲକ୍ଷ ରାଉତ, ଦେବାଶିଷ ତେଜି, ଆକାଶ ଦାସ, ଯତୀନ୍ଦ୍ର ନାଥ ଚଲାନ, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଣ୍ଡା, ସନ୍ଧ୍ୟାରାଣୀ ଖମାରୀ, ସସ୍ମିତା ସାଗର, ଲୋପାମୁଦ୍ରା ରାଉତ, ଉମା ଦୁରିଆ, ବିକାଶ ମଙ୍ଗରାଜ, ନରୋତ୍ତମ ଭାଟି ଓ ସତ୍ୟବତୀ ମଙ୍ଗରାଜ ପ୍ରମୁଖ ସହଯୋଗ କରିଥିଲେ।

# ବାଇକ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

**ଜୁନାଗଡ଼,୩।୩(ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚାରବାହାଲ ସିଂ ଢ଼ାବା ନିକଟରେ ବାଇକ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ବୃଦ୍ଧାଙ୍କ ନାମ ସୁରେଖା ଶବର ହୋଇଥିବାବେଳେ ତାଙ୍କ ଘର କାଲୋପଲା ବୋଲି ଜଣାପଡିଛି। ବୃଦ୍ଧାଙ୍କ ମୃତ୍ୟୁ ପରେ ରବିବାର ଅପରାହ୍ନରୁ ସମ୍ପର୍କୀୟମାନେ କ୍ଷତିପୂରଣ ଦାବିରେ ମୃତଦେହ ରଖି ୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି। ଫଳରେ ଏହି ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଛି। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ମଧ୍ୟ ଘଟଣାର ସମାଧାନ ହୋଇନାହିଁ। ଫଳରେ ଖବର ଲେଖା ଗଲା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିଥିବା ସୂଚନା ମିଳିଛି।

# ବିଜେଡିର ମହିଳା ସମାବେଶ, କର୍ମୀ ସମ୍ମିଳନୀ




ବିଜେଡି ମହିଳା ସମାବେଶରେ ମଞ୍ଚାସୀନ ବିଜେଡି ନେତୃବର୍ଗ।

**ପାଟଣାଗଡ,୩।୩(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ୧୫ନଂ ଜିଲା ପରିଷଦ ଜୋନ ଅନ୍ତର୍ଗତ ଯୋଗିମୁଣ୍ଡାଠାରେ ବିଜେଡିର ଏକ ମହିଳା ସମାବେଶ ଓ କର୍ମୀ ସମ୍ମୀଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡିକ ଉପରେ ଉଦ୍‌ବୋଧନ ଦେଇଥିଲେ। ଗତ ସାଢ଼େ ଚାରିବର୍ଷ ଭିତରେ ପାଟଣାଗଡ ନିର୍ବାଚନ ମଣ୍ଡଳୀରେ କରାଯାଇଥିବା ବିଭିନ୍ନ ପ୍ରକାର ଉନ୍ନତିମୂଳକ କାମ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସମାବେଶରେ ପାଟଣାଗଡ ଏନଏସି ଅଧକ୍ଷା ମାନସୀ ବିଶାଳ, ୧୪ ନଂ ଜୋନ ଜିଲା ପରିଷଦ ସଭ୍ୟା ବିଶେଶ୍ୱରୀ ବରିହା, ୧୫ନଂ ଜୋନ ଜିଲା ପରିଷଦ ସଭ୍ୟା କସ୍ତୁରୀ ସେଠ, ୧୬ ନଂ ଜୋନ ଜିଲା ପରିଷଦ ସଭ୍ୟା ବାଳିକା ମାଝି, ବ୍ଲକ ଉପାଧକ୍ଷା ଲକ୍ଷ୍ମୀ ମାଝି, ବିଧାୟକଙ୍କ ବ୍ଲକ ପ୍ରତିନିଧି ତଥା ବିଜେଡି ବ୍ଲକ ସଭାପତି ହିମାଞ୍ଚଳ ପଧାନ, ମହିଳା ସଭାନେତ୍ରୀ ବିଦ୍ୟୁସ୍ମିତା ମହାକୁର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ପ୍ରତ୍ୟେକ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚିଛି ତାହାର ଅବତାରଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଗତି ସୁଜାତା ପଧାନ, ଗଣ୍ଡାରାମ ବେହେରା, ପ୍ରଦୀପ ପୁରୋହିତ, ବାସୁଦେବ ପାଢୀ, ଇନ୍ଦୁ ଠାକୁର, ଦେହଦେବ ପୁରୋହିତ, ପ୍ରେମା ବଢ଼ିଆ ଓ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବହୁସଂଖ୍ୟାରେ ବିଜେଡି କର୍ମୀ ଥିଲେ।

# ସମ୍ବଲପୁରୀ ଲୋକନୃତ୍ୟରେ ଝୁମିଲେ ଦର୍ଶକ

**ଲୋଇସିଂହା,୩।୩ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଯୋଗେଶ୍ୱର ଧାମ ପ୍ରସିଦ୍ଧ ଶିବରାତ୍ରି ମେଳା ରବିବାରରୁ ଆରମ୍ଭ ହୋଇଛି। ରବିବାରରୁ ସପ୍ତାହ ଓ ଶିବ ପୁରାଣ ପଠନ କରାଯାଉଛି। ସପ୍ତାହରେ ଦୁର୍ଯ୍ୟୋଧନ ତ୍ରିପାଠୀ ଏବଂ ଶିବ ପୁରାଣରେ ବୀରବର ବାରିକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ବୁଧବାର ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ମାର୍ଚ୍ଚ ୩ ରୁ ୯ ତାରିଖ ପର୍ଯ୍ୟନ୍ତ ମେଳା ଉପଲକ୍ଷେ ଜଳନ୍ଧର ଦରବାର ଆୟୋଜିତ ହେଉଛି ବୋଲି ମେଳା କମିଟି ସଭାପତି ଅଶୋକ କୁମାର ମିଶ୍ର କହିଛନ୍ତି। ମେଳା ପାଇଁ ୧୦୮ କଳସ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଥିଲା। ଗ୍ରାମର ୧୦୮ ଜଣ ମହିଳା ଦେଉଳ ବନ୍ଧରୁ ପୂର୍ଣ୍ଣ କଳସ ଆଣି ଗ୍ରାମ୍ୟ ପରିକ୍ରମା କରି ପୂଜାସ୍ଥଳରେ ସ୍ଥାପନ କରିଥିଲେ । କଳସ ଶୋଭାଯାତ୍ରାରେ ବରଗଡ ଜିଲା ରେମତାର ଘଣ୍ଟ ପାର୍ଟି ଏବଂ ଗ୍ରାମବାସୀ ସାମିଲ ହୋଇଥିଲେ। କମିଟି କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ କଳସ ଶୋଭାଯାତ୍ରା ସମାପନ ହୋଇଥିଲା। ଶନିବାର ଅଧିବାସ ସନ୍ଧ୍ୟାରେ ଭୁବନେଶ୍ୱର ନୃତ୍ୟ ସନ୍ଧାନ କେନ୍ଦ୍ର କଳାକାରମାନେ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଏହାବ୍ୟତୀତ ଦର୍ଶକଙ୍କୁ ଆକୃଷ୍ଟ ପାଇଁ ମୀନାବଜାର ମୁଖ୍ୟ ଅକର୍ଷଣ ରହିଛି। ମାର୍ଚ୍ଚ ୮ ମହାଶିବରାତ୍ରି ଦିନ ମହାଆଳତୀ ଦର୍ଶନ ପାଇଁ ହଜାରହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ । ଏହିଦିନ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ, ପାନୀୟ ଜଳ ଏବଂ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।



କଳାକାରମାନେ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

# ଅଞ୍ଚଳର ବିକାଶ ହିଁ ପ୍ରାଥମିକତା



ଖଲିଆପାଲିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

**ବଲାଙ୍ଗୀର, ୩।୩(ବୀରେନ୍ଦ୍ର କୁମାର ଝାଙ୍କର)**

**ଖଲିଆପାଲିଠାରେ ସାଧାରଣ ସଭା**

ବଲାଙ୍ଗୀର ବ୍ଲକ ଖଲିଆପାଲି ପଞ୍ଚାୟତ ସଦର ଗାଁରେ ରବିବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ନରସିଂହ ମିଶ୍ର ଏବଂ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ବକ୍ତବ୍ୟ ରଖି କହିଥିଲେ ପ୍ରତି ୫ ବର୍ଷରେ ଥରେ ଆପଣ ମାନଙ୍କ ପାଖକୁ ଅନେକ ରାଜନେତା ଆସିବେ। ମିଛ ଯୋଜନା ଯାହାକି ନିର୍ବାଚନ ପରେ ଉଭେଇଯାଏ ସେପରି ଯୋଜନାରେ ଆପଣମାନଙ୍କୁ ଭୁଆଁ ବୁଲାଇବେ। ବଲାଙ୍ଗୀରର ମାଁ' ମାଟି ପ୍ରତି ସେଭଳି ନେତାଙ୍କ ଦରଦ କେତେ। ସେମାନେ ରାଜନୀତି ନାଁରେ କେବଳ ବ୍ୟବସାୟ କରିବାକୁ ଆସନ୍ତି, ସେଭଳି ନେତାଙ୍କୁ ଚିହ୍ନନ୍ତୁ ଏବଂ ଆସନ୍ତା ନିର୍ବାଚନରେ ଜବାବ ଦିଅନ୍ତୁ। ଆମେ ଅଞ୍ଚଳବାସୀଙ୍କ ସାମଗ୍ରିକ ବିକାଶକୁ ହିଁ ଶ୍ରେଷ୍ଠ ରାଜନୀତି ବୋଲି ବିଶ୍ୱାସ କରୁ ବୋଲି ସେ କହିଥିଲେ। ମୁଖ୍ୟଅତିଥି ବିଧାୟକ ମିଶ୍ର ରାଜ୍ୟ ସରକାର ତଥା ସ୍ଥାନୀୟ ସରକାରୀ ଦଳର ରାଜନେତାଙ୍କ ନାରୀ ସୁରକ୍ଷାକୁ ନେଇ କୁମ୍ଭୀର କାନ୍ଦଣାକୁ ଘୋର ସମାଲୋଚନା କରିଥିଲେ। ରାଜ୍ୟରେ ଆଗାମୀ ଦିନରେ କଂଗ୍ରେସ ଦଳ ସରକାର ଗଠନ କଲେ ବେକାରୀ ଭତ୍ତା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ବୃଦ୍ଧି, ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତାକୁ ଦୁଇ ଗୁଣ କରିବା ଗ୍ୟାରେଣ୍ଟି ଦେଇଥିଲେ। ବ୍ଲକ ସଭାପତି ରାମ ପ୍ରସାଦ ମିଶ୍ର ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।

# ରୟାଲ ଇଲେଭେନ ଚାମ୍ପିୟନ




ଚାମ୍ପିୟନ ରୟାଲ ଇଲେଭେନ ଟିମ୍‌କୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

**ଲାଠୋର, ୩।୩(ଭୁବନେଶ୍ୱର ବାରିକ)**

**୧୪ ତମ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ଖେଳ ପଡ଼ିଆରେ ଜୟ ମା' ବଗ୍ରେନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୪ ତମ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ରୟାଲ ଇଲେଭେନ କଣ୍ଟାବାଞ୍ଜି ଏବଂ ବ୍ଲୁ ଡ଼ାଇମଣ୍ଡ ବରଗଡ଼ ମଧ୍ୟରେ ହୋଇଥିଲା। ବ୍ଲୁ ଡ଼ାଇମଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ ରନ କରିଥିଲା। ଜବାବରେ ରୟାଲ ଇଲେଭେନ ୧୪.୩ ଓଭରରେ ୫ ଉଇକେଟ ବିନିମୟରେ ୧୨୧ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ସନ୍ତୋଷ ଭଇଁଷାଲ, ରାମ ବିଭାର, ଲାଏବାନ ସୁନା ଏବଂ ବିବେକ ଅଗ୍ରୱାଲ ଯୋଗ ଦେଇ ଚାମ୍ପିୟନ ଦଳକୁ ନଗଦ ୩୦ ହଜାର ଟଙ୍କା ସହ ଟ୍ରଫି ଓ ରନର ଅପ ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ପ୍ରଦାନ ଥିଲେ। ମ୍ୟାନ ଅଫ ଦି ମ୍ୟାଚ ଏବଂ ମ୍ୟାନ ଅଫ ଦି ସିରିଜ ରୟାଲ ଇଲେଭେନର ହିମାଂଶୁ ଶବର ଓ ଯୁଗଳ କିଶୋର ଶବର ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ବେଷ୍ଟ ସ୍ୱେଚ୍ଛାସେବୀ ଭାବେ ତାପସ ଶାଣ୍ଡେ, ସାହିଲ ବଏ, ଘନଶ୍ୟାମ ଷାଣ୍ଡେ ବିବେଚିତ ହୋଇଥିଲେ। ଧାରା ବିବରଣୀ ପ୍ରଦାନ ପାଇଁ ଭରତ ବାଗ ଏବଂ ଅକ୍ରୁର ହାତୀ ପୁରସ୍କୃତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଓସିଏ ସ୍ୱୀକୃତିପ୍ରାପ୍ତ ଅମ୍ପେୟାର ଚୂଡ଼ାମଣି ପାଢୀ ଏବଂ ବିଶ୍ୱାମ୍ବର ମହାକୁଡ଼, ଥାର୍ଡ଼ ଅମ୍ପେୟାର ଭାବେ ସୁଜିତ ପାଣିଗ୍ରାହୀ ଦାୟିତ୍ୱ ବହନ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ କ୍ଲବ ସଭାପତି ରବି ସୋନିଙ୍କ ସହ ମନୁ ସିଂ, ଭରତ ଥାପ୍ପା, ମନୋଜ ଭଇଁଷାଲ, ନୂତନ ନାଗ, ବେନାର ତାଣ୍ଡି, ସୁନିଲ ଘିବେଲା ପ୍ରମୁଖ ସହଯୋଗ କରିଥିଲେ।

# ଟାଉନ ହଲ୍, ୨ କଲ୍ୟାଣ ମଣ୍ଡପର ଶିଳାନ୍ୟାସ



ପୌରାଧ୍ୟକ୍ଷା ଲିକା ସାହୁ, ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ କଲିକେଶ ନାରାୟଣ ସିଂଦେଓ ଟାଉନ୍ ହଲ ରୂପାନ୍ତରଣର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**ବଲାଙ୍ଗୀର, ୩।୩ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଟାଉନ ହଲ୍ ରୂପାନ୍ତରଣ ଏବଂ ସହରର ଶାସ୍ତ୍ରୀନଗର ଏବଂ ବିଷ୍ଣୁମୁଣ୍ଡାଠାରେ ଦୁଇଟି କଲ୍ୟାଣ ମଣ୍ଡମ ନିର୍ମାଣ ସକାଶେ ରବିବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପୌରାଧ୍ୟକ୍ଷା ଲିକା ସାହୁ ଏବଂ ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ କଲିକେଶ ନାରାୟଣ ସିଂଦେଓ ଏହି ପ୍ରକଳ୍ପର ଶିଳନ୍ୟାସ କରିଥିଲେ। ବଲାଙ୍ଗୀର ଟାଉନ ହଲ ରୂପାନ୍ତରୀକରଣରେ ରାଜ୍ୟ ସରକାର ୧ କୋଟି ୫୧ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ। ଆହୁରି ୨ କୋଟି ଟଙ୍କା ମଞ୍ଜୁର ହେବ ଏବଂ ସେହି ଟଙ୍କାରେ ଟାଉନ ହଲର ବାହାର କାମ ଆକର୍ଷଣୀୟ କରାଯିବ ବୋଲି ସିଂଦେଓ କହିଥିଲେ। ସେହିପରି ୨.୫ କୋଟିରେ ମ୍ୟୁନିସିପାଲଟି ଅନ୍ତର୍ଗତ ୱାର୍ଡ଼ ନଂ ୨୧ର ଶାସ୍ତ୍ରୀନଗର କଲ୍ୟାଣ ମଣ୍ଡପ ଏବଂ ୩କୋଟି ଟଙ୍କାରେ ୱାର୍ଡ଼ ୧୭ ବିଷ୍ଣୁମୁଣ୍ଡା କଲ୍ୟାଣ ମଣ୍ଡପ ପାଇଁ ସେ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, କାଉନ୍‌ସିଲର ଶତ୍ରୁଘ୍ନ ବାଗ, ପ୍ରତିମା ଛତ୍ରିଆ, ଶମ୍ଭୁ ନାଗ, ନନ୍ଦିନୀ ପୋଢ଼, ସନ୍ତୋଷିନୀ କୁଅଁର ଏବଂ ବହୁ ବିଜେଡି ନେତା, କର୍ମୀ ତଥା ୱାର୍ଡ଼ର ବହୁ ମହିଳା, ଯୁବକ ଉପସ୍ଥିତ ଥିଲେ।


**PANCHAYAT SAMITI OFFICE, TARBHA**
Tender Call Notice No.05/2023-24, Dt.27.02.2024

No.i-658 **INVITATION OF BID**

Last date of receipt of Bid: 07.02.2024
Date of Opening of Bid : 7.02.2024
The Block Development Officer, Tarbha invite percentage rate bid from the Contractor/ bidder for execution of following works.

| Sl. No. | Name of the Work | Scheme | Value of Work (Rs.) | Class of Contractor |
|---|---|---|---|---|
| 2 | Construction of Mukhya Mantri Sabha Ghar at Village Deulpadar | WODC | 24,84,731/- | C & B |

For details visit our District website www.subarnapur.nic.in
Sd./-Block Development Officer, Tarbha
OIPR-19369/11/0005/2324



**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ,ବିଜେପୁର**
**OFFICE OF THE NOTIFIED AREA COUNCIL, BIJEPUR**
AT/PO/PS:- Bijepur, Dist.:- Bargarh (Odisha), PIN:- 768032
Phone No. 06685-274153, E_Mail ID:-bijepurnac2018@gmail.com

**QUOTATION CALL NOTICE**

No. 248 /NACB Date. 02/03/2024

**No.C-3315:** Sealed quotations are invited by the undersigned from the Website Developer for making a Dynamic Website Portal as per Govt. in H & U.D. Deptt Letter No. 19676/HUD, Dated 04.11.2019 (Letter Enclosed). For Development, Design and Maintenance the online Website Portal for NAC, Bijepur. The quotationer should submit the valid copy of GST Registration Certificate. PAN Card with an E.M.D. amount of Rs. 5000/- (Five Thousand) only in shape of Money Receipt/Demand Draft in favour of Executive Officer, NAC, Bijepur with the quotation. Quotation paper cost is Rs. 200/- (Two hundred) only and the same will be available from 04.03.2024 to 11.03.2024 up to 11.00am. The quotation should reach to the undersigned on or before Date 11.03.2024 at 12.00pm through Speed Post/ Registered Post/ Person and the same will be opened on the same day at 3.00pm in the presence of Developer or their authorized representatives, if any. Quotation received after scheduled date & time will not be entertained. The authority reserves the right to reject each or all quotations without assigning any reason thereof.

Sd./- Executive Officer
Bijepur NAC
OIPR-13123/11/0030/2324



**ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ, ବରଗଡ଼**
**(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ)**
**ବିଜ୍ଞାପନ ସଂଖ୍ୟା-୫୯୨, ତା.୦୨.୦୩.୨୦୨୪**

No.v-78:ଆସନ୍ତା ଶିକ୍ଷାବର୍ଷ ୨୦୨୪-୨୦୨୫ରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାନୁଯାୟୀ "ଅନ୍ୱେଷା" ଯୋଜନା ମାଧ୍ୟମରେ ବରଗଡ଼ ଜିଲ୍ଲାର ଗ୍ରାମାଞ୍ଚଳରେ ବାସ କରୁଥିବା SECC ତାଲିକା ଅନ୍ତର୍ଭୁକ୍ତ ଗରିବ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଶ୍ରେଣୀର କେବଳ ଝିଅ ପିଲାମାନେ ଯେଉଁମାନଙ୍କର ବୟସ ୩୧.୦୧.୨୦୨୪ ସୁଦ୍ଧା ୫ ବର୍ଷ ପୂରଣ ହୋଇଥିବ କିନ୍ତୁ ୭ ବର୍ଷରୁ କମ୍ ହୋଇଥିବ ସେମାନେ ବରଗଡ଼ ସହରାଞ୍ଚଳରେ ଥିବା ବରଡୋଲ ଅନ୍ୱେଷା ଛାତ୍ରୀନିବାସରେ ରହି ଉତ୍ତମମାନର ଇଂରାଜୀ ବିଦ୍ୟାଳୟଗୁଡିକରେ ପ୍ରଥମ ଶ୍ରେଣୀରେ ପଢିବା ନିମିତ୍ତ ଇଚ୍ଛୁକ ପ୍ରାର୍ଥୀମାନଙ୍କ ଠାରୁ ବିଜ୍ଞାପନ ସଂଖ୍ୟା- ୪୮୪, ତା.୧୯.୦୨.୨୦୨୪ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା । ଉକ୍ତ ବିଜ୍ଞାପନରେ ଫର୍ମ ଦାଖଲର ଶେଷ ତାରିଖ ୨୬.୦୨.୨୦୨୪ ନିର୍ଦ୍ଧାରଣ କରାଯାଇଥିଲା । ଉକ୍ତ ସମୟ ସୀମା ଅତ୍ୟନ୍ତ ସ୍ୱଳ୍ପ ହେଉଥିବା ଅନୁଭବ କରି ଫର୍ମ ଦାଖଲର ଶେଷ ତାରିଖକୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଛି । ଏଣୁ ଇଚ୍ଛୁକ ପ୍ରାର୍ଥୀମାନେ ଯେଉଁମାନେ ଆଗରୁ ସମୟର ସ୍ୱଳ୍ପତା ପାଇଁ ୨୬.୦୨.୨୪ ମଧ୍ୟରେ ଫର୍ମ ଦାଖଲ କରିପାରିନାହାନ୍ତି ସେମାନେ ୩୧.୦୩.୨୦୨୪ ସୁଦ୍ଧା ଫର୍ମ ଦାଖଲ କରିପାରିବେ ।
**ପୂର୍ବରୁ ପ୍ରକାଶ ପାଇଥିବା ବିଜ୍ଞାପନର ଅନ୍ୟାନ୍ୟ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।**

OIPR-24347/11/0006/2324
ସ୍ୱା./-ଜିଲ୍ଲାପାଳ, ବରଗଡ଼

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଧ ଯେବେ ଖାଇ ବସିବ**
**ଘରେ ଥିବ ଗାଈ**
**କଳି ଯେବେ କରି ବସିବ**
**ସଙ୍ଗେ ଥିବ ଭାଇ।**

ଘରେ ଗାଈଟିଏ ଥିଲେ ମନଭରି ଦୁଗ୍ଧ ପାନ କରିବାରେ କୌଣସି ଅସୁବିଧା ରହି ନ ଥାଏ। ସେହିପରି ଭାଇ ବଳ ଦିଏ ଭାଇକୁ। କେବେ କୌଣସି ଅସୁବିଧା କି ବିପଦ ପଡ଼ିଲେ ଭାଇ ହିଁ ନିଜ ଭାଇ ପ୍ରତି ଅକୁଣ୍ଠ ସାହାଯ୍ୟ ସମର୍ଥନ ଯୋଗାଇଦେବାରେ ହେଳା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଉଳ ଭିତରେ କିଏ ?**
**ନା ମୁଁ କଦଳୀ ଖାଇନାହିଁ ।**

ଗୋଟିଏ କଥା ପଚାରିବସିଲେ ଅଜାଣତରେ ସତ କଥାର ପରିପ୍ରକାଶ। ଅପରାଧୀର ମନ ସଦାବେଳେ ଶଙ୍କାଗ୍ରସ୍ତ। ଚୋରକୁ କେହି ପ୍ରଶ୍ନ କରିବା ଆଗରୁ ସେ ନିର୍ଦ୍ଦୋଷ ବୋଲି କହି ଦୋଷୀ ସାବ୍ୟସ୍ତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଡିଭାଇଡର ନିର୍ମାଣ, ଭଙ୍ଗାରେ ଅଯଥା ଖର୍ଚ୍ଚ



ରାସ୍ତାରେ ଡିଭାଇଡର୍ ନିର୍ମାଣ ଓ ଭଙ୍ଗାଯିବା ପରର ଦୃଶ୍ୟ।

**ବ୍ୟାସନଗର ଦଳା ଛକଠାରୁ ବେଣାପୁର ରାସ୍ତା**

**ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ଅଦୂରଦର୍ଶିତା**

ଯାଜପୁର,୩।୩(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦର ଦଳାଛକ ନିକଟରୁ ୨୦ ନମ୍ବର ଏନ୍ଏଚ୍(ଜାତୀୟ ରାଜପଥ)ରେ ମିଶୁଥିବା ବେଣାପୁର ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟରେ ଅଯଥା ଖର୍ଚ୍ଚ ହୋଇଛି। ପ୍ରଥମେ ଡିଭାଇଡର ନିର୍ମାଣ କରି ପରେ ଭାଙ୍ଗିବା ପ୍ରକ୍ରିୟାରେ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ପାଣିକୋଇଲି ଆର୍ ଆଣ୍ଡ ବି(ପୂର୍ତ୍ତ) ଡିଭିଜନ ପକ୍ଷରୁ ମଞ୍ଜୁର ହୋଇଥିବା ଉକ୍ତ ଅର୍ଥର କିଏ ଭରଣା କରିବ ଏବେ ସେ ନେଇ ସାଧାରଣରେ ଆଲୋଚନା ହୋଇଛି। ବିଭାଗୀୟ ଯନ୍ତ୍ରୀମାନଙ୍କ ଅଦୂରଦର୍ଶିତା ଏବଂ ଖାମଖିଆଲି ନିର୍ମାଣ କାର୍ଯ୍ୟ ଯୋଗୁ ବିପୁଳ ସରକାରୀ ଅର୍ଥ ଅଯଥାରେ ଖର୍ଚ୍ଚ ହେଉଥିବା ମତପ୍ରକାଶ ପାଇଛି। ପ୍ରାୟ ୨ ବର୍ଷ ତଳେ ବ୍ୟାସନଗର ପୌର ପରିଷଦର ଦଳା ଛକଠାରୁ ବେଣାପୁର ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ହୋଇଥିଲା। କିନ୍ତୁ ଜବରଦଖଲ ଉଚ୍ଛେଦରେ ପାତରଅନ୍ତର ନୀତି ଯୋଗୁ ରାସ୍ତାର ଓସାର ପରିମାଣ ସବୁଠି ସମାନ ହୋଇ ନ ଥିଲା। କିଛି ଜାଗାରେ ରାସ୍ତା ସଙ୍କୁଚିତ ଭାବେ ନିର୍ମାଣ କରାଗଲା। ଏପରିକି ଉକ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ଦୂର କରିବାକୁ ୨ ଥାକିଆ ରାସ୍ତା ପାଇଁ ମଝିରେ ଡିଭାଇଡର ନିର୍ମାଣ ହେଲା। ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଲା। କିନ୍ତୁ ଯନ୍ତ୍ରୀ ଏବଂ ଏଷ୍ଟିମେଟ ମଞ୍ଜୁର କରିଥିବା ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ ଯୋଗୁ ଏହା ସଫଳ ହୋଇପାରି ନ ଥିଲା। ଅଣଓସାରିଆ ରାସ୍ତାରେ ଡିଭାଇଡରରେ ପିଟିହୋଇ ଏକାଧିକ ଦୁର୍ଘଟଣା ଘଟିଲା। ତେଣୁ ଡିଭାଇଡର ହଟାଇବାକୁ ସହରବାସୀଙ୍କ ପକ୍ଷରୁ ଦାବି ଜୋର ଧରିଲା। ଶେଷରେ ପୂର୍ତ୍ତ ବିଭାଗ ପକ୍ଷରୁ ନିକଟରେ ଉକ୍ତ ଡିଭାଇଡରକୁ ଭାଙ୍ଗି ସେଥିରେ କଂକ୍ରିଟକରଣ କରାଯାଇଛି। ଏହି ପ୍ରକ୍ରିୟା ପାଇଁ ମଧ୍ୟ ଅଯଥାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ବଢ଼ିଲା। ତେଣୁ ପୂର୍ତ୍ତ ବିଭାଗ ଅଧିକାରୀ ଓ ଯନ୍ତ୍ରୀଙ୍କ ଏପରି କାର୍ଯ୍ୟଦକ୍ଷତା ଉପରେ ସାଧାରଣରେ ସଂଶୟ ସୃଷ୍ଟି କରିଛି। ସରକାରଙ୍କ ଉପରୋକ୍ତ ଲକ୍ଷାଧିକ ଟଙ୍କା ଅଯଥାରେ ଖର୍ଚ୍ଚ ପାଇଁ କିଏ ଉତ୍ତରଦାୟୀ ରହିବ ବୋଲି ଏବେ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ପାଣିକୋଇଲି ଏସ୍‌ଡିଓ ଦିଲୀପ କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଦୁର୍ଘଟଣା ଘଟିବାରୁ ଡିଭାଇଡର ଭଙ୍ଗାଗଲା। ଯେତେବେଳେ ରାସ୍ତା ନିର୍ମାଣ ହୋଇଥିଲା ସେତେବେଳେ ସେ ଏଠାରେ ନ ଥିଲେ।

# ମହୁମାଛି ଆକ୍ରମଣରେ ୬ ମାସର ଶିଶୁ ମୃତ

**ଗୋଟିଏ ପରିବାରର ୪ ଗୁରୁତର**

ଝରିଗାଁ,୩।୩(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚକଲାପଦର ପଞ୍ଚାୟତ ଫୁଲଝରି ଗ୍ରାମରେ ମହୁମାଛି ଆକ୍ରମଣରେ ଜଣେ ୬ ମାସର ଶିଶୁର ମୃତ୍ୟୁ ଘଟିଛି। ଉମରକୋଟ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳ ୮ଟାରେ ଶିଶୁର ମୃତ୍ୟୁ ହୋଇଛି। ମହୁମାଛି ଆକ୍ରମଣରେ ଗୋଟିଏ ପରିବାରର ୪ ଜଣ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

ସୂଚନା ଅନୁଯାୟୀ, ଫୁଲଝରି ଗ୍ରାମର ଟିକିରାମ ମାଝି ଶନିବାର ସକାଳ ୧୦ଟାରେ ସ୍ତ୍ରୀ ତୁଲା ଓ ୩ ଝିଅଙ୍କ ସହ ମିଶି ଘରଠାରୁ କିଛି ଦୂରରେ ଥିବା ମହୁଲଗଛରୁ ଫୁଲ ସଂଗ୍ରହ କରିବାକୁ ଯାଇଥିଲେ। ମହୁଲଫୁଲ ସଂଗ୍ରହ ବେଳେ ହଠାତ୍ ମହୁଲଗଛରେ ଥିବା ମହୁ ଫେଣାକୁ ଏକ ଚଢ଼େଇ ଖୁମ୍ପି ଦେଇଥିଲା। ଫଳରେ ଗଛ ତଳେ ମହୁଲଫୁଲ ସଂଗ୍ରହ କରୁଥିବା ଟିକିରାମଙ୍କ ପରିବାରକୁ ମହୁମାଛି ଅତର୍କିତ ଆକ୍ରମଣ କରିଥିଲେ। ସମସ୍ତଙ୍କ ମୁହଁ ଓ ଶରୀରରେ ମହୁମାଛି ଆକ୍ରମଣ କରିବାରୁ ପ୍ରାଣ ବିକଳରେ ଟିକିରାମ ତୁରନ୍ତ ପରିବାର ଲୋକଙ୍କ ସହ ଘରକୁ ଦୌଡ଼ି ପଳାଇ ଆସିଥିଲେ। ଗ୍ରାମବାସୀ ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତେବେ ୬ ମାସର ଶିଶୁ ଅମ୍ବିକାର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଉମରକୋଟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ପରେ ଅନ୍ୟ ୪ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ବେଳେ ରବିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ୬ ମାସର ଶିଶୁ ଅମ୍ବିକାର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

# ଛାତ ଭୁଶୁଡ଼ି ଜଣେ ମୃତ, ୩ ଗୁରୁତର

**ରେଲୱେ ସିଗ୍‌ନାଲ କ୍ୟାବିନ ଭାଙ୍ଗିବା ବେଳେ ଅଘଟଣ**

ସମ୍ବଲପୁର,୩।୩(ପ୍ରମୋଦ ବହିଦାର)

ସମ୍ବଲପୁର ରେଳମଣ୍ଡଳ ଅଧୀନ ଗୋଡ଼ଭଗା ରେଳ ଷ୍ଟେଶନ ସଂଲଗ୍ନ ସିଗ୍‌ନାଲ କ୍ୟାବିନ୍ ରବିବାର ଭାଙ୍ଗିବା ବେଳେ ଅଘଟଣ ଘଟିଛି। ଛାତ ଭୁଶୁଡ଼ି ପଡିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଛତିଶଗଡ଼ ରାୟପୁରର ଉତ୍ତମ ସିଂ (୩୦)। ଆହତ ଶ୍ରମିକ ପଶ୍ଚିମବଙ୍ଗର ଇମ୍‌ତିଆଜ୍ ମଲ୍ଲିକ (୨୯), ମହମ୍ମଦ ଅଲ୍ଲୀ (୩୫) ଓ ଭୁବନେଶ୍ୱରର ରାଜେନ୍ଦ୍ର ବେହେରା (୨୨)ଙ୍କୁ ଚିକିତ୍ସା ପାଇଁ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ ଭୁବନେଶ୍ୱରର ଏକ ଠିକାସଂସ୍ଥା ଅକାମୀ ହୋଇପଡିଥିବା ଗୋଡ଼ଭଗା ରେଳଷ୍ଟେଶନ ସଂଲଗ୍ନ ସିଗ୍‌ନାଲ କ୍ୟାବିନ୍ ଭାଙ୍ଗିବା କାର୍ଯ୍ୟ ହାତକୁ ନେଇଛି। ସଂସ୍ଥା ପକ୍ଷରୁ ରବିବାର ଉକ୍ତ କ୍ୟାବିନ୍ ଭାଙ୍ଗିବା ପାଇଁ ୫ଜଣ ଶ୍ରମିକଙ୍କୁ ନିୟୋଜିତ କରାଯାଇଥିଲା। ତେବେ ଏହାକୁ ଭାଙ୍ଗିବା ସମୟରେ କ୍ୟାବିନ୍‌ର କଂକ୍ରିଟ୍ ଛାତଟି ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ଏହା ତଳେ ୪ ଶ୍ରମିକ ପୋତି ହୋଇଯାଇଥିଲେ। ଖବର ପାଇ ରେଲୱେ ଓ ବୁର୍ଲା ପୋଲିସ ସହିତ ଅତାବିରା ଓ ବୁର୍ଲା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ବହୁ ପରିଶ୍ରମ ପରେ ଅଗ୍ନିଶମ କର୍ମଚାରୀ ଶ୍ରମିକମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ସମସ୍ତ ଶ୍ରମିକଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ବୁର୍ଲା ଭିମ୍‌ସାର ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ଉତ୍ତମଙ୍କୁ ମୃତ ଘୋଷଣା କରିଥିଲେ। ଆହତମାନେ ବର୍ତ୍ତମାନ ଭିମ୍‌ସାରରେ ଚିକିତ୍ସାଧୀନ ଅଛନ୍ତି। ଆହତ ଓ ମୃତକଙ୍କ ପରିବାରକୁ ଖବର ଦେଇ ରେଲୱେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



ଭଗ୍ନ ଗୋଡ଼ଭଗା ସିଗନାଲ କ୍ୟାବିନ୍।

# ଚର୍ମରୋଗ ବିଶେଷଜ୍ଞ ବିଷ୍ଣୁପ୍ରିୟା ଦେବୀଙ୍କ ପରଲୋକ

**ମୃତ୍ୟୁ ପରେ ଚକ୍ଷୁଦାନ**

କଟକ,୩।୩(କାର୍ତ୍ତିକ ସାହୁ)

ମୃତ୍ୟୁ ପରେ ଚକ୍ଷୁଦାନ ପାଇଁ ଇଚ୍ଛାପତ୍ର ଲେଖି ଦେଇଥିଲେ ପ୍ରସିଦ୍ଧ ଚର୍ମରୋଗ ବିଶେଷଜ୍ଞ ପ୍ରଫେସର ଡା. ବିଷ୍ଣୁପ୍ରିୟା ଦେବୀ। କଟକ ନିମସାହିସ୍ଥିତ ବାସଭବନରେ ରବିବାର ତାଙ୍କର ପରଲୋକ ଘଟିବା ପରେ ବିଧିବଦ୍ଧ ଭାବେ ଚକ୍ଷୁଦାନ କାର୍ଯ୍ୟ ସମ୍ପନ୍ନ ହୋଇଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ପୂର୍ବର ଚୁକ୍ତିନାମା ଅନୁସାରେ ତାଙ୍କ ଚକ୍ଷୁରୁ ଦୁଇଟି ଯାକ ଚକ୍ଷୁପଟଳ ଅସ୍ତ୍ରୋପଚାର ମାଧ୍ୟମରେ ବାହାର କରାଯାଇ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦିଆଯାଇଛି। ପରବର୍ତ୍ତୀ ସମୟରେ ଏହି ଚକ୍ଷୁପଟଳ ଦୃଷ୍ଟିହୀନ ବ୍ୟକ୍ତିଙ୍କଠାରେ ପ୍ରତିରୋପଣ କରାଯିବ ବୋଲି ଜଣାପଡିଛି। ମୃତ୍ୟୁ ପରେ ଚକ୍ଷୁଦାନ ସମାଜର ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି। ଏଭଳି ମହାନ୍ କାର୍ଯ୍ୟ ପାଇଁ ଇଚ୍ଛା ପ୍ରକାଶ କରିଥିବା ପ୍ରସିଦ୍ଧ ଡାକ୍ତର ବିଷ୍ଣୁପ୍ରିୟା ହେଉଛନ୍ତି ଖ୍ୟାତନାମା ଭେଷଜ ବିଶେଷଜ୍ଞ ଡା. ନିରଞ୍ଜନ ତ୍ରିପାଠୀଙ୍କର ସହଧର୍ମିଣୀ। ତାଙ୍କ ପରଲୋକ ଖବରପାଇ ସାହିତ୍ୟିକ ଡ. ପ୍ରଭାକର ସ୍ୱାଇଁ, ପରିବେଶବିତ୍ ଡ. ଆଶୁତୋଷ ଦେବତା, ଜାମାତା ସଞ୍ଜୟ ମହାପାତ୍ର, ପଦ୍ମଭୂଷଣ ପ୍ରତିଭା ରାୟ, ଡା. ନିମାଇଁ ଚରଣ ପରିଜା, ଡା. ନୀରଦ ଗଛାୟତ, ଆଇନଜୀବୀ ବିଜୟ ରଗଡ଼, ଡ. ସୁଲୋଚନା ଦାସ, ଡ. ତୋଫାନ୍ ପତି ଓ ପୁଷ୍ପା ସାମନ୍ତରାୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ। ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ଏକମାତ୍ର କନ୍ୟା ଶରୀରତତ୍ତ୍ୱ ବିଭାଗର ପ୍ରଫେସର ଅର୍ପିତା ପ୍ରିୟଦର୍ଶିନୀ ମୁଖାଗ୍ନି ଦେଇଥିଲେ।

୧୯୪୨ ଜୁନ୍ ୧୪ ତାରିଖରେ କଟକ ଜିଲା ରାମକୃଷ୍ଣପୁରଠାରେ ବିଷ୍ଣୁପ୍ରିୟା ଜନ୍ମଗ୍ରହଣ କରିଥିଲେ। ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ଷଡ଼ଙ୍ଗୀ ଓ ସାମାଜିକ କର୍ମୀ ନୀଳମଣି ଦେବୀଙ୍କର ସେ କନ୍ୟା ଥିଲେ। ସେ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ, ବୁର୍ଲାସ୍ଥିତ ଭିଏସ୍ଏସ୍ ମେଡିକାଲ କଲେଜ ଓ ଶେଷରେ ଏସ୍‌ସିବି ମେଡିକାଲର ଚର୍ମରୋଗ ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟ କରି ୨୦୦୦ ମସିହାରେ ଅବସର ନେଇଥିଲେ। ପରେ ଭୁବନେଶ୍ୱରର କଳିଙ୍ଗ ହସ୍ପିଟାଲରେ ଚର୍ମରୋଗ ବିଭାଗ ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ।


ଡା. ବିଷ୍ଣୁପ୍ରିୟା ଦେବୀ

# ରାୟଗଡ଼ାର ଗୁମ୍ମା ଘାଟିରେ ଟ୍ରକ୍ ଓଲଟି ଗାଡ଼ି ଚଳାଚଳ ବନ୍ଦ


ଗୁମ୍ମା ଘାଟିରେ ଓଲଟି ପଡିଥିବା ପାଇପ୍ ବୋଝେଇ ଟ୍ରକ।

କୋରାପୁଟ,୩।୩(ଅମିତାଭ ବେହେରା)

କୋରାପୁଟ-ରାୟଗଡା ୩୨୬ ନଂ. ଜାତୀୟ ରାଜପଥର ରାୟଗଡାର ଗୁମ୍ମା ଘାଟିର ଏକ ବୁଲାଣିରେ ରବିବାର ଭୋରରୁ ଦୁଇଟି ମାଲ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗୋଟିଏ ପାଇପ ବୋଝେଇ ଟ୍ରକ ଘାଟି ଆରମ୍ଭରୁ ଓଲଟି ପଡ଼ିଥିବା ବେଳେ ଅନ୍ୟଟି ଘାଟି ଶେଷରେ ଓଲଟି ପଡ଼ିଛି। ଫଳରେ ଏହି ରାସ୍ତାରେ ବସ୍ ଓ ଟ୍ରକ୍ ଚଳାଚଳ ବନ୍ଦ ରହିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ବଡ଼ଗାଡ଼ି ଅଟକି ରହିଛି। କେବଳ ଛୋଟ ଗାଡ଼ି, କାର, ବାଇକ୍ ଚଳାଚଳ କରୁଛି। ଏଥିଯୋଗୁ ସାଧାରଣ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଏହି ଟ୍ରକ ପାଇପ୍ ଧରି କୋରାପୁଟ ଅଭିମୁଖେ ଆସୁଥିଲା।

# ତାଳସାରୀ ବେଳାଭୂମିରେ ୪ ଅଲିଭ ରିଡ୍‌ଲେଙ୍କ ୪୩୩ ଅଣ୍ଡାଦାନ

ଭୋଗରାଇ,୩।୩(ପ୍ରଦୀପ ଦାସ)

ବଙ୍ଗୋପସାଗର କୂଳ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ବେଳାଭୂମିରେ ୪ଟି ଅଲିଭ ରିଡଲେ ୪୩୩ଟି ଅଣ୍ଡାଦାନ କରିଥିବା ବନବିଭାଗ ସୂଚନା ଦେଇଛି। ଏହି ବେଳାଭୂମିରେ ନାରାଣ ମହାନ୍ତି ପଡ଼ିଆ ଚଢ଼ରେ ୨ଟି ଅଲିଭ ରିଡଲେ ୨୧୪ଟି ଓ ମୁରଲୀ ଚଢ଼ରେ ୨ଟି ଅଲିଭ ରିଡଲେ ୨୧୯ଟି ଅଣ୍ଡାଦାନ କରିଛନ୍ତି। ସମସ୍ତ ଅଣ୍ଡା ସମୁଦ୍ରକୂଳ ମୁରଲୀ ଚଢ଼ରେ ସୁରକ୍ଷିତ ଭାବେ ଲୁହା ତାରଜାଲି ଘେରାରେ ରଖାଯାଇଛି। ଅନୁକୂଳ ପାଗ ଓ ନିଃଶବ୍ଦ ଇଲାକାରେ ଏହି ଜଳଜୀବ ସୁରକ୍ଷା ଭାବି ଏଠାକୁ ଆଉ ଅଲିଭରିଡଲେ ଆସିବାର ସମ୍ଭାବନା ରହିଛି ବୋଲି ବନବିଭାଗ କହିଛି। ଗତ ବର୍ଷ ଏହି ବେଳାଭୂମିରେ ୨ଟି ଚଢ଼ରୁ ୭ଟି ଅଲିଭ ରିଡଲେ ୭୮୩ଟି ଅଣ୍ଡାଦାନ କରିଥିଲେ। ଜଳେଶ୍ୱର ବନବିଭାଗ ଅଧିକାରିଣୀ ଜୟଶ୍ରୀ ମୁର୍ମୁ, ବନପାଳ ପରମାନନ୍ଦ ନାୟକ, ପଦୋନ୍ନତି ପାଇଥିବା ବନପାଳ ସଞ୍ଜୟ ମହାନ୍ତି ଓ ବନରକ୍ଷୀ ଜ୍ୟୋତ୍ସ୍ନା ଦତ୍ତ ସଦଳବଳେ ଅଣ୍ଡାଦାନ କରିଥିବା ଅଲିଭ ରିଡଲେ ସମୁଦ୍ରକୂଳ ବାଲି ଗର୍ତ୍ତରୁ ସମସ୍ତ ଅଣ୍ଡାକୁ କାଢ଼ି ସୁରକ୍ଷିତ ସ୍ଥାନକୁ ନେଇଛନ୍ତି।



# ଖାଦ୍ୟରେ ବିଷକ୍ରିୟା: ଦହିବରା ଖାଇ ୨୪ ଅସୁସ୍ଥ

**ଗାଁରେ ପହଞ୍ଚି ଚିକିତ୍ସା ଯୋଗାଇଲା ମେଡିକାଲ ଟିମ୍**

ଭଣ୍ଡାରିପୋଖରୀ, ୩।୩ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ କୁରିଙ୍ଗା ପଞ୍ଚାୟତର ଶଠଗାଁରେ ଦହିବରା ଖାଇ ୨୪ଜଣ ଅସୁସ୍ଥ ହୋଇଛନ୍ତି। ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ମେଡିକାଲ ଟିମ୍ ମଧ୍ୟ ଗାଁକୁ ଆସି ଚିକିତ୍ସା ଯୋଗାଇ ଦେଇଛି।

ସୂଚନା ଅନୁଯାୟୀ, ଶନିବାର ଶଠଗାଁର ଦ୍ୱିଜବର ପରିଡ଼ାଙ୍କ ଘରକୁ ଗର୍ଭବତୀ ବୋହୂଙ୍କ ପାଇଁ ସାଦଖିଆ ଭୋଜିରେ କିଛି ଖାଦ୍ୟ ସାମଗ୍ରୀ ଆସିଥିଲା। ସେହି ଖାଦ୍ୟ ମଧ୍ୟରେ ଦହିବରା ଆସିଥିଲା। ଏହାକୁ ଖାଇବା ପରେ ଗ୍ରାମବାସୀଙ୍କର ଝାଡ଼ାବାନ୍ତି ହୋଇଥିଲା। ପ୍ରଥମେ ସ୍ଥାନୀୟ ବିରୋଳି ଡାକ୍ତରଖାନା ଓ ପରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ସେମାନଙ୍କୁ ଭର୍ତ୍ତି କରାଯାଇଥିଲା। ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହୋଇପଡ଼ିବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ରାଜକିଶୋର ଦାସ(୬୨) ଏବଂ ଓମ୍ ପ୍ରକାଶ ଦାସ(୧୩)। ଶନିବାର ୫ଜଣ ବିରୋଳି ଡାକ୍ତରଖାନାରୁ ଯାଜପୁରକୁ ସ୍ଥାନାନ୍ତର ହୋଇଥିଲେ। ରବିବାର ଗର୍ଭବତୀ ମହିଳାଙ୍କ ସମେତ ୧୨ଜଣଙ୍କୁ ପଠାଯାଇଥିଲା। କେତେଜଣ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଖାଦ୍ୟ ବିଷାକ୍ତ ହୋଇଯିବାରୁ ଏଭଳି ଘଟଣା ଘଟିଛି। ତେବେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଥିବା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସରୋଜ କୁମାର ରାଉଳ କହିଛନ୍ତି।

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସନ୍ତୋଷ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଡା. ପାର୍ଥସାରଥି ମିଶ୍ରଙ୍କ ସହ ଗୋଟିଏ ଟିମ୍, ଭଣ୍ଡାରିପୋଖରୀ ଡାକ୍ତରଖାନାର ଡା. ରାଉଳଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ଓ ବିରୋଳି ସ୍ୱାସ୍ଥ୍ୟକେନ୍ଦ୍ରରୁ ଡା. ତପନ ବେହୁରିଆଙ୍କ ନେତୃତ୍ୱରେ ଏକ ମେଡିକାଲ ଟିମ୍ ଶଠଗାଁରେ ରହି ଚିକିତ୍ସା ଯୋଗାଇ ଦେଉଛନ୍ତି। କଟକ ସ୍ଥାନାନ୍ତର ହୋଇଥିବା ଦୁଇଜଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ ମଧ୍ୟ ଉନ୍ନତି ଘଟିଥିବା ଡା. ରାଉଳ କହିଛନ୍ତି।


ଶଠଗାଁରେ ଡାକ୍ତରୀ ଟିମ୍।

# ଗ୍ରୁପ୍ ଋଣ ଟଙ୍କା ମାଗିବାରୁ ମହିଳାଙ୍କୁ ଆକ୍ରମଣ

ବାଲେଶ୍ୱର,୩।୩(ମାନସ ବିଶ୍ୱାଳ)

ଋଣ କିସ୍ତି ନ ଦେଇ ବାଲେଶ୍ୱର ଟାଉନ ଥାନା ଅଧୀନ ଆଜିମାବାଦ ଅଞ୍ଚଳରେ ଲୁଚି ରହିଥିବା ଏକ ଦମ୍ପତିଙ୍କ ଆକ୍ରମଣରେ ଏସ୍ଏଚ୍‌ଜିର ଜଣେ ସଦସ୍ୟା ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚାନ୍ଦିପୁର ଥାନା ଅଧୀନ ପଟାପୋଲ ଗାଁର ରେଖାରାଣୀ ବେରା ଓ ସ୍ୱାମୀ ତପୁ ବେରା ଏସ୍ଏଚ୍‌ଜି ମାଧ୍ୟମରେ ଏସ୍‌କେଏସ୍ ଭାରତ ଫାଇନାନ୍ସ ଗ୍ରୁପ୍‌ରୁ ୧.୫ ଲକ୍ଷ ଟଙ୍କା ଋଣ ନେଇଥିଲେ। ଗତ ୯ମାସ ଧରି କିସ୍ତି ଟଙ୍କା ଜମା କରି ନ ଥିଲେ। ଏପରିକି ସେମାନେ ଗାଁ ଛାଡ଼ି ପଳାଇଯାଇଥିଲେ। ଋଣ ଟଙ୍କା ପାଉ ନ ଥିବାରୁ ଦମ୍ପତିଙ୍କୁ ଗ୍ରୁପ୍ ସଦସ୍ୟମାନେ ଖୋଜୁଥିଲେ। ତେବେ ଉଭୟ ଦମ୍ପତି ଆଜିମାବାଦସ୍ଥିତ ନିଜ ମାଉସୀ ଘରେ ରହୁଥିବା ଖବର ପାଇ ଗ୍ରୁପ୍ ସଦସ୍ୟାମାନେ ରବିବାର ଆଜିମାବାଦରେ ପହଞ୍ଚି ଟଙ୍କା ମାଗିଥିଲେ। ଟଙ୍କା ଫେରାଇବା ବଦଳରେ ତପୁ ବେରା ପନିକିରେ ଆକ୍ରମଣ କରିଥିଲେ। ଫଳରେ ସଦସ୍ୟା ରୁବୀ ବିବି ଗୁରୁତର ଆହତ ହୋଇଛନ୍ତି। ଏନେଇ ଏସ୍ଏଚ୍‌ଜି ପକ୍ଷରୁ ଟାଉନ୍ ଥାନାରେ ଅଭିଯୋଗ ହୋଇଛି।

# ପ୍ରଧାନମନ୍ତ୍ରୀଙ୍କ ଚଣ୍ଡିଖୋଲ ସଭା: ସମୀକ୍ଷାକଲେ ଡିଜିପି, ବାୟୁସେନା ଅଧିକାରୀ




ଚଣ୍ଡିଖୋଲ,୩।୩ (ପ୍ରଦୀପ୍ତ କୁମାର ପୃଷ୍ଟି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୫ ତାରିଖରେ ଯାଜପୁର ଜିଲାର ଚଣ୍ଡିଖୋଲ ଆସୁଥିବାରୁ ପ୍ରଶାସନିକସ୍ତରରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ରବିବାର ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ ଆସି ଚଣ୍ଡିଖୋଲ ବେଣାପୁରଠାରେ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀଙ୍କ ସଭାସ୍ଥଳ ପରିଦର୍ଶନ କରିବା ସହ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି। ବାୟୁସେନାର ଅଧିକାରୀମାନେ ହେଲିକପ୍ଟରରେ ଆସି କାର୍ଯ୍ୟକ୍ରମର ତନଖି କରିଛନ୍ତି। ପ୍ରଧାନମନ୍ତ୍ରୀ ଏକ ସରକାରୀ କାର୍ଯ୍ୟକ୍ରମରେ ଆସି ୩୫ ହଜାର କୋଟି ଟଙ୍କାର ବହୁ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ। ଏହାପରେ ଉପସ୍ଥିତ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବେ। ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେ ପ୍ରାୟ ୨ ଲକ୍ଷ ଲୋକଙ୍କ ସମାଗମ ହେବାର ଅଛି ବୋଲି ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟ ପ୍ରକାଶ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥ ୮ ଲେନ କାର୍ଯ୍ୟର ଶିଳାନ୍ୟାସ, ଜୟପୁର-ନବରଙ୍ଗପୁର ରେଳପଥର ଶିଳାନ୍ୟାସ, ଝାଡ଼ପୋଖରିଆ-ବାରିପଦା-ବାଲେଶ୍ୱର ୧୮ନଂ. ଜାତୀୟ ରାଜପଥ, ଟାଙ୍ଗୀ- ଭୁବନେଶ୍ୱର ୧୬ନଂ. ଜାତୀୟ ରାଜପଥ ଅଂଶର ୬ ଲେନ କାର୍ଯ୍ୟ, ୪୯ନଂ. ଜାତୀୟ ରାଜପଥର ଅଂଶ, ଦୈତାରୀ-ଟମକା-ଯଖପୁରା ଦୋହରୀକରଣ ରେଳପଥ, ଖୋର୍ଦ୍ଧାରୋଡ-ବାରଙ୍ଗ ତୃତୀୟ ରେଳପଥର ଲୋକାର୍ପଣ କରିବା ସହ ପାରାଦୀପ ଏଲ୍‌ପିଜି ଟର୍ମିନାଲର ଶିଳାନ୍ୟାସ କରିବେ। ଏଥିସହିତ ହରିଦାସପୁର-ପାରାଦୀପ ରେଳପଥରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳକୁ ଶୁଭାରମ୍ଭ କରିବେ। ପୁରୀରୁ ଭାୟା କେନ୍ଦୁଝର ଦେଇ ନୂଆଦିଲ୍ଲୀ ନୂତନ ରେଳ ଚଳାଚଳର ଶୁଭାରମ୍ଭ କରିବେ। ଯାଜପୁର ଜିଲାରେ ରେଳ କଣ୍ଟେନର ଡିପୋ ଓ ଯାଜପୁର-କେନ୍ଦୁଝର ମଧ୍ୟରେ ୱାଗନ ଯାଞ୍ଚ ପଏଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହାସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ରହିଛି। ଏହି କାର୍ଯ୍ୟକ୍ରମ ପାଇଁ ରାଜ୍ୟ ଭାଜପା ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।। ବହୁ ରାଜ୍ୟସ୍ତରୀୟ ଭାଜପା ନେତା ସଭା ସ୍ଥଳକୁ ଆସି ତନଖି କରୁଥିବାବେଳେ ସୋମବାର ରାଜ୍ୟ ନେତୃତ୍ୱ ଓ କେନ୍ଦ୍ରମନ୍ତ୍ରୀ ସଭା ସ୍ଥଳ ପରିଦର୍ଶନରେ ଆସିବେ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି।

## ସଂକ୍ଷେପରେ

### ବୋଲେରୋ ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ

ଭବାନୀପାଟଣା,୩।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଏକ ବୋଲେରୋ ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ କିଡିଙ୍ଗ ଗ୍ରାମର ଜଗତାନନ୍ଦ ଶବର (୨୪) ଓ କପିଳାସ ରାଉତ (୨୪) ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଜଗତାନନ୍ଦ ଓ କପିଳାସ ଏକ ବୁଲେଟରେ ଖଏରମାଲ ସାଙ୍ଗ ଘରକୁ ଯାଉଥିବାବେଳେ ଛତିକୁଡ଼ା ଛକ ନିକଟରେ ଏକ ବୋଲେରୋ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ଥାନାକୁ ଆଣି ଅଟକ ରଖି ତଦନ୍ତ କରୁଛି।

### ମହାବିଷ୍ଣୁ ଯଜ୍ଞ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ

କୋକସରା,୩।୩(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

ମହାବିଷ୍ଣୁ ଯଜ୍ଞ ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା ହୋଇଥାଏ। ଯଜ୍ଞାନୁଷ୍ଠାନ ଦ୍ୱାରା ଏକତା, ଭାତୃତ୍ୱଭାବ ବୃଦ୍ଧି ପାଏ। ଯଜ୍ଞ ସମସ୍ତ ଜୀବଜଗତରେ ଆଣେ ସନ୍ତୁଷ୍ଟି। ଯଜ୍ଞ ଦ୍ୱାରା ବୃଷ୍ଟି, ସୃଷ୍ଟି, ପୃଷ୍ଟି, ତୃଷ୍ଟି ପ୍ରାପ୍ତି ହୋଇଥାଏ। ଏହିପରି ମହାନ ଉଦ୍ଦେଶ୍ୟ ରଖି କାଳୀକୃଷ୍ଣ ସଂଘ ପ୍ରତିଷ୍ଠାତା ସଦ ଗୁରୁଦେବ ସତ୍ୟାନନ୍ଦ ସରସ୍ୱତୀ ମହାରାଜା ଆଜକୁ ୪୦ବର୍ଷ ତଳେ ଶ୍ରୀ ଶ୍ରୀ ମହାବିଷ୍ଣୁ ଯଜ୍ଞର ପ୍ରାରମ୍ଭ କରିଥିଲେ ଏବଂ ସଫଳତାର ସହ ମହାବିଷ୍ଣୁ ଯଜ୍ଞ ଆୟୋଜିତ ହୋଇ ଚଳିତ ବର୍ଷ ୪୧ତମ ବାର୍ଷିକ ଉତ୍ସବ ତଥା ପଞ୍ଚଦିବସୀୟ ଶ୍ରୀ ଶ୍ରୀ ମହାବିଷ୍ଣୁ ଯଜ୍ଞ ଆମପାଣି ପଞ୍ଚାୟତ କନ୍ଧାଗଡଠାରେ ସୃଷ୍ଟି ପ୍ରାରମ୍ଭ ଦିବସ ଅର୍ଥାତ ଏପ୍ରେଲ ୬ରୁ ୧୦ ତାରିଖରେ ଆୟୋଜନ ହେବ। ମହାବିଷ୍ଣୁ ଯଜ୍ଞ ଅବସରରେ ମନ୍ତ୍ରଦୀକ୍ଷା, ବ୍ରତୋପନୟନ, ମୁଣ୍ଡନ, କୁଣାବରୀ, ଅନ୍ନପ୍ରଶାନ, ବିଦ୍ୟାରମ୍ଭ ପରି ସଂସ୍କାର କାର୍ଯ୍ୟକ୍ରମ ଏବଂ ସନ୍ତାନଚରୁ, ଆରୋଗ୍ୟ ଚରୁ ବଣ୍ଟନ ହେବ। ରବିବାର ଆଧ୍ୟାତ୍ମିକତା ଗବେଷକ, ଜଗନ୍ନାଥ ସଂସ୍କୃତି ପ୍ରଚାରକ, କାଳୀକୃଷ୍ଣ ସଂଘ ପରିଚାଳକ ଶ୍ରୀ ଜଗଦାନନ୍ଦଜୀଙ୍କ ଦ୍ୱାରା ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ସଂଘ ବେଦବ୍ରହ୍ମା ଶ୍ରୀ ସରୋଜାନନ୍ଦଜୀଙ୍କ ତତ୍ତ୍ୱାବଧାନରେ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଆଚାର୍ଯ୍ୟ ତୋଷାନନ୍ଦ, ପ୍ରେମାନନ୍ଦ, ସହଯୋଗ କରିଥିଲେ। ଭୂମିପୂଜନ କାର୍ଯ୍ୟକ୍ରମରେ ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, କୋକସରା ବ୍ଲକ ଆମ୍ବା ଅଧ୍ୟକ୍ଷ ରତ୍ନରାଜ ମାଝିଙ୍କ ସମେତ କ୍ରିୟାନନ୍ଦ, ଦେବାନନ୍ଦ, ସର୍ବାନନ୍ଦ, ପ୍ରିୟାନନ୍ଦ, ମାଧବାନନ୍ଦ, ଜିତେନ୍ଦ୍ର ପଣ୍ଡା, ତନୁକଲାଲ ନାଗ, ନବୀନ ରାଉତ, ସୁଜିତ ଠାକୁର, ସୁଶାନ୍ତ ମେହେର, ସଦାଶିବ ମହାରଣା, କୈଳାସ ନାଏକ, ନବୀନ ମେହେର, ମୋହନ ମେହେର, ଗିରିଜାନନ୍ଦ, ମୁକୁନ୍ଦାନନ୍ଦ ଉପସ୍ଥିତ ଥିଲେ। କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଜିଲାର ବିଭିନ୍ନ ଶାଖା ସମେତ କନ୍ଧାଗଡ ଶାଖା ସଂଘର ଭାଇ, ଭଉଣୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଧର୍ମ ପରାୟଣ ମହିଳାଙ୍କ ପରଲୋକ

ଖଡ଼ିଆଳ,୩।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ନିବାସୀ ଧର୍ମ ପରାୟଣ ମହିଳା ଚିତ୍ରଲେଖା ଖମାରୀଙ୍କ



ରବିବାର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ୭୦ ବର୍ଷ ବୟସ ହୋଇଥିଲା। ସେ ଜଣେ ଭଦ୍ର, ମେଳପୀ ଏବଂ ପରଉପକାରୀ ମହିଳା ଥିଲେ। ତାଙ୍କ ସ୍ୱାମୀ ସ୍ୱର୍ଗତ ବଦ୍ରିନାରାୟଣ ଖମାରୀ। ତାଙ୍କ ପୁତ୍ର ମିଲିନ୍ଦ୍ର ଖମାରୀ ଓ ପାର୍ଥ ଖମାରୀଙ୍କ ପରିବାର ଶେଷ ସମୟରେ ଉପସ୍ଥିତ ଥିଲେ। ଖଡିଆଳସ୍ଥିତ ମଶାଣୀରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଥିବା ବେଳେ ସାନପୁଅ ପାର୍ଥ ଖମାରି ମୁଖାଗ୍ନି ଦେଇଥିଲେ। ତାଙ୍କ ବନ୍ଧୁବର୍ଗ, ଖମାରୀ ପରିବାର ସମସ୍ତେ ଉପସ୍ଥିତ ଥିଲେ।

# ଉଚ୍ଚଶିକ୍ଷାରେ ଅର୍ଥର ଅଭାବ ରହିବ ନାହିଁ: ୫-ଟି ଅଧ୍ୟକ୍ଷ

ଭବାନୀପାଟଣା,୩।୩(ଉତ୍ତମ କୁମାର ଦାଶ)



୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଛାତ୍ରୀଛାତ୍ରଙ୍କୁ ନୂଆ-ଓ' ଛାତ୍ର ବୃତ୍ତି ପ୍ରଦାନ କରୁଛନ୍ତି।

**ଧର୍ମଗଡ଼ରେ ନୂଆ-ଓ' ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମ**

**■ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କଲେ**

କଳାହାଣ୍ଡି ଜିଲା ଧର୍ମଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ସମୁଖ ପଡ଼ିଆରେ ରବିବାର ନୂଆ-ଓ' ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନୂଆ-ଓ' ଛାତ୍ର ବୃତ୍ତି ପ୍ରଦାନ କରିଛନ୍ତି। ଏହି ଛାତ୍ରବୃତ୍ତି ଜରିଆରେ ଛାତ୍ରୀଙ୍କୁ ୧୦ ହଜାର ଓ ଛାତ୍ରଙ୍କ ଖାତାକୁ ୯ ହଜାର ଟଙ୍କା ପ୍ରଦାନ କରାଯାଇଛି। ଯାହାଦ୍ୱାରା ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷାରେ ଅର୍ଥର ଅଭାବ ରହିବ ନାହିଁ ବୋଲି କହିଥିଲେ। ସେହିପରି ନୂଆ-ଓ ମ୍ୟାଜିକ କାର୍ଡ ମଧ୍ୟ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯିବ। ଏହି କାର୍ଡ ଜରିଆରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସୁବିଧା ସୁଯୋଗ ମିଳିବ। ଯାତାୟାତ ଓ ୱାଇଫାଇ ଭଳି ଅନେକ ସୁବିଧା ପାଇବେ ଛାତ୍ରୀଛାତ୍ର। ତେବେ ଯେଉଁ ଛାତ୍ରଛାତ୍ରୀମାନେ ଅଧିକ ସଂଖ୍ୟାରେ ଆକ୍ଟିଭିଟିରେ ସାମିଲ ହେବେ, ସେହି ଅନୁସାରେ କାର୍ଡ ରିଚାର୍ଜ ହେବ। ଛାତ୍ରୀଛାତ୍ରଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନୂଆ-ଓ ସ୍କଲାରସିପ ବ୍ୟବସ୍ଥା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏଥିପାଇଁ ଏକ କର୍ପସ ଫଣ୍ଡର ବ୍ୟବସ୍ଥା କରିଛନ୍ତି। ଏହି ସ୍କିମରେ ରାଜ୍ୟର ପ୍ରାୟ ୬ ଲକ୍ଷ ଛାତ୍ରୀଛାତ୍ର ଉପକୃତ ହେବେ। ଛାତ୍ରୀଙ୍କୁ ୧୦ ହଜାର ଓ ଛାତ୍ରଙ୍କ ଖାତାକୁ ୯ ହଜାର ଟଙ୍କା ପ୍ରଦାନ କରାଯାଉଛି। ଯୁକ୍ତ ୨ ଓ ପିଜିର ୬ ଲକ୍ଷ ଛାତ୍ରୀଛାତ୍ର ଏହାଦାରା ଉପକୃତ ହେବେ ବୋଲି ୫-ଟି ଅଧ୍ୟକ୍ଷ ପାଣ୍ଡିଆନ କହିଛନ୍ତି। ଏହିକ୍ରମରେ କଳାହାଣ୍ଡି ଜିଲାର ୩୩ଟି କଲେଜର ୧୩ ହଜାର ୭୪ଜଣ ଛାତ୍ରୀଛାତ୍ରଙ୍କୁ ୧୨ କୋଟି ୯୩ ଲକ୍ଷ ୫୯ ହଜାର ଟଙ୍କା ସ୍କଲାରସିପ ପ୍ରଦାନ କରାଯିବ। ଏଥିରେ ୬୯୯୩ଜଣ ଛାତ୍ର ଓ ୬୦୮୧ଜଣ ଛାତ୍ରୀ ରହିଛନ୍ତି। ମଞ୍ଚରେ ୫-ଟି ଅଧ୍ୟକ୍ଷ ଜିଲାର ବିଭିନ୍ନ କଲେଜର ୧୩ଜଣ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିଥିଲେ। ସେମାନେ ହେଲେ ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଜ୍ୟୋର୍ତିମୟୀ ନାୟକ, ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀ ସତଭିକା ମାଝି, ଧର୍ମଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ଛାତ୍ରୀ ସୁଭଦ୍ରା ନାଏକ, ଜୟପାଟଣା ଇନ୍ଦ୍ରାବତୀ ମହାବିଦ୍ୟାଳୟ ଛାତ୍ର ନୃସିଂହ ଚରଣ ଦାସ, ଜୁନାଗଡ଼ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀ ଅର୍ପିତା ଦଣ୍ଡସେନା, କେସିଙ୍ଗା ମହାବିଦ୍ୟାଳୟ ଛାତ୍ର ଆଦିତ୍ୟ ଶଙ୍କର ସୁନା, ମଦନପୁର ରାମପୁର ଡ଼ିଗ୍ରୀ ମହାବିଦ୍ୟାଳୟର ଝରଣା ପ୍ରଧାନୀ, ନର୍ଲା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ଭୀମ ଗୌଡ, ଗୋଲାମୁଣ୍ଡା ସର୍ବ ମଙ୍ଗଳା ଡିଗ୍ରୀ ମହାବିଦ୍ୟାଳୟ ଛାତ୍ର ଚୌବନ ନାଏକ, କଲମପୁର କସ୍ତୁରିକା ମୋଦୀନୀ ଦେବୀ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ଅବନ୍ତୀ ନାଏକ, ରିଷିଡା ଜଗନ୍ନାଥ ମହାବିଦ୍ୟାଳୟ ଛାତ୍ରୀ ରଶ୍ମି ରେଖା ସାହୁ, କୋକସରା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଛାତ୍ରୀ ଦଧିସ୍ମିତା ଦୁର୍ଗା, ବିଶନାଥପୁର ମା ହିରାନୀଲା ମହାବିଦ୍ୟାଳୟ ଛାତ୍ର ରୋଷନ ଲାଲ ଶେଠଙ୍କୁ ବୃତ୍ତି ସାର୍ଟି ଫିକେଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ କଲେଜର ସମୁଦାୟ ୫୭୩୩ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୧ଟା ୪୦ରେ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ଗମ୍ଭାରୀଗୁଡା ଯଶୋଦା ଅନାଥ ଆଶ୍ରମ ନିକଟରେ ହେଲି କେପ୍ଟରରୁ ଓହ୍ଲାଇଥିଲେ। ସେଠାରୁ ସଡ଼କ ପଥରେ ଧର୍ମଗଡ଼ ପଞ୍ଚାୟତ କଲେଜ ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ନୂଆ ଓ ସ୍କଲାରସିପ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

କୋକସରା,୩।୩(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)



କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ସଦର ବଡ଼ପଡାର ଦାଦାନ ଶ୍ରମିକ ଗଜାନନ ବାଗ (୬୨)ଙ୍କ ହାଇଦ୍ରାବାଦରେ ଗତ ଶୁକ୍ରବାର ମୃତ୍ୟୁ ଘଟିଛି। କୋକସରା ଗ୍ରାମର ଅନ୍ୟ ୨ଜଣ ଶ୍ରମିକ ମୃତଦେହ ନେଇ ଶନିବାର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ଅନ୍ତିମ ସଂସ୍କାର ଗାଁ ମଶାଣିରେ କରାଯାଇଛି।

ସୂଚନା ଯେ, ହାଇଦ୍ରାବାଦରେ କୌଣସି ଏକ ପ୍ରାଇଭେଟ କମ୍ପାନୀରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ ଗଜାନନ। ଗାଁରେ କୌଣସି କାମ ନ ମିଳିବାରୁ ଗତ ୪/୫ ମାସ ତଳେ ହାଇଦ୍ରାବାଦର ଉପ୍ପାନ ନଗରରେ ଥିବା ଏକ ଠିକା ସଂସ୍ଥା ନିକଟରେ କୋଠା ନିର୍ମାଣ କାର୍ଯ୍ୟରେ ନିୟୋଜିତ ରହିଥିଲେ। ଗତ ସପ୍ତାହରେ ତାଙ୍କ ସ୍ୱାସ୍ଥ୍ୟ ବିଗିଡିବାରୁ ସାଥି ଶ୍ରମିକଙ୍କୁ କହିବା ପରେ ସ୍ଥାନୀୟ ଏକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ସାଥି ଶ୍ରମିକ ଗଜାନନଙ୍କ ଝିଅ ଓ ଭଉଣୀ ଚନ୍ଦ୍ରକଳାଙ୍କୁ ଖବର ଦେଇଥିଲେ। ମୃତ୍ୟୁ ପରେ ମୃତଦେହ ଭିଟାମାଟିକୁ ନେବା ପାଇଁ ଠିକା ସଂସ୍ଥାକୁ ଆମ୍ବୁଲାନ୍ସ ପାଇଁ କହିବାରୁ ସେ ମନା କରିବା ପରେ ଝିଅ ଓ ଭଉଣୀ ଧାର ଉଧାର କରି ଟଙ୍କା ପଠାଇବା ପରେ ହାଇଦ୍ରାବାଦରୁ ଏକ ଆମ୍ବୁଲାନ୍ସ ୪୫ ହଜାରରେ ଭଡା କରି ଆଣିଥିଲେ। ଗତବର୍ଷ କୋକସରା ବ୍ଲକର ପ୍ରାୟ ୧୧ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଚଳିତବର୍ଷ ୩ ମାସ ମଧ୍ୟରେ ୫ଜଣ ଦାଦନଙ୍କ ମୃତଦେହ ଗାଁକୁ ଫେରି ସାରିଛି। ଏହାକୁ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି।

# ରେଳ ଅଣ୍ଡରପାସ ରାସ୍ତା ଦୁରବସ୍ଥା ନେଇ ରେଳମନ୍ତ୍ରୀଙ୍କୁ ଅଭିଯୋଗ

ଭବାନୀପାଟଣା,୩।୩(ଉତ୍ତମ କୁମାର ଦାଶ)

**ଶୀଘ୍ର ପଦକ୍ଷେପ ନେବାକୁ ଡିଆର୍‌ଏମ୍‌ଙ୍କୁ ଦାୟିତ୍ୱ ଦେଲା ରେଳ ମନ୍ତ୍ରଣାଳୟ**

କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ଥିବା ରେଳ ଲାଇନ ଅଣ୍ଡରପାସ ରାସ୍ତାଗୁଡିକର ଦୁରାବସ୍ଥା ଓ ଏହାଦ୍ୱାରା ଜନସାଧାରଣ ଭୋଗୁଥିବା ଅକଥନୀୟ ଅସୁବିଧା ବିଷୟରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଟୁଇଟର ମାଧ୍ୟମରେ ଭବାନୀପାଟଣାର ମାନବଧିକାର କର୍ମୀ ଦିଲୀପ କୁମାର ଦାସ ଅଭିଯୋଗ କରିଥିଲେ। ଏହାପରେ ରେଳ ମନ୍ତଣାଳୟ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସମ୍ବଲପୁର ଡିଭିଜନର ଡିଆରଏମଙ୍କୁ ଦାୟିତ୍ୱ ଦେଇଛି ରେଳ ମନ୍ତଣାଳୟ। ପ୍ରକାଶ ଯେ, ଭବାନୀପାଟଣା ଓ ଜୁନାଗଡ ଷ୍ଟେଶନ ମଧ୍ୟରେ ଥିବା ତଳ ଜାରିଙ୍ଗଠାରେ ରେଲୱେ ଅଣ୍ଡରପାସ ରାସ୍ତା ଅତି ଶୋଚନୀୟ ହୋଇ ପଡିଛି। ବର୍ଷ ସାରା ଏଠାରେ ୧ ଫୁଟ୍ ପାଣି ଜମି ରହୁଥିବାବେଳେ ଦୁଇ ପାର୍ଶ୍ୱର ରାସ୍ତାରେ ଲୁହା ରଡଗୁଡିକ ବାହାରି ବିପଦ ଜନକ ଭବେ ରହି ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି କରୁଛି। ସେହିପରି କେସିଙ୍ଗା ଓ କାଣ୍ଟେଲ ରୋଡ ଷ୍ଟେଶନ ମଧ୍ୟରେ ୧୮୧ ନମ୍ବର ଏଲ.ଏଚ୍.ଏସରେ ବର୍ଷସାରା ପାଣି ଜମି ରହୁଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିସବୁ ସମସ୍ୟାଗୁଡ଼ିକୁ ନେଇ ଭବାନୀପାଟଣାର ମାନବଧିକାର କର୍ମୀ ଦିଲୀପ କୁମାର ଦାସ ରେଳମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଟୁଇଟର ମାଧ୍ୟମରେ ଅଭିଯୋଗ କରିଥିଲେ।

# କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ସମୂହ ଇସ୍ତଫା



ଦାବିପତ୍ର ଦେବା ପାଇଁ ଯାଇଥିବା ୱାର୍ଡ ସଭ୍ୟାସଭ୍ୟ ବୃନ୍ଦ।

ନୂଆପଡ଼ା,୩।୩(ମକାରୁ ବେମାଲ)

**ୱାର୍ଡ ସଭ୍ୟାସଭ୍ୟଙ୍କ ଚେତାବନୀ**

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ଜଟଗଡ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଓ ୱାର୍ଡ ସଭ୍ୟାସଭ୍ୟଙ୍କୁ ଅଣଦେଖା କରୁଥିବା ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ୱାର୍ଡ ସଭ୍ୟାସଭ୍ୟ କୋମନା ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ଉଚିତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ସମୂହ ଇସ୍ତଫା ଦେବୁ ବୋଲି ଚେତାବନୀ ଦେଇଥିଲେ। କିନ୍ତୁ ତଦନ୍ତ ପରିବର୍ତ୍ତେ ୱାର୍ଡ ସଭ୍ୟାସଭ୍ୟମାନଙ୍କୁ ମନାଇବା ପାଇଁ ବିଭାଗୀୟ ଅଧିକାରୀମାନେ ଆସି ରୁଦ୍ଧଦ୍ୱାର ବୈଠକ କରୁଥିବା ଅଭିଯୋଗ ହେଉଛି। ସୂଚନା ମୁତାବକ ଜଟଗଡ ପଞ୍ଚାୟତରେ ସରପଞ୍ଚ ଦିବ୍ୟକାନ୍ତି ଜଗତ ପଞ୍ଚାୟତ କାର୍ଯ୍ୟାଳୟକୁ କେବଳ ମିଟିଂ ସମୟରେ ଆସିଥାନ୍ତି। ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ସରପଞ୍ଚ ପ୍ରତିନିଧି ଠାକୁର ଜଗତ ବୁଝୁଛନ୍ତି। ସରପଞ୍ଚ ପ୍ରତିନିଧି ଜଗତ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ତ୍ତିକ ରଥ ନିଜ ମନମୁଖୀ କାର୍ଯ୍ୟ ଚଳାଇଛନ୍ତି। ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ଉପରେ ପଚାରିଲେ କୌଣସି ଉତ୍ତର ଦେଉନାହାନ୍ତି। କେଉଁ କାର୍ଯ୍ୟ ପାଇଁ କେତେ ଟଙ୍କା ଆସିଛି, କେଉଁ କାମ ସବୁ ହେବାର ଅଛି ବୋଲି ପଚାରିଲେ କିଛି କହିବା ପରିବର୍ତ୍ତେ ଓଲଟା ୱାର୍ଡ ସଭ୍ୟାସଭ୍ୟଙ୍କୁ ଧମକ ଦେଉଛନ୍ତି। ପଞ୍ଚାୟତରେ କେତେ ଅନ୍ତୋଦୟ ଓ ରାଶନ କାର୍ଡ ଅଛି କୌଣସି ମେମ୍ବରମାନେ ଜାଣିନାହାନ୍ତି। ପଞ୍ଚାୟତରେ ନ ରଖି ସରପଞ୍ଚ ଘରେ ଚାଉଳ ରଖି ବଣ୍ଟନ କରୁଥିବା ଅଭିଯୋଗ ହେଉଛି। ୨୦୨୩ରେ ଗ୍ରୀଷ୍ମ ଋତୁରେ ଅସ୍ଥାୟୀ ଚହଲା ଓ ଜଳଛତ୍ର ଖୋଲା ଯାଇଥିବା ପାଉଣା ଏଯାଏଁ ମିଳିନାହିଁ। ୨୧ଜଣ ହିତାଧିକାରୀ ହରିଶ୍ଚନ୍ଦ୍ର ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏହି ସବୁ ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ୱାର୍ଡ ସଭ୍ୟାସଭ୍ୟମାନଙ୍କୁ ଠିକା କାମ ଦେବୁ ତାମର ଯେ କୌଣସି ଦରକାର କାର୍ଯ୍ୟ ମଧ୍ୟ କରିବୁ ବୋଲି ଅଧିକାରୀମାନେ ରୁଦ୍ଧଦ୍ୱାର ସଭା କରି ଚାଲିଛନ୍ତି। କେତେଜଣ ୱାର୍ଡ ସଭ୍ୟାସଭ୍ୟମାଙ୍କୁ ଠିକା କାମ ଦେବୁ ବୋଲି ବଶବର୍ତ୍ତି କରିଥିବା ବେଳେ କେତେ ଜଣ ସଭ୍ୟାସଭ୍ୟମାନୁ ନ ଥିବା ଅଭିଯୋଗ କରିଛନ୍ତି। ଏହି ସବୁର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସମୂହ ଇସ୍ତଫା ଦେବୁ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ କୋମନା ଗୋଷ୍ଠି ଉନ୍ନୟନ ଅଧିକାରୀ ହିତାଂଶୁ ଶେଖର ସାମଲଙ୍କୁ ପଚାରିବାରୁ ଅଭିଯୋଗ ଅନୁଯାୟୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ହନୁମାନ ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା ଉତ୍ସବ

କୋକସରା,୩।୩(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ଶାନ୍ତିନଗରଠାରେ ନିର୍ମାଣାଧୀନ ହନୁମାନଙ୍କ ଭବ୍ୟ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ଶୁକ୍ରବାର ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା ପରେ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଶନିବାର ମନ୍ଦିରର ରତ୍ନମୁଦ ଓ ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠା କର୍ତ୍ତା ଭାବେ ସୁବ୍ରତ ରଞ୍ଜନ ପାଙ୍ଗଯୋଷୀ ଓ ଝରଣୀକା ପାଙ୍ଗଯୋଷୀ ରହିଥିବା ବେଳେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ରାଜେନ୍ଦ୍ର କୁମାର ପାଙ୍ଗଯୋଷୀ ଓ ମନୋରମା ପାଙ୍ଗଯୋଷୀ ରହିଛନ୍ତି। ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହେଉଥିବା ବେଳେ ରବିବାର ସକାଳୁ ନାମଯଜ୍ଞ ଅନୁଷ୍ଠିତ ହେବା ସହ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ହୋଇଯାଇଛି। କିଶୋର ଠାକୁର ପୂଜକ ଭାବେ ରହିଥିବା ବେଳେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ମନ୍ଦିର କମିଟି ସଦସ୍ୟ ରୋହନ ପାଙ୍ଗଯୋଷୀ, ସୁଯଜ୍ଞ ପାଙ୍ଗଯୋଷୀ, ବିଟୁନ ପାଙ୍ଗଯୋଷୀ, ଜଗମୋହନ ସିଂ, ଜି ଗଣେଶ ରାଓ, ବୁଜି ରାଓ, ବିଟୁ ପାଙ୍ଗଯୋଷୀ, ହରିଶଙ୍କର ସାହୁ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ବୈରାଗୀ ଯୁବ ସମାଜର ସାଧାରଣ ବୈଠକ



ଅନୁଷ୍ଠିତ ବୈଠକରେ ଆଲୋଚନା କରାଯାଉଛି।

କୋକସରା,୩।୩(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଲଡୁଗାଁ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଲଡୁଗାଁ ଶ୍ରୀ ବାଲାଜୀ ବୈରାଗୀ ଯୁବ ସମାଜର ଏକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକ ପୂର୍ବତନ ସରପଞ୍ଚ ଲଡୁଗାଁ କହ୍ନେଇ ଚରଣ ଦାସଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ଉକ୍ତ ବୈଠକରେ ଆଗାମୀ ସମୟରେ ବୈରାଗୀ ସମାଜର ଯୁବ ଶକ୍ତିକୁ କ୍ରିୟାଶୀଳ କରିବା ଓ ସମାଜ ପ୍ରତି କର୍ତ୍ତବ୍ୟ ଦାୟିତ୍ୱ ବହନ କରିବା ସହ ସମାଜକୁ ତୃଣମୂଳସ୍ତରରେ ବିକାଶଶୀଳ କରିବା ପାଇଁ ସମସ୍ତେ ମତପ୍ରକାଶ କରିଥିଲେ। ପରବର୍ତ୍ତୀ ବୈଠକରେ ଯୁବ କର୍ମକର୍ତ୍ତା ଚୟନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସୁରଞ୍ଜନ ଦାସ, ବିଜୁ ଜନତା ଦଳ ଲଡୁଗାଁ ପଞ୍ଚାୟତ ସଭାପତି ରବି ନାରାୟଣ ଦାସ, ମନୋଜ ଦାସ, ଜିତେନ୍ଦ୍ର ଦାସ, ତୁଳସୀ ପ୍ରସାଦ ଦାସ ପ୍ରଶାନ୍ତ ଦାସ, ଅଖିଳ ଚନ୍ଦ୍ର ଦାସ, ପଙ୍କଜ ଦାସ, ଆଦିତ୍ୟ ଦାସ କୋଦଣ୍ଡ ଦାସ ଅନ୍ୟ ବହୁ ବୈରାଗୀ ସମାଜର ଯୁବକମାନେ ଉପସ୍ଥିତ ଥିଲେ।

# ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ନୂଆପଡ଼ା,୩।୩(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ସାପ୍ତାହିକ ବଜାର ପଡ଼ିଆରେ ଷୋହଳ ପ୍ରହାର ଅଖଣ୍ଡ ନାମଯଜ୍ଞ ପାଇଁ ରବିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛ। ଗାଁର ଶତାଧିକ ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ଗାଁସ୍ଥିତ ଥିବା ବଦବନ୍ଧରୁ ପୂର୍ଣ୍ଣ କଳସ ଆଣି ଯଜ୍ଞାବେଦିରେ କଳସ ସ୍ଥାପନ ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ନୂଆପଡା ଜିଲା ସମେତ ବଲାଙ୍ଗୀର, ବରଗଡ଼ ଜିଲାରୁ ୮ ଟି ସଂକୀର୍ତ୍ତନ ଦଳ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ତୁଳାରମ ପ୍ରଧାନ ଓ ଦୁଲଭି ପ୍ରଧାନ, ଗଦାଧର ଗହିର ଓ ଜୟନ୍ତୀ ଗହିର କର୍ତ୍ତା ଦାୟିତ୍ୱ ତୁଲାଇ ଥିବା ବେଳେ ମାନଭଞ୍ଜନ ତ୍ରିପାଠୀ ପୂଜକ ଓ ଘନଶ୍ୟାମ ମହାପାତ୍ର ଜପକ ଭାବରେ ଅଛନ୍ତି। କମିଟି ସଭାପତି ପରଶ ରାମ ଅହୀର, ସମ୍ପାଦକ ସନ୍ତୋଷ ସିଂହ, କୋଷାଧ୍ୟକ୍ଷ ପଫୁଲ ଦୁରିଆ ଆୟୋଜନ କରୁଥିବା ବେଳେ ମୁଣ ଅହି, ଜଗଦୀଶ ହାତୀ, ଯୋଗେନ୍ଦ୍ର ନାୟକ, ନରେଶ ଅହିର, ଅକ୍ଷୟ ଗହିର, ଘନଶ୍ୟାମ ମହରା, ବାସୁଦେବ ବାନଛୋର, ବେଣୁଧର ଗହିର ପ୍ରମୁଖ ସହଯୋଗ କରୁଛନ୍ତି।



କଳସ ଶୋଭାଯାତ୍ରାରେ ମହିଳା ଓ ପୁରୁଷ।

# ତୃତୀୟଲିଙ୍ଗୀ ମଧ୍ୟ ପରିବାର ପ୍ରତିପୋଷଣରେ ସହାୟକ

ନୂଆପଡ଼ା,୩।୩(ମକାରୁ ବେମାଲ)



ଜୁଲି ଠାକୁର



ବନ୍ଦନା ମାଝି



ରିସ୍ତା ପାଣିଗ୍ରାହୀ

**ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟଙ୍କୁ ରୋଜଗାର ଯୋଗାଉଛନ୍ତି**

ତୃତୀୟ ଲିଙ୍ଗୀମାନେ ମଧ୍ୟ କିଏ କାହାଠାରୁ କମ ନୁହନ୍ତି। ତୃତୀୟ ଲିଙ୍ଗୀମାନଙ୍କୁ ସ୍ୱାବଲମ୍ବୀ କରିବାରେ ପଥପ୍ରଦର୍ଶକ ସାଜିଛନ୍ତି। ତୃତୀୟ ଲିଙ୍ଗୀମାନଙ୍କୁ ନେଇ ସ୍ୱୟଂ ସହାୟକ ଗୋଷ୍ଠି ଗଠନ କରି ସାବୁନ, ଅଗରବତୀ, ଫିନାଇଲ, ଡିଟରଜେନ ପାଉଡର, ପାମ୍ପଡ, ଖେଳଣା, ଶୋଉକିନ ଜିନିଷ ଆଦି ତିଆରି କରି ମେଳା, ପର୍ବ ପର୍ବାଣୀରେ ବିକ୍ରୟ କରି ପରିବାର ପ୍ରତି ପୋଷଣ କରିବାରେ ସହାୟକ ହେଉଛନ୍ତି। ପ୍ରାପ୍ତ ସୂଚନା ମତେ ନୂଆପଡା ସଦର ବ୍ଲକ ମୋଟା ନୂଆପଡା ପଞ୍ଚାୟତ କୁକୁଡାତାଲ ଗାଁରେ ୧୯୮୯ ସେପ୍ଟେମ୍ବର ୧୨ରେ ଜନ୍ମ ନେଇଥିଲେ ଜୁଲି ଠାକୁର। ଜନ୍ମ ବେଳେ ପରିବାର ଲୋକେ ବେଶ ଖୁସିରେ ନାମ ରଖିଥିଲେ କୂଳଦୀପ ଠାକୁର। ୨ ବର୍ଷ ପରେ କୂଳଦୀପ ତୃତୀୟ ଲିଙ୍ଗୀ ବୋଲି ପରିବାର ଲୋକେ ଜାଣି ପାରିଲେ। ସାମାଜିକ ଲଜ୍ଜା ଯୋଗୁ ରାତି ଅଧିଆରେ କୂଳଦୀପଙ୍କୁ ତାଙ୍କ ବାପା ସୁନାବେସଡା ଅଭୟାରଣ୍ୟ ଭିତରେ ଛାଡି ଆସିଥିଲେ। ପରେ ଗାଁ ସଂଲଗ୍ନ ଜଙ୍ଗଲରୁ ତାଙ୍କୁ ଠାବ କରାଯାଇଥିଲା। ସେଠାରୁ ମା' ଶିଶୁଟିକୁ ଧରି ବାପା ଘରକୁ ଚାଲି ଯାଇଥିଲେ। କିଛି ମାସ ରହିବା ପରେ ବାପା ଶଶୁର ଘରକୁ ଯାଇ ସ୍ତ୍ରୀ ଓ ଶିଶୁକୁ ଘରକୁ ନେଇ ଆସିଥିଲେ। କୁଳଦୀପଙ୍କ ୩ ବଡ ଭାଇ ରହିଥିଲେ। ଶୈଶବରୁ କିଶୋରାବସ୍ଥା ପର୍ଯ୍ୟନ୍ତ ମାନସିକ ନିର୍ଯାତନରେ ଅତିଷ୍ଠ ହୋଇ କୂଳଦୀପ ପରିବାରଙ୍କୁ ଛାଡି ଅନ୍ୟ ଛତିଶଗଡ ଯାଇ ଅନ୍ୟ ତୃତୀୟ ଲିଙ୍ଗୀଙ୍କ ସଂସ୍ପର୍ଶରେ ଆସିଥିଲେ। ସେଠାରେ ନିଜର ନାମ ପରିବର୍ତ୍ତନ କରି କୂଳଦୀପରୁ ଜୁଲି ନାମରେ ପରିଚିତ ହେଲେ। ଜୁଲି ଛତିଶଗଡର ଅନେକ ସହର ବୁଲି ସମଲିଙ୍ଗୀଙ୍କ ସହ ରହି ବଞ୍ଚିବା ପାଇଁ ସଂଘର୍ଷ କରିଥିଲେ। ବଡ ଭାଇମାନେ ବିବାହ କରି ମା'ବାପାଙ୍କୁ ଅଲଗା କରି ଦେଲେ। ବହୁ ଦୁଃଖକଷ୍ଟରେ ମା'ବାପା ଜୀବନ ବିତାଇଉଥିବା ଖବର ଶୁଣି ଜୁଲି ୨୦୨୦ କୋଭିଡ ସମୟରେ ଗାଁକୁ ଫେରି ମା'ବାପାଙ୍କ ସେବା କରିବାରେ ଲାଗିଲେ। କିନ୍ତୁ ନିଜେ ତୃତୀୟ ଲିଙ୍ଗୀ ବୋଲି ଭୋଗିଥିବା ଦୁଃଖକଷ୍ଟକୁ ଭୁଲି ନ ଥିଲେ। କୁକୁଡାତାଲ ଗାଁର ଜୁଲି ଠାକୁର (୩୪)ଙ୍କ ନେତୃତ୍ୱରେ ଖଡିଆଳ ବ୍ଲକ ଖୁଜପେଜ ପଞ୍ଚାୟତ କିକିରିବେଡା ଗାଁ ବନ୍ଦନା ମାଝି (୨୩) ଓ କୋମନା ସଦରର ରିସ୍ତା ପାଣିଗ୍ରାହୀଙ୍କୁ ସାଙ୍ଗରେ ଧରି ଜିଲାର ତୃତୀୟ ଲିଙ୍ଗୀମାନଙ୍କୁ ନେଇ ଏକ ସଙ୍ଗଠନ କରି ସାମାଜିକ ସୁରକ୍ଷା ଓ ସରକାରୀ ସହାୟତା ଯୋଗାଇ ଦେବାକୁ ଆଗେଇ ଆସିଲେ। ୨୦୨୨ରେ ଏକ ସଙ୍ଗଠନ କରି ଜୁଲିଙ୍କ ନେତୃତ୍ୱରେ ଜିଲାର ୫ ବ୍ଲକରୁ ୯୯ଜଣ ତୃତୀୟ ଲିଙ୍ଗୀକୁ ଚିହ୍ନଟ କରି ସେମାନଙ୍କ ସାମାଜିକ ନିରାପତା କାମ ଆରମ୍ଭ କରିଥିଲେ। ଜୁଲିଙ୍କ ଉଦ୍ୟମରେ ଜିଲାରେ ୪୧ରୁ ଊର୍ଦ୍ଧ୍ୱଙ୍କୁ ପରିଚୟପତ୍ର ଓ ପେନସନ ଭଳି ସାମାଜିକ ସୁରକ୍ଷା ମିଳି ସାରିଛି। ଆଗକୁ ଜିଲାର ସମସ୍ତ ତୃତୀୟ ଲିଙ୍ଗୀମାନଙ୍କୁ ସ୍ୱ-ରୋଜଗାରକ୍ଷମ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଜୁଲି ଉଦ୍ୟମ କରିଥିବା କହିଛନ୍ତି। ଜୁଲି ବର୍ତ୍ତମାନ ଗାଁ କିମ୍ବା ଜିଲାରେ ସୀମିତ ହୋଇ ରହିନାହାନ୍ତି। ରାଜ୍ୟ ତଥା ରାଜ୍ୟ ବାହାରେ ବଡବଡ ସହରରେ ସମ୍ମିଳନୀରେ ସାଧନ କର୍ମୀ ଭାବେ ଉଚ୍ଚକୋଟୀର ମନ୍ତବ୍ୟ ଦେଇ ସମାଜ ନିର୍ମାଣର ବାର୍ତ୍ତାବହ ପାଲଟି ଯାଇଛନ୍ତି।

# ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠାରେ ବିଳମ୍ବ

■ଜିଲାପାଳ ଚିଠି ଲେଖିବାର ୩ ମାସ ବିତିଲା
■ସ୍ଥାନ ନିରୂପଣ ପାଇଁ ଆସିଲେନି ଉଚ୍ଚସ୍ତରୀୟ ଟିମ୍

ସୋନପୁର,୩।୩(ମୃତ୍ୟୁଞ୍ଜୟ ଶତପଥୀ)

ସରକାର ରାଜ୍ୟର ସବୁ ଅଞ୍ଚଳର ସମାନ ବିକାଶ ଉପରେ ଗୁରୁତ୍ୱ ଦେଉଥିବା କହୁଛନ୍ତି। କିନ୍ତୁ ଏହା କାର୍ଯ୍ୟରେ ପ୍ରତିଫଳନ ହେଉନି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୌଣସି ବଡ ପ୍ରତିଷ୍ଠାନ ନ ଥିବା ସୁବର୍ଣ୍ଣପୁର ଜିଲାରେ ଏକ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଉଦ୍ୟମ ହୋଇଥିଲା । ଜିଲା ପ୍ରଶାସନ ପକ୍ଷରୁ ଏକ ଡିପିଆର(ଡିଟେଲ୍ସ ପ୍ରୋଜେକ୍ଟ ରିପୋର୍ଟ) ମଧ୍ୟ ପ୍ରସ୍ତୁତ ହୋଇଛି। ସୁବର୍ଣ୍ଣପୁରର ପ୍ରାକ୍ତନ ଜିଲାପାଳ ବିମଳେନ୍ଦୁ ରାୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ ନଭେମ୍ବର ମାସରେ ଚିଠି ଲେଖିଥିଲେ। ଭୁବନେଶ୍ୱରରୁ ଏକ ଉଚ୍ଚସ୍ତରୀୟ ଟିମ୍ ପଠାଇ ଭିତ୍ତିଭୂମି ଓ ପ୍ରସ୍ତାବିତ ମହାବିଦ୍ୟାଳୟ ପ୍ରତିଷ୍ଠା ସ୍ଥାନ ନିରୂପଣ କରି ନିଷ୍ପତ୍ତି ନେବା ପାଇଁ ଅନୁରୋଧ କରିଥିଲେ। ଇତିମଧ୍ୟରେ ତିନି ମାସ ବିତି ଯାଇଥିଲେ ମଧ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ସୁବର୍ଣ୍ଣପୁରକୁ ଏଯାଏ ଉଚ୍ଚସ୍ତରୀୟ ଟିମ୍ ପଠାଯାଇନି। ଅନ୍ୟପକ୍ଷେ ଜିଲାପାଳ ରାୟଙ୍କ ବଦଳି ପରେ ଜିଲା ପ୍ରଶାସନ ଓ ନିର୍ବାଚିତ ଲୋକ ପ୍ରତିନିଧି ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଫଳରେ ଜିଲାରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପ୍ରକ୍ରିୟା ବିଳମ୍ବ ହେଉଛି।

ବହୁ ନଦୀ, ନାଳ ପ୍ରବାହିତ ହେଉଥିବା ଜିଲା ହେଉଛି ସୁବର୍ଣ୍ଣପୁର । ଏଠାରେ ବିଭିନ୍ନ ପ୍ରଜାତିର ମଧୁର ଜଳ ମାଛ ମିଳିଥାଏ। ଜିଲାରେ ମହାନଦୀ, ତେଲନଦୀ, ଅଙ୍ଗନଦୀ, ସୁକତେଲ ନଦୀର ବିସ୍ତୀର୍ଣ୍ଣ ଜଳରାଶି ସହ ବଡ ନାଳ, ହରିହରଯୋର ଡ୍ୟାମ୍, ଶତାଧିକ ବନ୍ଧ ଓ ପୋଖରୀ ରହିଥିବାରୁ ମତ୍ସ୍ୟ ଉତ୍ପାଦନ ସହ ଗବେଷଣା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ପଶ୍ଚିମ ଓଡିଶାରେ ମତ୍ସ୍ୟ ମହାବିଦ୍ୟାଳୟ ନ ଥିବାରୁ ସୁବର୍ଣ୍ଣପୁରରେ ଏହା ପ୍ରତିଷ୍ଠା ପାଇଁ ଦାବି ହୋଇଥିଲା। ଜୁନ୍ ମାସରେ ଜିଲା ପରିଷଦ ବୈଠକରେ ଏ ନେଇ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା। ଗତ ଜୁଲାଇ ୪ ରେ ଜିଲା ଗସ୍ତରେ ଆସିଥିବା ତତ୍କାଳୀନ ୫-ଟି ସଚିବ ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କୁ ଜିଲାବାସୀ ମତ୍ସ୍ୟ ମହାବିଦ୍ୟାଳୟ ଖୋଲିବା ନେଇ ଲିଖିତ ଭାବେ ଅନୁରୋଧ କରିଥିଲେ। ସେହିପରି ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ବିଭାଗ ପକ୍ଷରୁ ସୁବର୍ଣ୍ଣପୁର ଜିଲାପାଳଙ୍କ ଜରିଆରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ସମ୍ପର୍କିତ ଅନୁରୋଧ ପତ୍ର ଜୁଲାଇ ୨୧ରେ ମତ୍ସ୍ୟ ଓ ପ୍ରାଣୀପାଳନ ବିକାଶ ବିଭାଗର ପ୍ରମୁଖ ସଚିବଙ୍କୁ ଲେଖାଯାଇଥିଲା। ମତ୍ସ୍ୟ ଓ ପ୍ରାଣୀପାଳନ ବିକାଶ ବିଭାଗର ପ୍ରମୁଖ ସଚିବ ଭିତ୍ତିଭୂମି ସମୀକ୍ଷା ସହିତ ଆନୁସଙ୍ଗିକ ଖର୍ଚ୍ଚ, ଜମି ଆଦିର ବିସ୍ତୃତ ରିପୋର୍ଟ ମାଗିବା ସହ ଏକ କମିଟି ଗଠନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରରେ ଏକ କମିଟି ଗଠନ ହୋଇଥିଲା। ଗତ ଅଗଷ୍ଟ ୨୫ ତାରିଖରେ ଜିଲାପାଳ ଏକ ସବ୍ କମିଟି ଗଠନ କରିଥିଲେ। ଅକ୍ଟୋବର ୪ ତାରିଖରେ ଏହି କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଅଧୀନରେ ଥିବା ସମ୍ବଲପୁର ଜିଲା ଚିପିଲିମାସ୍ଥିତ କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ମତ୍ସ୍ୟ ମହାବିଦ୍ୟାଳୟ ସକାଶେ ଡିପିଆର ପ୍ରସ୍ତୁତ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ କୁହନ୍ତି ଭୁବନେଶ୍ୱରରୁ ଏକ ଟିମ୍ ପଠାଇ ସ୍ଥାନ ନିରୂପଣ କରି ନିଷ୍ପତ୍ତି ନେବା ପାଇଁ ଆମେ ଚିଠି ଲେଖିଛୁ। ମତ୍ସ୍ୟ ମହାବିଦ୍ୟାଳୟ ପାଇଁ ୫୦ରୁ ୬୦ ଏକର ଜମି ଆବଶ୍ୟକ। ଏହି କ୍ୟାମ୍ପସ୍‌ରେ ଛୋଟରୁ ବଡ ପୋଖରୀ, ଖେଳ ପଡିଆ, ଆଡମିନିଷ୍ଟ୍ରେଟିଭ୍ ବ୍ଲକ, ହଷ୍ଟେଲ ଆଦି ନିର୍ମାଣ କରାଯିବ। ବିନିକା ନିକଟସ୍ଥ ରହିଲାରେ ପ୍ରାୟ ୫୫ ଏକର ପରିମିତ ଅଞ୍ଚଳରେ ଓଡିଶା ମତ୍ସ୍ୟ ଉନ୍ନୟନ ନିଗମର ଫାର୍ମ ରହିଛି। ସେହିପରି ମତ୍ସ୍ୟ ବିଭାଗର ସୁବର୍ଣ୍ଣପୁର ସରକାରୀ ଫାର୍ମରେ ୭୫ ଏକର ପରିମିତ ଅଞ୍ଚଳରେ ଏକାଧିକ ଛୋଟ ବଡ ପୋଖରୀ ରହିଛି। ସରକାର ଚାହିଁଲେ ବିଜୁ ପଟ୍ଟନାୟକ ମହିଳା କଲେଜର ପୁରୁଣା କ୍ୟାମ୍ପସରେ ଅସ୍ଥାୟୀ ଭାବେ କଲେଜ ଖୋଲିହେବ। ତେଣୁ ଛାତ୍ରୀଛାତ୍ରଙ୍କୁ ଅସ୍ଥାୟୀ ଭାବେ ପାଠ ପଢାରେ କୌଣସି ସମସ୍ୟା ଉପୁଜିବ ହେବ ନାହିଁ।

# ଦୁର୍ଗମ ଅଞ୍ଚଳ କଣ୍ଡରା କାଚପାଜୁବାସୀଙ୍କ ସ୍ୱପ୍ନ ହେବ ପୂରଣ



କଣ୍ଡରା, କାଚପାଜୁ ରାସ୍ତାର ଶିଳାନ୍ୟାସ ଉତ୍ସବରେ ମନ୍ତ୍ରୀ ଓ ଉପସ୍ଥିତ ଗ୍ରାମବାସୀ ।

## ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ

ବୌଦ୍ଧ,୩।୩(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣୀଗଡ ପଞ୍ଚାୟତର ଦୁର୍ଗମ ବଣପାହାଡ ଘେରା ଗ୍ରାମ କଣ୍ଡରା, କାଚପାଜୁବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୁରଣ ହେବାକୁ ଯାଉଛି । ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ଥିଲା ଗ୍ରାମକୁ ସୁବୁଦ୍ଦିନିଆ ଭଲ ରାସ୍ତା । ଏଥିପାଇଁ ଗ୍ରାମବାସୀ ବହୁବାର ଆନ୍ଦୋଳନ ମଧ୍ୟ କରିଥିଲେ । ଶେଷରେ ରାଜ୍ୟ ସରକାର ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ବିହିତ ପଦକ୍ଷେପ ନେଇଛନ୍ତି। ରବିବାର ଦିନ ଜଙ୍ଗଲ ଓ ପରିବେଶ, ପାନୀୟଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଉକ୍ତ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି । ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଏହି ରାସ୍ତା ପାଇଁ ୧୨ କୋଟି ୧୬ ଲକ୍ଷ ଟଙ୍କା ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ହେବ । ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ଆଡେଣୀଗଡ ଠାରୁ ଉକ୍ତ ଦୁଇ ଗ୍ରାମର ଦୁରତା ୧୨ କିମି ରହିଛି। ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଅଜିତ କୁମାର ପ୍ରଧାନ, କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି ବିଶ୍ୱଜିତ ପ୍ରଧାନ, ଆଦିବାସୀ ନେତା ସୁଶିଳ ଦେହୁରୀ, କଣ୍ଡରା ଓ କାଚପାଜୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଅନୁଦାନ ମଞ୍ଜୁର ପରେ ବି ଆରମ୍ଭ ହେଉନି କାମ

ବାଉଁଶୁଣୀ ଛକରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ଦାବି

ବାଉଁଶୁଣୀ,୩।୩(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ଛକଠାରେ ପ୍ରସ୍ତାବିତ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାରେ ବିଳମ୍ବ ହେଉଛି। ଗତ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଛକ ନିକଟରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। କଣ୍ଟାମାଳ ବିଧାୟକ ମହୀଧର ରଣା ଉକ୍ତ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ସରକାରୀ ଅନୁଦାନ ମଞ୍ଜୁର କରାଇଥିବା ସୂଚନା ମିଳିଛି। କିନ୍ତୁ ବିଶ୍ରାମାଗାର ନିର୍ମାଣ କାମ ଆରମ୍ଭ ହୋଇ ନ ଥିବା ଯୋଗୁ କେବଳ ବାଉଁଶୁଣୀ ନୁହେଁ, ଆଖ ପାଖ ଗ୍ରାମ ପଞ୍ଚାୟତର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରସ୍ତାବିତ ଯାତ୍ରୀ ବିଶ୍ରାମାଗାର ସ୍ଥାନରେ ପୂର୍ବରୁ ବାଉଁଶୁଣୀ ଉପ ଡାକଘର କାମ କରୁଥିଲା। ସେହି ପୁରୁଣା ଘରକୁ ଭଙ୍ଗା ଯାଇଥିବା ବେଳେ ପୁରୁଣା ଘରର ଇଟା, କାଠ ଓ ଆଜବେଷ୍ଟସ କୁଆଡେ ଗଲା ବୋଲି ଆଲୋଚନା ହେଉଛି। ଆଗକୁ ଖରା ଦିନ ଆସୁଥିବା ବେଳେ ବାଉଁଶୁଣୀ ଛକରେ ଛାଇ ତଳେ ଛିଡା ହେବା ପାଇଁ କୌଣସି ସର୍ବସାଧାରଣ ସ୍ଥାନ ନାହିଁ। ଲୋକେ କେଉଁ ଦୋକାନ ବାରଣ୍ଡାରେ କିମ୍ୱା ଖରାରେ ଛିଡା ହୋଇ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ବସ ଅପେକ୍ଷାରେ ରହିଥାଆନ୍ତି। ତେଣୁ ତୁରନ୍ତ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ଦିଗରେ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ପାଇଁ ଯୁବ ବିଜେଡି ସମ୍ପାଦକ ସରୋଜ କୁମାର ତ୍ରିପାଠୀଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ଡୁଙ୍ଗୁରିପାଲିରେ ସଡ଼କ ସୁରକ୍ଷା ସଚେତନତା ଶିବିର

ଡୁଙ୍ଗୁରିପାଲି,୩।୩(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଆଞ୍ଚଳିକ ପରିବହନ ବିଭାଗ ଓ ମିନି ଟ୍ରକ ସଂଘ ଆନୁକୂଲ୍ୟରେ ଡୁଙ୍ଗୁରିପାଲିଠାରେ ରବିବାର ସଡ଼କ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ସଡକ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଦ୍ରୁତ ଗତି ମହାବିପତ୍ତି ଓ ଅନ୍ୟ ନିୟମକୁ ଉଲ୍ଲଂଘନ କରି ଗାଡି ଚଳାଇବା ହେତୁ ରାସ୍ତାରେ ଦୁର୍ଘଟଣା ଘଟିବା ସହ ମୃତ୍ୟୁ ଘଟୁଛି। ଏଣୁ ଜନସାଧାରଣ, ବିଭିନ୍ନ ବିଭାଗ, ଅନୁଷ୍ଠାନ, ଡ୍ରାଇଭର ମହାସଂଘ ସହଯୋଗ କରି ସଚେତନତା ସୃଷ୍ଟି କଲେ ଦୁର୍ଘଟଣା ହ୍ରାସ ପାଇବ ବୋଲି ଜେନା ଅବଗତ କରାଇ ଥିଲେ। ଏହି ଅବସରରେ ଜାତୀୟ ରାଜପଥ ଏଫସିଆଇ ଛକରୁ ଏକ ଶୋଭାଯାତ୍ରା ବାହାରି ଡୁଙ୍ଗୁରିପାଲି ସହର ପରିକ୍ରମା କରି ସଡକ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଶୋଭାଯାତ୍ରାରେ ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ବିଭାଗର ଅଧିକାରୀ, ମିନି ଟ୍ରକ ସଂଘ, ଡୁଙ୍ଗୁରିପାଲି ଡ୍ରାଇଭର ମହାସଂଘ, ଡୁଙ୍ଗୁରିପାଲି ପୋଲିସ ବାହିନୀ ଓ ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଏହି ଅବସରରେ ଡୁଙ୍ଗୁରିପାଲି ସହରର ରାସ୍ତା ପାର୍ଶ୍ୱରେ ସଡକ ସୁରକ୍ଷା ନେଇ ଏକ ସଭା ଅନୁଷ୍ଠିତ ହୋଇ ଥିଲା ।

# ବୃନ୍ଦାବତୀ ବିବାହ ସମ୍ପନ୍ନ

ଜଳନ୍ଧର ଦରବାରର ଦ୍ୱିତୀୟ ରଜନୀ

ଡୁଙ୍ଗୁରିପାଲି,୩।୩(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗ୍ରାମରେ ୫ ଗୋଟି ମନ୍ଦିର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆରମ୍ଭ ହୋଇଛି ଜଳନ୍ଧର ଦରବାର । ଜଳନ୍ଧର ଦରବାରର ଦ୍ୱିତୀୟ ରଜନୀ ଶନିବାର ସିନ୍ଧୁ ନଗରୀ ନରେଶ ଜଳନ୍ଧରଙ୍କ ସହ କାଳନେମୀଙ୍କ ଝିଅ ବୃନ୍ଦାବତୀଙ୍କ ବିବାହ ସମ୍ପନ୍ନ ହୋଇଛି । ଏଥିରେ କର୍ତ୍ତା ଭାବେ ଗାଁର ଗୌନ୍ତିଆ ସରୋଜ ବିଶ୍ୱାଳ ସପତ୍ନୀକ ଯୋଗଦେଇ କନ୍ୟାଦାନ କରିଥିଲେ । ରାଜକୀୟ ଅତିଥି ଭାବେ ପବିତ୍ର ମୋହନ ପାଣ୍ଡିଆ,ଦୀନବନ୍ଧୁ ସୁନା, ମହାଦେବ ଗଡତିଆ, ମୁକେଶ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ରାଜ ଦରବାରରେ ପୁଷ୍ପମାଲ୍ୟ ଓ ଉପଢ଼ୌକନ ଦିଆଯାଇ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମହାରାଜ ଜଳନ୍ଧର କହିଲେ ଯେ, ମୋ ପ୍ରଜାମାନେ କେବଳ ଦେବତାମାନଙ୍କୁ ପୂଜା କରି ଚାଲିଛନ୍ତି । ମୁଁ ଆଦେଶ ଦେଉଛି ଗୁପ୍ତଚର ବାହିନୀ କେ ଯେ ଏନ୍ତା ଭାବେ ମୋର କୀର୍ତ୍ତି, ଗର୍ବ ଓ ଗାରିମା କେ ପ୍ରଚାର ପ୍ରସାର କର, ଯେନ ଟା କି ଲୋକମାନେ ଦେବତାମାନଙ୍କ ପୂଜା ଛାଡି କରି ଜଳନ୍ଧରର ପୂଜା କରିବେ। ଏହି ଗୁରୁଦାୟିତ୍ୱ ନ୍ୟସ୍ତ କରୁଛି ମୋର ସିନ୍ଧୁନଗରୀର ସମସ୍ତ ଗୁପ୍ତଚର ବାହିନୀ ଉପରେ ବୋଲି ମହାରାଜ ଆଦେଶ ଦେଇଥିଲେ। ରାଜ ଦରବାରରେ ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା ଧର୍ମେନ୍ଦ୍ର ବିଶ୍ୱାଳ କରିଥିଲେ। ଜଳନ୍ଧର ଭୂମିକାରେ ଅଭିନୟ କରୁଥିବା ମଞ୍ଚ କଳାକାର ଜଗଦାନନ୍ଦ ମିଶ୍ରଙ୍କ ନିଖୁଣ ଅଭିନୟ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା। କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଚାଲିଥିବା ମୀନାବଜାରରେ ଦର୍ଶକଙ୍କ ଭିଡ଼ ଲାଗି ରହିଥିଲା।



ଜଳନ୍ଧର ଦରବାରରେ କଳାକାରମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

# ସଚେତନତା ବାର୍ତ୍ତା ଦେଉଛନ୍ତି ଦୃଷ୍ଟିହୀନ କଳାକାର

ଅମରପାଲି,୩।୩(ପୀତାମ୍ୱର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ଗ୍ରାମର ଦୃଷ୍ଟିହୀନ କଳାକାର ଗୌର ବଗର୍ତ୍ତି ଓ ସାଥୀ କଳାକାରଙ୍କ ଦ୍ୱାରା ଦାସକାଠିଆ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଚାର କରାଯାଉଛି। ସେ ଏହାମଧ୍ୟରେ ସ୍ଥାନୀୟ ବାଗବର, ଜଟେସିଂହା, ହିଲୁଙ୍ଗ ଓ ସୁବଳୟା ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ସଚେତନତା ବାର୍ତ୍ତା ପ୍ରଚାର କରିଛନ୍ତି। ଆମ ଓଡ଼ିଶା, ନବୀନ ଓଡ଼ିଶା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା, କାଳିଆ ଯୋଜନା ଭଳି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ପାଲା ମାଧ୍ୟମରେ ସେ ଜନସାଧାରଣଙ୍କୁ ଅବଗତ କରାଉଛନ୍ତି।

# ସୁସ୍ଥ ରାଷ୍ଟ୍ର ପାଇଁ ଆଦର୍ଶ ସାମ୍ବାଦିକ ଜରୁରୀ




ଉଦଘାଟନୀ ସଭାରେ ଅତିଥିମାନେ ।

## ଓଜେୟୁର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ସୋନପୁର,୩।୩(ମୃତ୍ୟୁଞ୍ଜୟ ଶତପଥୀ)

ଏକ ସୁସ୍ଥ ରାଷ୍ଟ୍ର ଗଠନରେ ଆଦର୍ଶ ସାମ୍ବାଦିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କାରଣ ସାମ୍ବାଦିକ ହିଁ ସରକାରଙ୍କ ଦୋଷ ଓ ଦୁର୍ବଳତାକୁ ଲୋକଲୋଚନକୁ ଆଣେ। ସାମ୍ବାଦିକଙ୍କ ଖବର ପରିବେଷଣ ପରେ ଅନେକ ସମସ୍ୟାର ସମାଧାନ ହୋଇଯାଏ ବୋଲି ଓଜେୟୁ(ଓଡ଼ିଶା ଜର୍ଣ୍ଣାଲିଷ୍ଟ ୟୁନିୟନ)ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ସୁବର୍ଣ୍ଣପୁର ଜିଲା ଶାଖାର ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଅତିଥି ବୃନ୍ଦ ଏହି ମତପ୍ରକାଶ କରିଛନ୍ତି। ରବିବାର ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବରେ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ ଯୋଗଦାନ କରି ଗଣମାଧ୍ୟମ ପ୍ରତିନିଧିଙ୍କ ଦ୍ୱାରା ଖବର ପ୍ରକାଶନ ପରେ ଅନେକ ସାମାଜିକ ସମସ୍ୟାର ସମାଧାନ ହୋଇ ପାରୁଥିବା କହିଥିଲେ । ଏହି ଅବସରରେ ଜିଲାପାଳ କାରଗିଲ ଯୁଦ୍ଧ, ହମାସ-ଇସ୍ରାଏଲ ଯୁଦ୍ଧ ଓ ବାଲେଶ୍ୱର ଜିଲାର ବାହାନଗା ରେଳ ଦୁର୍ଘଟଣାର ଖବର ପ୍ରସାରଣ ସମ୍ପର୍କରେ ଆଲୋଚନା କରିଥିଲେ । ଏସ୍‌ପି ୟସପ୍ରତାପ ଶ୍ରୀମାଲ ଯୋଗଦେଇ ସମାଜର ବିକାଶ, ଗଣତନ୍ତ୍ରର ସୁରକ୍ଷା, ଜନସଚେତନତା, ରାଷ୍ଟ୍ରୀୟ ଏକତା ରକ୍ଷା କରିବାରେ ଗଣମାଧ୍ୟମର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଓଡିଶା ସାମ୍ବାଦିକ ସଂଘର ରାଜ୍ୟ ସଭାପତି ଶଶୀଭୂଷଣ ପ୍ରହରାଜ ଓ ଅଧ୍ୟାପକ ମଦନ ସୁନ୍ଦର ଖେତି ଯୋଗଦେଇ ସାଂପ୍ରତିକ ସମୟରେ ଗଣମାଧ୍ୟମର ଭୂମିକା,ଫେକ୍ ନ୍ୟୁଜ ତଥା ଗଣମାଧ୍ୟମ ପ୍ରତିନିଧିଙ୍କ ନିଷ୍ଠାପର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ବୀରମହରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ଖବରଦାତାଙ୍କ ଦାବି ଯଥାର୍ଥ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ପୌରାଧ୍ୟକ୍ଷା ତମସୀ ତମସ୍ୱିତା ନାୟକ, ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ପ୍ରମୋଦ ସାହୁ, ଶଙ୍କର ଦାଶ, ଦୁର୍ଯ୍ୟୋଧନ ରାଉତ, ସନ୍ତୋଷ ମିଶ୍ର, ପିନାକୀ ପଣ୍ଡା, ଇଂ ଆଶିଷ ବାବୁ, ପ୍ରଶାନ୍ତ ବାବୁ, ପୀୟୁଷ ପଣ୍ଡା, ଶିବଦତ୍ତ ଚାନ୍ଦ ଓ ଉଲୁଣ୍ଡା ବନାଞ୍ଚଳ ଅଧିକାରୀ ସଞ୍ଜୀବ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମନୋରଞ୍ଜନ ତ୍ରିପାଠୀ ବୈଠକରେ ଅଧ୍ୟକ୍ଷତା କରିଥିଲେ । ଖବରଦାତା ଦିଲୀପ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମହାଦେବ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ତୃତୀୟ ପର୍ଯ୍ୟାୟରେ ସଂଘର ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା ରାଜ୍ୟ ଉପସଭାପତି ରମଣୀ ରଞ୍ଜନ ଦାସ, ଦୀପକ କୁମାର ନାୟକ, ସୁଶାନ୍ତ ମହାପାତ୍ର, ରାଜ୍ୟ ସମ୍ପାଦକ ରାଜକିଶୋର ତ୍ରିପାଠୀ, ବାଙ୍କ ବିହାରୀ ବିଶୋଇ ଏବଂ ସମସ୍ତ ଜିଲାର ସଭାପତିମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ.।

# ସବୁଜ ପରିବେଶ ବାର୍ତ୍ତା ନେଇ ସାଇକେଲରେ ଭାରତ ଭ୍ରମଣ

## ସଚେତନତା ସୃଷ୍ଟି କରୁଥିବା ଯୁବକଙ୍କୁ ବୌଦ୍ଧରେ ସ୍ୱାଗତ

ବୌଦ୍ଧ,୩।୩(ଅଜିତ କୁମାର ବାରିକ)

ସ୍ୱଚ୍ଛ, ସବୁଜ ପରିବେଶ ଓ ପ୍ରକୃତିର ସୁରକ୍ଷା ବାର୍ତ୍ତା ନେଇ ସାଇକେଲରେ ବୁଲି ସଚେତନତା ସୃଷ୍ଟି କରୁଥିବା ଯୁବକ ଭି.ବାର୍ତେଙ୍କୁ ବୌଦ୍ଧର ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଛି। ଗତ ଜାନୁୟାରୀ ୨୫ ତାରିଖରେ ସେ ମିଜୋରାମର ରାଜଧାନୀ ଆଇଜାଲରୁ ଭାରତ ଭ୍ରମଣ ଉଦ୍ଦେଶ୍ୟରେ ସାଇକେଲରେ ନିଜର ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ଶନିବାର ଦିନ ବୌଦ୍ଧରେ ପହଞ୍ଚିବା ପରେ ବୌଦ୍ଧ ନାଗରିକ ସଂଗଠନ, ଯୁବ ରେଡକ୍ରସ, ମାରୱାଡି ଯୁବାମଞ୍ଚ ପକ୍ଷରୁ ରାଜନପାଲିଠାରେ ସ୍ୱାଗତ କରାଯାଇଥିଲା। ଭି. ବାର୍ତେ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ମିଜୋରାମ ପଲ୍ୟୁସନ ବୋର୍ଡର ସହାୟତାରେ ଦେଶର ବିଭିନ୍ନ ରାଜ୍ୟ ସାଇକେଲରେ ବୁଲି ସାରିଲେଣି। ଏହି ଅବସରରେ ସେ ପ୍ରଦୁଷଣ ମୁକ୍ତ ସମାଜର ବାର୍ତ୍ତା ଦେବା ସହ ସାଇକେଲ ଚଳାଇ ସୁସ୍ଥ ରହିବାକୁ ଆହ୍ୱାନ କରିଥିଲେ। ସଂଗଠନ ପକ୍ଷରୁ ତାଙ୍କୁ ବୌଦ୍ଧ ମୂର୍ତ୍ତି ପ୍ରଦାନ କରାଯାଇଥିଲା। ସ୍ୱାଗତ ସମୟରେ ଯୁବ ରେଡ୍ରକସର ସଂପାଦକ ଅଧ୍ୟାପକ ପ୍ରବୀର କୁମାର ଦାସ, ଭାରତ ସ୍ୱାଭିମାନ ଟ୍ରଷ୍ଟ ସଭାପତି ଦେବାଶିଷ ପୁରୋହିତ, ମାରୱାଡି ଯୁବାମଞ୍ଚର ସୁନ୍ଦର ପ୍ରକାଶ, ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ , ବୁଦ୍ଧିଜୀବୀ, ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ । ସ୍ୱାଗତ ସମୟରେ ବଲାଙ୍ଗୀର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ ଅଧିକାରୀ ବବିତା ସିଂ ମଧ୍ୟ ଯୋଗଦେଇ ଉତ୍ସାହିତ କରିଥିଲେ । ସ୍ୱଚ୍ଛ ପରିବେଶ ଓ ସ୍ୱଚ୍ଛ ବାୟୁ ପାଇଁ ସବୁଜ ବନାନୀର ସୁରକ୍ଷା ଓ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ସେ ଦେଶବାସୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ୟମ କରୁଛନ୍ତି। ଏଥିପାଇଁ ସେ ସାଇକେଲରେ ୧୬ ହଜାର ୩୦୦କିଲୋମିଟର ଯାତ୍ରା କରିବେ।




ବୌଦ୍ଧରେ ଭି.ବାର୍ତେଙ୍କୁ ସ୍ୱାଗତ ସମୟରେ ଉପସ୍ଥିତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ।

# ରକ୍ତଦାନ ଶିବିର: ୫୪ ୟୁନିଟ ରକ୍ତ ସଂଗ୍ରହ



ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି ।

ତରଭା,୩।୩(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାହେଶ୍ୱରୀ ତରଫରୁ ଏକ ରକ୍ତଦାନ ଶିବିର ସ୍ଥାନୀୟ ମାରୱାଡି ଧର୍ମଶାଳାରେ ରବିବାର ଆୟୋଜିତ ହୋଇଯାଇଛି। ତରଭା ଏନଏସି ଉପ ନଗରପାଳ ଗଗନ କୁମାର ଅଗ୍ରୱାଲ,ମାହେଶ୍ୱରୀ ସଂଗଠନ ନିର୍ଦ୍ଦେଶକ ଅଙ୍କୁଶ ପଣ୍ଡିଆ ଓ ଉପଦେଷ୍ଟା ଦଶରଥ ସାହୁ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୫୪ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ କଲେଜ ଡାକ୍ତରଖାନାର ଡା. ସୁମିତ କୁମାର ମୁଣ୍ଡ, ଟେକ୍‌ନିସିଆନ ଜ୍ୟୋର୍ତିମୟୀ ନାଏକ, ଶେଖ ଅବଦୁଲ ଅସରଫ,ରଞ୍ଜିତ ବେହେରା, ସ୍ୱାଗତିକା ରାଉଳ, କେଶବ ସାଣ୍ଢ, ପ୍ରକାଶଚନ୍ଦ୍ର ନାଗ ରକ୍ତ ସଂଗ୍ରହ କରିଥିଲେ। ମାହେଶ୍ୱରୀ ସଂଗଠନ ତରଭାର ସଭାପତି ପ୍ରଦୀପ କୁମାର ମେହେରଙ୍କ ନେତୃତ୍ୱରେ ଆୟୁଷ କୁମାର ଅଗ୍ରୱାଲ, ମାଧବ ସାହୁ, ବୁବୁନ ରଣା,ରଘୁନାଥ ବେହେରା, ରିଙ୍କୁ ମେହେର, ପ୍ରଶାନ୍ତ ସେଠୀ,ସିଦ୍ଧାର୍ଥ ନାଗ , ମାନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଦ୍ୱିତୀୟ ଏକତା ମହୋତ୍ସବ ଉଦ୍‌ଘାଟିତ

ଅମରପାଲି,୩।୩(ପୀତାମ୍ବର ସାହୁ)

ବିଶ୍ୱଶାନ୍ତି ଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମହାକୁମ୍ଭ ଏକତା ମହୋତ୍ସବ ରବିବାର ସନ୍ଧ୍ୟାରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଉଦ୍‌ଘାଟିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲି ପଞ୍ଚାୟତର କଦଳିପାଲି ଛକରେ ହେଉଥିବା ଏକତା ମହୋତ୍ସବ ଚଳିତବର୍ଷ ଦ୍ୱିତୀୟ ବର୍ଷରେ ପହଞ୍ଚିଛି। ଏକତା ଗ୍ରୁପ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଆୟୋଜକ ସଭାପତି ପାଣିନି ପ୍ରାଞ୍ଜ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସସ୍ମିତା ଦୀପ ଏବଂ ସମ୍ମାନିତ ଅତିଥି ଭାବେ ସ୍ୱେଚ୍ଛାସେବୀ ପ୍ରଦୀପ ବାଦୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାସହିତ ଜଳନ୍ଧର ଦରବାର ମଧ୍ୟ ଉଦ୍‌ଘାଟନ ହୋଇଯାଇଛି। ଚଳିତବର୍ଷ ବରଗଡ ଜିଲା ବରପାଲିର ବଟକୃଷ୍ଣ ସାହୁ ଜଳନ୍ଧର ଭୂମିକାରେ ଅଭିନୟ କରୁଛନ୍ତି। ଜଳନ୍ଧର ଦରବାର ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହୋଇଥିଲା । ଜଳନ୍ଧର ଦରବାରରେ ରାଜଅତିଥିମାନେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ପରିବେଷଣ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। କିଙ୍ଗ ରିଦିମ ଗ୍ରୁପ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାସହିତ ମୀନା ବଜାରରେ ଘରକରଣା ସାମଗ୍ରୀ କିଣାବିକା ସହିତ ଲୋକେ ଚଟପଟି ଖାଦ୍ୟର ମଜା ନେଇଥିଲେ। ଏହି ଅବସରରେ ଅଞ୍ଚଳର ଶତାଧିକ ଦର୍ଶକଙ୍କ ସମାଗମ ହୋଇଥିଲା। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକ ଏହାର ମଜା ନେଇଥିଲେ।




ଏକତା ମହୋତ୍ସବର ଉଦ୍‌ଘାଟନ ଅବସରରେ ଅତିଥି ବୃନ୍ଦ ।

## ଜଳନ୍ଧର ଦରବାର, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ଦେବଗଡ, ୩।୩(ଶଶାଙ୍କ ଶେଖର ଝାଙ୍କର)

ସାଥୀ ଶ୍ରମିକଙ୍କ ଜୀବନ ବଞ୍ଚାଇବାକୁ ଯାଇ ପ୍ରାଣ ହାରିଲେ ଯୁବକ। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଦେବଗଡ ଥାନା ଅନ୍ତର୍ଗତ ସାମନ୍ତାପାଲି ଗ୍ରାମ ନିକଟସ୍ଥ ପଲଟନଗୁଡାରେ। ମିଳିଥିବା ସୂଚନା ଅନୁଯାୟୀ, ରବିବାର ଅପରାହ୍ନ ପ୍ରାୟ ୨ଟା ସମୟରେ ପଲଟନଗୁଡାରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘର ଅଗଣାରେ ପୌରାଞ୍ଚଳ ମିରିଗିଡିଆସାହିର ଉଦୟ ହେନେଜ (୫) ଓ ଟୁନା ପୂର୍ତ୍ତୀ(୩୦)ଅନ୍ୟ ଜଣେ ଶ୍ରମିକଙ୍କ ସହିତ ମିଶି ଏକ ଟ୍ରକରୁ ପ୍ଲାଇ ବୋର୍ଡ ଓହ୍ଲାଉଥିଲେ। ତେବେ ଅସାବଧାନତା ଯୋଗୁ ଉଦୟଙ୍କ ହାତ ଅଳ୍ପ ଉଚ୍ଚରେ ଥିବା ଖୁଲା ବିଦ୍ୟୁତ୍ ତାରରେ ଲାଗିଯିବାସହ ସେ ଉକ୍ତ ତାରରେ ଲଟକି ଯାଇଥିଲେ। ଏହାଦେଖି ସାଥୀ ଶ୍ରମିକ ଟୁନା ତାଙ୍କୁ ବଞ୍ଚାଇବାକୁ ଯାଇ ଟାଣିବାରୁ ସେ ମଧ୍ୟ ବିଦ୍ୟୁତ୍ ଅଘାତରେ ତଳକୁ ଛିଟିକି ପଡିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ଟୁନାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ଉଦୟଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଦେବଗଡ ଥାନା ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମୃତ ଟୁନା ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଶାସନ ପକ୍ଷରୁ ତାଙ୍କ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଦାବି ଜଣାଇଛନ୍ତି।

### ଜିଲା କୃଷକ ସଂଘର୍ଷ ସଂଘ ବୈଠକ

ଦେବଗଡ, ୩।୩(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ଦନ୍ତାରୀବାହାଲ ପଞ୍ଚାୟତ ସଦର ମହକୁମାରେ ରବିବାର ଦେବଗଡ ଜିଲା କୃଷକ ସଂଘର୍ଷ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷକ ସଂଘର୍ଷ ସଂଘର ଉପସଭାପତି ଦେବରାଜ ପ୍ରଧାନଙ୍କ ତତ୍ତ୍ୱାବଧାନ ଓ ସାଧାରଣ ସମ୍ପାଦକ ଗୁଣନିଧି ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ଜିଲା କୃଷକ ସଂଘର୍ଷ ସଂଘର ସଭାପତି ସେମ ହେମ୍ବ୍ରମ ଯୋଗଦେଇ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କ ସହ ବିଭିନ୍ନ ସମସ୍ୟା ଓ ଏ ଗୁଡିକର ସମାଧାନ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲା କୃଷକ ସଂଘର୍ଷ ସଂଘର ବଂଶୀଧର ସାହୁ, ଲଳିତ ମୋହନ ବେହେରା, ସୁରଥ ମୋହନ ପ୍ରଧାନ, ବୈକୁଣ୍ଠ ଦେହୁରୀ ଓ ଅକ୍ଷୟ କୁମାର ପ୍ରଧାନଙ୍କ ସମେତ ଦନ୍ତାରୀବାହାଲ ପଞ୍ଚାୟତର ବହୁ ମହିଳା ଓ ପୁରୁଷ ଚାଷୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୮ ସୁଦ୍ଧା ପୋଲ ନିର୍ମାଣ ନ ହେଲେ ଭୋଟ ବର୍ଜନ ଚେତାବନୀ

## ତିଳେଇପୋଷି ଟିଙ୍କିରା ନଦୀଘାଟରେ ପୋଲ ନିର୍ମାଣରେ ବିଳମ୍ବ

ଦେବଗଡ,୩।୩
(ଶଶାଙ୍କ ଶେଖର ଝାଙ୍କର)


ନଦୀ ପାର ହୋଇ ଗ୍ରାମବାସୀ ଯାଉଛନ୍ତି।

ଦେବଗଡ ଜିଲା ରିଆମାଳ ବ୍ଲକ ବୁଢାପାଳ ପଞ୍ଚାୟତର ତିଳେଇପୋଷି, ଜୁରାଡଙ୍ଗା ଓ ନାତରିପାଳ ଗ୍ରାମ ଟିଙ୍କିରା ନଦୀର ଅପର ପାର୍ଶ୍ୱରେ ରହିଛି। ମାତ୍ର ଟିଙ୍କିରା ନଦୀରେ ପୋଲ ନ ଥିବାରୁ ସମ୍ପୃକ୍ତ ଅଞ୍ଚଳର ପ୍ରାୟ ୨ ହଜାର ଲୋକ ଭଡା ଠାରୁ ଆରମ୍ଭ କରି ରାସନ ସାମଗ୍ରୀ, ଅତ୍ୟାଶ୍ୟକ ସାମଗ୍ରୀ, ପନିପରିବା କ୍ରୟ ବିକ୍ରୟ ସମେତ ସ୍କୁଲ କଲେଜ ଯାତାୟତ, ବ୍ୟାଙ୍କ ଓ ବିଦ୍ୟୁତ୍ ସେବା ଓ ପୋଲିସ ସେବା କ୍ଷେତ୍ରରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ଓ ଆନ୍ଦୋଳନ ପରେ ସରକାର ଉକ୍ତ ନଦୀ ଉପରେ ବିଜୁ ସେତୁ ଯୋଜନାରେ ଏକ ସ୍ଥାୟୀ ପୋଲ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ନଦୀର ଗାଡିଆପାଳ-ତିଳେଇପୋଷି ନଦୀ ଘାଟରେ ପୋଲ ନିର୍ମାଣ ପାଇଁ ୨୦୨୨ ନଭେମ୍ବରରେ ମୃତ୍ତିକା ପରୀକ୍ଷା କରାଯାଇଥିଲା। ୨୦୨୨-୨୩ରେ ଏଥି ନିମନ୍ତେ ପ୍ରଶାସନିକ ଅନୁମୋଦନ ହେବାସହ ପୋଲ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଶେଷ ହୋଇଥିଲା। ମାତ୍ର ଅଦ୍ୟାବଧି ପ୍ରସ୍ତାବିତ ସ୍ଥାନରେ ପୋଲ ନିର୍ମାଣ ନେଇ କୌଣସି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ରବିବାର ବୁଢାପାଳ ପଞ୍ଚାୟତ ଗାଡିଆପାଳ ଗ୍ରାମ ନିକଟସ୍ଥ ଟିଙ୍କିରା ନଦୀ କୂଳରେ ଟିଙ୍କିରା ସେତୁ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ତିଳେଇପୋଷି ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଞ୍ଚଳବାସୀଙ୍କ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ପୂର୍ବତନ ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ସମ୍ମିଳନୀରେ ବୁଢାପାଳ ସରପଞ୍ଚ ଦିଲ୍ଲୀପ କୁମାର ଆଚାର୍ଯ୍ୟଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ବହୁ ମହିଳା ଓ ପୁରୁଷ ଯୋଗଦେଇ ପ୍ରସ୍ତାବିତ ସ୍ଥାନରେ ପୋଲ ନିର୍ମାଣରେ ଅହେତୁକ ବିଳମ୍ବତା ପାଇଁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଅବିଳମ୍ବେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଥିଲେ। ଯଦି ଆଗାମୀ ୮ ତାରିଖ ସୁଦ୍ଧା ଗାଡିଆପାଳ-ତିଳେଇପୋଷି ନଦୀ ଘାଟରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରା ନ ଯାଏ ତେବେ ରାସ୍ତା ରୋକ ଆନ୍ଦୋଳନ କରାଯିବା ସହ ସେମାନେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଥିଲେ।

# ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ଯୁବକ ଗିରଫ

ରାଜଗାଙ୍ଗପୁର,୩।୩(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତଥା କାଂଶବାହାଲ ଫାଣ୍ଡି ଅଧୀନ ଏକ ଗ୍ରାମର ଜଣେ ନାବାଳିକାଙ୍କ ସହ ତାଙ୍କ ପଡ଼ୋଶୀ ୧ବର୍ଷ ଧରି ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଘଟଣା ସାମ୍ନାକୁ ଆସିବା ପରେ ପୋଲିସ ଅଭିଯୁକ୍ତ ସୁରେଶ ସୁନାନି (୩୨)ଙ୍କୁ ରବିବାର ଗିରଫ କରିଛି। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ସୁରେଶ ନାବାଳିକାଙ୍କ ସହ ୧ ବର୍ଷ ଧରି ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଘଟଣା ସମ୍ପର୍କରେ ଅନ୍ୟ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ସେ ଧମକ ଦେଇଥିଲେ। ନାବାଳିକା ଜଣଙ୍କ ଭୟରେ ଘଟଣା ସମ୍ପର୍କରେ କେଉଁଠି ବି ପ୍ରକାଶ କରୁ ନ ଥିଲେ। ହେଲେ ଭୁଲ୍‌ବଶତଃ ନାବାଳିକା ଜଣକ ନିଜ ମା'ଙ୍କ ହ୍ୱାଟ୍ସଆପ୍ ଷ୍ଟାଟସରେ ନିଜର ଅଶ୍ଳୀଳ ଫଟୋ ଦେବା ପରେ ଘଟଣା ସାମ୍ନାକୁ ଆସିଥିଲା। ନାବାଳିକାଙ୍କୁ ଏହି ବିଷୟରେ ପଚାରିବାରୁ ସେ ଘଟଣା ସମ୍ପର୍କରେ କହିଥିଲେ। ଏନେଇ ପରିବାର ଲୋକେ ରାଜଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ଓ କାଂଶବାହାଲ ଫାଣ୍ଡି ଅଧିକାରୀ ପ୍ରଭସିମରନ ସିଂ ତଦନ୍ତକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ଉନ୍ନୟନ ପ୍ରକଳ୍ପର ଭୂମିପୂଜନ, ଶିଳାନ୍ୟାସ

ରାଉରକେଲା,୩।୩(ବିପ୍ଳବ ରଞ୍ଜନ ଦାଶ)

ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀର ସେକ୍ଟର-୬ ବସ୍ତି ଓ ମନ୍ଦିରର ଉନ୍ନତୀକରଣ ହେବ। ଏଥିପାଇଁ ରବିବାର ରଘୁନାଥପାଲୀର ବିଧାୟକ ସୁବ୍ରତ ତରେଇ ଭୂମିପୂଜନ ସହିତ ଶିଳାନ୍ୟାସ କରିଛନ୍ତି। ସେକ୍ଟର-୬ ସ୍ଥିତ ଜଗନ୍ନାଥ ମନ୍ଦିର ରଥ ଖଳାରେ କମ୍ୟୁନିଟି ହଲ ପାଇଁ ୫ଲକ୍ଷ, କଲ୍ୟାଣୀ ରାୟ କଲୋନୀ ରୋଡ୍ ପାଇଁ ୧.୨୫ ଲକ୍ଷ, ଖଟାଲ ରୋଡ୍ ପାଇଁ ୩.୫୦ ଲକ୍ଷ ଏବଂ ସାଇ ମନ୍ଦିରର କମ୍ୟୁନିଟି ହଲ ପାଇଁ ୨୫ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। କାର୍ଯ୍ୟକ୍ରମରେ ବିଜେଡି ଜିଲା ସାଧାରଣ ସମ୍ପାଦକ ଗଣେଶ୍ୱର ରାୟ, ୟୁନିଟ ସଭାପତି ଦିଲୀପ କୁମାର ଦାସ, ଯୁବନେତା ସତ୍ୟାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସିପିଆଇ(ଏମ୍)ର କର୍ମୀ ସମ୍ମିଳନୀ


ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଟେନ୍‌ସା,୩।୩
(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା ବଣାଇଁ ନିର୍ବାଚନମଣ୍ଡଳୀ କୋଇଡ଼ା ବ୍ଲକ ଅନ୍ତର୍ଗତ କୁସୁମଣ୍ଡିହି ଗ୍ରାମରେ ରବିବାର ସିପିଆଇ(ଏମ୍)ର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ କମାଣ୍ଡ ଓ କୁସୁମଣ୍ଡିହିର ୫୦୦ କର୍ମୀଙ୍କୁ ନେଇ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ସ୍ଥାନୀୟ ଗ୍ରାମର ୧୫ ଜଣ ନୂତନ କାର୍ଯ୍ୟକର୍ତ୍ତା ପାର୍ଟିରେ ଯୋଗଦେଇଥିଲେ। ଚେୟାରମ୍ୟାନ ସୁରେଶ ନାୟକ, ସରପଞ୍ଚ ପାନମତି ଦେହୁରୀ, ସିଆଇଟିୟୁ ରାଜ୍ୟ ସମ୍ପାଦକ ପ୍ରଭାତ ପଣ୍ଡା, କୃଷ୍ଣ ଚନ୍ଦ୍ର ବାରିକ, ସୁରେଶ ମୁଦୁଲି, ପ୍ରଭାତ ପାତ୍ର, ସନ୍ତୋଷ ଘଣା, ସନ୍ତୋଷ ସାହୁ, ଏଚ୍. କେ. ବାରିକ, ସୁଦର୍ଶନ ପାତ୍ର, ହରିମନ ବାରିକ, ମିଟୁ ବାରିକ, ସଞ୍ଜୟ ବେହେରା, ଶମ୍ଭୁ ଘଣା, ଭୀମ ଘଣା, ହରିଶ ରାୟ, ବିଶ୍ୱଜିତ ବାରିକ ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନରେ ଲକ୍ଷ୍ମଣ ମୁଣ୍ଡାଙ୍କୁ ଜିତାଇବା ସହ ପାର୍ଟିର ବିଜୟଧାରାକୁ ବଜାୟ ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ।

### ବିପଦସଙ୍କୁଳ ଅବସ୍ଥାରେ ଦୋକାନ ଗୃହ

ହେମଗିର,୩।୩(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିରଠାରେ ଜିଲା ଖଣିଜ ପଦାର୍ଥ ପାଣ୍ଠି ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ହେଲେ ଦୋକାନ ଗୃହ ନିର୍ମାଣର କିଛିଦିନ ପରେ କାନ୍ଥଗୁଡିକରେ ଫାଟ ସୃଷ୍ଟି ହେବା ସହ ବର୍ଷାଦିନରେ ପାଣି ଗଳୁଛି। ଅନେକ ସ୍ଥାନରେ ନିମ୍ନମାନର ଟାଇଲ୍ସ ଲାଗିବା ଯୋଗୁ ସେସବୁ ଭାଙ୍ଗିରୁଜି ଗଲାଣି। ତେବେ ଏନେଇ ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି ।

### ରାଜଗାଙ୍ଗପୁରରେ ପୋଲିଓ ଟିକାକରଣ

ରାଜଗାଙ୍ଗପୁର,୩।୩(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ପୋଲିଓ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜଗାଙ୍ଗପୁର ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଉପନଗରପାଳ ମହମ୍ମଦ ଇରଫାନ ଯୋଗଦେଇ ଏହାର ଶୁଭାରମ୍ଭ କରିବା ସହ ଶିଶୁଙ୍କ ପାଟିରେ ୨ ବୁନ୍ଦା ପୋଲିଓ ବୁନ୍ଦା ଦେଇଥିଲେ। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଜଗଦିଶ ଟପ୍ପୋ, ସ୍ୱାସ୍ଥ୍ୟ କର୍ମୀ ବି ଶଂକରରାଓ, ଫାର୍ମାସିଷ୍ଟ ଅଫିସର ରଞ୍ଜିତ ବାରିକ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସୋମବାର ଠାରୁ ପ୍ରତି ୱାଡ ଓ ଗ୍ରାମରେ ଏହି ପୋଲିଓ ବୁନ୍ଦା ଦିଆଯିବାର ବ୍ୟବସ୍ଥା କରାଯାଇଛି।

# ଅଫିମ ଚାଷ ନଷ୍ଟକଲା ଅବକାରୀ ବିଭାଗ

- ବିଦେଶୀ ଶୋରିଷ ନାମରେ ଚାଲିଥିଲା ଅଫିମ ଚାଷ
- ଉଚ୍ଚସ୍ତରୀୟ ତଦନ୍ତ ଦାବି

ଦେବଗଡ,୩।୩
(ଶଶାଙ୍କ ଶେଖର ଝାଙ୍କର)


ଅବକାରୀ ବିଭାଗ କର୍ମଚାରୀମାନେ ଅଫିମ ଚାଷ ନଷ୍ଟ କରୁଛନ୍ତି।

ରିଆମାଳ ବ୍ଲକ ଗୁଣ୍ଡିଆପାଲି ପଞ୍ଚାୟତ ଧଉରାଗୋଠ ଗ୍ରାମରେ ରବିବାର ବିପୁଳ ପରିମାଣର ଅଫିମ ଚାଷ ନଷ୍ଟ କଲା ଅବକାରୀ ବିଭାଗ। ଏନଡିପିଏସ ଆକ୍ଟରେ ଏକ ମାମଲା ରୁଜୁକରି ଅଫିମ ଚାଷ କରିଥିବା ଜନ ଟାଓଙ୍କୁ ଗିରଫ କରାଯାଇଛି। ଏଥିରେ ଆଉ କାହାର ସମ୍ପୃକ୍ତି ଅଛି କି ନାହିଁ ତାହାର ତଦନ୍ତ ଚାଲିଛି। ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ନଷ୍ଟ କରାଯାଇଥିବା ଅଫିମର ଆନୁମାନିକ ବଜାର ଦର ପ୍ରାୟ ଏକ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଧଉରାଗୋଠ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରାୟ ୩ ବର୍ଷ ହେଲା ଉକ୍ତ ନିର୍ଦ୍ଦିଷ୍ଟ ସରକାରୀ ଜମିରେ ଅଫିମ ଚାଷ ହୋଇ ଆସୁଥିଲା। କେହି ଉକ୍ତ ବଗିଚା ନିକଟକୁ ଗାଈ କିମ୍ବା ଛେଳି ଚରାଇବାକୁ ଗଲେ ଜନ ବାରଣ କରିବାସହ ବିଭିନ୍ନ ଧମକ ଚମକ ଦେଇ ଆଖପାଖରେ ପୂରାଇ ଦେଉ ନ ଥିଲା। କେହି ପଚାରିଲେ ଏହା ଏକ ବିଦେଶୀ ପ୍ରଜାତିର ଶୋରିଷ ଚାଷ ବୋଲି କୁହୁଥିଲେ। ତେବେ ଫଳ ବଡ ହେବାରୁ ଏହା ବିଦେଶୀ ଶୋରିଷ ହୋଇ ନ ଥିବା ଜାଣି ଗ୍ରାମର କେତେକ ଯୁବକ ଏହି ଫଳର ଚିତ୍ର ଉତ୍ତୋଳନ କରି ଗୁଗୁଲରେ ସର୍ଚ୍ଚ କରିଥିଲେ। ଏହା ନିଷିଦ୍ଧ ଅଫିମ ବୋଲି ଜାଣିବାକୁ ପାଇଥିଲେ। ଗ୍ରାମର ବହୁ ମହିଳା ଓ ପୁରୁଷ ଉକ୍ତ ବଗିଚାରେ ସଂଘବଦ୍ଧ ଭାବେ ଚଢ଼ଉ କରିବାସହ ଅଫିମ ଚାଷରେ ସଂପୃକ୍ତ ଜନଙ୍କୁ କାବୁ କରିଥିଲେ। ତେବେ ଅନ୍ୟ ଜଣେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ଅବକାରୀ ବିଭାଗ ଅଧିକ୍ଷିକା ବାସନ୍ତୀ ପ୍ରଭା ନାୟକ ଓ ଇନ୍‌ସପେକ୍ଟର ମଧୁସୂଦନ ସାହୁ ସଦଳବଳେ ସେଠାରେ ପହଞ୍ଚି ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅଫିମ ଗଛ ଗୁଡିକୁ ଉପାଡି ନିଆଁ ଲଗାଇ ପୋଡି ଦେଇଥିଲେ। ତେବେ ବେଆଇନ ଅଫିମ ଚାଷ ଘଟଣାରେ ଅନେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତ ଥିବା ଏବଂ ଅବକାରୀ ବିଭାଗ ଜ୍ଞାତସାରରେ ଏଭଳି ବେଆଇନ ଚାଷ ହେଉଥିବା ଦର୍ଶାଇ ଘଟଣାର ସଠିକ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରୁଛନ୍ତି। ଏଥିସହ ଘଟଣା ଜଣାପଡିବା ପରେ ସମଗ୍ର ଜିଲାରେ ଆଲୋଡନ ସୃଷ୍ଟି ହୋଇଛି।

# ସବ୍‌ଡେଗାରେ ବିଜୁ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି ବୈଠକ

ସବ୍‌ଡେଗା,୩।୩ (ଅନନ୍ତ ପଟେଲ)

ସୁନ୍ଦରଗଡ ଜିଲା ତଳସରା ନିର୍ବାଚନ ମଣ୍ଡଳୀ ସବ୍‌ଡେଗା ଠାରେ ମାର୍ଚ୍ଚ ୫ରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସବ୍‌ଡେଗା ବ୍ଲକ ବିଜେଡି ସଭାପତି ମନୋଜ ବରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଜୟନ୍ତୀ ପାଳନ ଦିନ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ନେଇ ଆଲୋଚନା କରାଯାଇଥିଲା। ।ଏଥିପାଇଁ ତଳସରା ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତରୁ ବିଜେଡି କର୍ମୀ, ଯୁବ, ଛାତ୍ର ଓ ମହିଳା ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ମାଝି,ସବ୍‌ଡେଗା ବ୍ଲକ ବିଜେଡି ଯୁବ ସଭାପତି ଅନନ୍ତ ପଟେଲ, ଜିଲ୍ଲା ପରିଷଦ ସଭ୍ୟା ଜଳନି କେରକେଟା,ବରିଷ୍ଠ ବିଜେଡି ନେତା ଧବଳେଶ୍ୱର ନେଗି, ଅକ୍ଷୟ ନାଏକ, ସୁଦାମ ଭୋଇ, ଗୀତାଞ୍ଜଳି ପଟେଲ, ରାଜକୁମାର ବାର୍ଲା, ଉପେନ୍ଦ୍ର ଚିଉା, ଗୋବିନ୍ଦ ସିଂ, ସିଦ୍ଧେଶ୍ୱର କର୍ସେଲ, କୁମ୍ଭକର୍ଣ୍ଣ ଦଣ୍ଡସେନା, ବେଦପ୍ରକାଶ ନାୟକ, କୈଳାଶ କଣ୍ଡାରି, ସିଦ୍ଧେଶ୍ୱର କର୍ସେଲଙ୍କ ସମେତ ବାଲିଶଙ୍କରା ଓ ସବ୍‌ଡେଗା ବ୍ଲକର ସମସ୍ତ ପଞ୍ଚାୟତ ସଭାପତି ଓ ଯୁବ ସଭାପତି ଯୋଗଦେଇଥିଲେ ।

# ବିଜୁ ଜୟନ୍ତୀ ପାଳନ ପାଇଁ ସୁନ୍ଦରଗଡ଼ରେ ପ୍ରସ୍ତୁତି ବୈଠକ

ସୁନ୍ଦରଗଡ,୩।୩(ଜୟ ନାରାୟଣ ମେଷ୍ଟ୍ରି)

ପ୍ରବାଦ ପୁରୁଷ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ପାଳନ ପାଇଁ ସୁନ୍ଦରଗଡ ବିଜୁ ଜନତା ଦଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଟାଉନ ସଭାପତି ତଥା ଉପନଗରପାଳ ଲଲାଟେନ୍ଦୁ ପରିଡ଼ାଙ୍କ ସଭାପତିତ୍ୱରେ ସ୍ଥାନୀୟ ସାର୍କିଟ ହାଉସଠାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ମାର୍ଚ୍ଚ ୫ ତାରିଖ ସକାଳ ସାଢେ ୮ଟାରେ ସ୍ଥାନୀୟ ରାଣିବଗିଚା ବାଇପାସ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସକାଳ ୯ଟାରେ ସ୍ଥାନୀୟ ଆଦୃତ ବାଲାଶ୍ରମରେ ଫଳ ବଣ୍ଟନ କରାଯିବ। ସକାଳ ସାଢେ୯ଟାରେ ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନାର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯିବ। ଅପରାହ୍ନ ୪ଟାରେ ସାର୍କିଟ ହାଉସଠାରେ ପ୍ରବାଦ ପୁରୁଷ, ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ସ୍ମୃତି ସଭା ଅନୁଷ୍ଠିତ ହେବାକୁ ସ୍ଥିର କରାଯିବା ସହିତ ଏହି ସଭାରେ ସମସ୍ତ ଦଳୀୟ ନେତା, କର୍ମୀ ଏବଂ ବିଜୁପ୍ରେମୀଙ୍କୁ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। ଏହି ବୈଠକରେ ବରିଷ୍ଠନେତା ତଥା ଜିଲା ବିଜେଡି ଉପସଭାପତି ଜୟ ନାରାୟଣ ତ୍ରିପାଠୀ, ଅନ୍ୟତମ ଜିଲା ବିଜେଡି ଉପସଭାପତି ଗୋପ ମହାନ୍ତି, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଏସଡିସି ଚେୟାରମ୍ୟାନ ସନ୍ତୋଷ ଅମାତ, ଜିଲା ଛାତ୍ର ବିଜେଡି ସଭାପତି ସେହେବାଜ ହୁସେନ, ଜିଲା ବିଜେଡି ସମ୍ପାଦକ ପଞ୍ଚା ବାର୍ଲା, ଗୌରାଙ୍ଗ ଧଳ, କାଉନସିଲର ହେମନ୍ତ ପାଢ଼ୀ, ସୁମନ୍ତ ସାହୁ, ଟାଉନ ବିଜେଡିର ପୂର୍ବତନ ଉପସଭାପତି ଅଶୋକ ମହାନ୍ତି, କୌଶିକ ପଟେଲ, ତାପସ ପଣ୍ଡା, ସରଫରାଜ ଅହମଦ, ଋତୁରାଜ ପୁରୋହିତ, ଅମନ ହୁସେନ, ସୁଶାନ୍ତ ଦେବ, ରଜା ହୋତା, ସୁଧାଂଶୁ ଦାସ, ମଙ୍ଗଳ ପ୍ରଜାପତି, ସୌମ୍ୟ ସାହୁ, ବଷ୍ଟି ପଟେଲଙ୍କ ସହିତ ଅନେକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

# ଝାରସୁଗୁଡ଼ାକୁ ହରାଇ କେନ୍ଦୁଝର ଚାମ୍ପିୟନ

## ବଜରଙ୍ଗ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ,୩।୩
(ଶଶାଙ୍କ ଶେଖର ଝାଙ୍କର)



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ଓ ଚେକ୍ ପ୍ରଦାନ କରୁଛନ୍ତି।

ଦେବଗଡ ପୌରାଞ୍ଚଳ ମହୁଲଡିପାସାହି (୧୧ନଂ. ୱାର୍ଡ)ନାଳ ପଡିଆଠାରେ ମହାବୀର କ୍ଲବ ଆନୁକୂଲ୍ୟରେ ଗତ ୨୪ ତାରିଖ ଠାରୁ ଆରମ୍ଭ ହୋଇଥିବା ୧୪ଶ ବଜରଙ୍ଗ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଝାରସୁଗୁଡାର ସୁଭମ ସ୍ପୋର୍ଟିଂକୁ ୫୫ ରନରେ ପରାସ୍ତ କରି କେନ୍ଦୁଝରର ୱେଭ ଷ୍ଟର୍ମ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ ସମ୍ବଲପୁରର ମୁକେଶ ଦଳେଇ ଓ କୁଚିଣ୍ଡାର ଡିଲେଶ୍ୱର ଦାସଭାୟା ପରିଚାଳନା କରିଥିଲେ। ବି.କ୍ଷୀରୋଦ କୁମାର, ପରିତୋଷ ସାହୁ ଓ ରୁଦ୍ର ଭଞ୍ଜ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ଭାଷ୍ୟକାର ଭାବେ ରଞ୍ଜନ କୁମାର ସାହୁ ଓ ବେଣୁଧର ଗଡନାୟକ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ମହାବୀର କ୍ଲବର ସଭାପତି କାର୍ତ୍ତିକ ମହାକୁଳଙ୍କ ସଭାପତିତ୍ୱ ଓ ଉପସଭାପତି ପ୍ରୀତମ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନୀତ ଅତିଥିଭାବେ ଜିଲା କ୍ରିକେଟ ଆସୋସିଏଶନର ସମ୍ପାଦକ ଇଂ ସୁଜିତ କୁମାର ପ୍ରଧାନ, ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ବରିଷ୍ଠ ଆଇନଜୀବୀ ସଚ୍ଚିକାନ୍ତ ଦାଶ, ସ୍ୱେଚ୍ଛାସେବୀ ଭୋଳେଶ୍ୱର ପ୍ରଧାନ, ବସନ୍ତ କୁମାର ବେହେରା ଓ ଅରୁଣ କୁମାର ଭଞ୍ଜ ଯୋଗଦେଇ ଚାମ୍ପିୟାନ କେନ୍ଦୁଝରର ୱେଭ ଷ୍ଟର୍ମ ଓ ରନର୍ସ ଅପ ଝାରସୁଗୁଡାର ସୁଭମ ସ୍ପୋର୍ଟିଂକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ ନିମନ୍ତେ ସୌଭାଗ୍ୟ ରାଉତଙ୍କୁ ମ୍ୟାନ ଅଫ ଦ ମ୍ୟାଚ, ଭରତ ସ୍ୱାଇଁଙ୍କୁ ମ୍ୟାନ ଅଫ ଦ ସିରିଜ, ଶ୍ରେଷ୍ଠ ବୋଲର ଭାବେ ଏମ୍ଡି ଆବୁଜାର ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ବିଶାଲ ହାତୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତା ଆୟୋଜନରେ ମହାବୀର କ୍ଲବର ଆଲୋକ ମହାପାତ୍ର, ସୁବାସ ପ୍ରଧାନ, ପ୍ରଶାନ୍ତ କୁମାର ଭଞ୍ଜ, ସ୍ୱସ୍ତିକ ମହାପାତ୍ର, ଅଭିଳାଶ ମିଶ୍ର, ବିକାଶ କୁମାର ପ୍ରଧାନ, ଦୀପକ କୁମାର ସାହୁ, ରାକେଶ ଦାଶ, ତନ୍ମୟ ଘୋଷ, ରଞ୍ଜନ ଶଙ୍ଖାରୀ, ଆଶିଷ ଦଣ୍ଡିଆ, ଅଜିତ ଦଣ୍ଡିଆ, ତନ୍ମୟ ପ୍ରଧାନ, ନିଳାଞ୍ଚଳ ନାଏକ, ରଞ୍ଜନ କୁମାର ସାହୁ, ବି. କ୍ଷୀରୋଦ କୁମାର, ଅମରେଶ ଦେବ, ଗଣେଶ ବାଘ ଓ ପରିତୋଷ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ରାଜୀବ ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବିପଦସଙ୍କୁଳ ଅବସ୍ଥାରେ ଦୋକାନ ଗୃହ

ହେମଗିର,୩।୩(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିରଠାରେ ଜିଲା ଖଣିଜ ପଦାର୍ଥ ପାଣ୍ଠି ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ହେଲେ ଦୋକାନ ଗୃହ ନିର୍ମାଣର କିଛିଦିନ ପରେ କାନ୍ଥଗୁଡିକରେ ଫାଟ ସୃଷ୍ଟି ହେବା ସହ ବର୍ଷାଦିନରେ ପାଣି ଗଳୁଛି। ଅନେକ ସ୍ଥାନରେ ନିମ୍ନମାନର ଟାଇଲ୍ସ ଲାଗିବା ଯୋଗୁ ସେସବୁ ଭାଙ୍ଗିରୁଜି ଗଲାଣି। ତେବେ ଏନେଇ ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି ।

### ରାଜଗାଙ୍ଗପୁରରେ ପୋଲିଓ ଟିକାକରଣ

ରାଜଗାଙ୍ଗପୁର,୩।୩(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ପୋଲିଓ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜଗାଙ୍ଗପୁର ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଉପନଗରପାଳ ମହମ୍ମଦ ଇରଫାନ ଯୋଗଦେଇ ଏହାର ଶୁଭାରମ୍ଭ କରିବା ସହ ଶିଶୁଙ୍କ ପାଟିରେ ୨ ବୁନ୍ଦା ପୋଲିଓ ବୁନ୍ଦା ଦେଇଥିଲେ। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଜଗଦିଶ ଟପ୍ପୋ, ସ୍ୱାସ୍ଥ୍ୟ କର୍ମୀ ବି ଶଂକରରାଓ, ଫାର୍ମାସିଷ୍ଟ ଅଫିସର ରଞ୍ଜିତ ବାରିକ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସୋମବାର ଠାରୁ ପ୍ରତି ୱାଡ ଓ ଗ୍ରାମରେ ଏହି ପୋଲିଓ ବୁନ୍ଦା ଦିଆଯିବାର ବ୍ୟବସ୍ଥା କରାଯାଇଛି।

### ବିଜୁ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି ବୈଠକ

ସବ୍‌ଡେଗା,୩।୩ (ଅନନ୍ତ ପଟେଲ)

ସୁନ୍ଦରଗଡ ଜିଲା ତଳସରା ନିର୍ବାଚନ ମଣ୍ଡଳୀ ସବ୍‌ଡେଗା ଠାରେ ମାର୍ଚ୍ଚ ୫ରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସବ୍‌ଡେଗା ବ୍ଲକ ବିଜେଡି ସଭାପତି ମନୋଜ ବରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଜୟନ୍ତୀ ପାଳନ ଦିନ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ନେଇ ଆଲୋଚନା କରାଯାଇଥିଲା। ।ଏଥିପାଇଁ ତଳସରା ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତରୁ ବିଜେଡି କର୍ମୀ, ଯୁବ, ଛାତ୍ର ଓ ମହିଳା ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ମାଝି,ସବ୍‌ଡେଗା ବ୍ଲକ ବିଜେଡି ଯୁବ ସଭାପତି ଅନନ୍ତ ପଟେଲ, ଜିଲା ପରିଷଦ ସଭ୍ୟା ଜଳନି କେରକେଟା,ବରିଷ୍ଠ ବିଜେଡି ନେତା ଧବଳେଶ୍ୱର ନେଗି, ଅକ୍ଷୟ ନାଏକ, ସୁଦାମ ଭୋଇ, ଗୀତାଞ୍ଜଳି ପଟେଲ, ରାଜକୁମାର ବାର୍ଲା, ଉପେନ୍ଦ୍ର ଚିଓା, ଗୋବିନ୍ଦ ସିଂ, ସିଦ୍ଧେଶ୍ୱର କର୍ସେଲ, କୁମ୍ଭକର୍ଣ୍ଣ ଦଣ୍ଡସେନା, ବେଦପ୍ରକାଶ ନାୟକ, କୈଳାଶ କଣ୍ଡାରି, ସିଦ୍ଧେଶ୍ୱର କର୍ସେଲଙ୍କ ସମେତ ବାଲିଶଙ୍କରା ଓ ସବ୍‌ଡେଗା ବ୍ଲକର ସମସ୍ତ ପଞ୍ଚାୟତ ସଭାପତି ଓ ଯୁବ ସଭାପତି ଯୋଗଦେଇଥିଲେ ।

# ମୋବାଇଲ ଟାୱାର ସ୍ଥାପନ ନ କଲେ ଭୋଟ ବର୍ଜନ ଚେତାବନୀ

ବଡ଼ଗାଁ,୩।୩(ଅଶୋକ ଷଡ଼ଙ୍ଗୀ)



ମୋବାଇଲ ଟାୱାର ସ୍ଥାପନ ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ବାହାରିଥିବା ରାଲି।

ନିର୍ବାଚନ ପୂର୍ବରୁ ମୋବାଇଲ ଟାୱାର ସ୍ଥାପନ ନ କଲେ ଆଗାମୀ ବିଧାନସଭା, ଲୋକ ସଭା ନିର୍ବାଚନରେ ଭୋଟ ବର୍ଜନ କରିବୁ। ସରକାରଙ୍କୁ ବହୁବାର ଅନୁରୋଧ କଲୁ, ହେଲେ ଆମ କଥା କେହି ଶୁଣିଲେ ନାହିଁ। ଏଭଳି ଅଭିଯୋଗ ଆଣିଛନ୍ତି ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବାମଡେରା ପଞ୍ଚାୟତର ଅଧିବାସୀ। ବାମଡେରା ପଞ୍ଚାୟତରେ ମୋବାଇଲ ଟାୱାର ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି। ଏ ନେଇ ଅଞ୍ଚଳବାସୀ ବାରମ୍ବାର ଜିଲା ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ଏ ଯାଏଁ ସମସ୍ୟାର ସମାଧାନ ଦିଗରେ କେହି ଦୃଷ୍ଟି ଦେଉନାହାନ୍ତି। ଫଳରେ ଗ୍ରାମବାସୀ ରବିବାର ରାଲି ଓ ସଭାକରି ନିର୍ବାଚନ ପୂର୍ବରୁ ବାମଡେରା ପଞ୍ଚାୟତରେ ମୋବାଇଲ ଟାୱାର ସ୍ଥାପନ ନ କଲେ ପଞ୍ଚାୟତବାସୀ ଭୋଟ ବର୍ଜନ କରିବେ ବୋଲି ସରକାର ଓ ପ୍ରଶାସନଙ୍କୁ ଚେତାବନୀ ଦେଇଛନ୍ତି। ପୂର୍ବାହ୍ନରେ ଶତାଧିକ ଅଞ୍ଚଳବାସୀ ବାମଡେରା ବସ୍‌ଷ୍ଟାଣ୍ଡରେ ସମବେତ ହୋଇ ହାତରେ ପ୍ଲା କାର୍ଡ ଧରି ମୋବାଇଲ ଟାୱାର ସ୍ଥାପନ ଏବଂ ରାସ୍ତାର ଉନ୍ନତୀକରଣ ନ କଲେ ଭୋଟ ବର୍ଜନ କରିବେ ନାରା ଦେଇ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସରପଞ୍ଚ ଶ୍ୟାମସୁନ୍ଦର ଲାକ୍ରା, ସମିତି ସଭ୍ୟ ଆନନ୍ଦମାସୀ ହାଁସଦା, ଜୟରମ ମିଞ୍ଜ, ପିତୃଷ ଏକ୍କା, ଉଇଲିୟମ ଖେସ, ସିଷ୍ଟର ପୁଷ୍ପିକା ଲାକଡ଼ା, ମାଦନି ମାଝି ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ରାଲିରେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସେଠାରେ ସଭା କରିଥିଲେ। ମୋବାଇଲ ଟାୱାର ନ ଥିବାରୁ ଓ ରାସ୍ତା ଗୁଡ଼ିକର ଶୋଚନୀୟ ଅବସ୍ଥା ଯୋଗୁ ଲୋକେ କିପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ। ପ୍ରଶାସନ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ମୋବାଇଲ ଟାୱାର ନିର୍ବାଚନ ପୂର୍ବରୁ ସ୍ଥାପନ ନ କଲେ କୌଣସି ଦଳୀୟ ନେତାଙ୍କୁ ସଭାସମିତି କରିବାକୁ ଦିଆଯିବ ନାହିଁ ଓ ସେମାନଙ୍କୁ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡିବ ବୋଲି ଚେତାବନୀ ଦେଇଛନ୍ତି।

# ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିବା ଅଭିଯୋଗରେ ଯୁବକ ଗିରଫ

ରାଜଗାଙ୍ଗପୁର,୩।୩(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତଥା କାଂଶବାହାଲ ଫାଣ୍ଡି ଅଧୀନ ଏକ ଗ୍ରାମର ଜଣେ ନାବାଳିକାଙ୍କ ସହ ତାଙ୍କ ପଡ଼ୋଶୀ ୧ବର୍ଷ ଧରି ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଘଟଣା ସାମ୍ନାକୁ ଆସିବା ପରେ ପୋଲିସ ଅଭିଯୁକ୍ତ ସୁରେଶ ସୁନାନି (୩୨)ଙ୍କୁ ରବିବାର ଗିରଫ କରିଛି। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ସୁରେଶ ନାବାଳିକାଙ୍କ ସହ ୧ ବର୍ଷ ଧରି ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଘଟଣା ସମ୍ପର୍କରେ ଅନ୍ୟ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ସେ ଧମକ ଦେଇଥିଲେ। ନାବାଳିକା ଜଣଙ୍କ ଭୟରେ ଘଟଣା ସମ୍ପର୍କରେ କେଉଁଠି ବି ପ୍ରକାଶ କରୁ ନ ଥିଲେ। ହେଲେ ଭୁଲ୍‌ବଶତଃ ନାବାଳିକା ଜଣକ ନିଜ ମା'ଙ୍କ ହ୍ୱାଟ୍ସଆପ୍ ଷ୍ଟାଟସରେ ନିଜର ଅଶ୍ଳୀଳ ଫଟୋ ଦେବା ପରେ ଘଟଣା ସାମ୍ନାକୁ ଆସିଥିଲା। ନାବାଳିକାଙ୍କୁ ଏହି ବିଷୟରେ ପଚାରିବାରୁ ସେ ଘଟଣା ସମ୍ପର୍କରେ କହିଥିଲେ। ଏନେଇ ପରିବାର ଲୋକେ ରାଜଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ଓ କାଂଶବାହାଲ ଫାଣ୍ଡି ଅଧିକାରୀ ପ୍ରଭସିମରନ ସିଂ ତଦନ୍ତକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ସିପିଆଇ(ଏମ୍)ର କର୍ମୀ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଟେନ୍‌ସା,୩।୩
(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା ବଣାଇଁ ନିର୍ବାଚନମଣ୍ଡଳୀ କୋଇଡ଼ା ବ୍ଲକ ଅନ୍ତର୍ଗତ କୁସୁମଣ୍ଡିହି ଗ୍ରାମରେ ରବିବାର ସିପିଆଇ(ଏମ୍)ର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ କମାଣ୍ଡ ଓ କୁସୁମଣ୍ଡିହିର ୫୦୦ କର୍ମୀଙ୍କୁ ନେଇ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ସ୍ଥାନୀୟ ଗ୍ରାମର ୧୫ ଜଣ ନୂତନ କାର୍ଯ୍ୟକର୍ତ୍ତା ପାର୍ଟିରେ ଯୋଗଦେଇଥିଲେ। ଚେୟାରମ୍ୟାନ ସୁରେଶ ନାୟକ, ସରପଞ୍ଚ ପାନମତି ଦେହୁରୀ, ସିଆଇଟିୟୁ ରାଜ୍ୟ ସମ୍ପାଦକ ପ୍ରଭାତ ପଣ୍ଡା, କୃଷ୍ଣ ଚନ୍ଦ୍ର ବାରିକ, ସୁରେଶ ମୁଦୁଲି, ପ୍ରଭାତ ପାତ୍ର, ସନ୍ତୋଷ ଘଣା, ସନ୍ତୋଷ ସାହୁ, ଏଚ୍. କେ. ବାରିକ, ସୁଦର୍ଶନ ପାତ୍ର, ହରିମନ ବାରିକ, ମିଟୁ ବାରିକ, ସଞ୍ଜୟ ବେହେରା, ଶମ୍ଭୁ ଘଣା, ଭୀମ ଘଣା, ହରିଶ ରାୟ, ବିଶ୍ୱଜିତ ବାରିକ ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନରେ ଲକ୍ଷ୍ମଣ ମୁଣ୍ଡାଙ୍କୁ ଜିତାଇବା ସହ ପାର୍ଟିର ବିଜୟଧାରାକୁ ବଜାୟ ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ।

# ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ



ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି ।

ବରଗଡ଼,୩।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠାର ଷଷ୍ଠ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିପାଇଁ ମନ୍ଦିରକୁ ବିଭିନ୍ନ ପ୍ରକାର ଫୁଲମାଳାରେ ସଜ୍ଜିତ କରାଯାଇଥିଲା। ସକାଳୁ ମଙ୍ଗଳ ଆରତୀ ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସିଂହ ପୂଜନ, କାଳରାତ୍ରି ପୂଜନ ସହ ମାଁଙ୍କ ମହାସ୍ନାନ ପୂର୍ବକ ଷୋଡ଼ଶ ଉପଚାର ପୂଜା କରାଯାଇଥିଲା। ଜଗତର କଲ୍ୟାଣ ପାଇଁ ମାଁଙ୍କ ସପ୍ତସତୀ ଚଣ୍ଡୀ ହବନ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଚୂଡ଼ାମଣି ରଥ, ବିଘ୍ନରାଜ ଦାଶ, ସୁଧାଂଶୁ ଶେଖର ଦାଶ, ବିଷ୍ଣୁ ଦୟାଲ ଦାଶ, ପୂଜକ ରତ୍ନାକର ଝାଙ୍କର, କ୍ଷୀରୋଦ୍ର ଝାଙ୍କର, ରାମୁ ଦେଓସରିଆ, ଭରତ ଅଗ୍ରୱାଲଙ୍କ ସମେତ ଭକ୍ତମାନେ ଚଣ୍ଡୀହବନରେ ଆହୂତି ଦେଇଥିଲେ। ୬ଦିନ ଧରି ଉକ୍ତ କାର୍ଯ୍ୟକ୍ରମ ଚାଲିଥିଲା। ମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ଭକ୍ତମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚକ୍ଷୁ ପରୀକ୍ଷା ପାଇଁ ୭୨ ପଞ୍ଜୀକୃତ

ଗାଇସିଲେଟ୍,୩।୩
(ଦୁର୍ଗାପ୍ରସାଦ ତ୍ରିବେଦୀ)

ବରଗଡ଼ ଜିଲା ଗାଇସିଲେଟ ପଞ୍ଚାୟତ ଭବନରେ ରବିବାର ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ଏହି ଶିବିର ହୋଇଥିଲା। ଶିବିରରେ ୭୨ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୨ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ତ୍ରିଲୋଚନ ନେତ୍ରାଳୟକୁ ନିଆଯାଇଥିଲା। ଡା. ବିକ୍ରମ ପ୍ରଧାନ, ସୁମନ୍ତ ଭୋଇ ଏବଂ ସ୍ୱାସ୍ଥ୍ୟସେବିକା ମାନେ ସହଯୋଗ କରିଥିଲେ।

### ଭଏସ୍ ଅଫ୍ ମିଡିଆର ସାଧାରଣ ସଭା

ବରଗଡ଼,୩।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଗାନ୍ଧୀ ଭବନରେ ରବିବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଡା. ଶଙ୍କର ରାମଚନ୍ଦାନୀ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଭଏସ୍ ଅଫ୍ ମିଡ଼ିଆର ରାଜ୍ୟ ସଭାପତି ପ୍ରଭାତ କୁମାର ମିଶ୍ର ମୁଖ୍ୟବକ୍ତା, ଓଡ଼ିଶା ଅଭିଭାବକ ସଂଘ ବରଗଡ଼ ଜିଲା ସଭାପତି ବିମଳ କୁମାର ଦାଶ, ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ, ଆଡ୍‌ଭୋକେଟ୍ ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ଫାଇଟର୍ସ ଗ୍ରୁପ୍‌ର ପ୍ରତିଷ୍ଠାତା ଅଶ୍ୱିନୀ ଦର୍ଜୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଆଶୁତୋଷ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ବିଦ୍ୟୁତ୍ ମଜଦୁର ମହାସଂଘ ବୈଠକ

ବରଗଡ଼,୩।୩
(ପ୍ରେମାନନ୍ଦ ଖମାରୀ)

ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ରବିବାର ଟିପିଡବ୍ଲ୍ୟୁଓଡିଏଲ କର୍ମଚାରୀମାନଙ୍କୁ ନେଇ ବରଗଡ଼ରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଟିପିଡବ୍ଲ୍ୟୁଓଡିଏଲରେ ଜିଲାର ବିଭିନ୍ନ ସେକ୍ସନରେ କାର୍ଯ୍ୟରତ ରେଗୁଲାର ଏବଂ ଆଉଟସୋର୍ସିଂ କର୍ମଚାରୀମାନେ ଯୋଗଦାନ କରିଥିଲେ। କର୍ମଚାରୀମାନଙ୍କ ଦରମା, ବିଭିନ୍ନ ଅସୁବିଧା ନେଇ ବୈଠକରେ ଆଲୋଚନା ହୋଇଥିଲା। ନୂତନ ଭାବେ ଟେଣ୍ଡର ପାଇଥିବା ସଂସ୍ଥା ଯେଭଳି କର୍ମଚାରୀମାନଙ୍କ କୌଣସି ଅସୁବିଧା ନ କରି ଠିକ୍ ସମୟରେ ଦରମା ଏବଂ ସୁରକ୍ଷା ସାମଗ୍ରୀ (ପିପିଇ କିଟ୍) ଯୋଗାଇବା, ଅତ୍ୟଧିକ ସମୟ ନିୟୋଜିତ ନ କରି ୮ଘଣ୍ଟା କାମ ଦେବା, ମେଣ୍ଟେନାନ୍ସ କର୍ମଚାରୀଙ୍କୁ ବିଲ୍ କଲେକ୍ସନ କାମରେ ନିୟୋଜିତ କରିବା, ଅଧିକ ସମୟ କାମରେ ନିୟୋଜିତ କରୁଥିବାରୁ ସୁରକ୍ଷା ବ୍ୟବସ୍ଥା ଉଲ୍ଲଂଘନ ହେଉଥିବା ଆଦି ବିଷୟରେ ଆଲୋଚନା ହୋଇଥିଲା। ଆଗକୁ ରୌଦ୍ରତାପ, ପାଣିପାଗକୁ ଦେଖି ଯଦି କର୍ମଚାରୀଙ୍କ ହିତରେ ନିଷ୍ପତ୍ତି ନିଆ ନ ଯାଏ ତେବେ ଆଗାମୀ ଦିନରେ ମହାସଂଘ ପକ୍ଷରୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ମହାସଂଘ ପକ୍ଷରୁ ଜଗନ୍ନାଥ ଛତର, ରବିଚନ୍ଦ୍ର ବାଗ, ଗୋପୀନାଥ ନାଗ, ସତ୍ୟ ଦୀପ, ଚକ୍ରଧର ଦୋରା, ଶ୍ରୀକାନ୍ତ ପ୍ରଧାନ, କୈଳାସ ଭୁଏ, ଉପେନ୍ଦ୍ର ଖଣ୍ଡିତ, ପଶ୍ଚିମ ଓଡ଼ିଶା ଅମଲା ସଂଘର ଅରୁଣ ସାହୁ, ସାହେବ ବାଗ, ମହାସଂଘର ଯୁଗ୍ମ ସମ୍ପାଦକ ଚକ୍ରଧର ପ୍ରଧାନ, ସଙ୍ଗଠନ ସମ୍ପାଦକ ବିସ୍ମୟ ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

# ୨୦ରେ ସାମୂହିକ ବ୍ରତୋପନୟନ

ବରପାଲି,୩।୩(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ନୃସିଂହ ମନ୍ଦିରରେ ବ୍ଲକସ୍ତରୀୟ ସନାତନୀ ବ୍ରାହ୍ମଣ ସମାଜ ସଭାପତି କୃଷ୍ଣଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ହେମନ୍ତ ମିଶ୍ରଙ୍କ ସହିତ ସାମୂହିକ ଗାୟତ୍ରୀ ମନ୍ତ୍ର ପାଠ କରାଯାଇଥିଲା। ସମ୍ପାଦକ ଶରତ ଚନ୍ଦ୍ର ପାଣିଗ୍ରାହୀ ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ ଏବଂ ବ୍ରତୋପନୟନ ର ନିୟମାବଳୀ ଉପସ୍ଥାପନ କରିଥିଲେ। ବ୍ରତୋପନୟନ ପାଇଁ ବର୍ତ୍ତମାନ ସୁଦ୍ଧା ୫ଜଣ ବଟୁ ଆବେଦନ କରିସାରିଛନ୍ତି। ଆସନ୍ତା ୨୦ତାରିଖରେ ଚାରିକର୍ମ ଓ ୨୧ତାରିଖରେ ବ୍ରତୋପନୟନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ଲୋକନାଥ ତ୍ରିପାଠୀ, ଦାମୋଦର ପଣ୍ଡା, ନୀରଦ କୁମାର କର, ଆନନ୍ଦ ପ୍ରସାଦ ଦାଶ, ଯୋଗେଶ ଦାଶ, ଅଶୋକ କୁମାର ପଣ୍ଡା, ନିମାଇଁ ଚରଣ ପଣ୍ଡା, ଅରୁଣ କୁମାର ପଣ୍ଡା, ପଣ୍ଡିତ ଡୋଲାମଣି ଦେବତା, ରମେଶ ଚନ୍ଦ୍ର କର, ରମାକାନ୍ତ ତ୍ରିପାଠୀ, ବିକାଶ କୁମାର ପାଢି, ମଧୁ ମଙ୍ଗଳ ମିଶ୍ର, ଅଭିଭାବକ ପ୍ରମୋଦ କୁମାର ମିଶ୍ର, ସୋନୁ ଷଡ଼ଙ୍ଗୀ, ସୈରେନ୍ଦ୍ରୀ ଦାଶ, ପ୍ରଶାନ୍ତ ମିଶ୍ର, ସହଦେବ ପଣ୍ଡା, ପ୍ରଶାନ୍ତ କୁମାର ଦାଶ, ଧୀରେନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦାନ କରିଥିଲେ। ଧର୍ମରାଜ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜୁ ଜୟନ୍ତୀ ପାଳନ ପାଇଁ ସୁନ୍ଦରଗଡ଼ରେ ପ୍ରସ୍ତୁତି ବୈଠକ

ସୁନ୍ଦରଗଡ,୩।୩(ଜୟ ନାରାୟଣ ମେଣ୍ଡୁଲି)

ପ୍ରବାଦ ପୁରୁଷ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ପାଳନ ପାଇଁ ସୁନ୍ଦରଗଡ ବିଜୁ ଜନତା ଦଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଟାଉନ ସଭାପତି ତଥା ଉପନଗରପାଳ ଲଲାଟେନ୍ଦୁ ପରିଡ଼ାଙ୍କ ସଭାପତିତ୍ୱରେ ସ୍ଥାନୀୟ ସର୍କିଟ ହାଉସଠାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ମାର୍ଚ୍ଚ ୫ ତାରିଖ ସକାଳ ସାଢେ ୮ଟାରେ ସ୍ଥାନୀୟ ରାଣିବଗିଚା ବାଇପାସ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସକାଳ ୯ଟାରେ ସ୍ଥାନୀୟ ଆଦୃତ ବାଲାଶ୍ରମରେ ଫଳ ବଣ୍ଟନ କରାଯିବ। ସକାଳ ସାଢେ଼୯ଟାରେ ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନାର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯିବ। ଅପରାହ୍ନ ୪ଟାରେ ସର୍କିଟ ହାଉସଠାରେ ପ୍ରବାଦ ପୁରୁଷ, ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ସ୍ମୃତି ସଭା ଅନୁଷ୍ଠିତ ହେବାକୁ ସ୍ଥିର କରାଯିବା ସହିତ ଏହି ସଭାରେ ସମସ୍ତ ଦଳୀୟ ନେତା, କର୍ମୀ ଏବଂ ବିଜୁପ୍ରେମୀଙ୍କୁ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। ଏହି ବୈଠକରେ ବରିଷ୍ଠନେତା ତଥା ଜିଲା ବିଜେଡି ଉପସଭାପତି ଜୟ ନାରାୟଣ ତ୍ରିପାଠୀ, ଅନ୍ୟତମ ଜିଲା ବିଜେଡି ଉପସଭାପତି ଗୋପ ମହାନ୍ତି, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଏସଡିସି ଚେୟାରମ୍ୟାନ ସନ୍ତୋଷ ଅମାତ, ଜିଲା ଛାତ୍ର ବିଜେଡି ସଭାପତି ସେହେବାଜ ହୁସେନ, ଜିଲା ବିଜେଡି ସମ୍ପାଦକ ପଞ୍ଚା ବାର୍ଲା, ଗୌରାଙ୍ଗ ଧଳ, କାଉନସିଲର ହେମନ୍ତ ପାଢ଼ୀ, ସୁମନ୍ତ ସାହୁ, ଟାଉନ ବିଜେଡିର ପୂର୍ବତନ ଉପସଭାପତି ଅଶୋକ ମହାନ୍ତି, କୌଶିକ ପଟେଲ, ତାପସ ପଣ୍ଡା, ସରଫରାଜ ଅହମଦ, ଋତୁରାଜ ପୁରୋହିତ, ଅମନ ହୁସେନ, ସୁଶାନ୍ତ ଦେବ, ରଜା ହୋତା, ସୁଧାଂଶୁ ଦାସ, ମଙ୍ଗଳ ପ୍ରଜାପତି, ସୌମ୍ୟ ସାହୁ, ବର୍ଷ୍ଟି ପଟେଲଙ୍କ ସହିତ ଅନେକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

# ସାଇକେଲରେ ବୁଲି ପରିବେଶ ସୁରକ୍ଷା ବାର୍ତ୍ତା ବାଣ୍ଟୁଛନ୍ତି ନନ୍ଦିଘୋଷ

### ସୁନ୍ଦରଗଡ଼ରେ ନନ୍ଦିଘୋଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ସୁନ୍ଦରଗଡ଼,୩।୩(ଜୟ ନାରାୟଣ ମେଣ୍ଡୁଲି)




ନନ୍ଦିଘୋଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

ପରିବେଶ ସୁରକ୍ଷା ବାର୍ତ୍ତା ନେଇ ସାଇକେଲ ଯୋଗେ ଭାରତ ପରିଭ୍ରମଣ କରି ଲୋକଙ୍କୁ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି ନନ୍ଦିଘୋଷ ଖମାରୀ। ରବିବାର ସୁନ୍ଦରଗଡଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ୨୦୨୨ ସେପ୍ଟେମ୍ବର ୫ରୁ ବରଗଡ ଜିଲା ନୂଆଗଡ ଗ୍ରାମ ଘରୁ ସାଇକେଲ ଧରି ପରିବେଶ ବଞ୍ଚାଅ ଅଭିଯାନରେ ଭାରତ ଭ୍ରମଣ କରିବାକୁ ବାହାରିଥିଲେ ନନ୍ଦିଘୋଷ। ୨୮ଟି ରାଜ୍ୟକୁ ୫୪୦ ଦିନରେ ୨୦,୦୦୦ କିଲୋମିଟରରୁ ଊର୍ଦ୍ଧ୍ୱ ଭ୍ରମଣ କରି ରବିବାର ସୁନ୍ଦରଗଡରେ ପହଞ୍ଚିଥିଲେ। ନରଦୀପ ସିଂଙ୍କ ତତ୍ତ୍ୱାବଧାନରେ ନନ୍ଦିଘୋଷଙ୍କୁ ବାଇପାସ ସ୍ଥିତ ପାରିଜାତ ପାର୍କ ପାର୍ଶ୍ୱରେ ପୁଷ୍ପମାଲ୍ୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ସୁନ୍ଦରଗଡ଼ ପୌରପାଳିକା ଉପ ନଗରପାଳ ଲଲାଟେନ୍ଦୁ ପରିଡ଼ା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଜୟନରାୟନ ତ୍ରିପାଠୀ, ପଞ୍ଚା ବାର୍ଲା, ଅଶୋକ ମହାନ୍ତି, ଅଶୋକ ସାହୁ, ରୋଶନ ସିଂ,ନିଲୁ ସିଂ, ମୁକେଶ ମାଝି, ପ୍ରିନ୍ସ ସିଂ, ପ୍ରତୀକ ଶର୍ମା, ବିଶ୍ୱଜିତ ସ୍ୱାଇଁ, ତରୁଣ ନାଗ, ଅବିନାଶ ନାଗ,ଆଲୋକ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇ ଏଭଳି କାର୍ଯ୍ୟକୁ ପ୍ରଂଶସା କରିଥିଲେ। ବରଗଡ ଜିଲା ଭଟଲି ବ୍ଲକ ନୂଆଁଗଡ଼ ପଞ୍ଚାୟତ ବାଳିଯୁରୀ ଗ୍ରାମର ଦ୍ରୌପଦୀ ଖମାରୀ ଓ ତପୋଧନଙ୍କ ସୁପୁତ୍ର ନନ୍ଦିଘୋଷ। ବୟସ ୨୪ ବର୍ଷ । ସ୍ନାତକ ଶିକ୍ଷା ସମାପନ କରି ବର୍ତ୍ତମାନ ସେ ସମାଜ ସେବା ଓ ପରିବେଶ ସୁରକ୍ଷା କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି। ପିଲାଟି ଦିନରୁ ପରିବେଶ ସୁରକ୍ଷା ପ୍ରତି ତାଙ୍କ ଆଗ୍ରହ ରହି ଆସିଥିବା ସେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୨୮ଟି ରାଜ୍ୟ ସାଇକେଲରେ ବୁଲି ସ୍କୁଲ,କଲେଜରେ ଛାତ୍ରୀଛାତ୍ର, ଯୁବବର୍ଗ ତଥା ଜନ ସାଧାରଣଙ୍କୁ ପରିବେଶ ସୁରକ୍ଷା ପାଇଁ ଅନୁରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସମସ୍ତଙ୍କୁ ପ୍ରତ୍ୟେକ ଦିନ ୧୦ରୁ ୧୫ କିଲୋମିଟର ସାଇକେଲରେ ଯିବାଆସିବା ପାଇଁ ଅନୁରୋଧ କରିଛନ୍ତି। ଏହା ସହ ଗଛ ଲଗାଇବା ପାଇଁ ମଧ୍ୟ କହିଛନ୍ତି। ସାଇକେଲରେ ଭାରତ ଭ୍ରମଣ କରି ପରିବେଶର ବାର୍ତ୍ତା ପ୍ରଚାର ପାଇଁ ନନ୍ଦିଘୋଷ ଏକ ଦୃଢ଼ ସଂକଳ୍ପ ନେଇଛନ୍ତି।

## ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀ

# ବିଜେଡି ପ୍ରାର୍ଥୀଙ୍କୁ ନେଇ ଦ୍ୱନ୍ଦ୍ୱ

ବଲାଙ୍ଗୀର,୩।୩
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଲୋକ ସଭା ଆସନ ଅଧୀନରେ ବଲାଙ୍ଗୀର ଜିଲାର ୫ ଏବଂ ସୁବର୍ଣ୍ଣପୁର ଜିଲାର ୨ଟିକୁ ମିଶାଇ ୭ଟି ବିଧାନସଭା ଆସନ ରହିଛି। ୨୦୧୯ ନିର୍ବାଚନରେ ଭାଜପାରୁ ସଙ୍ଗୀତା କୁମାରୀ ସିଂଦେଓ, ବିଜେଡିରୁ କଳିକେଶ ନାରାୟଣ ସିଂଦେଓ ଏବଂ କଂଗ୍ରେସରୁ ସମରେନ୍ଦ୍ର ମିଶ୍ର ପ୍ରାର୍ଥୀ ହୋଇଥିଲେ। ଭାଜପା ପ୍ରାର୍ଥୀ ସଙ୍ଗୀତା ସଂଦେଓ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୪ ନିର୍ବାଚନରେ ତିନି ପ୍ରମୁଖ ଦଳର ପ୍ରାର୍ଥୀ କିଏ ହେବେ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ଏଥର କଳିକେଶ ବଲାଙ୍ଗୀର ଆସନରୁ ବିଜେଡି ବିଧାୟକ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ଜୋର ଧରିଛି। ଗତ କିଛିଦିନ ହେଲା ସେ ଏଇ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗାଁ ଓ ସହରରେ ବୁଲି ଅଧିକ ସମୟ ଦେଉଛନ୍ତି। ଏଭଳି ସ୍ଥିତିରେ ବିଜେଡିର ଲୋକ ସଭା ପ୍ରାର୍ଥୀ କିଏ ହେବେ ସେ ନେଇ ଅଧିକ କଳ୍ପନାଜଳ୍ପନା ପ୍ରକାଶ ପାଇଛି।


କଳିକେଶ ନାରାୟଣ ସିଂଦେଓ


ଅସିତ ତ୍ରିପାଠୀ


ଟୁକୁନୀ ସାହୁ


ନିରଞ୍ଜନ ବିଶି

ପ୍ରଥମରୁ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଅସିତ ତ୍ରିପାଠୀ ଏଥର ପ୍ରାର୍ଥୀ ହେବେ ବୋଲି କୁହାଯାଉଥିଲା। ତେବେ ତାଙ୍କ ନାଁ ଚର୍ଚ୍ଚାକୁ ଆସିବା ପରେ ତାଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗକୁ ନେଇ ଆଲୋଚନା ହୋଇଥିଲା। ଜଣେ ଅଫିସର ଭାବେ ତାଙ୍କୁ ଲୋକେ ଯେତିକି ଚିହ୍ନିଛନ୍ତି ନେତା ଭାବେ ସେତିକି ଗ୍ରହଣ କରିବେ କି ନାହିଁ ସେନେଇ ବି ଆଲୋଚନା ହେଲା। ଏହାପରେ ଟିଟିଲାଗଡ଼ ବିଧାୟିକା ତଥା ମନ୍ତ୍ରୀ ଟୁକୁନୀ ସାହୁ, ସୋନପୁର ବିଧାୟକ ତଥା ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ରାଜ୍ୟ ସଭା ସଦସ୍ୟ ତଥା ଆଦିବାସୀ ନେତା ନିରଞ୍ଜନ ବିଶି ଏବଂ ପାଟଣାଗଡ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ସରୋଜ ମେହେର ବିଜେଡିର ଲୋକ ସଭା ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ଉପରୋକ୍ତ ନେତା, ମନ୍ତ୍ରୀ ଓ ବିଧାୟକଙ୍କ ଘନିଷ୍ଠ ସମର୍ଥକ ଓ କର୍ମୀ ମହଲରେ ହେଉଥିବା ଚର୍ଚ୍ଚାକୁ ବିଶ୍ଳେଷଣ କଲେ ବିଜେଡିର ସବୁ ଟାଣୁଆ ବିଧାୟକ ଓ ମନ୍ତ୍ରୀ ନିଜ ନିଜ ବିଧାନସଭାର ସୁରକ୍ଷିତ ଆସନ ଛାଡି ଲୋକ ସଭା ଆସନରେ ପ୍ରାର୍ଥୀ ହେବାକୁ ଅନିଚ୍ଛୁକ ବୋଲି ଖୋଲାଖୋଲି ଆଲୋଚନା ହେଉଛି। ଅଯୋଧ୍ୟା ରାମମନ୍ଦିର ନିର୍ମାଣ ପରେ ଲୋକ ସଭା ନିର୍ବାଚନରେ ବେଶୀ ଫାଇଦା ଭାଜପା ସପକ୍ଷରେ ଯିବ ବୋଲି ଚର୍ଚ୍ଚା ହେଉଛି। ଏସବୁ ଶୁଣିଦେଲେ ଅନେକଙ୍କୁ ପରାଜୟ ଭୟ ଘାରୁଛି। ଅନ୍ୟପଟେ ଲୋକ ସଭା ଆସନକୁ ନେଇ ବିଜେଡି ଓ ଭାଜପା ଉଚ୍ଚନେତୃତ୍ୱ ସ୍ତରରେ କାଳେ ଗୁପ୍ତ ବୁଝାମଣା ହୋଇଯିବ ଏବଂ ଏହାର ସବୁ ଫାଇଦା ଭାଜପା ସପକ୍ଷରେ ଚାଲିଯିବ, ସେହି ଭୟ ବି ବିଜେଡିର ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ଘାରୁଛି। ଏଭଳି ପରିସ୍ଥିତିରେ ବିଜେଡିର କଥିତ ଭୀତତ୍ରସ୍ତ ମନ୍ତ୍ରୀ, ବିଧାୟକ ଓ ନେତାମାନେ ସେମାନଙ୍କୁ କିଭଳି ଦଳୀୟ ଲୋକ ସଭା ପ୍ରାର୍ଥୀ ନକରି ବିଧାନସଭା ପ୍ରାର୍ଥୀ କରିବେ ସେଥିପାଇଁ ଉପର ସ୍ତରରେ ନିଜ ନିଜ ଲବିରେ ମାତିଥିବା ଚର୍ଚ୍ଚା ଜୋର ଧରିଛି। ଅନେକ ନେତା ଓ ମନ୍ତ୍ରୀ କୁଆଡେ ଗୋଇନ୍ଦା ବିଭାଗ ଅଧିକାରୀଙ୍କୁ ଗୋପନ ଅନୁସନ୍ଧାନ ରିପୋର୍ଟ ମାଗିବାରେ ଲାଗିପଡିଛନ୍ତି। ଏଭଳି ସ୍ଥିତିରେ କଂଗ୍ରେସ ଦଳର ଜଣେ ଆଦିବାସୀ ନେତାଙ୍କୁ ବିଜେଡି ଲୋକ ସଭା ପ୍ରାର୍ଥୀ ହେବାକୁ ପ୍ରସ୍ତାବ ଦିଆଯାଇଥିବା କୁହାଯାଉଛି। ସେଇ ନେତା ଜଣକ ବି କୁଆଡେ ଲୋକ ସଭା ପ୍ରାର୍ଥୀ ପାଇଁ ରାଜି ନହୋଇ ବିଧାୟକ ପ୍ରାର୍ଥୀ ପଦ ଦାବି କରିଥିଲେ। ଉଭୟ ପକ୍ଷରୁ ସହମତି ନହେବାରୁ ସେଇ ନେତା ଜଣକ ଘରକୁ ଫେରି ଆସିଥିବା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ସ୍ଥିତିରେ ଦଳୀୟ ହାଇକମାଣ୍ଡ କାହାକୁ ଲୋକ ସଭା ପ୍ରାର୍ଥୀ ଘୋଷଣା କରିବେ ତାକୁ ନେଇ କଳ୍ପନାଜଳ୍ପନା ଓ ଦ୍ୱନ୍ଦ୍ୱ ଲାଗିରହିଛି।

## ଟିକେଟ ନ ମିଳିବାରୁ ରାଜନୀତି ଛାଡ଼ିଲେ ହର୍ଷବର୍ଦ୍ଧନ

ନୂଆଦିଲ୍ଲୀ,୩।୩



ଲୋକ ସଭା ନିର୍ବାଚନ ପାଇଁ ଭାଜପାରୁ ଟିକେଟ ନ ମିଳିବାରୁ ଦିଲ୍ଲୀର ଚାନ୍ଦିନୀଚୌକ ଏମ୍‌ପି ଡ. ହର୍ଷବର୍ଦ୍ଧନ ସକ୍ରିୟ ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି। ଭାଜପା ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ କରିବାର ଦିନକ ପରେ ହର୍ଷବର୍ଦ୍ଧନ ଏହି ନିଷ୍ପତ୍ତି ନେଇଛନ୍ତି। ୩୦ ବର୍ଷର ଗୌରବମୟ ନିର୍ବାଚନୀ କ୍ୟାରିୟର ପରେ ସେ ତାଙ୍କ ଡାକ୍ତରୀ ପେସାକୁ ଫେରିଯିବେ ବୋଲି ଏକ୍ସ'ରେ ପୋଷ୍ଟ କରିଛନ୍ତି। ରାଜନୀତିରେ ପ୍ରବେଶ କରିବା ପରେ ହର୍ଷବର୍ଦ୍ଧନ ୫ ଥର ବିଧାନସଭା ଏବଂ ୨ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ସେ କେନ୍ଦ୍ର ସରକାରରେ ମନ୍ତ୍ରୀ ରହିଥିଲେ। ଦଳୀୟ ସଂଗଠନ ଏବଂ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରରେ ସେ ସମ୍ମାନଜନକ ପଦବୀରେ ଅବସ୍ଥାପିତ ହୋଇଥିଲେ। ତେବେ ମୂଳ ପେସାକୁ ଫେରିଯିବା ପାଇଁ ସେ ରାଜନୀତିରୁ ସନ୍ନ୍ୟାସ ନେଉଥିବା ଲେଖିଛନ୍ତି। ଭାଜପା ଶନିବାର ପ୍ରଥମ ପର୍ଯ୍ୟାୟରେ ୧୯୫ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିବାବେଳେ ହର୍ଷବର୍ଦ୍ଧନଙ୍କ ଚାନ୍ଦିନୀଚୌକ ଆସନରୁ ପ୍ରବୀଣ ଖଣ୍ଡେଲୱାଲ୍‌ଙ୍କୁ ପ୍ରାର୍ଥୀ କରିଥିଲା।

## ଭାଜପାରେ ସାମିଲ ହେବେ ତେଲକୋଇ ବିଧାୟକ ପ୍ରେମାନନ୍ଦ

କେନ୍ଦୁଝର ୩।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)



ନିକଟରେ ବିଜେଡି ଛାଡିଥିବା ତେଲକୋଇ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାଏକ ଭାଜପାରେ ଯୋଗଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତର ଦିନକ ପୂର୍ବରୁ ସୋମବାର ସେ ଭାଜପାରେ ଯୋଗଦେବା ନେଇ ତେଲକୋଇରେ ରାଜନୀତି ସରଗରମ ହୋଇପଡ଼ିଛି ।

ତେଲକୋଇ ନିର୍ବାଚନମଣ୍ଡଳୀରୁ ୨୦୧୪ରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ଏବଂ ୨୦୧୯ରେ ଭାଜପାରୁ ପ୍ରାର୍ଥୀ ହୋଇ ତାଙ୍କଠାରୁ ହାରିଥିବା ଧନୁର୍ଜୟ ସିଦ୍ଧୁଙ୍କୁ ଦଳ ପ୍ରାଧାନ୍ୟ ଦେବା ଏବଂ ତାଙ୍କୁ ଦଳୀୟ ସଂଗଠନ ଗୁରୁତ୍ୱ ଦିଆ ନ ଯିବାରୁ ଏବଂ ପରବର୍ତ୍ତୀ ସମୟରେ ଧନୁର୍ଜୟ ବିଜେଡିରେ ଯୋଗଦେଇ ସମାନ୍ତରାଳ ସଂଗଠନ ଚଳାଇବା ଆଦି କାରଣରୁ ଦଳରୁ ଇସ୍ତଫା ଦେଇଥିବା ପ୍ରେମାନନ୍ଦ କହିଥିଲେ।

୨୦୦୯ରେ ବିଜେଡି ଟିକେଟରୁ ତେଲକୋଇରୁ ଜିତିଥିବା ପ୍ରେମାନନ୍ଦ ୨୦୧୪ ନିର୍ବାଚନରେ ଟିକେଟ ପାଇ ନ ଥିଲେ। ୨୦୧୯ରେ ପୁଣି ବିଜେଡିରୁ ଟିକେଟ ପାଇ ଜିତିବା ପରେ ମନ୍ତ୍ରୀ ପଦ ପାଇଥିଲେ। ୨୦୨୪ ନିର୍ବାଚନରେ ବିଜେଡି ଧନୁର୍ଜୟଙ୍କୁ ପ୍ରାର୍ଥୀ କରିବା ଚର୍ଚ୍ଚା ହେଉଥିବାବେଳେ ପ୍ରେମାନନ୍ଦ ପଦ୍ମ ଧରିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର କହିଛନ୍ତି, ତାଙ୍କୁ ଦଳ ୨ଥର ବିଧାୟକ ଏବଂ ଥରେ ମନ୍ତ୍ରୀ କରିଥିଲା । ସବୁ ପାଇଲା ପରେ ଏବେ ଦଳ ଛାଡିବା ଏବଂ ଭାଜପାରେ ମିଶିବା କୌଣସି ଫରକ ପଡ଼ିବନାହିଁ। ପୂର୍ବତନ ବିଧାୟକ ଧନୁର୍ଜୟ କହିଛନ୍ତି, ତାଙ୍କୁ ଯେଉଁଭଳି ସମ୍ମାନ ଦେବା କଥା ଦେଇ ଆସିଥିଲା। ତାଙ୍କର ଭାଜପାରେ ମିଶିବା କିଛି ଫରକ ପଡିବ ନାହିଁ, ବରଂ ଲୋକଙ୍କ ତାଙ୍କ ପ୍ରତି ବିତୃଷ୍ଣା ଭାବ ଥିଲା। ଅନ୍ୟପକ୍ଷରେ ପ୍ରେମାନନ୍ଦଙ୍କ ନିଷ୍ପତ୍ତିକୁ ନେଇ ଭାଜପାରୁ ଆଶାୟୀ ଥିବା ଅନେକ ନେତାଙ୍କ ମନରେ ଛନକା ପଶିଛି। ବର୍ତ୍ତମାନ ତେଲକୋଇରେ ଭାଜପାର ସ୍ଥିତି ଭଲ ଥିବାବେଳେ ଦଳ ଠିକ୍ ନିଷ୍ପତ୍ତି ନ ନେଲେ ପୁଣି ଦଳ ମଧ୍ୟରେ ବିବାଦ ଘନୀଭୂତ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରୁଛନ୍ତି। ଧନୁର୍ଜୟ ସିଦ୍ଧୁ ଭାଜପା ଦଳ ଛାଡିବା ପରେ ବହୁ ଆଗରୁ ଦଳ ପାଇଁ କାମ କରିଆସୁଥିବା ଆଶାୟୀମାନେ ଆଶ୍ୱସ୍ତ ହୋଇଥିଲେ। ପ୍ରେମାନନ୍ଦ ଲୋକଙ୍କ ସୁବିଧା ଅସୁବିଧା ବୁଝିନାହାନ୍ତି କିମ୍ବା ସାଂଗଠନିକ କାର୍ଯ୍ୟରେ ସାମିଲ ହୋଇ ନ ଥିବାରୁ ତାଙ୍କ ପ୍ରତି ଅସନ୍ତୋଷ ଲାଗିରହିଥିବା ବେଳେ ତେଲକୋଇ ନିର୍ବାଚନକୁ ଭାଜପା ତାଙ୍କ ଜରିଆରେ ବିଜେଡି ଗଡକୁ ହାତେଇବା ସେତେଟା ସୁବିଧା ଜନକ ହେବ ନାହିଁ ବୋଲି କୁହାଯାଉଛି ।


ପାଟନାର ଗାନ୍ଧୀ ମଇଦାନରେ ଜନ ବିଶ୍ୱାସ ରାଲିକୁ ସମ୍ବୋଧନ କରୁଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।

## ୩ ଦିନରେ ୫ ରାଜ୍ୟ ଗସ୍ତ କରିବେ ମୋଦି

ନୂଆଦିଲ୍ଲୀ,୩।୩ (ପିଟି)

ଲୋକ ସଭା ନିର୍ବାଚନ ଖୁବ୍‌ଶୀଘ୍ର ଘୋଷଣା ହେବାକୁ ଥିବାରୁ ପ୍ରଧାନମନ୍ତ୍ରୀ ଏହା ପୂର୍ବରୁ ୧୦ ଦିନରେ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସେ ମୋଟ ୨୯ଟି କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଥମ ୩ ଦିନରେ ମୋଦି ଓଡ଼ିଶା, ତେଲଙ୍ଗାନା, ତାମିଲନାଡୁ, ପଶ୍ଚିମବଙ୍ଗ ଏବଂ ବିହାର ଯିବେ। ସୋମବାର ସେ ତେଲଙ୍ଗାନାର ଆଦିଲାବାଦରେ ଅନେକ ବିକାଶମୂଳକ ପ୍ରକଳ୍ପ ଉଦ୍‌ଘାଟନ କରିବା ପରେ ତାମିଲନାଡୁର କଳ୍ପକମ୍‌ଠାରେ ଭାରତୀୟ ନାଭିକୀୟ ବିଦ୍ୟୁତ୍ ନିଗମ ଲିମିଟେଡ୍ ପରିଦର୍ଶନ କରିବେ। ଆଦିଲାବାଦ ଏବଂ ଚେନ୍ନାଇରେ ମୋଦି ଜନସଭାକୁ ସମ୍ବୋଧନ କରିବେ। ୫ରେ ସେ ତେଲଙ୍ଗାନାର ସାଙ୍ଗାରେଡ୍ଡୀଠାରେ ଏକ ସଭାରେ ଯୋଗଦେବେ। ପରେ ଓଡ଼ିଶା ଆସି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ସହ ଏକ ଜନସଭାକୁ ସମ୍ବୋଧିତ କରିବେ। ୬ରେ କୋଲକାତାର ଓ ପରେ ବିହାର ଯାଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ।

# ବିଜେଡି ଛାଡିଲେଣି ୩ ବିଧାୟକ, ୪ ପୂର୍ବତନ ବିଧାୟକ

ଭୁବନେଶ୍ୱର,୩।୩(ଅନିଲ ଦାସ)

ନିର୍ବାଚନ ପାଖେଇ ଆସୁଛି। ଆଶାୟୀଙ୍କ ଆଶା କୂଳ ଲଙ୍ଘିଲାଣି। ନିଜର ରାଜନୈତିକ ଭବିଷ୍ୟତ ବଞ୍ଚାଇବା ପାଇଁ ବିଜେଡିର କେତେକ ବିଧାୟକ ଓ ପୂର୍ବତନ ବିଧାୟକ ଦଳ ଡିଆଁ ଆରମ୍ଭ କରିଛନ୍ତି। ନିଜ ଦଳ ପକ୍ଷରୁ କିଛି ଭରସା ମିଳୁନି। କାହାକୁ ଧରି ନିର୍ବାଚନ ବୈତରଣୀ ପାର ହେବେ ତାହାର କିଛି କୁଳକିନାରା ପାଉନାହାନ୍ତି। ୨୦୧୯ ନିର୍ବାଚନରେ ଯାହାଙ୍କୁ ଭରସା କରିଥିଲେ ସେମାନେ ଆଉ ହାତପାହାନ୍ତାରେ ନାହାନ୍ତି। ଦଳର ଆଗଧାଡ଼ିର ନେତା ମଧ ସେମାନଙ୍କ ପାଖଛଡା ଦେଲେଣି। ଦଳ ମଧ୍ୟ ପୁରୁଣାଙ୍କୁ ବଦଳାଇ ଜନସମ୍ପର୍କ ଥିବା ନୂଆ ଚେହେରା ଖୋଜାରେ ଲାଗିଛି। ଏଭଳି ପରିସ୍ଥିତିରେ କୌଣସି ଥଳକୂଳ ନ ପାଇ ଗତ ୧୧ ଦିନ ଭିତରେ ବିଜେଡିର ୨ ଜଣ ବହିଷ୍କୃତ ବିଧାୟକ, ଜଣେ ବିଧାୟକ ଏବଂ ୪ ଜଣ ପୂର୍ବତନ ବିଧାୟକ ଭାଜପାରେ ଯୋଗ ଦେଇ ସାରିଲେଣି। ସେମାନେ ହେଲେ ବିଜେଡିରୁ ବହିଷ୍କୃତ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ବିଜେଡିରୁ ନିଲମ୍ବିତ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବିଜେଡିର ଜୟଦେବ ବିଧାୟକ ଅରବିନ୍ଦ ଢାଲି, ବରୀର ପୂର୍ବତନ ବିଧାୟକ ଦେବାଶିଷ ନାୟକ, ଗଁଦିଆର ପୂର୍ବତନ ବିଧାୟକ ନବୀନ ନନ୍ଦ, ସାରସକଣାର ପୂର୍ବତନ ବିଧାୟକ ଭାଦବ ହାଁସଦା ଏବଂ ମାଲକାନଗିରିର ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି । ତେବେ ଆଉ କିଛି ବିଧାୟକ ଓ ପୂର୍ବତନ ବିଧାୟକ ମଧ ଦଳ ଛାଡ଼ିବା ନେଇ ସଙ୍କେତ ଦେଲେଣି। ସୋମବାର ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର ଓରଫ୍ ରାଜୁ ଦାସ ଭାଜପାରେ ସାମିଲ ହେବା ନେଇ ସୂଚନା ଦେଇଛନ୍ତି । ଗତ ଧାମନଗର ଉପନିର୍ବାଚନରେ ରାଜୁଙ୍କୁ ବିଜେଡି ଟିକେଟ ନ ଦେବାରୁ ସେ ବିଦ୍ରୋହ କରି ସ୍ୱାଧୀନ ଭାବେ ଛିଡ଼ା ହୋଇଥିଲେ। ବିଜେଡି ତାଙ୍କୁ ନିଲମ୍ବିତ କରିବା ସତ୍ତ୍ୱେ ସେ ନିର୍ବାଚନ ଲଢ଼ି ବିଜେଡି ଭୋଟ ବିଭାଜନ କରିଦେବାରୁ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ବିଜୟୀ ହୋଇଥିଲେ । ସେହିପରି ବିଜେଡି ଛାଡ଼ିଥିବା ତେଲକୋଇ ବିଧାୟକ ପ୍ରେମାନନ୍ଦ ନାଏକ ମଧ ଭାଜପାରେ ମିଶିବା ନେଇ ଚର୍ଚ୍ଚା ହେଉଛି।

### ଆଜି ଭାଜପାରେ ଯୋଗଦେଇପାରନ୍ତି ରାଜୁ ଦାସ

# ଭାଜପାରେ ମିଶିଲେ ଅରବିନ୍ଦ, ମୁକୁନ୍ଦ


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଧାୟକ ଅରବିନ୍ଦ ଢାଲିଙ୍କ ସହ ଅନ୍ୟ ଦଳରୁ ଆସିଥିବା ନେତା ଓ କର୍ମୀ।

ଭୁବନେଶ୍ୱର,୩।୩(ଅନିଲ ଦାସ)

ଜୟଦେବ ବିଧାୟକ ଅରବିନ୍ଦ ଢାଲି ନିଜ ସମର୍ଥକଙ୍କ ସହ ବିଜୁ ଜନତା ଦଳ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ମିଶ୍ରଣ ପର୍ବରେ ତାଙ୍କ ସହ ବୁଦ୍ଧନାଥ ବାରିକ, ଅମୂଲ୍ୟ କୁମାର ମହାପାତ୍ର, ବଳରାମ ମଲ୍ଲିକ, କୈଳାସ ଚନ୍ଦ୍ର ସେଠୀ, ସୁରେନ୍ଦ୍ର ସେଠୀ, ରାଜେନ୍ଦ୍ର ସାହୁ, ରଶ୍ମି ପଣ୍ଡା, ରଞ୍ଜିତ କୁମାର ଜେନା, ଶ୍ରୀଧର ସାହୁଙ୍କ ସମେତ ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ମାଲକାନଗିରିର ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି ମଧ ବିଜେଡି ଛାଡ଼ି ନିଜ ସମର୍ଥକଙ୍କ ଗହଣରେ ଆସି ଭାଜପାରେ ସାମିଲ ହୋଇଛନ୍ତି । ଜିଲାର ବରିଷ୍ଠ ବିଜେଡି ନେତା ଦେବ ମାଡ଼କାମୀ, ବିଶ୍ୱନାଥ ସରକାର, ଜିତେନ୍ଦ୍ର ସାମଲ, କମଳାକାନ୍ତ ଶର୍ମା, ଜ୍ୟୋତିରଞ୍ଜନ ଦାସ ଦଳରେ ଯୋଗ ଦେଇଛନ୍ତି। ଏଥିସହିତ ଗଞ୍ଜାମ ଜିଲା ୨୬ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟ ତଥା ଦିଗପହଣ୍ଡି ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତା ବିପିନ ଚନ୍ଦ୍ର ପ୍ରଧାନ, ସମିତି ସଭ୍ୟ ଯତୀନ୍ଦ୍ର ପାତ୍ର, ସାରଥି ପ୍ରସାଦ ଗୌଡ଼, ସନ୍ତୋଷ ଚୌଧୁରୀ, ବାବୁ ଗୌଡ଼, ପୂର୍ବତନ ସରପଞ୍ଚ ହରିବନ୍ଧୁ ରେଡ୍ଡୀ, ଅସିତ କୁମାର ସାହୁ, ଉଦୟନାଥ ସ୍ୱାଇଁ, କୃଷ୍ଣ ସାହୁ,ନିରାକାର ପ୍ରଧାନ ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ବିଜୁ ଜନତା ଦଳର ପୂର୍ବତନ ଗଞ୍ଜାମ ଜିଲା ଉପସଭାପତି ବନମାଳୀ ସେଠୀ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ବିଜେଡି ତ୍ୟାଗ କରି ଭାଜପାରେ ମିଶିଛନ୍ତି। ସେହିପରି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ପୂର୍ବତନ ଅଧ୍ୟକ୍ଷା ସଂଘମିତ୍ରା ପଣ୍ଡାଙ୍କ ସହ ମଧୁସୂଦନ ଜେନା, ବାବୁଲା ଜେନା, କୁନୁରୀ ଜେନା, ପ୍ରଫୁଲ୍ଲ ଜେନା, ସୁବାସ ଜେନା, ମନୋରଞ୍ଜନ ଜେନା, ଦେବାଶିଷ ଜେନା, ବାବାଜୀ ଜେନା, ରଣଜିତ ଗ୍ରାମ ପଞ୍ଚାୟତର ଆନନ୍ଦ ସେଠୀ, ବାବୁଲା ମାଝି, ଘନଶ୍ୟାମ ବେହେରା, ବେଣୁଧର ଜେନା, ପାଟୁଳି ଗ୍ରାମ ପଞ୍ଚାୟତର ନରସିଂହ ଗିରି, ବୀରେନ୍ଦ୍ର ପତି, ଶରତ ଚନ୍ଦ୍ର ପତି, ଅରେଇକଣାର ସୁଶାନ୍ତ କୁମାର ମହାପାତ୍ର, ଯୋଗେନ ସାହୁ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ବନ୍ତ ବ୍ଲକ ପୁରୁଷଣ୍ଡ ପଞ୍ଚାୟତର ମାନସ ରଞ୍ଜନ ପଣ୍ଡା, ପ୍ରଭାକର ସାହୁ, ପ୍ରଦୀପ କୁମାର ଦାସ ଏବଂ ବିଟିପୁର ଗ୍ରାମ ପଞ୍ଚାୟତର ଲକ୍ଷ୍ମୀଧର ସାହୁ, କୈଳାସ ମହାପାତ୍ର, ସନାତନ ପଲେଇ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ଭୁବନେଶ୍ୱରରୁ ଅନୁଶ୍ରୀ ଦାସ, ଜଟଣୀ ବିଧାନସଭାରୁ ଛାତ୍ର କଂଗ୍ରେସ ସଭାପତି ମହମ୍ମଦ ଅସ୍‌ଫାଖ୍ ଭାଜପାରେ ସାମିଲ ହୋଇଛନ୍ତି। ନୟାଗଡ଼ ଜିଲା ଖଣ୍ଡପଡ଼ାର ଦୁଷ୍ମନ୍ତ ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୀତା ସ୍ୱାଇଁ, ଉଜ୍ଜ୍ୱଳ ମହାରଣା, ଗୀତାଞ୍ଜଳି ବେହେରା, ଯୁଧିଷ୍ଠିର ଦାଶ ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ନୂତନ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଛନ୍ତି । ଏହି ମିଶ୍ରଣ ପର୍ବରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଦୀପ ପାଣିଗ୍ରାହୀ, ପ୍ରଶାନ୍ତ ଜଗଦ୍ଦେବ, ପୂର୍ବତନ ଡିଜି ଓ ବରିଷ୍ଠ ନେତା ପ୍ରକାଶ ମିଶ୍ର, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ସୁକେଶୀ ଓରାମ, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ସାଂସ୍କୃତିକ ପ୍ରକୋଷ୍ଠ ରାଜ୍ୟ ସଂଯୋଜିକା ପିଙ୍କି ପ୍ରଧାନ, ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ, ଶ୍ରୀତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନରେନ ପଲେଇ ବି ପଦ୍ମ ଧରିବେ

ଭଦ୍ରକ,୩।୩ (ସନାତନ ରାଉତ)



ଭଦ୍ରକର ପୂର୍ବତନ ବିଧାୟକ ନରେନ ପଲେଇ ସୋମବାର ବିଧିବଦ୍ଧ ଭାବେ ଭାଜପାରେ ଯୋଗଦେବେ ବୋଲି ସୂଚନା ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ତାଙ୍କ ସମର୍ଥକଙ୍କ ସହ ଦଳରେ ସାମିଲ ହେବେ। ଧାମନଗର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଭାଜପାରେ ମିଶିବା ସହ ନରେନଙ୍କ ମିଶ୍ରଣ ଭଦ୍ରକର ରାଜନୈତିକ ସମୀକରଣକୁ ଓଲଟ ପାଲଟ କରିବ ବୋଲି ଚାରିଆଡ଼େ ଚର୍ଚ୍ଚା ଆରମ୍ଭ ହେଲାଣି। ନରେନ ୨୦୦୪ରୁ ୨୦୦୯ କଂଗ୍ରେସରୁ ବିଧାୟକ ଥିଲେ। ଏବେ ପୁରୁଣାବଜାର କିମ୍ବା ଚନ୍ଦନବଜାରରେ ଷ୍ଟେଟବ୍ୟାଙ୍କ ପ୍ରତିଷ୍ଠା, ମେମୁ ଟ୍ରେନ୍ ଚଳାଚଳ ଦାବି, ଭଦ୍ରକରେ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପାଇଁ ନବୀନ ନିବାସରେ ୧୦ ଥର ଦାବିପତ୍ର ଦେବା ସହ ଭଦ୍ରକର ବିକାଶ ଲାଗି ଆନ୍ଦୋଳନ କରି ଚର୍ଚ୍ଚାରେ ଅଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରଦର୍ଶନୀରେ ଭିଡ଼ ବଢ଼ାଉଛି କାରବାର

## ଖରାଦିନିଆ ପୋଷାକ ଷ୍ଟଲ୍‌ରେ ଭିଡ଼

ଭୁବନେଶ୍ୱର,୩।୩ (ଅଭୟ ଦାଶ)



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆରେ ଏକ ଆନ୍ତଃ ରାଜ୍ୟ ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀର ଆୟୋଜନ କରାଯାଇଛି। ଏପରିକି ପାଣିପାଗ ଓ ପରିବେଶ ପ୍ରଦର୍ଶନୀ ପାଇଁ ବେଶ୍ ଉତ୍ସାହଜନକ ରହିଥିଲାବେଳେ ସନ୍ଧ୍ୟା ୭.୩୦ରୁ ୯.୩୦ ଘଟିକା ପର୍ଯ୍ୟନ୍ତ ଭିଡ଼ ଅସମ୍ଭାଳ ହେଉଛି। ବିଶେଷକରି ଚଳିତ ଗ୍ରୀଷ୍ମ ପ୍ରବାହ (ଋତୁ) ପାଇଁ ଗ୍ରାହକ ଆକର୍ଷଣୀୟ ଓ ବିଭିନ୍ନ ବର୍ଗର ଆରାମଦାୟକ ପୋଷାକ ସହ ହ୍ୟାଣ୍ଡଲୁମ୍ ପୋଷାକ ପ୍ରତି ବେଶ୍ ଆକୃଷ୍ଟ ହେଉଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଉକ୍ତ ପ୍ରଦର୍ଶନୀରେ ଓଡ଼ିଶାର ବୟନିକା ସମେତ ପଶ୍ଚିମବଙ୍ଗ,ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ହରିୟାଣା, ତାମିଲନାଡୁ, ବିହାର, ପୁଡୁଚେରୀ, ଆସାମ, କର୍ନାଟକ,ରାଜସ୍ଥାନ, ଉତ୍ତରାଖଣ୍ଡ ଏବଂ ଜମ୍ମୁ-କଶ୍ମୀର ଭଳି ରାଜ୍ୟର ବ୍ୟବସାୟୀମାନେ ମୋଟ ୭୫ଟି ଷ୍ଟଲ ଜରିଆରେ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ସହ ବିକ୍ରି କରୁଛନ୍ତି। ଅପରପକ୍ଷରେ ଗ୍ରାହକ ଘରକରଣା ସାମଗ୍ରୀ ଓ ସାଜସଜ୍ଜା ପାଇଁ ବିଭିନ୍ନ ପ୍ରକାର ହ୍ୟାଣ୍ଡିକ୍ରାଫ୍ଟ ଉତ୍ପାଦ ସୁଲଭ ମୂଲ୍ୟରେ ପାଇପାରୁଛନ୍ତି।

ଉଲ୍ଲେଖଯୋଗ୍ୟ, କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ଆୟୋଜିତ ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆଠାରେ ଜାରି ରହିଛି। ଏହି ପ୍ରଦର୍ଶନୀ ୨୦୨୪ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଘଟିକାରୁ ରାତ୍ର ୯ଘଟିକା ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଖୋଲା ରହିଛି। ସୂଚନାଯୋଗ୍ୟ, ପ୍ରଦର୍ଶନୀର ପ୍ରତ୍ୟେକ କ୍ରୟ ଉପରେ ୨୦%ର ସ୍ୱତନ୍ତ୍ର ରହାତି ଗ୍ରାହକମାନଙ୍କୁ ଯୋଗାଇଦିଆଯାଉଛି।

# ଓଡ଼ିଶାରୁ ଦକ୍ଷିଣ କୋରିଆକୁ ସାମୁଦ୍ରିକ ଖାଦ୍ୟ ରପ୍ତାନି ବଢ଼ିବ




ଭୁବନେଶ୍ୱର,୩।୩(ଅନୁରାଧା ମହାରଣା)

ଇଣ୍ଟରନ୍ୟାଶନାଲ ଲେବର ଅର୍ଗାନାଇଜେଶନ ଏବଂ କୋରିଆନ୍ ଇଣ୍ଟରନ୍ୟାଶନାଲ କର୍ପୋରେଶନ ଏଜେନ୍ସି(କୋଇକା) ପକ୍ଷରୁ ସାମୁଦ୍ରିକ ଖାଦ୍ୟ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ନଲେଜ ବିଲ୍ଡିଂ ଅନ୍ କୋରିଆନ୍ ବେଷ୍ଟ ପ୍ରାକ୍ଟିସେସ୍ ଇନ୍ ଆକ୍ୱା ଆଣ୍ଡ ସି ଫୁଡ୍ ପ୍ରୋସେସିଂ ଆଣ୍ଡ ବାଇଲାଟେରାଲ ପାର୍ଟନରଶିପ୍' ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ଟେକ୍ନିକାଲ ଜ୍ଞାନ କୌଶଳ, ବଜାର ପ୍ରବେଶ, ଉତ୍ପାଦର ଗୁଣବତ୍ତା, ଭିତ୍ତିଭୂମି ତଥା ପ୍ରଚାରପ୍ରସାର ଦ୍ୱାରା ଭାରତର ଉପକୂଳବର୍ତ୍ତୀ ଅଞ୍ଚଳ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରୁ ଦକ୍ଷିଣ କୋରିଆକୁ ସାମୁଦ୍ରିକ ଖାଦ୍ୟ ରପ୍ତାନୀ ବଢ଼ାଇବ ବୋଲି ମତ ପ୍ରକାଶ ପାଇଛି। କୋରିଆରୁ ଆସିଥିବା ୫ ଜଣିଆ ପ୍ରତିନିଧି ଦଳ ଏହି ଆଲୋଚନାରେ ସାମିଲ ହୋଇଥିଲେ। ସି' ଫୁଡ୍ ଏକ୍ସପୋର୍ଟରସ୍ ଆସୋସିଏଶନ୍ ଅଫ୍ ଇଣ୍ଡିଆର ଓଡ଼ିଶା ଆଞ୍ଚଳିକ ଶାଖା ସଭାପତି ଡ. କମଳେଶ ମିଶ୍ର କହିଥିଲେ, ଭାରତ ଓ କୋରିଆ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବାଣିଜ୍ୟିକ ଓ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ। ଏମ୍ଏସ୍ଏମ୍ଇ ବିଭାଗର ସ୍ୱତନ୍ତ୍ର ସଚିବ ବିଭୂତି ଭୂଷଣ ଦାଶ ସାମୁଦ୍ରିକ ଖାଦ୍ୟ କ୍ଷେତ୍ରରେ ଆଞ୍ଚଳିକ ଅଭିବୃଦ୍ଧି ସମ୍ପର୍କରେ କହିଥିଲେ। ଜିଓଙ୍ଗସାଙ୍ଗ୍ ନ୍ୟାଶନାଲ୍ ୟୁନିଭର୍ସିଟି ପ୍ରଫେସର ଚୋଇ ବାୟୋଙ୍ଗ୍ ଡାଏ କହିଥିଲେ, ବାଣିଜ୍ୟିକ ସମ୍ପର୍କରେ ସୁଧାର ପାଇଁ ଉଭୟ ଦେଶ ମଧ୍ୟରେ ବିଶ୍ୱନୀୟତା ରକ୍ଷାକରିବା ପ୍ରଥମ ପାହାଚ। ଏମ୍‌ପିଇଡିଏ ଆଞ୍ଚଳିକ କ୍ଷେତ୍ରର ଉପ ନିର୍ଦ୍ଦେଶକ ଆର୍କିମାନ ଲାହିରି ଦକ୍ଷିଣ କୋରିଆକୁ ଚିଙ୍ଗୁଡ଼ି, କଙ୍କଡ଼ା, ମାଛ, ଶୁଖୁଆ ଆଦି ରପ୍ତାନି ସମ୍ପର୍କରେ ବିବରଣୀ ଦେଇଥିଲେ। କୋରିଆର ପ୍ରତିନିଧି ଦଳରେ ବାୟୋସନର ସିଇଓ ଜିଓଙ୍ଗ୍ ୟୁ ଚିଓଲ୍, ହନା ଫୁଡ୍ କର୍ପୋରେଶନ୍ ପ୍ରଡକ୍ଟସ୍‌ର ମ୍ୟାନେଜର ଜୁଙ୍ଗ୍ ୱୁଜିଓଙ୍ଗ୍, ୟେସୁ ରିଜିଓନାଲ ଅଫିସ୍ ଅଫ୍ ନ୍ୟାଶନାଲ ଫିସେରି ପ୍ରଡକ୍ଟସ୍ କ୍ୱାଲିଟି ମ୍ୟାନେଜମେଣ୍ଟ ସର୍ଭିସ୍‌ର ପୂର୍ବତନ ନିର୍ଦ୍ଦେଶକ ଜୋ କ୍ୟୁ ଓକେ, କୋରିଆ ଫିସେରିଜ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ପବ୍ଲିକ୍ ଏଜେନ୍ସିର କନ୍ସଲଟାଣ୍ଟ ଚିଓନ୍ ଜାଏ ମିନ୍ ଏବଂ କୋଇକା ଇଣ୍ଡିଆର ନିର୍ଦ୍ଦେଶକ ୱୁଚାନ୍ ଚାଙ୍ଗ୍ ପ୍ରମୁଖ ଯୋଗଦେଇଥିଲେ।

# ଏନ୍‌ପିଏସ୍ ଟ୍ରଷ୍ଟର କାର୍ଯ୍ୟାଳୟ ପରିସର ଉଦ୍‌ଘାଟିତ

ଭୁବନେଶ୍ୱର,୩।୩




ଦେଶର ପ୍ରମୁଖ ନିୟାମକ ସଂସ୍ଥା ତଥା ପେନ୍‌ସନ ଫଣ୍ଡ ରେଗୁଲାଟେରି ଆଣ୍ଡ ଡେଭଲପମେଣ୍ଟ ଅଥରଟି (ପିଏଫ୍ଆରଡିଏ) ଅଧୀନରେ ଥିବା ନ୍ୟାଶନାଲ ପେନ୍‌ସନ ସିଷ୍ଟମ (ଏନ୍‌ପିଏସ୍) ଟ୍ରଷ୍ଟର ନୂତନ କାର୍ଯ୍ୟାଳୟ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ୱାଲର୍ଡ ଟ୍ରେଡ୍ ସେଣ୍ଟର କମ୍ପ୍ଲେକ୍ସ ନାରୁଜିନଗର ନୂଆଦିଲ୍ଲୀଠାରେ ଏନ୍‌ପିଏସ୍ ଟ୍ରଷ୍ଟର ନୂତନ କାର୍ଯ୍ୟାଳୟ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହି ଅବସରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଡ. ଭଗଓ୍ୱତ କରାଡ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଅର୍ଥ ସଚିବ ଡ. ବିବେକ ଜୋଷୀ,ପିଏଫ୍ଆରଡିଏର ଅଧ୍ୟକ୍ଷ ଡ. ଦୀପକ ମହାନ୍ତି ଏବଂ ଏନ୍‌ପିଏସ୍ ଟ୍ରଷ୍ଟର ଚେୟାରମ୍ୟାନ ୱାଇ. ଭେଙ୍କଟ ରାଓ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ।

## ଆଜି ସରିବ ଖଦି ମହୋତ୍ସବ

ଭୁବନେଶ୍ୱର,୩।୩

ଖଦି ଆଣ୍ଡ ଭିଲେଜ ଇଣ୍ଡଷ୍ଟ୍ରିଜ୍ କମିଶନ(କେଭିଆଇସି)ର ରାଜ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର (ଓଡ଼ିଶା) ପକ୍ଷରୁ ଏକ ୧୦ଦିନିଆ ରାଜ୍ୟସ୍ତରୀୟ ଖଦି ମହୋତ୍ସବ ସୋମବାର ଉଦ୍‌ଯାପନ ହେଉଛି। ଉଲ୍ଲେଖଯୋଗ୍ୟ, କେଭିଆଇସି ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିପଣନ ଏବଂ ପିଏମ୍ଇଜିପି ପ୍ରଦର୍ଶନୀ ମଧ୍ୟ ସୋମବାର ଶେଷ ହେଉଛି। ଉକ୍ତ ମହୋତ୍ସବରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ହରିୟାଣା, ବିହାର ଏବଂ ଜମ୍ମୁ-କଶ୍ମୀର ଭଳି ରାଜ୍ୟର ଗ୍ରାମୋଦ୍ୟୋଗ ବ୍ୟବସାୟୀ ଅଂଶ ଗ୍ରହଣ କରିଛନ୍ତି। ଏପରିକି ଉକ୍ତ ପ୍ରଦର୍ଶନୀ ଓ ମହୋତ୍ସବରେ ମୋଟ ୯୫ ଟି ଷ୍ଟଲ୍ ଜରିଆରେ ବ୍ୟବସାୟୀମାନେ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ସହ ବିକ୍ରି କରୁଛନ୍ତି।






# ସିଜିୟୁରେ ୨ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ




ଭୁବନେଶ୍ୱର, ୩।୩

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ସି.ଭି.ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ)ର କମ୍ପ୍ୟୁଟର ସାଇନ୍ସ ବିଭାଗ ପକ୍ଷରୁ ଏକ ୨ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଲୁମିନସ୍ ଇନ୍‌ଫୋୱେବ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟଶ୍ରୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀର ଶୁଭାରମ୍ଭ କରିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସୁଧୀନ୍ଦ୍ର ନାଥ ପଣ୍ଡାଙ୍କ ସଭାପତିତ୍ୱରେ ସମ୍ମିଳନୀର ଶୁଭାରମ୍ଭ ସହ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ସମ୍ମିଳନୀରେ ଦେଶ ବିଦେଶରୁ ୫୦ରୁ ଅଧିକ ପ୍ରମୁଖ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟର ୪୬୦ରୁ ଉର୍ଦ୍ଧ ରିସର୍ଚ୍ଚ ପେପର ମଧ୍ୟରୁ ସ୍ୱତନ୍ତ୍ର ବିଚାରକ ମଣ୍ଡଳୀ ଦ୍ୱାରା ୧୪୦ଟି ରିସର୍ଚ୍ଚ ପେପର ଉପସ୍ଥାପନ ପାଇଁ ମନୋନୀତ କରାଯାଇଛି। ସମାନ୍ତରାଳ ଭାବେ ୫ଟି ଅଧିବେଶନରେ ମନୋନୀତ ରିସର୍ଚ୍ଚ ପେପର ଉପସ୍ଥାପନା କରାଯିବା ସହିତ ପ୍ରଫେସର ସରଜୁ ମହାନ୍ତି, ପ୍ରଫେସର ରାମ ବିଳାସ ପାଚୋରୀ, ପ୍ରଫେସର ସରୋଜ ମେହେର ଏବଂ ପ୍ରଫେସର ନରେମନ୍ ଅମାର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିବେ। ଏହି ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ ଉପଦେଷ୍ଟା ପ୍ରଫେସର ଗଣପତି ପଣ୍ଡା, ପ୍ରଫେସର ପ୍ରମୋଦ ମେହେର, ଡିନ୍ ଇଞ୍ଜିନିୟରିଂ ପ୍ରଫେସର ପ୍ରିୟଦର୍ଶୀ କାନୁନ୍‌ଗୋ, ଡିନ୍ ଛାତ୍ର କଲ୍ୟାଣ ପ୍ରଫେସର ସୁକାନ୍ତ ବିଶୋଇ ଏବଂ ବିଭାଗୀୟ ମୁଖ୍ୟ ଡ. ରୋଜାଲିନା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ତାଙ୍କର ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡ. ସୁରେନ୍ଦ୍ର ନନ୍ଦ, ଡ. ରାମଚନ୍ଦ୍ର ବାରିକ୍, ଡ. ଦେବେନ୍ଦ୍ର ମୁଦୁଲି, ଡ. ରାକେଶ ରଞ୍ଜନ କୁମାର, ଡ. ମମତା ଦାସ, ସୌମ୍ୟା ସାହୁ, ଅଞ୍ଜନା ମିଶ୍ର ଏବଂ ମୋନାଲିସା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଓଜିବିଇଏର ୪ର୍ଥ ଦ୍ୱିବାର୍ଷିକ ବୈଠକ




ଭୁବନେଶ୍ୱର,୩।୩

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କର୍ମଚାରୀ ସଂଘ (ଓଜିବିଇଏ)ର ୪ର୍ଥ ଦ୍ୱିବାର୍ଷିକ ସମ୍ମିଳନୀ ଏବଂ ଜେନେରାଲ ବଡି ମିଟିଂ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଅଧ୍ୟକ୍ଷ ଋଷି ସିଂଙ୍କ ସମେତ ଜେନେରାଲ ମ୍ୟାନେଜର ସ୍ୱେତଭ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ, ଓଜିବିଇଏର ସଭାପତି ପ୍ରୀତମ ପୁହାଣଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲାବେଳେ ସଙ୍ଗଠନର ସାଧାରଣ ସମ୍ପାଦକ କୈବଲ୍ୟ ପ୍ରସାଦ ନାୟକ ସମ୍ମିଳନୀ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁଲିନ ମିଶ୍ର ଓ ଶିବକରଣ ଦ୍ୱିବେଦୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ମିଳନୀର ଆଭିମୁଖ୍ୟ ଓ କର୍ମଚାରୀଙ୍କ ବିଭିନ୍ନ ପ୍ରସ୍ତାବ ଉପରେ ଦାବି ଉପସ୍ଥାପନ ସହ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ ସମ୍ମିଳନୀକୁ କର୍ମଚାରୀ ସଂଘର ସଦସ୍ୟ ସୌଭାଗ୍ୟ ମହାନ୍ତି, ଉତ୍ତମ ସେଠୀ, ଅମରେନ୍ଦ୍ର ରାଉତ, ବାବୁଲି ସ୍ୱାଇଁ, ବିଶ୍ୱଜିତ୍ ମିଶ୍ର, ସୌମ୍ୟସୂରଜ ଏବଂ ପ୍ରଶ୍ନଜିତ୍ ଗଜେନ୍ଦ୍ର ପ୍ରମୁଖ ପରିଚାଳନା କରିଥିଲେ।


# Classified Everyday

0674-2580101, 2549949



REAL ESTATE

SALE

**Fullyfurnished3BHKflat for sale at Sahidnagar, Bhubaneswar 2nd Floor 1697sqft. 500mtr. from Vanivihar Chhak opposite Income Tax Office, Close to NH- Price- 1.70cr. Contact Owner- 9437061571, 6372063203.** D-75923

Ready to possess 2/3 BHK flats near Badagada Canal Road, Mouza: Meherpalli for sale. Bank finance available. Cotact: 9861467987 / 9861336178. D-2653

Ready to Move New (2BHK- Rs. 22,00,000/-) and (1BHK- Rs.11,00,000/-) flats for sales at Sundarpada, Bhubaneswar. Contact- 7008346486. D-75523

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75919

**Flat for sale 2BHK, 3 BHK near Grand Bazar, Phulnakhara, close to NH-16. 7846819129.** D-75914

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ର ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

Gharabari plot sale Bhubaneswar- Sundarpada Xavier University with boundarywall. 6372670155. D-75922

Book 3BHK, 4BHK premium flat at Saubhagya Nagar, OUAT Square, Near Khimji & Narula Sweets, Handover Aug. 2024. 9439716901. D-75522

**ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067.** D-75921

**29decimal Gharabadi Commercial plot SALE at Puri near Mangala-ghat new Bus Stand. Best for Apartment, Market Complex, School etc. Only Gen-uine Buyer please call- 9438109040/ 9438220432, No Bro-ker.** D-2676

**Gharabari plot 1100sf. near Lingaraj Temple, no litigation, Direct Owner, Immediate sale. 9178924698.** D-2545

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

**Plot sale Bhubaneswar, Sundarpada Roadରେ ଦଧିବାମନପୁର ମୌଜା yellowzone ଘରବାରି 30' road, pole ଥାଇ sqft.- 1200/- ମିଳୁଛି। Biswajit- 7008184348.** D-71069

GENERAL

SALE

ଗାଈଖାଇବା ଘାସ ପାଇଁ ଯୋଗାଯୋଗ କରନ୍ତୁ। Ph- 9438184813, 9238697188. D-2675



CONSTRUCTION

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




**Relax, Refresh your body, Mind at Saikrupa Spa with best therapies. 8984068077.** D-2600

**Newly open health benefits spa special offer@999 Bapujinagar, 8018429809.** D-76105

Relax, refresh your body, mind by expert therapist. Contact: 9938843929. D-76104

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଅଧ୍ୟାପକ ସୁଦାମ ସାହୁଙ୍କ ପିଏଚ୍.ଡି. ଲାଭ



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗର ଗବେଷଣା ସନ୍ଦର୍ଭରେ ଉତ୍କର୍ଷତା ଲାଭ କରିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ସୁଦାମ ସାହୁଙ୍କ ବିଷୟ 'ବାଣିଜ୍ୟ ଓ ବ୍ୟାଙ୍କ ସମ୍ବନ୍ଧିତ ଗବେଷଣା ସନ୍ଦର୍ଭ' ଉଚ୍ଚ ପ୍ରଶଂସିତ ହେବା ସହ ପିଏଚ୍.ଡି. ପ୍ରାପ୍ତ ହୋଇଥିଲା। ଡଃ ସୁଦାମ ସାହୁ ସମ୍ବଳିତ ପ୍ରସଙ୍ଗ ବରିଷ୍ଠ ଶିକ୍ଷାବିତ ଡଃ ଲଳିତ ମୋହନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଗବେଷଣା କରିଛନ୍ତି। ପ୍ରକାଶ ଥାଉକି ଅଧ୍ୟାପକ ସୁଦାମ ସାହୁ ବର୍ତ୍ତମାନ ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗରେ ଅଧ୍ୟାପକ ଭାବେ କାର୍ଯ୍ୟରତ। ବ୍ରହ୍ମପୁର ଉପଖଣ୍ଡ ବେଦାଳିଆ ଗ୍ରାମରୁ ସାଧାରଣ ପରିବାରରୁ ଆସିଥିବା ଅଧ୍ୟାପକ ଡଃ ସାହୁଙ୍କ ସଫଳତା ଯୋଗୁଁ ଛାତ୍ରଛାତ୍ରୀ ଏବଂ ଅଞ୍ଚଳରେ ଆନନ୍ଦର ଲହରି ସୃଷ୍ଟି ହୋଇଛି ଏବଂ ଡଃ ସୁଦାମ ସାହୁ ସଫଳତାର ସବୁ ଶ୍ରେୟ ନିଜ ବାପା, ମା', ଗୁରୁଜନ, ବନ୍ଧୁ ଓ ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରିଛନ୍ତି।

ଧ-୨୬୮୪

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଲାନିଙ୍ଗଙ୍କ ଅର୍ଦ୍ଧଶତକ, ମେଘନାଙ୍କୁ ୪ ଉଇକେଟ



ଉଇକେଟ ନେବା ପରେ ମେଘନା ସିଂଙ୍କ ସେଲିବ୍ରେସନ।

**ଓମେନ୍ସ ପ୍ରିମିୟର ଲିଗ୍ କ୍ରିକେଟ**

ବେଙ୍ଗାଲୁରୁ,୩।୩

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ରେ ଗୁଜରାଟ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା ମେଗ୍ ଲାନିଙ୍ଗ। ଅନ୍ୟ ପକ୍ଷରେ ଗୁଜରାଟ ପକ୍ଷରୁ ମେଘନା ସିଂ ୪ ଉଇକେଟ ନେଇ ସଫଳ ବୋଲର ରହିଥିଲେ। ଗୁଜରାଟ ଟସ ଜିତି ବୋଲିଂ କରିଥିବା ବେଳେ ଦିଲ୍ଲୀ କ୍ୟାପିଟାଲ୍ସ ୮ ଉଇକେଟରେ ୧୬୩ ରନ୍ ସଂଗ୍ରହ କରିଥିଲା। ହ୍ୟାଟ୍ରିକ ପରାଜୟ ଅର୍ଜନ କରି ସାରିଥିବା ଗୁଜରାଟ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଦଳ ପକ୍ଷରୁ ମେଘନା ସିଂ ଚମତ୍କାର ବୋଲିଂ କରି ବିପଜ୍ଜନକ ଶେଫାଳି ବର୍ମାଙ୍କୁ ଆଉଟ କରିଥିଲେ। ଦଳୀୟ ସ୍କୋର ୨୦ରେ ଶେଫାଳି ପ୍ୟାଭିଲିୟନ ଫେରିଥିଲେ। ଆଲିସ୍ କାପ୍‌ସି(୨୭) ଓ ମେଗ୍ ଲାନିଙ୍ଗ(୫୫) ଦ୍ୱିତୀୟ ଉଇକେଟରେ ୩୮ ରନ୍ ଯୋଡିଥିଲେ। କାପ୍‌ସି ୧୭ ବଲ୍‌ରୁ ୨୭ ରନ୍ କରିଥିବା ବେଳେ ଲାନିଙ୍ଗ ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ। କାପ୍‌ସି ଧୂଆଁଧାର ବ୍ୟାଟିଂ କରିବା ସହ ୫ ଚୌକା ମାରିଥିଲେ। ଅନ୍ୟ ପକ୍ଷରେ ଧୀମା ଆରମ୍ଭ କରିଥିବା ଲାନିଙ୍ଗ ୪୧ ବଲ୍ ଖେଳି ୬ ଚୌକା ଓ ୧ ଛକା ମାରିଥିଲେ। ଶେଷ ଆଡକୁ ଆନାବେଲ ସଦରଲାଣ୍ଡ ୨୦ ଓ ଶିଖା ପାଣ୍ଡେ ଅପରାଜିତ ୧୪ ରନ କରିବାରୁ ଦଳ ୧୬୦ ରନ୍ ପାର କରିଥିଲା। ଗୁଜରାଟ ଜାଏଣ୍ଟ୍ସ ପକ୍ଷରୁ ମେଘନା ସିଂ କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ କରି ୩୭ ରନ୍‌ରେ ୪ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆସଲେ ଗାର୍ଡନର ୨, ତନୁଜା କଓ୍ୱଁର ଓ ମନ୍ନତ କଶ୍ୟପ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଖବର ପ୍ରସ୍ତୁତ ସୁଦ୍ଧା ଗୁଜରାଟ ଜାଏଣ୍ଟ୍ସ ୪ ଓଭରରେ ୧ ଉଇକେଟ ହରାଇ ୨୩ ରନ୍ ସଂଗ୍ରହ କରିଛି।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୬୩/୮(ମେଗ୍ ଲାନିଙ୍ଗ–୫୫, ଆଲିସ୍ କାପ୍‌ସି–୨୭, ଆନାବେଲ ସଦରଲାଣ୍ଡ–୨୦, ମେଘନା ସିଂ–୪/୩୭, ଆସ୍‌ଲେ ଗାର୍ଡନର–୨/୩୭, ମନ୍ନତ କଶ୍ୟପ–୧/୧୬)।



କ୍ୟାପିଟାଲ ଫୁଟ୍‌ବଲ ଆରେନାରେ ରବିବାର ସ୍ପୋର୍ଟ୍ସ ଓଡ଼ିଶା ଓ ଗୋକୁଳମ କେରଳ ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ୍ ଓମେନ୍ସ ଲିଗ୍ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

## ଇଣ୍ଟର ମାୟାମିର ରେକର୍ଡ ବିଜୟ

**ଫୋର୍ଟ ଲାଉଡରଡେଲ୍, ୩।୩ (ପି.ଟି.):** ଲିଓନେଲ ମେସି ଓ ଲୁଇସ୍ ସୁଆରେଜଙ୍କ ଡବଲ୍ ଗୋଲ ବଳରେ ଅରଲାଣ୍ଡୋ ସିଟିକୁ ୫–୦ ଗୋଲରେ ପରାସ୍ତ କରିଛି ଇଣ୍ଟର ମାୟାମି। ଏହା ସହିତ କ୍ଲବ୍ ନିଜ ଇତିହାସର ସବୁଠୁ ବଡ ବିଜୟ ରେକର୍ଡ କରିଛି। ବାର୍ସେଲୋନାର ଦୁଇ ଫରଓ୍ୱାର୍ଡ ଖେଳାଳି ମେସି ଓ ସୁଆରେଜ ଇଣ୍ଟର ମାୟାମି ପକ୍ଷରୁ ପ୍ରଥମ ଥର ଏକତ୍ର ଖେଳୁଥିବା ବେଳେ ପଡିଆରେ ଉଭୟଙ୍କ ଯାଦୁ ଦେଖିବାକୁ ମିଳିଥିଲା। ଇଣ୍ଟର ମାୟାମି ପକ୍ଷରୁ ଲୁଇସ୍ ସୁଆରେଜ୍(୪ ଓ ୧୧), ରବର୍ଟ ଟେଲର(୨୯) ଓ ଲିଓନେଲ ମେସି(୫୭ ଓ ୬୨) ମିନିଟରେ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧରେ ସୁଆରେଜ୍ ଦୁଇଟି ଗୋଲ ଦେଇଥିଲେ। ମ୍ୟାଚ୍‌ର ଚତୁର୍ଥ ମିନିଟରେ ସୁଆରେଜ୍ ପ୍ରଥମ ଗୋଲ ଦେଇଥିଲେ। ଏହାର ୭ ମିନିଟ ମଧ୍ୟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ସୁଆରେଜ୍। ୨୯ ତମ ମିନିଟରେ ରବର୍ଟ ଟେଲର ଇଣ୍ଟର ମାୟାମି ପକ୍ଷରୁ ତୃତୀୟ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧରେ ଦଳ ୩–୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ମେସି ମ୍ୟାଜିକ୍ ଦେଖିବାକୁ ମିଳିଥିଲା। ମାତ୍ର ୫ ମିନିଟ ମଧ୍ୟରେ ସେ ଦୁଇଟି ଗୋଲ ଦେଇଥିଲେ। ୫୭ ମିନିଟରେ ପ୍ରଥମ ଗୋଲ ଦେଇଥିବା ବେଳେ ୬୨ ତମ ମିନିଟରେ ଦ୍ୱିତୀୟ ଗୋଲ ଦେଇଥିଲେ।

# ଓଏଫ୍‌ସିର ବିଜୟଧାରାରେ ବ୍ରେକ୍

ଭୁବନେଶ୍ୱର,୩।୩
(ସରୋଜ ଜେନା)

ଚେନ୍ନାଇନ୍ ଏଫ୍‌ସି ନିକଟରୁ ୨–୧ରେ ହାରିବା ସହିତ ଓଡ଼ିଶା ଏଫ୍‌ସି(ଓଏଫ୍‌ସି)ର ବିଜୟ ରଥରେ ବ୍ରେକ୍ ଲାଗିଛି। ଜବାହାରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ଟି କଡା ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ଜୋର୍ଡାନ ମରେଙ୍କ ଇଞ୍ଜୁରୀ ଟାଇମ ଗୋଲରେ ହାରିଥିଲା ଓଏଫ୍‌ସି। ଏହା ସହିତ ଓଏଫ୍‌ସିର ୧୩ ମ୍ୟାଚ୍ ବିଜୟ ଧାରାରେ ବ୍ରେକ୍ ଲାଗିଛି। ଅକ୍ଟୋବର ମାସରେ ଶେଷ ଥର ଦଳ ଏଫ୍‌ସି ଗୋଆ ନିକଟରୁ ପରାଜିତ ହୋଇଥିଲା।

ମ୍ୟାଚ୍ ଆରମ୍ଭରୁ ଚେନ୍ନାଇନ୍ ଏଫ୍‌ସି ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ମ୍ୟାଚ୍‌ର ଷଷ୍ଠ ମିନିଟରେ ଅଙ୍କିତ ମୁଖାର୍ଜୀ ଓଏଫ୍‌ସିକୁ ଆଗୁଆ କରିଥିଲେ। କର୍ନର ମିଳିଥିବା ବେଳେ ଚମତ୍କାର ହେଡର ଜରିଆରେ ସେ ସ୍କୋର କରିଥିଲେ। ଓଏଫ୍‌ସି ସ୍କୋର କରିବାରେ ଅସମର୍ଥ ହୋଇଥିବା ବେଳେ ପ୍ରଥମାର୍ଦ୍ଧରେ ଚେନ୍ନାଇନ ୧–୦ରେ ଆଗୁଆ ରହିଥିଲା। ମ୍ୟାଚ୍‌ର ୭୮ ତମ ମିନିଟରେ ରୟ କ୍ରିଷ୍ଣା ଏକ ଗୋଲ ଦେଇ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। କର୍ନର କିକ୍‌ରୁ ଆମେ ରନାଓ୍ୱଡେଙ୍କ ଆସିଷ୍ଟକୁ ହେଡ କରି ରୟ କ୍ରିଷ୍ଣା ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ମ୍ୟାଚ୍ ଏକ ଡ୍ର ଆଡକୁ ଯାଉଥିବା ବେଳେ ଇଞ୍ଜୁରୀ ଟାଇମରେ ସ୍କୋର କରିଥିଲେ ଜୋର୍ଡାନ ମରେ। ୯୦+୪ ମିନିଟରେ ସେ ଗୋଲ ଦେବା ସହ ମ୍ୟାଚ୍‌ର ଫଳାଫଳ ଚେନ୍ନାଇନ ଆଡକୁ ମୋଡି ଦେଇଥିଲେ। ଏହି ମ୍ୟାଚ୍‌ର ଫଳାଫଳ ସହ ଓଏଫ୍‌ସି ୧୮ ମ୍ୟାଚ୍‌ରୁ ୩୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଚେନ୍ନାଇନ୍ ୧୭ ମ୍ୟାଚ୍‌ରୁ ୧୮ ପଏଣ୍ଟ ସହ ଦଶମ ସ୍ଥାନରେ ରହିଛି।



ଓଏଫ୍‌ସି ଓ ଚେନ୍ନାଇନ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଗୋକୁଳମ୍ କେରଳର ବୃହତ୍ ବିଜୟ

**ଫଜିଲାଙ୍କ ହ୍ୟାଟ୍ରିକ୍**

ଭୁବନେଶ୍ୱର,୩।୩
(ସରୋଜ ଜେନା)

ସ୍ଥାନୀୟ କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ଇଣ୍ଡିଆନ୍ ଓମେନ୍ସ ଲିଗ୍(ଆଇଡବ୍ଲ୍ୟୁଏଲ) ମ୍ୟାଚ୍‌ରେ ସ୍ପୋର୍ଟ୍ସ ଓଡ଼ିଶା ବିପକ୍ଷରେ ବୃହତ ବିଜୟ ହାସଲ କରିଛି ଡିଫେଣ୍ଡିଂ ଚାମ୍ପିୟନ ଗୋକୁଲମ କେରଳ। ଫଜିଲା ଇକ୍ୱାପୁଟ ହ୍ୟାଟ୍ରିକ ସମେତ ୪ ଗୋଲ ଦେଇଥିବା ବେଳେ ଦଳ ୫–୦ରେ ବିଜୟୀ ହୋଇଥିଲା। ଫଜିଲା (୪୪, ୮୩, ୮୪ ଓ ୮୫) ମିନିଟରେ ଗୋଲ ଦେଇଥିବା ବେଳେ ସାନ୍ଧିୟା ରଙ୍ଗନାଥନ(୩) ମିନିଟରେ ଏକ ଗୋଲ ଦେଇଥିଲେ। ସାନ୍ଧିୟା ତୃତୀୟ ମିନିଟରେ କେରଳ ପକ୍ଷରୁ ପ୍ରଥମ ଗୋଲ ଦେଇଥିବା ବେଳେ ପ୍ରଥମାର୍ଦ୍ଧର ୪୪ ତମ ମିନିଟରେ ଫଜିଲା ବ୍ୟକ୍ତିଗତ ପ୍ରଥମ ଗୋଲ ଦେଇଥିଲେ।

ଦ୍ୱିତୀୟାର୍ଦ୍ଧରେ ସ୍ପୋର୍ଟ୍ସ ଓଡ଼ିଶା ଚମତ୍କାର ପ୍ରଦର୍ଶନ କରି ପ୍ରଥମ ୪୦ ମିନିଟ ଗୋଲ ବରଣ କରିନ ଥିଲା। ତେବେ ୮୩ ମିନିଟରେ ଫଜିଲାଙ୍କ ଜଲଓ୍ୱା ଦେଖିବାକୁ ମିଳିଥିଲା। ୩ ମିନିଟରେ ୩ଟି ଗୋଲ ସ୍କୋର କରିବା ସହ ସେ କେରଳକୁ ବିଜୟୀ କରିଥିଲେ।

# ମଧ୍ୟପ୍ରଦେଶ ପ୍ରଥମ ଇନିଂସ ଅଗ୍ରଣୀ

ନାଗପୁର, ୩।୩ (ପି.ଟି.)

ହିମାଂଶୁ ମନ୍ତ୍ରୀଙ୍କ ଧୈର୍ଯ୍ୟପୂର୍ଣ୍ଣ ଶତକ ସହାୟତାରେ ଏଠାରେ ଚାଲିଥିବା ବିଦର୍ଭ ବିପକ୍ଷ ରଣଜୀ ଟ୍ରଫି ସେମିଫାଇନାଲ ମ୍ୟାଚରେ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଛି ମଧ୍ୟପ୍ରଦେଶ। ହିମାଂଶୁ ୨୬୫ ବଲ୍ ସାମ୍ନା କରି ୧୩ ଚୌକା ଓ ଗୋଟିଏ ଛକା ସହ ୧୨୬ ରନ କରିଥିଲେ। ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୪୭/୧ରୁ ଖେଳ ଆରମ୍ଭ କରିଥିବା ମଧ୍ୟପ୍ରଦେଶ ୨୫୨ ରନ କରି ଅଲଆଉଟ ହେବା ସହ ୮୨ରନର ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଥିଲା। ଜବାବରେ ବିଦର୍ଭ ଦଳ ଏହାର ଦ୍ୱିତୀୟ ଇନିଂସରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଗୋଟିଏ ଉଇକେଟ ହରାଇ ୧୩ ରନ କରିଛି। ଦଳ ମଧ୍ୟପ୍ରଦେଶଠାରୁ ଆହୁରି ୬୯ରନ ପଛରେ ରହିଛି। ମଧ୍ୟପ୍ରଦେଶ ଇନିଂସରେ ମନ୍ତ୍ରୀଙ୍କ ପଛକୁ ଦ୍ୱିତୀୟ ସର୍ବାଧିକ ସ୍କୋର ସାରାଂଶ ଜୈନ ୩୦ ରନ କରିଥିଲେ।



ହିମାଂଶୁ ମନ୍ତ୍ରୀ

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ: ୧୭୦ ଓ ୧୩/୧। ମଧ୍ୟପ୍ରଦେଶ ପ୍ରଥମ ଇନିଂସ: ୨୫୨/ଅଲଆଉଟ (ହିମାଂଶୁ ମନ୍ତ୍ରୀ–୧୨୬, ସାରାଂଶ ଜୈନ–୩୦ ; ଉମେଶ ଯାଦବ–୩/୪୦, ୟଶ ଠାକୁର–୩/୫୧, ଅକ୍ଷୟ ଓ୍ୱାଖାରେ–୨/୬୮)।

# ପ୍ରଥମ ଟେଷ୍ଟ ୧୭୨ ରନ୍‌ରେ ଜିତିଲା ଅଷ୍ଟ୍ରେଲିଆ

**ଲିୟନଙ୍କୁ ୬ ଉଇକେଟ**

ଓ୍ୱେଲିଂଟନ୍,୩।୩(ପି.ଟି.)

ସ୍ପିନର ନାଥନ ଲିୟନଙ୍କ ଯାଦୁକରୀ ସ୍ପିନ୍ ବୋଲିଂ ବଳରେ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟକୁ ୧୭୨ ରନ୍‌ରେ ଜିତି ନେଇଛି ଅଷ୍ଟ୍ରେଲିଆ। ଲିୟନ ୬ ଉଇକେଟ ନେଇଥିବା ବେଳେ ୩୬୯ ରନ୍ ଲକ୍ଷ୍ୟର ପିଛା କରୁଥିବା ନ୍ୟୁଜିଲାଣ୍ଡ ମାତ୍ର ୧୯୬ ରନ୍‌ରେ ସୀମିତ ରହିଥିଲା। ଚତୁର୍ଥ ଦିନର ଲଞ୍ଚ ଠିକ୍ ପରେ ପରେ ନ୍ୟୁଜିଲାଣ୍ଡ ସମସ୍ତ ଉଇକେଟ ହରାଇଥିଲା।

ତୃତୀୟ ଦିନର ଅସମାପ୍ତ ସ୍କୋର ୧୧୧/୩ରୁ ଖେଳ ଆରମ୍ଭ କରିଥିଲା ନ୍ୟୁଜିଲାଣ୍ଡ। ଦଳ ଆଉ ୮୫ ରନ୍ ଯୋଡି ୭ ଉଇକେଟ ହରାଇଥିଲା। ପୂର୍ବଦିନ ୫୬ ରନ୍‌ରେ ଅପରାଜିତ ଥିବା ରାଚିନ ରବୀନ୍ଦ୍ର ଆଉ ମାତ୍ର ୩ ରନ୍ ଯୋଡି ଲିୟନଙ୍କ ପ୍ରଥମ ଶିକାର ହୋଇଥିଲେ। ଅନ୍ୟତମ ଅପରାଜିତ ବ୍ୟାଟର ଡାରିଲ ମିଚେଲ୍ ୩୮ ରନ୍ ସ୍କୋର କରିଥିଲେ। ଟମ୍ ବ୍ଲଣ୍ଡେଲ(୦) ଓ ଗ୍ଲେନ୍ ଫିଲିପ୍ସ(୧) ମଧ୍ୟ ବିଶେଷ ସଫଳତା ହାସଲ କରିବାରେ ଅସମର୍ଥ ହୋଇଥିଲେ। ନିମ୍ନକ୍ରମ ବ୍ୟାଟରଙ୍କ ମଧ୍ୟରେ ସ୍କଟ କୁଗେଲେଜିନ୍ ୨୬ ଓ ଟିମ୍ ସାଉଦି ୧୪ ରନ୍ କରିଥିଲେ। ନାଥନ ଲିୟନ ଘାତକ ବୋଲିଂ କରି ୬୫ ରନ୍‌ରେ ୬ ଉଇକେଟ ନେଇଥିବା ବେଳେ ଜୋଶ ହାଜେଲଉଡ ୨, ଟ୍ରାଭିସ ହେଡ୍ ଓ କାମେରନ ଗ୍ରୀନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି କାମେରନ୍ ଗ୍ରୀନଙ୍କ ଅପରାଜିତ ୧୭୪ ରନ୍ ବଳରେ ୩୮୩ ରନ୍ କରିଥିଲା। ଜବାରେ ନ୍ୟୁଜିଲାଣ୍ଡ ମାତ୍ର ୧୭୯ ରନ୍‌ରେ ଅଲଆଉଟ ହୋଇଥିଲା। ଗ୍ଲେନ୍ ଫିଲିପ୍ସଙ୍କ ୫ ଉଇକେଟ ସଫଳତା କାରଣରୁ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ମାତ୍ର ୧୬୪ରନ୍‌ରେ ସୀମିତ ରହିଥିଲା। କାମେରନ୍ ଗ୍ରୀନ୍‌ଙ୍କୁ ପ୍ଲେୟର ଅଫ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।



ନାଥନ ଲିୟନ

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୮୩/୧୦। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୭୯/୧୦। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୬୪/୧୦। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୧୯୬/୧୦(ରାଚିନ୍ ରବୀନ୍ଦ୍ର–୫୯, ଡାରିଲ୍ ମିଚେଲ–୩୮, ସ୍କଟ୍ କୁଗେଲେଜିନ–୨୬, ନାଥନ ଲିୟନ–୬/୬୫, ଜୋଶ ହେଜେଲଉଡ–୨/୨୦, ଟ୍ରାଭିସ୍ ହେଡ୍–୧/୧୦, କାମେରନ୍ ଗ୍ରୀନ୍–୧/୧୬)।

## ମୁଣ୍ଡରେ ବାଜିଲା ବଲ୍

**ହୋବାର୍ଟ,୩।୩(ପି.ଟି.):** ଅଷ୍ଟ୍ରେଲୀୟ ବ୍ୟାଟର ଓ୍ୱିଲ ପୁକୋସ୍କି ଏକ ଶେଫଲ୍ଡ ସିଲ୍ଡ ମ୍ୟାଚ୍ ସମୟରେ ମୁଣ୍ଡରେ ବଲ୍ ବାଜି ଆହତ ହୋଇଛନ୍ତି। ଖାତା ଖୋଲିବା ପୂର୍ବରୁ ସେ ରିଟାୟର୍ଡ ହର୍ଟ ହୋଇଥିବା ବେଳେ ତାଙ୍କ ସ୍ଥାନରେ କ୍ୟାମ୍ପବେଲ କେଲାଓ୍ୱେ କନକସନ୍ ସବ୍‌ଷ୍ଟିଚ୍ୟୁଟ୍ ଭାବେ ବ୍ୟାଟିଂ କରୁଛନ୍ତି।

# ତାମିଲନାଡୁ ବିପକ୍ଷରେ ମୁମ୍ବାଇ ସ୍ଥିତି ସୁଦୃଢ଼

ମୁମ୍ବାଇ, ୩।୩ (ପି.ଟି.)

ଶାର୍ଦ୍ଦୂଳ ଠାକୁରଙ୍କ ୧୦୯ ଏବଂ ତନୁଶ କୋଟିଆନଙ୍କ ଅପରାଜିତ ୭୪ରନ ଯୋଗୁ ମୁମ୍ବାଇ ଏଠାରେ ଚାଲିଥିବା ତାମିଲନାଡୁ ବିପକ୍ଷ ରଣଜୀ ଟ୍ରଫି ସେମିଫାଇନାଲରେ ୨୦୭ରନର ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିପାରିଛି। ମୁମ୍ବାଇ ଦଳ ଏକଦା ୧୦୬ରନ ସ୍କୋରରେ ଏହାର ୭ ଉଇକେଟ ହରାଇ ସାରିଥିଲା। ଆର୍. ସାଇ କିଶୋର ଚମତ୍କାର ବୋଲିଂ କରି ମୁମ୍ବାଇ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସେ ୯୭ରନ ବିନିମୟରେ ୬ ଉଇକେଟ ଅକ୍ତିଆର କରିଥିଲେ। ପରେ ଠାକୁର ଆକ୍ରମଣାତ୍ମକ ଇନିଂସ ଖେଳି ବ୍ୟାଟିଂ ସ୍ଥିତିରେ ସୁଧାର ଆଣିଥିଲେ। ସେ ତାଙ୍କ ଶତକୀୟ ଇନିଂସରେ ୧୦୪ ବଲ୍ ସାମ୍ନା କରି ୧୩ ଚୌକା ଏବଂ ୪ ଛକା ମାରିଥିଲେ। ଠାକୁର ଓ ହାର୍ଦ୍ଦିକ ଟାମୋରଙ୍କ ମଧ୍ୟରେ ୮ମ ଉଇକେଟରେ ମହତ୍ତ୍ୱପୂର୍ଣ୍ଣ ୧୦୫ରନର ପାର୍ଟନରଶିପ୍ ହୋଇଥିଲା। ପରେ କୋଟିଆନ ୯ମ ଉଇକେଟ୍‌ରେ ୭୯ ରନ ଯୋଡ଼ିଥିଲେ। ୧୦ମ ଉଇକେଟରେ ମଧ୍ୟ ୬୩ରନର ଅପରାଜିତ ପାର୍ଟନରଶିପ୍ ହୋଇଛି। ଷ୍ଟମ୍ପ ଅପସାରଣ ବେଳକୁ ମୁମ୍ବାଇ ଦଳ ୯ ଉଇକେଟ ବିନିମୟରେ ୩୫୩ରନ କରିଥିଲା। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ତାମିଲନାଡୁ ଦଳ ଏହାର ପ୍ରଥମ ଇନିଂସରେ ୧୪୬ ରନ କରି ଅଲଆଉଟ ହୋଇଯାଇଥିଲା।

## ସନ୍ଦୀପ ମେମୋରିଆଲ ଟେନିସ୍ ଉଦ୍‌ଘାଟିତ

**ଭୁବନେଶ୍ୱର,୩।୩(ସରୋଜ ଜେନା):** ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ ଟେନିସ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ସର୍ବ ଭାରତୀୟ ଟେନିସ୍ ଆସୋସିଏଶନ୍ (ଏଆଇଟିଏ), ଓଡ଼ିଶା ଟେନିସ୍ ଆସୋସିଏଶନ (ଓଟିଏ) ଓ ଏମ୍‌ଓଏସ୍‌ଏଫ୍ ପକ୍ଷରୁ ମିଳିତ ଭାବରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେଉଛି। ଗୁରୁକୁଳ ରିସୋର୍ଟ ଓ କଣ୍ଟି କ୍ଲବରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ସମୁଦାୟ ୮୮ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଓଟିଏର ପରାମର୍ଶଦାତା ତଥା ଅବସରପ୍ରାପ୍ତ ପ୍ରଶାସନିକ ସେବା ଅଧିକାରୀ ମଧୁସୂଦନ ପାଢୀ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ।



ସନ୍ଦୀପ ମେମୋରିଆଲ ଟେନିସ୍ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହରେ ଅତିଥିଙ୍କ ସହ ପ୍ରତିଯୋଗୀ।

# ରବୀନ୍ଦ୍ର କୁମାର ଚାମ୍ପିୟନ

**ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୩।୩
(ବିଜୟ ରଣା)

ସ୍ଥାନୀୟ କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ପରିସରରେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୩ୟ ନଳିନୀ ରାଜଗୁରୁ ମେମୋରିଆଲ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ କଟକର ରବୀନ୍ଦ୍ର କୁମାର ଓଝା ସର୍ବାଧିକ ୫ ପଏଣ୍ଟ ଅର୍ଜନ କରି ଚାମ୍ପିୟନ ହୋଇଛନ୍ତି। ପ୍ରତ୍ୟେକ ୪ ପଏଣ୍ଟ ସହ ୨ୟରୁ ୭ମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ହେଲେ ସୌମ୍ୟରଞ୍ଜନ ମିଶ୍ର (ଭୁବନେଶ୍ୱର), ଲଳିତ ରଞ୍ଜନ ସାହୁ (କଟକ), ଅବିନାଶ ବଳିୟାର ସିଂ (ଜଟଣୀ), ମନୀଷ ମିଶ୍ର (ଭୁବନେଶ୍ୱର), କିର୍ତ୍ତୀ ଅନୁରାଗ ପ୍ରତିହାରୀ (ଭୁବନେଶ୍ୱର) ଓ ପ୍ରତ୍ୟୁଷ ନାୟକ (କଟକ)। ବାଳିକା ବିଭାଗରେ ଦିୟା ଦାସ ଓ ସାନିଧି ଦାସ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୧୪ ବର୍ଷରୁ କମ୍ ବିଭାଗରେ ଅର୍ନଭ ଜୈନ ପ୍ରଥମ ହୋଇଛନ୍ତି। ସେହିପରି ୧୨ ବର୍ଷରୁ କମ୍ ବିଭାଗରେ ଆୟୁଷ ପରିଡ଼ା ପ୍ରଥମ ଏବଂ ସ୍ୱସ୍ତିକ ରଞ୍ଜନ ସ୍ୱାଇଁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୧୦ବର୍ଷରୁ କମ୍ ବିଭାଗରେ ସାକେତ କୁମାର ମାଇତି ଓ ସାଇକ୍ରିଷ୍ଣା ସାମଲ ଯଥାକ୍ରମ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ସେହିପରି ୮ ବର୍ଷରୁ କମ୍ ବିଭାଗରେ ଆଦିତ୍ୟ ଆୟାଂଶ ପଣ୍ଡା ଓ ଯଶଶ୍ରୀ ସ୍ୱାଇଁ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଗୋଦରେଜର ଜେନେରାଲ ମ୍ୟାନେଜର ଦିବ୍ୟେଂଶୁ ରାଜଗୁରୁ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଇନ୍‌ଫୋସିସ, ଭୁବନେଶ୍ୱରର ଗ୍ରୁପ୍ ମ୍ୟାନେଜର ସିତେନ୍ଦୁ ରାଜଗୁରୁ ଏବଂ ସ୍ୱର୍ଗତ ନଳିନୀ ରାଜଗୁରୁଙ୍କ ଝିଅ ପ୍ରିୟମ୍ବଦା ରାଜଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଥାଲାସିମିଆ: କାରଣ, ପ୍ରତିକାର


ଡ. ନିତ୍ୟାନନ୍ଦ ସ୍ୱାଇଁ

"ଥାଲାସିମିଆ ରୋଗୀର କମିଯାଏ ହେମୋଗ୍ଲୋବିନ୍‌ର ମାତ୍ରା ଓ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଖ୍ୟା। ଲୋହିତ ରକ୍ତକୋଷିକାଗୁଡ଼ିକ ଛୋଟଛୋଟ ହୋଇଯାଆନ୍ତି। ନର୍ମୋବ୍ଲାଷ୍ଟ ନାମକ ଅବିକଶିତ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଖ୍ୟା ବଢ଼ିଯାଏ। ବଢ଼ିଯାଏ 'ଫିଟାଲ ହେମୋଗ୍ଲୋବିନ୍' ବା 'ହେମୋଗ୍ଲୋବିନ୍-ଏଫ୍'ର ମାତ୍ରା। 'ଏଚ୍‌ପିଏଲ୍‌ସି' ନାମକ ଏକ ଅତ୍ୟାଧୁନିକ ପରୀକ୍ଷାରୁ ଥାଲାସିମିଆ ରୋଗକୁ ନିର୍ଦ୍ଦିଷ୍ଟ ଭାବରେ ନିର୍ଣ୍ଣୟ କରାଯାଇଥାଏ।"





ଥାଲାସିମିଆ ଏକ ବଂଶଗତ ରକ୍ତ ରୋଗ। ଏହି ରୋଗରେ ଶରୀରରେ ଅକ୍ସିଜେନ୍ ପରିବହନକାରୀ ହେମୋଗ୍ଲୋବିନ୍‌ର ଗଠନ ତ୍ରୁଟିପୂର୍ଣ୍ଣ ହୋଇଯାଇଥାଏ। ଏହା ଫଳରେ ଦେଖାଦିଏ 'ଆନିମିଆ' ବା ରକ୍ତାଳ୍ପତା। ଆପଣମାନଙ୍କ ମଧ୍ୟରୁ ଅନେକେ ଥାଲାସିମିଆ ରୋଗଟିର ନାଁ ଶୁଣିଥିବେ। କାହାର ପୁଅ କି ଝିଅ ହୁଏତ ଏହି ରୋଗ ଭୋଗୁଥାଇପାରନ୍ତି। ଜିନ୍ ଦୋଷରୁ ଜାତ ଏହି ରୋଗଟି ଆଦୌ ବିରଳ ନୁହେଁ।

ଆମ ସମସ୍ତଙ୍କ ରକ୍ତରେ ରହିଛି ଆଇ.ବି.ସି. ବା ଲୋହିତ ରକ୍ତ କୋଷିକା। ଲୋହିତ ରକ୍ତ କୋଷିକା ଭିତରେ ଥାଏ ହେମୋଗ୍ଲୋବିନ୍ ନାମକ ଏକ ଉପାଦାନ। 'ହିକମ୍' ଓ 'ଗ୍ଲୋବିନ୍'-ଏହି ଦୁଇଟି ଉପାଦାନ ଥାଏ ହେମୋଗ୍ଲୋବିନ୍‌ରେ। 'ହିମ'ରେ ଥାଏ ଲୌହ ଏବଂ 'ଗ୍ଲୋବିନ୍' ହେଉଛି ଏକ ପ୍ରୋଟିନ୍। ହେମୋଗ୍ଲୋବିନ୍ ବିନା ଆମେ ବଞ୍ଚିପାରିବା ନାହିଁ। କାରଣ ଏହା ପ୍ରଶ୍ୱାସ ବାୟୁରୁ ଅମ୍ଳଜାନ ଗ୍ରହଣ କରି ସବୁ ଜୀବକୋଷ ନିକଟରେ ପହଞ୍ଚାଇ ଦିଏ ଏବଂ ସବୁ ଜୀବକୋଷରୁ କାର୍ବନ ଡାଇଅକ୍ସାଇଡ୍ ଆଣି ନିଃଶ୍ୱାସ ବାୟୁ ମାଧ୍ୟମରେ ନିଷ୍କାସନ କରିଦିଏ। 'ଆଲ୍‌ଫା' ଓ 'ବିଟା' ଗ୍ଲୋବିନ୍‌ଜେନକୁ ନେଇ ଗ୍ଲୋବିନ୍ ଅଣୁଟି ଗଠିତ। କିନ୍ତୁ ନିର୍ଦ୍ଦିଷ୍ଟ ଏକ କ୍ରୋମୋଜୋମ୍ ବା ଗୁଣସୂତ୍ରରେ ତ୍ରୁଟି ରହିଗଲେ ତ୍ରୁଟିର ପ୍ରକାରକୁ ଚାହିଁ ଆଲ୍‌ଫା ଗ୍ଲୋବିନ୍ ଚେନ୍ କି ବିଟାଗ୍ଲୋବିନ୍ ଚେନ୍‌ର ତିଆରି ତ୍ରୁଟିଯୁକ୍ତ ହୋଇଯାଏ। ଆଲ୍‌ଫା ଚେନ୍‌ର ତ୍ରୁଟି ହେଲେ ତାକୁ 'ଆଲ୍‌ଫା ଥାଲାସିମିଆ' ଏବଂ ବିଟା ଚେନ୍‌ରେ ତ୍ରୁଟି ହେଲେ ତାହାକୁ କହନ୍ତି 'ବିଟା ଥାଲାସିମିଆ'। ଥାଲାସିମିଆ ରୋଗଟି ବଂଶଗତ ଜିନ୍ ରୋଗ ହୋଇଥିବାରୁ ପରିବାରର ଏକାଧିକ ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ହେବା ଆଦୌ ଅସ୍ୱାଭାବିକ ନୁହେଁ।

ଜିନ୍ ଦୋଷଟି ଥାଏ ପିତା କିମ୍ବା ମାତା ନ ହେଲେ ପିତା-ମାତା ଉଭୟଙ୍କଠାରେ। ପୁରୁଷଙ୍କ ଗୋଟିଏ ମାତ୍ର ଜିନ୍‌ରେ ଦୋଷ ଥିଲେ ସେ ଜିନ୍‌ର ବାହକ ବା ଥାଲାସିମିଆ ଟ୍ରେଟ୍। ସେହିପରି ମହିଳାମାନଙ୍କର ଗୋଟିଏ ମାତ୍ର ଜିନ୍‌ରେ ଦୋଷ ଥିଲେ ସେ ମଧ୍ୟ ଥାଲାସିମିଆ ଜିନ୍‌ର ବାହକ ସାଜିଥାଏ। ଥାଲାସିମିଆ ଟ୍ରେଟ୍ ପୁରୁଷ କି ଥାଲାସିମିଆ ଟ୍ରେଟ୍ ମହିଳା ଥାଲାସିମିଆ ରୋଗୀ ନୁହନ୍ତି। ମାତ୍ର ସଂଯୋଗବଶତଃ ଥାଲାସିମିଆ ଟ୍ରେଟ୍ ପୁରୁଷ ଓ ଥାଲାସିମିଆ ଟ୍ରେଟ୍ ମହିଳାମାନଙ୍କ ମଧ୍ୟରେ ବିବାହ ହୋଇଗଲେ ସେମାନଙ୍କ ସନ୍ତାନମାନଙ୍କ ମଧ୍ୟରୁ କେହି କେହି ଥାଲାସିମିଆ ରୋଗରେ ଆକ୍ରାନ୍ତ ହୋଇପଡ଼ିବାର ଆଶଙ୍କା ଉପୁଜିଥାଏ। ପୁତ୍ର ସନ୍ତାନ ରୋଗ ଭୋଗିପାରେ, କନ୍ୟା ସନ୍ତାନ ମଧ୍ୟ ରୋଗ ଭୋଗିପାରେ। ଉକ୍ତ ଦମ୍ପତିଙ୍କଠାରୁ ସୁସ୍ଥ ସନ୍ତାନ ଜନ୍ମ ନେବା ମଧ୍ୟ ସମ୍ଭବ। ଯେଉଁ ସନ୍ତାନଟି ଦୁଇଟିଯାକ ଗ୍ଲୋବିନ୍ ଜିନ୍‌ର ଦୋଷ ଥାଏ, ସେହି ସନ୍ତାନଟି ହିଁ ଥାଲାସିମିଆ ରୋଗର ଶିକାର ହୋଇଥାଏ।

ଥାଲାସିମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି-ଥାଲାସିମିଆ ମେଜର, ଥାଲାସିମିଆ ମାଇନର ଏବଂ ଥାଲାସିମିଆ ଇଣ୍ଟରମେଡିଆ। ଥାଲାସିମିଆ ମେଜରକୁ ମଧ୍ୟ 'ବିଟା ଥାଲାସିମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ଏହି ପ୍ରକାରଟିରେ ଗ୍ଲୋବିନ୍‌ର ବିଟାଚେନ୍ ତିଆରି ବାଧାପ୍ରାପ୍ତ ହୋଇପଡ଼ିଥିବାରୁ ଜାତ ହୁଏ ଗୁରୁତର ଧରଣର ରକ୍ତହୀନତା ବା ଆନିମିଆ। ସାଧାରଣ ଭାବରେ ଦେଖିଲେ ଭୂମିଷ୍ଠ ହେବା ସମୟରେ ଶିଶୁଟି ଦେଖାଯାଏ ଶେତାଳିଆ। ପରେ ପରେ ଯକୃତ ଓ ପ୍ଲୀହା ଆସ୍ତେ ଆସ୍ତେ ବଢ଼ିବାକୁ ଆରମ୍ଭ କରେ। ଯେଉଁ ରୋଗାକ୍ରାନ୍ତ ଶିଶୁମାନେ ବର୍ଷେ କି ଦୁଇ ବର୍ଷ ଭିତରେ ମୃତ୍ୟୁବରଣ ନ କରି ବଞ୍ଚିରହନ୍ତି, ସେମାନଙ୍କର ମୁଖମଣ୍ଡଳ ଗୋଲାକାର ଦେଖାଯାଏ। କପାଳ ଓ ମସ୍ତିଷ୍କର ଦୁଇ ପାଖ ହାଡ଼ ଫୁଲିଯାଏ। ବଢ଼ିଯାଏ ହନୁ ହାଡ଼। ନାକ ଦେଖାଯାଏ ଚେପ୍‌ଟା ଓ ଆଖି ଫୁଲାଫୁଲା।

ଥାଲାସିମିଆ ଶିଶୁ ସ୍ୱାଭାବିକ ଭାବରେ ବିକାଶ ଲାଭ କରିପାରେନି। ତା'ଠାରେ ଅନିୟମିତ ଭାବରେ ଜ୍ୱର ହୁଏ। ଭୋକ ମରିଯାଏ। ପ୍ରକାଶ ପାଏ କାମଳ। ରୋଗୀ ଦୁର୍ବଳତା ଅନୁଭବ କରେ। ସହଜରେ ଧଇଁସଇଁ ହୋଇପଡ଼େ।

ଥାଲାସିମିଆ ରୋଗୀର କମିଯାଏ ହେମୋଗ୍ଲୋବିନ୍‌ର ମାତ୍ରା ଓ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଖ୍ୟା। ଲୋହିତ ରକ୍ତ କୋଷିକାଗୁଡ଼ିକ ଛୋଟଛୋଟ ହୋଇଯାଆନ୍ତି। ନର୍ମୋବ୍ଲାଷ୍ଟ ନାମକ ଅବିକଶିତ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଖ୍ୟା ବଢ଼ିଯାଏ। ବଢ଼ିଯାଏ 'ଫିଟାଲ ହେମୋଗ୍ଲୋବିନ୍' ବା 'ହେମୋଗ୍ଲୋବିନ୍-ଏଫ୍'ର ମାତ୍ରା। 'ଏଚ୍‌ପିଏଲ୍‌ସି' ନାମକ ଏକ ଅତ୍ୟାଧୁନିକ ପରୀକ୍ଷାରୁ ଥାଲାସିମିଆ ରୋଗକୁ ନିର୍ଦ୍ଦିଷ୍ଟ ଭାବରେ ନିର୍ଣ୍ଣୟ କରାଯାଇଥାଏ। ଆନୁଷଙ୍ଗିକ ପରୀକ୍ଷା ଭାବରେ କରାଯାଇପାରେ ଅସ୍ଥିମଜ୍ଜା ପରୀକ୍ଷା, ହାଡ଼ର ଏକ୍ସ-ରେ ଏବଂ ରକ୍ତରେ ଲୌହ ଓ ଫେରିଟିନ୍‌ର ମାତ୍ରା ନିର୍ଦ୍ଧାରଣ।

ଥାଲାସିମିଆ ମେଜର ବା ବିଟା ଥାଲାସିମିଆ ରୋଗୀଙ୍କୁ ବାରମ୍ବାର ରକ୍ତ ନେବାକୁ ପଡ଼େ। ବାରମ୍ବାର ରକ୍ତ ନେବା ଫଳରେ ରୋଗୀଙ୍କ ରକ୍ତରେ ଲୌହର ପରିମାଣ ବଢ଼ିଯାଇ ତାହା ଯକୃତ୍, ହୃତ୍‌ପିଣ୍ଡ, ଅଗ୍ନାଶୟ ଇତ୍ୟାଦି ଅଙ୍ଗରେ ଜମିଯାଏ। ଫଳରେ ବାହାରିପାରେ ହୃଦ୍‌ରୋଗ ଓ ଡାଇବେଟିସ୍ ଇତ୍ୟାଦି ରୋଗ। ରକ୍ତରେ ଲୌହର ପରିମାଣ ସନ୍ତୁଳିତ ରଖିବା ପାଇଁ ଏବେ ବିଭିନ୍ନ ପ୍ରକାର ଔଷଧ ବଜାରରେ ଉପଲବ୍ଧ।

ପ୍ଲୀହାର ଆକାର ବେଶି ବଢ଼ିଗଲେ ଓ ବାରମ୍ବାର ରକ୍ତ ନେବା ଦରକାର ପଡୁଥିଲେ ରୋଗୀର ପ୍ଲୀହାଟିକୁ କାଟି ବାହାର କରିଦିଆଯାଇଥାଏ। ଏହାବ୍ୟତୀତ ଅସ୍ଥିମଜ୍ଜା ପ୍ରତିରୋପଣ ବା ଷ୍ଟେମ୍ ସେଲ୍ ପ୍ରତିରୋପଣ ମଧ୍ୟ କରାଯାଇଥାଏ।

ଥାଲାସିମିଆ ଏକ ବଂଶଗତ ରୋଗ ହୋଇଥିଲେ ମଧ୍ୟ ଏହାର ନିବାରଣ ସମ୍ଭବ। ପତି ଓ ପତ୍ନୀ ଉଭୟ ଥାଲାସିମିଆ ଟ୍ରିଟ୍ ହୋଇଥିଲେ ଏବଂ ପତ୍ନୀ ଗର୍ଭବତୀ ହେଲେ ଗର୍ଭ ହେବାର ଅଢ଼େଇରୁ ତିନି ମାସ ଭିତରେ ଗର୍ଭସ୍ଥ ଭ୍ରୂଣଠାରୁ ରକ୍ତ ସଂଗ୍ରହ କରି କିମ୍ବା ଗର୍ଭାଶୟରୁ ସଂଗୃହୀତ ଜଳରୁ ଜୀବକୋଷ ସଂଗ୍ରହ କରି ତାହାର ଜିନ୍ ପରୀକ୍ଷା କରାଯାଇଥାଏ। ବଡ଼ ସୌଭାଗ୍ୟର କଥା ଯେ ଥାଲାସିମିଆ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରକ୍ତ ଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଉପଲବ୍ଧ। ତେବେ ଥାଲାସିମିଆ ରୋଗଟି ସମ୍ବନ୍ଧରେ ଜନସଚେତନା ବୃଦ୍ଧିର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତ ତଥ୍ୟର ସଞ୍ଚାରଣ ମଧ୍ୟ ବାଞ୍ଛନୀୟ। ଏହି ରୋଗ ସଂକ୍ରାନ୍ତ ସ୍ୱାସ୍ଥ୍ୟ ଶିକ୍ଷା ରୋଗର ନିବାରଣ ଏବଂ ଚିକିତ୍ସାରେ ଯେ ଯଥେଷ୍ଟ ସହାୟକ ହୋଇପାରିବ ଏହା ନିଃସନ୍ଦେହ।

-'ଅଭୀପ୍ସା', ସେକ୍ଟର-୬,
ପ୍ଲଟ ନଂ-୧୧୩୧, ସିଡିଏ, କଟକ-୧୪
ମୋ: ୮୩୨୮୯୭୫୧୧୮

## ଅସ୍ଥିକୁ ମଜଭୁତ ରଖେ ସଜନା ଶାଗ



ସଜନା ଶାଗରେ ବିଭିନ୍ନ ପ୍ରକାର ଭିଟାମିନ୍ ଯଥା-କ୍ୟାଲ୍‌ସିୟମ୍, ପୋଟାସିୟମ୍, ଆଇରନ୍, ଭିଟାମିନ୍-ଏ, ସି ଏବଂ ଇ ଭରି ରହିଛି। ନିୟମିତ ସଜନା ଶାଗ ଖାଇଲେ ଏଥିରେ ଥିବା କ୍ୟାଲସିୟମ ତତ୍ତ୍ୱ ଅସ୍ଥିକୁ ମଜଭୁତ ରଖିବାରେ ଅନେକାଂଶରେ ସହାୟକ ହୋଇଥାଏ।

ଏଥିରେ ଆଉ ଏକ ଉପକାରୀ ଗୁଣ ରହିଛି। ରକ୍ତଚାପକୁ ସନ୍ତୁଳିତ ରଖିବାରେ ଅନେକାଂଶରେ ସାହାଯ୍ୟ କରେ ସଜନା ଶାଗ। ଏହା ଲିଭର୍ ସେଲ୍‌କୁ କେତେକାଂଶରେ ସୁରକ୍ଷିତ ରଖିଥାଏ। ମେଦବହୁଳତା ସମସ୍ୟା ସହ ଜଡ଼ିତ ବ୍ୟକ୍ତିମାନଙ୍କ ପାଇଁ ଏହା ମଧ୍ୟ ଉପକାରୀ।

ସଜନା ଶାଗ ଶରୀରର ଚର୍ବି ଅଂଶକୁ କମାଇଥାଏ। ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି, ଯାହା କେଶମୂଳକୁ ଦୃଢ଼ ରଖିଥାଏ। ଏହା ମଧ୍ୟ ହଜମ ଶକ୍ତିକୁ ଆହୁରି ଦୃଢ଼ କରିଥାଏ। ନିୟମିତ ସଜନା ଶାଗ ଖାଇଲେ ତାହା ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରେ। ଆଜ୍‌ମା ରୋଗୀଙ୍କ ପାଇଁ ଏହା ମହୌଷଧି ସଦୃଶ।

## ଫ୍ୟାଟ୍ ଜାତୀୟ ଖାଦ୍ୟ ଅଧିକ ଖାଉଥିଲେ...



ଅସନ୍ତୁଳିତ ଖାଦ୍ୟପେୟ ପାଇଁ ଅନେକେ ବିଭିନ୍ନ ପ୍ରକାର ରୋଗ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ଆଜିକାଲି ଆମେ ଯଦି ନିଜର ଖାଦ୍ୟ ପ୍ରତି ସତର୍କ ରହିବା ତେବେ କେତେକ ରୋଗଠାରୁ ନିଜକୁ ଦୂରେଇ ରଖିପାରିବା। ବିଶେଷଭାବରେ ଅଧିକ ଫ୍ୟାଟ୍ ଜାତୀୟ ଖାଦ୍ୟ ପରବର୍ତ୍ତୀ ସମୟରେ କିଛି ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ଅନ୍ୟପକ୍ଷରେ ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ହେଉ ଅବା ଫ୍ୟାଟ୍ ଜାତୀୟ ଖାଦ୍ୟ ଖାଇବା ଯୋଗୁ ବ୍ରେନ୍ ଷ୍ଟ୍ରୋକ୍ ପରି ଗୁରୁତର ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏଭଳି ସତର୍କ ସୂଚନା ଦେଇଛନ୍ତି ୟୁନିଭର୍ସିଟି ଅଫ୍ ସିଓଲର ବିଶେଷଜ୍ଞମାନେ। ଏଭଳି ଖାଦ୍ୟ ନିୟମିତ ଏବଂ ଆବଶ୍ୟକତାଠାରୁ ଅଧିକ ଖାଇଲେ ତାହା ଶରୀରରେ ଚର୍ବି ପରିମାଣ ବଢ଼ାଇବାରେ ସାହାଯ୍ୟ କରିଥାଏ। ଏଥିଯୋଗୁ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୁଏ ଏବଂ ପରବର୍ତ୍ତୀ ସମୟରେ ଷ୍ଟ୍ରୋକ୍ ପରି ସମସ୍ୟାର ସାମ୍‌ନା କରିବାକୁ ପଡ଼ିଥାଏ। କେବଳ ସେତିକି ନୁହେଁ, ଏପରି ଖାଦ୍ୟ ଯୋଗୁ ହୃଦ୍‌ଜନିତ ସମସ୍ୟାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ସବୁବେଳେ ନିଜର ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରିବା ନିହାତି ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ସକ୍ରିୟ ରହିବ ସ୍ନାୟୁକୋଷ



ଆମ ଶରୀରରେ ସ୍ନାୟୁ କୋଷଗୁଡ଼ିକ ସକ୍ରିୟ ରହିବା ନିହାତି ଦରକାର। ଏହାଦ୍ୱାରା ଆମର ଶରୀର ଚଳଚଞ୍ଚଳ ରହିଥାଏ। କେବଳ ସେତିକି ନୁହେଁ, ସ୍ମରଣଶକ୍ତିକୁ ଦୃଢ଼ ରଖିବାରେ ସ୍ନାୟୁକୋଷଗୁଡ଼ିକର ଭୂମିକା ମଧ୍ୟ ରହିଛି। ତେବେ ଏଥିଲାଗି ଏକ ସହଜ ତଥା ସରଳ ଉପାୟ ରହିଛି। ତାହା କ'ଣ ଜାଣନ୍ତି? ବାସ୍, କିଛି ସମୟ ନିଜ ମନ ପସନ୍ଦର ଗୀତ ଶୁଣନ୍ତୁ। ଏହାଦ୍ୱାରା ସ୍ନାୟୁକୋଷ ପୂର୍ବାପେକ୍ଷା ଆହୁରି ସକ୍ରିୟ ରହିଥାଏ ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି। ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ, ନିଜର ପ୍ରିୟ ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ଆମ ସ୍ନାୟୁ କୋଷଗୁଡ଼ିକ ସକ୍ରିୟ ରହେ। ଫଳରେ ମସ୍ତିଷ୍କର କାର୍ଯ୍ୟଧାରା ଆହୁରି କ୍ରିୟାଶୀଳ ହୁଏ। କେବଳ ସେତିକି ନୁହେଁ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ମନ ପ୍ରଫୁଲ୍ଲିତ ରୁହେ। ଯେ କୌଣସି କାର୍ଯ୍ୟ କରିବା ପାଇଁ ଏହା ଆମଠାରେ ଆଗ୍ରହ ସୃଷ୍ଟି କରେ ଓ ନିଷ୍ପତ୍ତି ନେବାର କ୍ଷମତାକୁ ବି ବଢ଼ାଏ। ମସ୍ତିଷ୍କ ସହ ଲାଗି ହୋଇ ରହିଥିବା ସମସ୍ତ ଅଂଶର ବିକାଶ ମଧ୍ୟ ସଙ୍ଗୀତ ଶୁଣିବା ଦ୍ୱାରା ହୋଇଥାଏ। ନିଜର ଆଗ୍ରହ ଅନୁଯାୟୀ ଯେ କୌଣସି କାର୍ଯ୍ୟ କଲେ, କାର୍ଯ୍ୟଟି ସଫଳ ହେବା ସହ ନିଜକୁ ଆନନ୍ଦ ମଧ୍ୟ ଲାଗିଥାଏ।

## କାର୍ଯ୍ୟଦକ୍ଷତା ଓ ସକାରାତ୍ମକ ମାନସିକତା



କୌଣସି କାର୍ଯ୍ୟକୁ ଠିକ୍ ଭାବରେ ତୁଲାଇବାକୁ ହେଲେ ସୁଚିନ୍ତିତ ଚିନ୍ତାଧାରା ସହ ଆଗେଇବାକୁ ପଡ଼ିଥାଏ। ହେଲେ ଏହାପଛରେ ଆଉ ଏକ ଜିନିଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାହା ହେଲା ସକାରାତ୍ମକ ମାନସିକତା। ଅର୍ଥାତ୍, କାମକୁ ତୁଲାଇବା ବେଳେ ଯଦି ମାନସିକତାରେ ସନ୍ତୁଳନ ଏପଟସେପଟ ହୁଏ, ତେବେ କାର୍ଯ୍ୟ ଧାରା ବାଧାପ୍ରାପ୍ତ ହୋଇଥାଏ। ତା' ସହ ପରବର୍ତ୍ତୀ ସମୟରେ କରିବାକୁ ଥିବା କାମଗୁଡ଼ିକ ମଧ୍ୟ ପ୍ରଭାବିତ ହୁଏ। ତେଣୁ କୌଣସି କାମ କରିବା ପୂର୍ବରୁ ଜଣେ ବ୍ୟକ୍ତି ନିଜର ମାନସିକତାକୁ ସକାରାତ୍ମକ ରଖିବା ନିହାତି ଦରକାର। ସବୁଠାରୁ ବଡ଼ କଥା ହେଲା, ସବୁବେଳେ ନିଜର ସାମର୍ଥ୍ୟ ଅନୁସାରେ ହିଁ କାମ କରନ୍ତୁ। ଏଭଳି ବିଷୟକୁ ନେଇ ଟୋକିଓ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ମାନସିକତା ସକାରାତ୍ମକ ରହୁଥିଲା, ସେମାନେ କାମଟିକୁ ସୁଚାରୁ ରୂପେ ତୁଲାଉଥିବାର ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସ୍ୱାସ୍ଥ୍ୟ ସୂଚନା

➤ସବୁବେଳେ ଲିଫ୍ଟ ବ୍ୟବହାର କରିବା ଅପେକ୍ଷା ସପ୍ତାହରେ କିଛି ଦିନ ଶିଡ଼ି ଚଢ଼ି ଉପର ତାଲାକୁ ଯାଆନ୍ତୁ। କାରଣ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ଯଦି ଆପଣଙ୍କର ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ଏଥିପ୍ରତି ସତର୍କ ରୁହନ୍ତୁ।

➤ନିଜକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ପ୍ରତିଦିନ ବ୍ୟାୟାମ କରନ୍ତୁ। ତା' ସହ ଦୈନନ୍ଦିନ ଜୀବନ ତାଲିକାରେ ଯୋଗ ସାମିଲ କରନ୍ତୁ। ଏହା ମାନସିକତାକୁ ସକାରାତ୍ମକ ରଖିବାରେ ଅନେକାଂଶରେ ସାହାଯ୍ୟ କରିଥାଏ।

➤ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ସହ ଏଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ।

➤ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସବୁବେଳେ ଖାଇଲେ ତାହାର ସୁପ୍ରଭାବ ଶରୀର ଉପରେ ପଡ଼ିଥାଏ। କାରଣ ଏଭଳି ଖାଦ୍ୟ ଶରୀରକୁ ସୁସ୍ଥ ରଖିବା ସହ ଶକ୍ତି ଯୋଗାଇଥାଏ।

➤କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ରାତ୍ରଭୋଜନର ଠିକ୍ ସମୟ ନିର୍ଦ୍ଧାରଣ କରନ୍ତୁ। ବିଶେଷଭାବରେ ଶୋଇବାର ଦୁଇ ଘଣ୍ଟା ପୂର୍ବରୁ ଏହାକୁ ଶେଷ କଲେ ଭଲ।

➤ଖାଇବା ମଧ୍ୟରେ କେବେ ବି ପାଣି ପିଅନ୍ତୁ ନାହିଁ। କାରଣ ଏହା ହଜମ କ୍ରିୟାକୁ ପ୍ରଭାବିତ କରିଥାଏ।



# ସପ୍ତରଙ୍ଗ ରହସ୍ୟ


ଭୀଷ୍ମଦେବ ବାଗ

ବାହାରେ ବୁଲିବାକୁ ପ୍ରାୟ ସମସ୍ତଙ୍କୁ ଭଲ ଲାଗେ। ବୁଲିବା ନିମନ୍ତେ ଭଲ ଖରାପ ଲାଗିବା ପାଇଁ ସମୟ ଉପରେ ନିର୍ଭର କରିଥାଏ। ଯଦି ବର୍ଷା ଅଳ୍ପ ଅଳ୍ପ ହେଉଥିବା ସମୟରେ ସୂର୍ଯ୍ୟର କିରଣ ପଡ଼ିଥିବ, ତାହେଲେ ଆମକୁ ଆହୁରି ଭଲ ଲାଗେ। କାରଣ ଆମେ ଯଦି ଉପରକୁ ଅନାଇବା, ତେବେ ଆକାଶରେ ବିଭିନ୍ନ ରଙ୍ଗରେ ରଞ୍ଜିତ ହୋଇଥିବା ଅର୍ଦ୍ଧଗୋଲାକାର ପରିପାଟୀ ଦେଖାଯାଏ। ଆମେ ତାକୁ ଦେଖି ବହୁତ ଖୁସି ହେଉ। ଏହାକୁ ଆମେ ଇନ୍ଦ୍ରଧନୁ ବୋଲି କହିଥାଉ। କିନ୍ତୁ ଆମେ ଜାଣି ନ ଥାଉ, ଏଇଟା କିପରି ତିଆରି ହେଲା।

ଆମେ ଏକ ପ୍ରିଜମ୍ ସାହାଯ୍ୟରେ ଏଭଳି ରଙ୍ଗ ସୃଷ୍ଟି କରିପାରିବା। ଏକ ଟର୍ଚ୍ଚର ଆଲୋକକୁ ପ୍ରିଜମ୍ ଭିତରେ ପ୍ରବେଶ କରାଇଲେ ସେହି ଆଲୋକ ପ୍ରତିସରଣ ହୋଇ ପରଦାରେ ଆମକୁ ବିଭିନ୍ନ ରଙ୍ଗ ଦେଖାଯାଏ। କିନ୍ତୁ ଏହା କାହିଁକି ହୋଇଥାଏ? ପ୍ରିଜମ୍‌ରେ ଯେତେବେଳେ ଆଲୋକର ପ୍ରତିସରଣ ହୋଇଥାଏ, ସେଇ ସମୟରେ ଅଲଗା ଅଲଗା ରଙ୍ଗର ଆଲୋକର ଅଲଗା ଅଲଗା ତରଙ୍ଗ ଦୈର୍ଘ୍ୟ ଥିବାରୁ ସେହି ରଶ୍ମିର ପ୍ରତିସରଣ ବା ବଙ୍କେଇବା ଅଲଗା ପ୍ରକାର ହୋଇଥାଏ। ଯଦି ଆମେ ତରଙ୍ଗ ଦୈର୍ଘ୍ୟ ବିଷୟରେ କହିବା, ତେବେ ଲାଲ ରଙ୍ଗର ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ତରଙ୍ଗର ତରଙ୍ଗ ଦୈର୍ଘ୍ୟ ବହୁତ ଅଧିକ ହୋଇଥାଏ, ଯେଉଁଠି ୬୨୦ ରୁ ୭୫୦ ନାନୋମିଟର ହୋଇଥାଏ। ନାରଙ୍ଗୀ ରଙ୍ଗର ତରଙ୍ଗ ଦୈର୍ଘ୍ୟ ୫୯୦ ଓ ୬୨୦ ନାନୋମିଟର, ହଳଦିଆ ୫୭୦ ଓ ୫୯୦ ନାନୋମିଟର, ସବୁଜ ରଙ୍ଗର ଦୈର୍ଘ୍ୟ ୪୯୫-୫୭୦ ନାନୋମିଟର, ନୀଳ ରଙ୍ଗର ତରଙ୍ଗର ଦୈର୍ଘ୍ୟ ୪୫୦ରୁ ୪୯୫ ନାନୋମିଟର, ଘନନୀଳ ଆଲୋକ ତରଙ୍ଗର ୪୨୦ ରୁ ୪୪୦ ନାନୋମିଟର ଏବଂ ବାଇଗଣୀ ଆଲୋକର ତରଙ୍ଗ ଦୈର୍ଘ୍ୟ ୩୮୦ ରୁ ୪୫୦ ନାନୋମିଟର ହୋଇଥାଏ। ଏହି ସାତଟି ରଙ୍ଗକୁ ବିଜ୍ଞାନ ଭାଷାରେ ସଂକ୍ଷେପରେ 'ବା-ଘ-ନୀ-ସ-ହ-ନା-ଲା' ବୋଲି କହିଥାଉ। କିନ୍ତୁ ଏଠାରେ କଳା ଓ ଧଳାରଙ୍ଗକୁ ରଙ୍ଗ ତାଲିକାରେ ଗଣତି କରାଯାଇ ନାହିଁ। କାରଣ, କଳା ଓ ଧଳାରଙ୍ଗର କୌଣସି ନିର୍ଦ୍ଦିଷ୍ଟ ତରଙ୍ଗ ଦୈର୍ଘ୍ୟ ନାହିଁ। ଆମେ ସପ୍ତରଙ୍ଗକୁ ମିଶ୍ରଣ କଲେ ଧଳା ରଙ୍ଗ ଉତ୍ପନ୍ନ ହୁଏ। କଳା ରଙ୍ଗ ନାହିଁ। ଯେଉଁ ରଙ୍ଗର ତରଙ୍ଗର ଦୈର୍ଘ୍ୟ ଯେତେ ବେଶି ହୁଏ, ତା'ର ପ୍ରତିସରଣ ପରେ ସେତେ ବଙ୍କେଇବା କମ୍ ହୋଇଥାଏ। ବାଇଗଣୀ, ନାଲିରଙ୍ଗର ବଙ୍କେଇବା ବେଶି ହୋଇଥାଏ। ଯେତେବେଳେ ଏହିସବୁ ରଙ୍ଗଗୁଡ଼ିକ ପ୍ରିଜମ୍‌ରୁ ବାହାରନ୍ତି, ସବୁ ରଙ୍ଗ ଅଲଗା ଅଲଗା ହୋଇଯାଆନ୍ତି। ଏହି ଘଟଣାକୁ ଆମେ 'ଆଲୋକର ପ୍ରକୀର୍ଣ୍ଣନ' ବୋଲି କହୁ।

ଇନ୍ଦ୍ରଧନୁରେ ମଧ୍ୟ 'ବା-ଘ-ନୀ-ସ-ହ-ନା-ଲା' ସାତଟି ରଙ୍ଗ ଆସେ। ବର୍ଷା ସମୟରେ ବାୟୁମଣ୍ଡଳରେ ବହୁତ ଛୋଟ ଛୋଟ ପାଣିର ବୁନ୍ଦା ରହିଥାଆନ୍ତି। ଏହି ପାଣି ବୁନ୍ଦାରେ ଆଲୋକର ପ୍ରତିସରଣ ହୁଏ। ଆଲୋକ ଆପତିତ ହୋଇ ପାଣି ବୁନ୍ଦା ଭିତରକୁ ପ୍ରବେଶ କଲା ବେଳେ ପ୍ରତିସରଣ ଘଟିଥାଏ। ତେଣୁ ଧଳା ରଙ୍ଗର ଆଲୋକ ଆସି ପାଣି ବୁନ୍ଦା ଭିତରେ ପ୍ରବେଶ କରିବା ପରେ ଅଲଗା ଅଲଗା ରଙ୍ଗର ବିଭାଜନ ହୋଇଥାଏ। ବିଭିନ୍ନ ରଙ୍ଗର ଆଲୋକର ସମୁଦାୟ ଭିତିରି ପ୍ରତିଫଳନ (ଟି.ଆଇ.ଆର୍.) ହୋଇଥାଏ। ଆଲୋକ ଘନ ମାଧ୍ୟମରୁ ଲଘୁ ମାଧ୍ୟମକୁ ଗଲେ ବେଳେବେଳେ ସଂପୂର୍ଣ୍ଣ ଆଭ୍ୟନ୍ତରୀଣ ପ୍ରତିଫଳନ (ଟି.ଆଇ.ଆର୍.) ହୋଇଥାଏ, ଯାହାକୁ ସମୁଦାୟ ଭିତିରି ପ୍ରତିଫଳନ ମଧ୍ୟ କହନ୍ତି। ସମୁଦାୟ ଭିତିରି ପ୍ରତିଫଳନ ପରେ ସେହି ରଙ୍ଗଗୁଡ଼ିକ ଜଳବିନ୍ଦୁରୁ ବାହାରକୁ ବାହାରିବା ସମୟରେ ଆଉ ଥରେ ପ୍ରତିସରଣ ହୁଏ। ସବୁ ରଙ୍ଗ ଏହି ପ୍ରକ୍ରିୟାକୁ ପାଳନ କରନ୍ତି ଏବଂ ଲାଲ ଓ ବାଇଗଣୀ ଆଲୋକ ମଧ୍ୟରେ ରହିଥାଆନ୍ତି। ତେଣୁ ଇନ୍ଦ୍ରଧନୁ ରଙ୍ଗ ବିରଙ୍ଗ ଦେଖାଏ।

-ପଦାର୍ଥ ବିଜ୍ଞାନ ଶିକ୍ଷକ, ସୁନ୍ଦରଗଡ଼
ମୋ: ୯୪୩୯୫୮୫୫୮୯



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୪/୨୦୨୪ Bhubaneswar, Monday, March 4/ 2024

# ପ୍ରମୋଦ ଭଗତ ସମ୍ବର୍ଦ୍ଧିତ

**ଭୁବନେଶ୍ୱର,୩।୩ (ସରୋଜ ଜେନା)**

ଥାଇଲାଣ୍ଡରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ବିଶ୍ୱ ପାରା ଚାମ୍ପିୟନଶିପ୍-୨୦୨୪ରେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ବ୍ରୋଞ୍ଜ ପଦକ ବିଜୟୀ ପଦ୍ମଶ୍ରୀ ପ୍ରମୋଦ ଭଗତଙ୍କୁ ରବିବାର କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରମୋଦଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ତାରକସି ଫଳକ ପ୍ରଦାନ କରିଥିଲେ। ଏଥିସହିତ ପ୍ରମୋଦଙ୍କ କୋଚ ଶିବ ପ୍ରସାଦ ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସଫଳତା ପାଇବା ଲାଗି କୌଣସି ସହଜ ମାର୍ଗ ନାହିଁ। କଠିନ ପରିଶ୍ରମ ଓ ଏକାଗ୍ରତା ହିଁ ସଫଳତା ପାଇବାରେ ସାହାଯ୍ୟ କରେ ବୋଲି କହିଥିଲେ ତୁଷାରକାନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ପ୍ରମୋଦ ଭଗତ। କ୍ରୀଡ଼ାର ଉନ୍ନତି ପାଇଁ ରାଜ୍ୟ ସରକାର ଅନେକ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ନୂତନ ପିଢ଼ି ଏହାର ଲାଭ ଉଠାଇବା ସହ ପ୍ରମୋଦଙ୍କ ଭଳି ରାଜ୍ୟ ପାଇଁ ଗୌରବ ଆଣି ପାରିବେ ବୋଲି କହିଥିଲେ।

ସେହିପରି କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ କହିଥିଲେ, ନିଜ ଉଦ୍ୟମ ବଳରେ ପଦ୍ମଶ୍ରୀ ପ୍ରମୋଦ ଭଗତ କେବଳ ନିଜ ପାଇଁ ପଦକ ଅର୍ଜନ କରିନାହାନ୍ତି ବରଂ ସାରା ଓଡ଼ିଶାର କ୍ରୀଡ଼ା ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରି ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକଠାରୁ ଆରମ୍ଭ କରି ବିଡବ୍ଲ୍ୟୁଏଫ୍ ବିଶ୍ୱ ପାରା ଚାମ୍ପିୟନଶିପ୍‌ରେ ତାଙ୍କର ପଦକ ହାସଲ ସାରା ବିଶ୍ୱରେ ଆମର ଦକ୍ଷତାକୁ ପ୍ରମାଣିତ କରୁଛି। ଅଲିମ୍ପିଆନ ପଦ୍ମଶ୍ରୀ ପ୍ରମୋଦ ଭଗତ ନିଜ ବକ୍ତବ୍ୟରେ କ୍ରୀଡାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ନିଜର ସଫଳତା ଓ ଆଗାମୀ ଅଲିମ୍ପିକ୍ସ ଲକ୍ଷ୍ୟ ବିଷୟରେ ଉପସ୍ଥିତ କ୍ରୀଡାବିତ୍‌ମାନଙ୍କୁ କହିଥିଲେ। ଉତ୍ସବରେ ହକି ପ୍ରମୋଶନ କାଉନସିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପଙ୍କର ମହାପାତ୍ରଙ୍କ ସମେତ ଯୁଗ୍ମ ଶାସନ ସଚିବ ରଞ୍ଜିତ ପରିଡା, ଏଚ୍‌ପିସି ମୁଖ୍ୟ, କୋଚ, ବିଭାଗୀୟ ଅଧିକାରୀ ଏବଂ ସ୍ପୋର୍ଟ୍ସ ହଷ୍ଟେଲର ଅନ୍ତେବାସୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଓଏସ୍‌ଡି ସିଦ୍ଧାର୍ଥ ଶଙ୍କର ସାହୁ ସଞ୍ଚାଳନା କରିଥିଲେ।


 କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରମୋଦଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଚିତ୍ରାଭେଲଙ୍କୁ ଏକାଦଶ ସ୍ଥାନ

**ଗ୍ଲାସ୍‌ଗୋ, ୩।୩ (ପି.ଟି.):** ଏସିଆନ ଗେମ୍ସ ବ୍ରୋଞ୍ଜ ବିଜେତା ପ୍ରବୀଣ ଚିତ୍ରାଭେଲ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଇନ୍‌ଡୋର ଚାମ୍ପିୟନଶିପ୍ ପୁରୁଷ ଟ୍ରିପଲ ଜମ୍ପ ଇଭେଣ୍ଟରେ ୧୬.୪୫ ମିଟର ଡେଇଁ ଏକାଦଶ ସ୍ଥାନ ଅଧିକାର କରିଛନ୍ତି। ୧୭. ୩୭ ମିଟର ଡେଇଁ ଜାତୀୟ ରେକର୍ଡ କରିଥିବା ଏହି ୨୨ବର୍ଷୀୟ ଆଥଲେଟ ତାଙ୍କ ପ୍ରଥମ ପ୍ରୟାସରେ ୧୫. ୭୬ ମିଟର ଜମ୍ପ କରିଥିଲେ। ପରେ ସେ ୧୬.୨୯ମିଟର ଜମ୍ପ କରିଥିଲେ। ସେ ତାଙ୍କ ତୃତୀୟ ପ୍ରଚେଷ୍ଟାରେ ୧୬.୪୫ ମିଟର ଜମ୍ପ କରିଥିଲେ। ଏଠାରେ ୱାର୍ଲ୍ଡ ଆଥଲେଟିକ୍ସ ଇନ୍‌ଡୋର ଚାମ୍ପିୟନଶିପରେ ବୁର୍କିନାବେ ଆଥଲେଟ୍ ହ୍ୟୁଗ୍ସ ଫାବ୍ରିସ ଜାଙ୍ଗୋ (୧୭.୫୩ ମିଟର), ଆଲଜେରିଆରେ ୟାସେର ମହମ୍ମଦ ଟ୍ରିକି (୧୭.୩୫ମିଟର) ଏବଂ ପର୍ତ୍ତୁଗାଲ୍‌ର ଟିଆଗୋ ପେରିରା (୧୭.୦୮ମିଟର) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।




# ଡବ୍ଲ୍ୟୁଟିସି ଷ୍ଟାଣ୍ଡିଂ: ଭାରତ ନମ୍ବର ୱାନ୍

**ଦୁବାଇ, ୩।୩(ପି.ଟି.):** ସଦ୍ୟ ପ୍ରକାଶିତ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି) ର୍‍ୟାଙ୍କିଙ୍ଗ ତାଲିକାରେ ଦୁଇଥର ଫାଇନାଲିଷ୍ଟ ଭାରତ ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛି। ରାଞ୍ଚିଠାରେ ଅନୁଷ୍ଠିତ ଚତୁର୍ଥ ଟେଷ୍ଟରେ ଇଂଲଣ୍ଡକୁ ୫ ଉଇକେଟରେ ପରାସ୍ତ କରି ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୩-୧ରେ ଅଗ୍ରଣୀ ଲାଭ କରିବା ପରେ ୬୪.୫୮ ପ୍ରତିଶତ ପଏଣ୍ଟ ସହ ନ୍ୟୁଜିଲାଣ୍ଡକୁ ହଟାଇ ନମ୍ବର ୱାନ ସ୍ଥାନ ଅଧିକାର କରିନେଇଛି। ଭାରତ ଇତିମଧ୍ୟରେ ଖେଳିସାରିଥିବା ୮ଟି ମ୍ୟାଚରୁ ୫ ବିଜୟ, ୨ ପରାଜୟ ଏବଂ ଗୋଟିଏ ଡ୍ର ସହ ୬୨ ପଏଣ୍ଟ ଅର୍ଜନ କରିପାରିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ୫ଟି ମ୍ୟାଚରୁ ୩ ବିଜୟ ଓ ଦୁଇ ପରାଜୟ ସହ ୩୬ ପଏଣ୍ଟ ହାସଲ କରିଛି। ଏହାର ପଏଣ୍ଟ ପ୍ରତିଶତ ୬୦.୦୦ ରହିଛି। ୱେଲିଂଟନ ଟେଷ୍ଟ ଆରମ୍ଭ ପୂର୍ବରୁ ନ୍ୟୁଜିଲାଣ୍ଡ ୪ଟି ଗେମ୍‌ରୁ ୩୬ ପଏଣ୍ଟ ଏବଂ ୭୫ ପ୍ରତିଶତ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହିଥିଲା। କିନ୍ତୁ ୧୭୨ ରନରେ ପରାଜୟ ପରେ ୨୦୨୧ ଡବ୍ଲ୍ୟୁଟିସି ଚାମ୍ପିୟନ ୬୦ ପ୍ରତିଶତ ପଏଣ୍ଟ ସହ ପ୍ରଥମ ସ୍ଥାନ ହରାଇ ଦ୍ୱିତୀୟ ସ୍ଥାନକୁ ଖସିଆସିଛି। ଅନ୍ୟପକ୍ଷରେ ୱେଲିଂଟନ ଟେଷ୍ଟ ପରେ ତୃତୀୟ ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆ ବ୍ୟବଧାନ ହ୍ରାସ କରିବାରେ ସମର୍ଥ ହୋଇଛି। ଏହି ମ୍ୟାଚରୁ ଗୁରୁତ୍ୱପୂର୍ଣ୍ଣ ୧୨ ପଏଣ୍ଟ ଅର୍ଜନ କରିବା ପରେ ୧୧ଟି ମ୍ୟାଚ (୭ ବିଜୟ, ୩ ପରାଜୟ ଓ ଗୋଟିଏ ଡ୍ର)ରୁ ବର୍ତ୍ତମାନ ୭୮ ପଏଣ୍ଟ ଅର୍ଜନ କରିପାରିଛି। ଦଳର ପଏଣ୍ଟ ପ୍ରତିଶତ ୫୫ରୁ ୫୯.୦୯କୁ ବୃଦ୍ଧି ପାଇଛି। ୨୦୨୩ ଚାମ୍ପିୟନ ଦଳ ଯଦି ମାର୍ଚ୍ଚ ୮ରୁ ଖ୍ରିଷ୍ଟଚର୍ଚ୍ଚରେ ଆରମ୍ଭ ହେବାକୁଥିବା ଦ୍ୱିତୀୟ ତଥା ଫାଇନାଲ ଟେଷ୍ଟରେ ବିଜୟ ହାସଲ କରେ ତେବେ ନ୍ୟୁଜିଲାଣ୍ଡକୁ ହଟାଇ ଦ୍ୱିତୀୟ ସ୍ଥାନ ଅଧିକାର କରିନେବ। ଅନ୍ୟପକ୍ଷରେ ଭାରତ ମାର୍ଚ୍ଚ ୭ରୁ ଧର୍ମଶାଳାରେ ଇଂଲଣ୍ଡ ବିପକ୍ଷ ୫ମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ ଖେଳିବ। ଧର୍ମଶାଳା ଟେଷ୍ଟରେ ଇଂଲଣ୍ଡ ଯଦି ଭାରତକୁ ପରାସ୍ତ କରେ ତେବେ ଅଷ୍ଟ୍ରେଲିଆ ଶୀର୍ଷ ସ୍ଥାନ ଅଧିକାର କରିନେବ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ